
ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର, ମାର୍ଚ୍ଚ ୧୦/୨୦୨୧ (୧୬ ପୃଷ୍ଠା) | Dhenkanal, Wednesday, March 10/2021 | ★★★★★
୧୭ଶ ଭାଗ ୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

## ରେଲୱେ ବିଲ୍ଡିଂରେ ଅଗ୍ନିକାଣ୍ଡ: ମୃତ୍ୟୁସଂଖ୍ୟା ୯

କୋଲକାତାର ଇଷ୍ଟର୍ନ ରେଲୱେ ଅଫିସ୍ ବିଲ୍ଡିଂରେ ସୋମବାର ଘଟିଥିବା ଅଗ୍ନିକାଣ୍ଡରେ ମୃତକଙ୍କ ସଂଖ୍ୟା ୯କୁ ବଢ଼ିଛି। ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ଷ୍ଟ୍ରାଣ୍ଡ ରୋଡ୍‌ସ୍ଥିତ କୋଇଲାଘାଟ ବିଲ୍ଡିଂର ୧୩ତମ ମହଲାରେ ନିଆଁ ଲାଗିଥିବାବେଳେ ଲିଭାଇବାକୁ ଯାଇଥିବା ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଆଉ ୨ ରେଲୱେ ଅଧିକାରୀଙ୍କ ମୃତଦେହ ମିଳିଛି।



### ସଂକ୍ଷେପରେ

## ତେଲ ଝଡ଼ରେ ପାର୍ଲାମେଣ୍ଟ ଅଚଳ

ନୂଆଦିଲ୍ଲୀ,୯।୩: ଆକାଶଛୁଆଁ ତେଲ ଦରକୁ ନେଇ ମଙ୍ଗଳବାର ଲଗାତର ଦ୍ୱିତୀୟ ଦିନ ଧରି ପାର୍ଲାମେଣ୍ଟରେ ଅଚଳାବସ୍ଥା ଲାଗିରହିଥିଲା। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଉପରେ ଆଲୋଚନା ପାଇଁ ଦାବି ସହ ହୋହଲ୍ଲା କରିଥିଲେ। ଫଳରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାର ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରିଥିଲେ। ସାରା ଦେଶର ଲୋକେ ତେଲ ଦର ଓ ଜରୁରୀ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଛନ୍ତି। ତେଣୁ ୨୦୧୩-୧୪ର ସ୍ତରକୁ ତେଲ ଦରକୁ ଖସାଯାଉ ବୋଲି ଦାବି କରିଥିଲେ। ଡିଏମ୍‌କେ, ବାମଦଳ ଓ ବହୁଜନ ସମାଜ ପାର୍ଟି ସଦସ୍ୟମାନେ ମଧ୍ୟ ଉକ୍ତ ଦାବି ଦୋହରାଇଥିଲେ। ହଟ୍ଟଗୋଳ ମଧ୍ୟରେ ଉପାଧ୍ୟକ୍ଷ ହରିବଂଶ ରାଜ୍ୟ ସଭା ଗୃହକାର୍ଯ୍ୟକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ନିମ୍ନ ସଦନ ଲୋକ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଦିନ ଧରି ଗୃହକାର୍ଯ୍ୟ ଧୋଇ ହୋଇଯାଇଥିଲା।

## ମୈତ୍ରୀ ସେତୁ ଉଦ୍‌ଘାଟିତ



ନୂଆଦିଲ୍ଲୀ, ୯।୩: ଫେନି ନଦୀ ଉପରେ ନିର୍ମିତ ମୈତ୍ରୀ ସେତୁକୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବାଂଲାଦେଶ ପ୍ରତିପକ୍ଷ ଶେଖ ହାସିନା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହାସହ ମୋଦି ତ୍ରିପୁରାରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ତ୍ରିପୁରା ସୀମାରୁ ବାଂଲାଦେଶକୁ ପ୍ରବାହିତ ହେଉଥିବା ଏହି ନଦୀ ଉପରେ ନିର୍ମିତ ୧.୯ କି.ମି. ଲମ୍ବର ଏହି ବ୍ରିଜ୍ ଦୁଇ ପଡୋଶୀଙ୍କ ମଧ୍ୟରେ ସମ୍ପର୍କର ସେତୁବନ୍ଧ ରୂପେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ବିଶେଷକରି ଉତ୍ତର-ପୂର୍ବାଞ୍ଚଳକୁ ସଂଯୋଗ କରିବାରେ ବାଂଲାଦେଶ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ହାସିନା କହିଥିଲେ।



## ‘ଚେହରେ’ରୁ ଚେହେରା ଗାଏବ

ବିଗ୍ ବି ଅମିତାଭ ବଚ୍ଚନ ଓ ଇମ୍ରାନ ହାସ୍‌ମୀଙ୍କ ଫିଲ୍ମ ‘ଚେହରେ’ର ଆଉ ଏକ ପୋଷ୍ଟର ରିଲିଜ ହୋଇଛି। ହେଲେ ଏଥିରେ ଅଭିନୟ କରିଥିବା ରିୟା ଚକ୍ରବର୍ତ୍ତୀଙ୍କ ଫଟୋ ନ ଥିବା ଦେଖିବାକୁ ମିଳିଛି। ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ମାମଲାରେ ରିୟା ମୁଖ୍ୟ ଅଭିଯୁକ୍ତ ଥିବାରୁ ଫିଲ୍ମକୁ ସୁଶାନ୍ତଙ୍କ ଫ୍ୟାନଙ୍କ ଆକ୍ରୋଶରୁ ଦୂରେଇ ରଖିବାକୁ ଏପରି କରାଯାଇଥିବା ଚର୍ଚ୍ଚା ହେଉଛି। କରୋନା ମହାମାରୀ କାରଣରୁ ‘ଚେହରେ’ର ସୁଟିଂ ବନ୍ଦ କରାଯାଇଥିଲା। ସେତେବେଳେ ରିଲିଜ ହୋଇଥିବା ପୋଷ୍ଟରରେ ମଧ୍ୟ ରିୟାଙ୍କୁ ବାଦ୍ ଦିଆଯାଇଥିଲା। ନୂଆ ପୋଷ୍ଟରକୁ ଇମ୍ରାନ ହାସ୍‌ମୀ ଟୁଇଟରରେ ଶେୟାର କରିଛନ୍ତି।




## ଔଷଧର ମୂଲ୍ୟ ୧୮ କୋଟି

ଏକ ବିରଳ ବଂଶଗତ ରୋଗର ଉପଚାର ପାଇଁ ବିଶ୍ୱର ସବୁଠୁ ଦାମୀ ଔଷଧକୁ ବ୍ରିଟେନର ଜାତୀୟ ସ୍ୱାସ୍ଥ୍ୟ ସେବା (ଏନ୍ଏଚ୍ଏସ୍) ମଞ୍ଜୁରୀ ଦେଇଛି। ନୋଭାର୍ଟିସ୍ ଜେନେ ଥେରାପିଜ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ‘ଜୋଲଗେନ୍ସମା’ର ଗୋଟିଏ ଡୋଜ୍ ଦାମ୍ ୧.୭୯ ନିୟୁତ ପାଉଣ୍ଡ ବା ୧୮ କୋଟି ଟଙ୍କା ବୋଲି ଏନ୍ଏଚ୍ଏସ୍ ଇଂଲଣ୍ଡ ଏକ ବିବୃତିରେ କହିଛି। ଏହି ଡ୍ରଗ୍‌ରେ ସ୍ପାଇନାଲ ମସ୍କୁଲାର ଏଟ୍ରୋଫି (ଏସ୍ଏମ୍ଏ) ନାମକ ଏକ ବଂଶଗତ ବିରଳ ରୋଗର ଚିକିତ୍ସା କରାଯିବ। ଏହି ରୋଗରେ ପୀଡ଼ିତ ବ୍ୟକ୍ତି ପକ୍ଷାଘାତ, ସ୍ନାୟବିକ ଦୁର୍ବଳତା ଓ ଚଳପ୍ରଚଳ ହେବା କ୍ଷମତା ହରାଇବସନ୍ତି। ଏହାକୁ ଟାଇପ୍ ୧ ଏସ୍ଏମ୍ଏ ରୋଗରେ ପୀଡ଼ିତ ଶିଶୁଙ୍କ ଚିକିତ୍ସା କରାଯିବ, ଯାହାଙ୍କର ବଞ୍ଚିବା ଆଶା ମାତ୍ର ୨ ବର୍ଷ ହୋଇଥାଏ।



ଜୋଲଗେନ୍ସମା ଛୋଟ ଶିଶୁଙ୍କୁ ବିନା ଭେଣ୍ଟିଲେଟରରେ ନିଃଶ୍ୱାସପ୍ରଶ୍ୱାସ ନେବା ଆଣିବାରେ ସହାୟକ ହୋଇଛି। (ପ୍ରତୀକାତ୍ମକ ଫଟୋ)

# ନନ୍ଦିଗ୍ରାମରେ ଚଣ୍ଡୀପାଠ

କୋଲକାତା,୯।୩

ମୁଁ ମଧ୍ୟ ଜଣେ ହିନ୍ଦୁ। ମୁଁ ପ୍ରତିଦିନ ଚଣ୍ଡୀପାଠ କରେ ବୋଲି ମଙ୍ଗଳବାର ଭାଜପାକୁ ବିଭାଜନବାଦୀ ରାଜନୀତି ନ କରିବାକୁ ଚେତାବନୀ ଦେଇଛନ୍ତି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ। ୭୦-୩୦ ଅନୁପାତ କଥା କହୁଥିବା ଲୋକେ ପବିତ୍ର ନନ୍ଦିଗ୍ରାମ ଆନ୍ଦୋଳନକୁ ଅପମାନିତ କରିଛନ୍ତି। କାରଣ ଏହି ଆନ୍ଦୋଳନକୁ ଉଭୟ ସମ୍ପ୍ରଦାୟର ଲୋକେ ମିଳିତ ଭାବେ ଲଢ଼ିଥିଲେ ବୋଲି ମମତା କହିଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ‘ମିଶନ ନନ୍ଦିଗ୍ରାମ’ ଆରମ୍ଭ କରିଛନ୍ତି। ବୁଧବାର ହଳଦିଆରେ ନାମାଙ୍କନପତ୍ର ଦାଖଲ କରିବାର ଦିନକ ପୂର୍ବରୁ ନନ୍ଦିଗ୍ରାମରେ ଟିଏମ୍‌ସି କର୍ମୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ମୁଁ ମଧ୍ୟ ହିନ୍ଦୁ ପରିବାରର ଝିଅ। ମୋ ସହିତ ଭାଜପା ହିନ୍ଦୁ କାର୍ଡ ନ ଖେଳୁ। ଜଣେ ଭଲ ହିନ୍ଦୁ ହେବା ପାଇଁ କ’ଣ ଦରକାର ସେମାନେ ଜାଣିଛନ୍ତି କି? ହିନ୍ଦୁଧର୍ମ ସବୁ ସମ୍ପ୍ରଦାୟକୁ ସମ୍ମାନ ଦେବା ଶିଖାଏ। ଭାଜପା ବାରମ୍ବାର ୭୦-୩୦ ଅନୁପାତ କଥା କହୁଛି। କିନ୍ତୁ ଏଠାରେ ବିଭାଜନବାଦୀ ରାଜନୀତି ଚାଲିବ ନାହିଁ। ଘରୁ ପଦାକୁ ବାହାରିବା ପୂର୍ବରୁ ମୁଁ ଚଣ୍ଡୀପାଠ କରିଥାଏ ବୋଲି ମମତା କଡ଼ା ଜବାବ ଦେଇଛନ୍ତି।

ପୂର୍ବତନ ସହଯୋଗୀ ତଥା ବର୍ତ୍ତମାନର ଭାଜପା ନେତା ଶୁଭେନ୍ଦୁ ଅଧିକାରୀଙ୍କ ବିରୋଧରେ ନନ୍ଦିଗ୍ରାମରୁ ପ୍ରତିଦ୍ୱନ୍ଦ୍ୱିତା ନେଇ ଘୋଷଣା କରିବା ପରେ ଏହା ହେଉଛି ମମତାଙ୍କ ପ୍ରଥମ କର୍ମୀ ସମ୍ମିଳନୀ। ଟିଏମ୍‌ସି କ୍ୟାଡରମାନଙ୍କୁ ସମ୍ବୋଧନ ବେଳେ ମମତା ଚଣ୍ଡୀପାଠର ଶ୍ଳୋକ ଆବୃତ୍ତି କରିଥିଲେ। ତାଙ୍କ ସରକାର ସଂଖ୍ୟାଲଘୁଙ୍କ ତୁଷ୍ଟୀକରଣରେ ଲାଗିଛି ବୋଲି ଭାଜପା ଅଭିଯୋଗ ଆଣୁଥିବାବେଳେ ହିନ୍ଦୁ ଭୋଟରଙ୍କୁ ସନ୍ତୁଷ୍ଟ କରିବା ପାଇଁ ମମତା ଏପରି କରିଥିବା କୁହାଯାଉଛି। ପଶ୍ଚିମବଙ୍ଗର ୨୯୪ ଆସନ ପାଇଁ ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯ ମଧ୍ୟରେ ୮ ପର୍ଯ୍ୟାୟରେ ନିର୍ବାଚନ ହେବ। ରାଜ୍ୟର ମୋଟ ଜନସଂଖ୍ୟାର ୩୦% ସଂଖ୍ୟାଲଘୁ ହୋଇଥିବାବେଳେ ନନ୍ଦିଗ୍ରାମରେ ମୁସଲିମ୍ ଭୋଟରଙ୍କ ସଂଖ୍ୟା ୪୦%।



ମମତା ବାନାର୍ଜୀ

**ଭାଜପାର ହିନ୍ଦୁ କାର୍ଡ ଓ ବିଭାଜନବାଦୀ ରାଜନୀତି ବିରୋଧରେ ମମତାଙ୍କ ଚେତାବନୀ**

### ଚା ବିକିଲେ ଦିଦି

ନନ୍ଦିଗ୍ରାମ ଆସନରୁ ନାମାଙ୍କନ ଭରିବା ପୂର୍ବରୁ ଟିଏମ୍‌ସି ମୁଖ୍ୟ ମମତା ଦତ୍ତପୁର ଦୀଘାରେ ଏକ ଚା’ ଦୋକାନକୁ ଯାଇଥିଲେ। ସେ କପ୍‌ରେ ଚା’ ଢାଳି ଲୋକଙ୍କୁ ଦେଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ବେଳେବେଳେ ଛୋଟ କଥା ଆମକୁ ଖୁସି ଦେଇଥାଏ। ଚା’ ତିଆରି କରି ବାଣ୍ଟିବା ଅନ୍ୟତମ ବୋଲି ଟୁଇଟରରେ ଶେୟାର କରିଥିବା ଉକ୍ତ ଭିଡିଓ କ୍ୟାପ୍ସନରେ ମମତା ଲେଖିଛନ୍ତି।



## ୨୦ ବର୍ଷ ପରେ ନ୍ୟାୟ ପାଇଲେ ୧୨୭ ମୁସଲମାନ



- ସିମି ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ହୋଇଥିଲେ
- କାରାଦଣ୍ଡ ଭୋଗିବାବେଳେ ମରିଛନ୍ତି ୫ ଜଣ

ସୁରଟ,୯।୩

ଦୀର୍ଘ ୨୦ ବର୍ଷ ଧରି ଜେଲରେ ରହିଥିବା ୧୨୭ ଜଣ ମୁସଲମାନ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି ଗୁଜରାଟ ସୁରଟଠାରେ ଥିବା ଏକ କୋର୍ଟ। ସେମାନଙ୍କ ମଧ୍ୟରୁ ମାମଲାର ଶୁଣାଣିବେଳେ ୫ ଜଣଙ୍କ ମୃତ୍ୟୁ ଘଟିସାରିଛି। ଆଉ ୧୨୨ ଜଣଙ୍କୁ ଜେଲରୁ ମୁକ୍ତ କରିବାକୁ ଅଦାଲତ ଶନିବାର ନିର୍ଦ୍ଦେଶ ଦେଇଥିଲେ।

ଗିରଫ ହୋଇଥିବା ୧୨୭ ଜଣ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ୍ ମୁଭମେଣ୍ଟ ଅଫ୍ ଇଣ୍ଡିଆ(ସିମି) ସଙ୍ଗଠନ ସହ ଜଡ଼ିତ ଥିବା ଅଭିଯୋଗ ରହିଥିଲା। ୨୦୦୧ ଡିସେମ୍ବରରେ ଗୁଜରାଟ ପୋଲିସ ସେମାନଙ୍କୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ(ୟୁଏପିଏ) ଅନୁସାରେ ଗିରଫ କରିଥିଲା। ସନ୍ଦେହ ଆଧାରରେ ସେମାନଙ୍କୁ ଜେଲରେ ରଖାଯାଇଥିବା ଏବଂ ସେମାନଙ୍କ ବିରୋଧରେ ଯଥେଷ୍ଟ ସାକ୍ଷ୍ୟପ୍ରମାଣ ନ ମିଳିବାରୁ ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ ଏ.ଏନ୍. ଡାଭେ ସମସ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ପ୍ରକାଶ ଯେ, ୨୦୦୧ ଡିସେମ୍ବର ୨୮ରେ ଗୁଜରାଟର ସୁରଟରେ ଏହି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଶିକ୍ଷା ସମ୍ବନ୍ଧିତ ଏକ ୱାର୍କଶପ୍ ଆୟୋଜନ ପାଇଁ ସ୍ଥିର କରିଥିଲେ। ହେଲେ ଏହା ପୂର୍ବଦିନ ଅର୍ଥାତ ୨୭ରେ କେନ୍ଦ୍ର ସରକାର ସିମି ସଙ୍ଗଠନ ଉପରେ କଟକଣା ଲଗାଇଥିଲେ। ସଙ୍ଗଠନ ନିଜ କାର୍ଯ୍ୟକଳାପ ବିସ୍ତାର ପାଇଁ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ଗୁଜରାଟ ପୋଲିସ ଏକ ହୋଟେଲରୁ ସମସ୍ତ ୧୨୭ ଜଣଙ୍କୁ ଗିରଫ କରିଥିଲା।

# ବାଲ୍ୟବିବାହରେ ନିଖୋଜ ଜୀବନ



## ନେପାଳ ସମେତ ସାରା ବିଶ୍ୱରେ ଚୂର୍ମାର ହେଉଛି ସ୍ୱପ୍ନାମାନଙ୍କ ସ୍ୱପ୍ନ

**ଜଣେ ସରକାରୀ ଅଫିସର ହେବାକୁ ସ୍ୱପ୍ନ ଦେଖୁଥିଲେ ସ୍ୱପ୍ନା। ପ୍ରତି ରାତିରେ ଧୂଳିଧୂସରିତ ରାସ୍ତାକଡ଼ରେ ଥିବା କୁଡ଼ିଆ ଭିତରେ ଏହି ୧୭ ବର୍ଷୀୟା ଝିଅ ଏକ ସୌର ବଲ୍‌ବ ଜଳାଇ ବହି ଖଣ୍ଡେ ଧରି ବସୁଥିଲେ। ସେ ମନେ ମନେ ଏକ ସୁନେଲି ଭବିଷ୍ୟତ ଗଢୁଥିଲେ, ଯାହାକି ତାଙ୍କ ମା’ଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। କିନ୍ତୁ କରୋନା ଭାଇରସ୍ ନେପାଳକୁ କବଳିତ କରିବା ପରେ ସ୍କୁଲଗୁଡ଼ିକ ବନ୍ଦ ହୋଇଗଲା। ଫଳରେ ସ୍ୱପ୍ନା ଏକାଗ୍ରତା ହରାଇଲେ। ଗାଁରେ ପଡ଼ିରହି ଆଉ କିଛି କରିବାର ନ ଥିଲା। ଶେଷରେ ସେ ଜୀବିକା ହରାଇଥିବା ଜଣେ ଶ୍ରମିକଙ୍କ ସହ ବନ୍ଧୁତା କଲେ। ଦୁହେଁ ପ୍ରେମରେ ପଡ଼ିଲେ ଓ ବାହା ହୋଇଗଲେ। ସ୍ୱପ୍ନା ଏବେ ତାଙ୍କ ପେସାଦାର ସ୍ୱପ୍ନ ଦେଖିବା ଛାଡ଼ିଦେଇଛନ୍ତି। ଆଉ ସ୍କୁଲକୁ ଫେରିବା ଯୋଜନା ବି ନାହିଁ। ୨ ମାସର ପୁଅକୁ ସ୍ତନ୍ୟପାନ କରାଇବା ପାଇଁ ବସିପଡ଼ି ସ୍ୱପ୍ନା କହିଲେ, ମୁଁ ପାଠପଢ଼ା ଛାଡ଼ି ନ ଥିଲେ ଜୀବନରେ ସବୁକିଛି ଭିନ୍ନ ହୋଇଥାଆନ୍ତା। ସ୍ୱପ୍ନାଙ୍କ ପ୍ରିଭେସି ସୁରକ୍ଷା ପାଇଁ ତାଙ୍କ ପ୍ରକୃତ ନାମକୁ ଏଠାରେ ଲୁଚାଇ ଦିଆଯାଇଛି।**



ଏସିଆର ଅନ୍ୟତମ ଦରିଦ୍ର ଦେଶ ନେପାଳ ବିଦେଶାଗତ ଅର୍ଥ ଓ ପର୍ଯ୍ୟଟନ ଉପରେ ନିର୍ଭରଶୀଳ। ମହାମାରୀ ଉଭୟ ଉତ୍ସକୁ ବହୁଳ ଭାବେ ପ୍ରଭାବିତ କରିଛି। ଅନ୍ୟ ବର୍ଷଗୁଡ଼ିକରେ ଏହି ସମୟରେ ବିଦେଶୀ ପର୍ଯ୍ୟଟକମାନେ ଅନ୍ନପୂର୍ଣ୍ଣା ପର୍ବତମାଳା ଓ ଏଭାରେଷ୍ଟ ଶୃଙ୍ଗ ଚଢ଼ିବା ପାଇଁ ନେପାଳ ମୁହାଁ ହୋଇଥାଆନ୍ତି। ଚଳିତ ବର୍ଷ ସେମାନଙ୍କଠାରୁ ଆସୁଥିବା ଅର୍ଥର ସ୍ରୋତ ଶୁଖିଯାଇଛି।

କାଠମାଣ୍ଡୁ,୯।୩

ନେପାଳର ଏକ ଛୋଟ ସହରରେ ସ୍ୱପ୍ନାଙ୍କ ସହ ଯାହା ଘଟିଲା, ସାରା ବିଶ୍ୱର ବିକାଶଶୀଳ ଦେଶଗୁଡ଼ିକରେ ପ୍ରାୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ବାଲ୍ୟବିବାହ ଦ୍ରୁତଗତିରେ ବଢ଼ିଚାଲିଥିବା ନେଇ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ସ୍ୱଳ୍ପ ବୟସ୍କା ଝିଅମାନଙ୍କୁ ସ୍କୁଲରେ ବହିବସ୍ତାନି ସହ ବାନ୍ଧି ରଖିବା ପାଇଁ କଷ୍ଟ ଅର୍ଜିତ ବିକାଶକୁ ଅନେକ ବର୍ଷ ପଛକୁ ଟାଣିନେଇଛି କରୋନା ମହାମାରୀ। ଚଳିତ ଦଶନ୍ଧିରେ ଅତିରିକ୍ତ ୧୦ ନିୟୁତ ଝିଅ ୧୮ ବର୍ଷରେ ପଦାର୍ପଣ କରିବା ପୂର୍ବରୁ ବାଲ୍ୟବିବାହର ଶିକାର ହୋଇପାରନ୍ତି ବୋଲି ସୋମବାର ପ୍ରକାଶିତ ଏକ ରିପୋର୍ଟରେ ୟୁଏନ୍ ଚିଲଡ୍ରେନ୍ ଫଣ୍ଡ୍ ଆକଳନ କରିଛି। ୟୁନିସେଫ୍ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ହେନ୍‌ରିଏଟା ଫୋର୍ କହିଛନ୍ତି, କୋଭିଡ୍-୧୯ ଲକ୍ଷ ଲକ୍ଷ ଝିଅଙ୍କ ପାଇଁ କଠିନ ପରିସ୍ଥିତି ସୃଷ୍ଟି କରିସାରିଛି। କମ୍ ବୟସରେ ବାହା ହୋଇଥିବା ବହୁ ଝିଅଙ୍କ ଜୀବନ ଅକାଳରେ ଝଡ଼ିପଡୁଥିବାରୁ ଚିନ୍ତା ଆହୁରି ବଢ଼ିଯାଇଛି। ଗର୍ଭାବସ୍ଥାରେ ଅସୁବିଧା ଓ ଶିଶୁ ଜନ୍ମହାର ବିକାଶଶୀଳ ଦେଶଗୁଡ଼ିକରେ ୧୫ରୁ ୧୯ ବର୍ଷୀୟା ଝିଅଙ୍କ ମୃତ୍ୟୁର ଏକ ପ୍ରମୁଖ କାରଣ। ବାଲ୍ୟବଧୂଙ୍କ ପିଲାମାନେ ମୃତ୍ୟୁ ମୁଖରେ ପଡ଼ିବା ଆଶଙ୍କା ଅଧିକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ କୁହାଯାଇଛି। ବିଶେଷଜ୍ଞଙ୍କ ମତରେ ମହାମାରୀ ସମୟରେ ଶିକ୍ଷାର ଅଭାବ, ଆର୍ଥିକ ଦୁରବସ୍ଥା, ମା’ବାପାଙ୍କ ମୃତ୍ୟୁ ଓ ସ୍ୱଳ୍ପ ବୟସରେ ଗର୍ଭବତୀ ହେବା ଭଳି କାରଣଗୁଡ଼ିକ ଯୋଗୁ ବାଲ୍ୟବିବାହ ବୃଦ୍ଧି ପାଇଛି।

ଅନେକ କ୍ଷେତ୍ରରେ ଛୋଟ ଝିଅମାନଙ୍କୁ ମା’ବାପା ଓ ଅନ୍ୟ ଅଧିକାରୀମାନେ ବୟସ୍କ ବ୍ୟକ୍ତିଙ୍କ ସହ ବାହା ହେବା ପାଇଁ ବାଧ କରୁଛନ୍ତି। ବହୁ ବାଲ୍ୟବିବାହର ପଞ୍ଜୀକରଣ କରାଯାଉନାହିଁ। ୟୁନିସେଫ୍ ମତରେ ବିଶ୍ୱରେ ଏମିତି ୬୫୦ ନିୟୁତ ଝିଅ ଓ ମହିଳା ଅଛନ୍ତି, ଯାହାଙ୍କର ବାଲ୍ୟବିବାହ ହୋଇଥିଲା। ଭାରତ, ବାଂଲାଦେଶ, ନାଇଜେରିଆ, କେନିଆ, ଇଥିଓପିଆ ଓ ମାଳଦ୍ୱୀପରେ ବାଲ୍ୟବିବାହ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। କେତେକ ଅଞ୍ଚଳରେ ସ୍ୱଳ୍ପ ବୟସରେ ଗର୍ଭବତୀ ହେବା ଘଟଣା ୩ ଗୁଣା ବଢ଼ିଛି। ନେପାଳରେ ବିବାହ ପାଇଁ ଆଇନତଃ ଯୋଗ୍ୟ ବୟସ ୨୦ ବର୍ଷ ହୋଇଥିବାବେଳେ ଏହି ସମସ୍ୟା ଉତ୍କଟ ହୋଇଛି।

ଲକ୍ଷ ଲକ୍ଷ ନେପାଳୀ ଶ୍ରମିକ ବିଦେଶରେ କାମ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ରୋଷେୟା, ସଫେଇ କର୍ମୀ, ଚାକର, ଗାର୍ଡ ଓ ଧାଇ ଭାବେ ଭାରତ କିମ୍ବା ମଧ୍ୟପ୍ରାଚ୍ୟରେ କାର୍ଯ୍ୟ କରି ଜୀବିକା ଅର୍ଜନ କରିଥାଆନ୍ତି। ଏହିପରି ଭାବେ ୨୦୧୯ରେ ନେପାଳକୁ ବିଦେଶରୁ ଆସିଥିବା ଅର୍ଥର ପରିମାଣ ଥିଲା ୮.୨୫ ବିଲିୟନ୍ ଡଲାର। କିନ୍ତୁ ମହାମାରୀ ଯୋଗୁ ଅନେକ ଦେଶର ଅର୍ଥନୀତି ଦୋହଲିଯାଇଥିବାରୁ ଏହି ଉତ୍ସ ସଙ୍କୁଚିତ ହୋଇଯାଇଛି। ନିକଟରେ ବହୁସଂଖ୍ୟକ ନେପାଳୀ ଘରକୁ ଫେରିଛନ୍ତି। ନେପାଳର ସହରଗୁଡ଼ିକରେ ମଧ୍ୟ ଅନେକେ ନିଯୁକ୍ତି ହରାଇଛନ୍ତି। ବହୁ ଯୁବକ ଏବେ ପାହାଡ଼ପର୍ବତ ଘେରା ସେମାନଙ୍କ ଗାଁରେ ଘୂରିବୁଲୁଛନ୍ତି। ସେମାନଙ୍କ ମଧ୍ୟରୁ ହରଦାସ ଅନ୍ୟତମ, ଯାହାଙ୍କୁ ସ୍ୱପ୍ନା ମନର ମଣିଷ କରିନେଇଥିଲେ। ହରଦାସ(୨୦) କାଠମାଣ୍ଡୁ ଓ ନେପାଳଗଞ୍ଜ ଭଳି ସହରରେ ବୁଲି ବୁଲି ମିସ୍ତ୍ରି କାମ କରୁଥିଲେ। କିନ୍ତୁ ଗତବର୍ଷ ଏପ୍ରିଲରେ ମହାମାରୀ ଯୋଗୁ କାମ ବନ୍ଦ ହୋଇଯିବାରୁ ସେ ତାଙ୍କ ଗାଁ ରାପ୍ତି ସୋନାରିକୁ ଫେରିଥିଲେ।

ପାହାଡ଼ ତଳ ରାସ୍ତା ଧୂଳିରେ ଆଚ୍ଛାଦିତ ଘରଗୁଡ଼ିକ ମଧ୍ୟରୁ ଅଧିକାଂଶ ମାଟି ଓ ପଥରରେ ତିଆରି। ସ୍ୱପ୍ନାଙ୍କ ବାପା ରାମ ଦୟାଲ ଏକ ଅଟୋ ରିକ୍ସା ଆଣିଥିଲେ ଠିକ୍ ଲକ୍‌ଡାଉନ୍ ପୂର୍ବରୁ। ଏବେ ଗ୍ରାହକ ମିଳୁ ନ ଥିବାବେଳେ ସେ ମାସକୁ ପ୍ରାୟ ୩୦ ହଜାର ଟଙ୍କା ଶୁଝୁଛନ୍ତି। ଝିଅ ଏତେ କମ୍ ବୟସରେ ବାହା ହୋଇଗଲା ବୋଲି ରାମ ଦୟାଲ ଖୁସି ନ ଥିଲେ। କିନ୍ତୁ ସ୍ୱପ୍ନା ଘରଛାଡ଼ି ଶ୍ୱଶୁରାଳୟ ଗଲେ ଆର୍ଥିକ ବୋଝ କମିଯିବ ଭାବି ସେ ବିବାହକୁ ଅନୁମତି ଦେଇଥିଲେ। ଘରେ ଆଉ ୫ଟି ମୁହଁକୁ ଖୁଆଇବାକୁ ପଡୁଛି ନା। ସ୍ୱପ୍ନା ଯଦି ଦଶମ ଶ୍ରେଣୀ ପାଠ ପଢ଼ିଦେଇଥାଆନ୍ତେ ତେବେ ତାଙ୍କ ଜୀବନ ଆଉ ଟିକେ ଭଲରେ କଟିଥାଆନ୍ତା ବୋଲି ରାମ ଦୟାଲ କହନ୍ତି। ସ୍ୱପ୍ନାଙ୍କ ମା’ ଘୁମ୍‌ନୀ ମଧ୍ୟ ପାଠଶାଠ ପଢ଼ି ନ ଥିବା ଜଣେ ବାଲ୍ୟବଧୂ ଥିଲେ, ଯାହାଙ୍କ ୪ ପିଲାଛୁଆ ଅଛନ୍ତି। ବାଲ୍ୟବିବାହ ବିରୋଧରେ ଲଢ଼େଇ କରୁଥିବା କର୍ମୀମାନଙ୍କ ମତରେ ସେମାନେ ଅଭୂତପୂର୍ବ କଠିନ ପରିସ୍ଥିତିରେ କାମ କରୁଛନ୍ତି। ସମସ୍ୟା ବଢ଼ି ବଢ଼ି ଚାଲିଛି। ଦେଶ ସାରା ଏପରି ଅନେକ ପରିବାର ସେମାନଙ୍କ କାହାଣୀ ଶୁଣାଇଛନ୍ତି, ଯେଉଁମାନେ ନିଜ ଝିଅଙ୍କୁ ବାଲ୍ୟବିବାହ ଭିତରେ ନିଖୋଜ ହୋଇଯାଉଥିବା ଦେଖୁଛନ୍ତି।

# ଧରିତ୍ରୀ
DHARITRI

ବୁଧବାର, ମାର୍ଚ୍ଚ ୧୦/୨୦୨୧ | Wednesday, March 10/2021 | ପୃଷ୍ଠା-୧




### ଅଶ୍ୱିନ ପ୍ଲେୟର ଅଫ୍ ଦି ମନ୍ଥ
ଭାରତର ଷ୍ଟାର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆଇସିସି ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି।


୦୬

୧୨

### ଦର୍ଶକଙ୍କ ମନ ଜିତିଲେ ଉର୍ବଶୀ
ବଲିଉଡ ନାୟିକା ଉର୍ବଶୀ ରୌଟେଲା ଏକ ନୂଆ ମ୍ୟୁଜିକ୍ ଆଲବମ୍‌କୁ ନେଇ ଚର୍ଚ୍ଚାରେ। ୟୁଟ୍ୟୁବ୍‌ରେ ଏହି ଗୀତକୁ ୮୬ ଲକ୍ଷରୁ ଅଧିକ ଥର ଦେଖା ସରିଲାଣି।



# ବନ୍ୟଜନ୍ତୁ ଜନବସତିମୁହାଁ



ଝରାଫୁଲ ଗ୍ରାମର ବିଜୁ ମହାରଣାଙ୍କ ଘରୁ ଉଦ୍ଧାର ହରିଣ।

**ବାରିପଦା ଅଫିସ,୯।୩**

## ଶିମିଳିପାଳରେ ଲିଭୁନି ନିଆଁ
■ ନିଆଁ ଲଗାଇବା ଅଭିଯୋଗରେ ୨ ଶିକାରୀ ଗିରଫ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏବେ ବି ନିଆଁ ହୁତୁହୁତୁ ହୋଇ ଜଳୁଛି। ଅଗ୍ନି ନିର୍ବାପନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ଜଣିଆ ଓଡ୍ରାଫ ଟିମ୍ ପହଞ୍ଚିଛନ୍ତି। ସେମାନେ ୪ଟି ଟିମ୍‌ରେ ବିଭକ୍ତ ହୋଇ ଚହଲା, ପିଠାବଟା, ଯଶିପୁର ଓ କରଞ୍ଜିଆ ରେଞ୍ଜରେ ନିଆଁ ଲିଭାଇବା କାର୍ଯ୍ୟ ଜାରି ରଖିଛନ୍ତି। ଅଭୟାରଣ୍ୟର କରଞ୍ଜିଆ ଡିଭିଜନର ଦୁଧିଆଳି ଜଙ୍ଗଲରେ ନିଆଁ ଲଗାଉଥିବା ୨ଯୁବକଙ୍କୁ ବନଖଣ୍ଡ କର୍ମଚାରୀମାନେ କାବୁ କରିବାରେ ସକ୍ଷମ ହୋଇଛନ୍ତି। ଉକ୍ତ ଯୁବକଦ୍ୱୟ ହେଲେ କରଞ୍ଜିଆ ଥାନା ଖଡିକୁଦ ଗ୍ରାମର ସାଲୁ ତିଉ(୨୫) ଓ ଦୁଧିଆଳୀ ଗ୍ରାମର ପ୍ରତାପ ହେମ୍ବ୍ରମ(୩୦)। ସାଲୁଙ୍କଠାରୁ ୪୧୫ଫୁଟର ୨୨ଟି ଫାଶ ଜବତ କରାଯାଇଛି। ଠେକୁଆ ଶିକାର ପାଇଁ ଏହାକୁ ବ୍ୟବହାର କରାଯାଉଥିବା ଗିରଫ ଯୁବକଦ୍ୱୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଅଗ୍ନିକାଣ୍ଡ ଯୋଗୁ ଅଭୟାରଣ୍ୟର ଜୀବଜନ୍ତୁ ଅସୁରକ୍ଷିତ ହୋଇପଡିଛନ୍ତି। ଗ୍ରୀଷ୍ମର ତାପମାତ୍ରା ବୃଦ୍ଧି ସାଙ୍ଗକୁ ନିଆଁର ପ୍ରକୋପ ବନ୍ୟଜନ୍ତୁଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ଫଳରେ କୋର୍ ଅଞ୍ଚଳରୁ ବନ୍ୟଜନ୍ତୁମାନେ ଗ୍ରାମ ଓ ସହରାଭିମୁଖୀ ହେଉଛନ୍ତି। ନିଆଁର ସ୍ଥିତି ପରଖିବା ପାଇଁ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ସ୍ମିଥ୍ ପି. ପରମାର ଓ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି।

ସୋମବାର ବିଳମ୍ବିତ ରାତିରେ କରଞ୍ଜିଆ ଡିଭିଜନର ଦୁଧିଆଣି ରେଞ୍ଜ ଭଞ୍ଜକିଆସ୍ଥିତ ଝରାଫୁଲ ଗ୍ରାମର ବିଜୁ ମହାରଣାଙ୍କ ଘରେ ଏକ ୪/୫ବର୍ଷର ହରିଣ ପଶିଯାଇଥିଲା। ☞ପୃଷ୍ଠା–୧୧

## ହାଇକୋର୍ଟରେ ପିଆଇଏଲ୍

**କଟକ ଅଫିସ୍, ୯।୩**

ରାଜ୍ୟର ଶିମିଳିପାଳ ଅଭୟାରଣ୍ୟ ସମେତ ୩୦୦ରୁ ଊର୍ଦ୍ଧ୍ୱ ଜଙ୍ଗଲରେ ପ୍ରାୟ ମାସେ ହେବ ନିଆଁ ଲାଗିଛି। ଏହା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରି କି କେବଳ ଶିମିଳିପାଳର ୧୪୨୮ଟି ସ୍ଥାନରେ ନିଆଁ ଲାଗିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ନିଆଁ ଲିଭାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ୍ରାଫ୍ ଟିମ୍‌କୁ ବିଭିନ୍ନ ସ୍ଥାନକୁ ପଠାଇଛନ୍ତି। ଏପରି କି ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପାଇଁ ପିସିସିଏଫ୍‌ଙ୍କ ନେତୃତ୍ୱରେ ଏକ ୯ଜଣିଆ ଟାକ୍ସ ଫୋର୍ସ ମଧ୍ୟ ଗଠନ କରାଯାଇଛି। ତେବେ ଜଙ୍ଗଲରେ ଲାଗିଥିବା ☞ପୃଷ୍ଠା–୧୧



ବାଲେଶ୍ୱର ଜିଲା କୁଲଡିହା ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ଲିଭାଯାଉଛି।

## ଶ୍ୱାସରୁଦ୍ଧ ପରିସ୍ଥିତି

**ଅମରପାଲି, ୯।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ଉଲୁଣ୍ଡା ରେଞ୍ଜ ଅଧୀନରେ ଥିବା ପ୍ରାୟ ସବୁ ଜଙ୍ଗଲରେ ଏବେ ନିଆଁ ଲାଗିଛି। ନିଆଁ ଲାଗି ବ୍ୟାପକ ଜଙ୍ଗଲ କ୍ଷୟକ୍ଷତି ହେଉଥିବା ବେଳେ ଧୂଆଁ ଯୋଗୁ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ। ମାତ୍ରାଧିକ ଧୂଆଁ ନିର୍ଗତ ହେଉଥିବାରୁ ଦୁଇଦିନ ହେଲା ସମଗ୍ର ବୀରମହାରାଜପୁର ଅଞ୍ଚଳ ଧୂଆଁଳିଆ ଦେଖାଯାଉଛି। ଧୂଆଁ ଯୋଗୁ ରାସ୍ତାରେ ଯାତାୟାତ ବେଳେ ଶ୍ୱାସରୁଦ୍ଧ ପରିସ୍ଥିତି ସୃଷ୍ଟି ହେଉଛି। ଆଖି ପୋଡୁଥିବା ଲୋକେ ଅଭିଯୋଗ କରୁଛନ୍ତି। ପ୍ରକୃତିପ୍ରେମୀ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ପିତାମହୁଲ, ଗରିଆମୁଣ୍ଡା, ସଂଗ୍ରାମପୁର, ସେରଗେଡା, ଟାମକିଆଦାଦର, ସାହାଜଲଥା, ଖଣ୍ଡହତା, ହାତିଲିମୁଣ୍ଡା, କୁନ୍ଦପାଲ, ଭାଲୁଡୁଙ୍ଗୁର, ଗୁଦୁଗୁଦା, ଅମରପାଲି, ଗୌଡ଼ଗାଡ଼, ଦୁର୍ଜନଟୈଲା, ସାଗଯୋରୀ, ଠେଙ୍ଗୋଡ୍ୟାମ ଆଦି ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ବନ ବିଭାଗ ପକ୍ଷରେ ☞ପୃଷ୍ଠା–୧୧



କୋଟସମଲାଇ ଅଞ୍ଚଳ ଜଙ୍ଗଲରେ ଲାଗିଥିବା ନିଆଁ।

## 'ଅଧିକ ଲୋକ, ମେଶିନ ନିୟୋଜନ କର'

**ଭୁବନେଶ୍ୱର, ୯।୩(ବ୍ୟୁରୋ)**

■ ବନାଗ୍ନି ପରିସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ
■ ପଞ୍ଚାୟତ ପ୍ରତିନିଧିଙ୍କୁ ସାମିଲ, ପାଟ୍ରୋଲିଂ ଉପରେ ଗୁରୁତ୍ୱ

ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ସରକାର ଏବେ ତତ୍ପରତା ଦେଖାଉଛନ୍ତି। ପ୍ରତିଦିନ ଏନେଇ ସମୀକ୍ଷା ମଧ୍ୟ କରାଯାଉଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବନାଗ୍ନି ପରିସ୍ଥିତିର ସମୀକ୍ଷା କରି ଅଗ୍ନି ନିର୍ବାପନ କାର୍ଯ୍ୟରେ ଅଧିକ ଲୋକ ଓ ମେଶିନ ନିୟୋଜନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବ୍ୟାପୀ ବନାଗ୍ନି ନିର୍ବାପନ କାର୍ଯ୍ୟରେ ଓଡ୍ରାଫ୍‌କୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ☞ପୃଷ୍ଠା–୧୧


## ଓଜେଏସ୍‌ରେ ଈଶିତା ଟପ୍ପର
### କୃତକାର୍ଯ୍ୟ ୪୭ ମଧ୍ୟରୁ ୩୦ ମହିଳା



**ଭୁବନେଶ୍ୱର, ୯।୩(ବ୍ୟୁରୋ):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷା-୨୦୧୯ର ରେଜଲ୍ଟ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ୪୭ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୩୦ଜଣ ମହିଳା ରହିଛନ୍ତି। ଏହି ୪୭ଜଣ ରାଜ୍ୟରେ ସିଭିଲ୍ ଜଜ୍ ପଦବୀ ପାଇଁ ମନୋନୀତ ହୋଇଛନ୍ତି। ପରୀକ୍ଷାରେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଅଧୀନ ଗଡପୋଷ ଗ୍ରାମର ଈଶିତା କେସରୱାନି ☞ପୃଷ୍ଠା–୧୧

## ଇସ୍ତଫା ଦେଲେ ତ୍ରିବେନ୍ଦ୍ର

### ଉତ୍ତରାଖଣ୍ଡରେ ନେତୃତ୍ୱ ପରିବର୍ତ୍ତନ
ଦିଲ୍ଲୀରୁ ଭାଜପା ମୁଖ୍ୟ ଜେ.ପି. ନଡ୍ଡାଙ୍କୁ ଭେଟି ଡେରାଡୁନ୍ ଫେରିବା ପରେ ବଡି ଲାଙ୍ଗୁଏଜ୍ କହିଦେଉଥିଲା ଯେ ଏବେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିବ। ମାର୍ଚ୍ଚ ୧୮ରେ ଉତ୍ତରାଖଣ୍ଡର ତ୍ରିବେନ୍ଦ୍ର ସରକାରଙ୍କୁ ୪ ବର୍ଷ ପୂରିଥାଆନ୍ତା। କିନ୍ତୁ ତା' ପୂର୍ବରୁ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା। କ୍ୟାବିନେଟ ମନ୍ତ୍ରୀ ଧନ ସିଂ ରାୱତ୍ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆଗୁଆ ରହିଥିବା ଜଣାପଡ଼ିଛି। ଏବେ ବୁଧବାର ହେବାକୁ ଥିବା ଭାଜପା ବିଧାୟକ ଦଳ ବୈଠକ ଉପରେ ସମସ୍ତଙ୍କ ନଜର ରହିଛି।



ତ୍ରିବେନ୍ଦ୍ର ସିଂ ରାୱତ୍

**ଡେରାଡୁନ୍,୯।୩**

ଉତ୍ତରାଖଣ୍ଡରେ ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ମଧ୍ୟରେ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ମଙ୍ଗଳବାର ହଠାତ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଡେରାଡୁନ୍‌ସ୍ଥିତ ରାଜଭବନରେ ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ରାୱତ୍‌ଙ୍କ ଇସ୍ତଫା ଗ୍ରହଣ କରିବା ସହ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବା ପର୍ଯ୍ୟନ୍ତ କାମ ଚଳାଇବା ପାଇଁ ପରାମର୍ଶ ଦେଇଛନ୍ତି। ରାଜ୍ୟପାଳଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ରାୱତ୍ କହିଛନ୍ତି, ଦିଲ୍ଲୀର ନିଷ୍ପତ୍ତିକ୍ରମେ ସେ ଇସ୍ତଫା ଦେଉଛନ୍ତି। ଏହା ହେଉଛି ଭାଜପାର ଏକ ସାମୁହିକ ନିଷ୍ପତ୍ତି। ଦଳରେ ସବୁ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଥାଏ। ଏହା ପୂର୍ବରୁ ରାୱତ୍ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ନିଜ ଘନିଷ୍ଠ ସହଯୋଗୀମାନଙ୍କ ସହ ମନ୍ତ୍ରଣା କରିଥିଲେ। ଉକ୍ତ ବୈଠକରେ କ୍ୟାବିନେଟ ମନ୍ତ୍ରୀ ମଦନ କୌଶିକ ଓ ଧନ ସିଂ ରାୱତ୍ ଉପସ୍ଥିତ ଥିଲେ। ଧନ ସିଂ ରାୱତ୍‌ଙ୍କୁ ତ୍ରିବେନ୍ଦ୍ରଙ୍କ ☞ପୃଷ୍ଠା–୧୧

## ୪ ଦିନ ବ୍ୟାଙ୍କ ବନ୍ଦ ରହିବ
### ୨ଦିନିଆ ଧର୍ମଘଟ ଡାକରା ଦେଇଛି ୟୁନିୟନ

**ଭୁବନେଶ୍ୱର,୯।୩**

ଗତ ବଜେଟ ସମୟରେ କେନ୍ଦ୍ର ସରକାର କିଛି ଜାତୀୟକରଣ ବ୍ୟାଙ୍କକୁ ଘରୋଇକରଣ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିର ପ୍ରତିବାଦରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫବିୟୁ) ପକ୍ଷରୁ ୨ ଦିନିଆ ବ୍ୟାଙ୍କ ଧର୍ମଘଟର ଡାକରା ଦିଆଯାଇଛି। ୟୁନିୟନର ଏହି ଡାକରା ଫଳରେ ଦେଶରେ ଲଗାତର ୪ ଦିନ ବ୍ୟାଙ୍କ ସେବା ବନ୍ଦ ରହିବ ବୋଲି ଜଣାପଡିଛି।

ୟୁନିୟନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମାର୍ଚ୍ଚ ୧୩ ଓ ୧୪ ସାଧାରଣତଃ ୨ୟ ଶନିବାର ଏବଂ ରବିବାର ପଡୁଥିବାରୁ ବ୍ୟାଙ୍କ ବନ୍ଦ ରହିବ। ସେହିଭଳି ୟୁନିୟନର ବନ୍ଦ ଡାକରା ଯୋଗୁ ମାର୍ଚ୍ଚ ୧୫ ଓ ୧୬ (ସୋମ ଓ ମଙ୍ଗଳବାର)ରେ ମଧ୍ୟ ବ୍ୟାଙ୍କ ସେବା ବନ୍ଦ ରହିବ। ଅର୍ଥାତ ଶନି, ରବି, ସୋମ ଓ ମଙ୍ଗଳବାର ☞ପୃଷ୍ଠା–୧୧




## ପେସ୍କି କଲ୍ ନିୟମ: ଏସ୍‌ଏମ୍‌ଏସ୍ ସେବା ବାଧାପ୍ରାପ୍ତ

**ନୂଆଦିଲ୍ଲୀ,୯।୩**

### ୭ ଦିନ ମହଲତ ଦେଲା ଟ୍ରାଇ

ଟେଲିକମ୍ କମ୍ପାନୀଗୁଡ଼ିକ ବିରକ୍ତିକର (ପେସ୍କି) କଲ୍ ଏବଂ ମେସେଜକୁ ବାଦ୍ ଦେବା ଲାଗି ନୂଆ ନିୟମ କାର୍ଯ୍ୟକାରୀ କରାଉଛନ୍ତି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ନିୟମ ଅନୁସାରେ କମ୍ପାନୀଗୁଡ଼ିକ ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂଆ ନିୟମ କାର୍ଯ୍ୟକାରୀ କରାଯାଉଥିବାରୁ ସାରା ଦେଶରେ ଟେଲିକମ୍ ଉପଭୋକ୍ତମାନେ ମୋବାଇଲ ମେସେଜିଂ, ବ୍ୟାଙ୍କ ଏବଂ ପେମେଣ୍ଟ ଓଟିପି, କୋଭିଡ୍ ଟିକା ପ୍ରଦାନ ସୂଚୀ ସମ୍ପର୍କିତ ମେସେଜ୍ ପାଇବାରେ ବିଭିନ୍ନ ଅସୁବିଧା ସୃଷ୍ଟି ହେଉଛି। ରିଲାଏନ୍ସ ଜିଓ, ଏୟାରଟେଲ ଏବଂ ଭୋଡାଫୋନ ଭଳି କମ୍ପାନୀ ରବିବାର ମଧ୍ୟରାତ୍ରରୁ ଏହି ନିୟମ କାର୍ଯ୍ୟକାରୀ କରାଇଛନ୍ତି। ଫଳରେ ବିଭିନ୍ନ କମ୍ପାନୀ, ବ୍ୟାଙ୍କ ଏବଂ ସରକାରୀ ଏଜେନ୍ସିଗୁଡିକୁ ଏହା ହଠାତ୍ ଆଶ୍ଚର୍ଯ୍ୟଚକିତ କରିଛି। କାରଣ ଏଭଳି ଅସୁବିଧା ନେଇ ଅଂଶୀଦାର ଅବଗତ ନ ☞ପୃଷ୍ଠା–୧୧

## ଗିରୀଶ ଚନ୍ଦ୍ର ମୁର୍ମୁ ଜାତିସଂଘ ଏକ୍ସଟର୍ନାଲ ଅଡିଟର୍ସ କମିଟି ଅଧ୍ୟକ୍ଷ



**ନୂଆଦିଲ୍ଲୀ, ୯।୩:** ଭାରତର ନିୟନ୍ତ୍ରକ ଓ ମହାଲେଖା ସମୀକ୍ଷକ(ସିଏଜି) ଗିରୀଶ ମୁର୍ମୁ ୨୦୨୧ ପାଇଁ ଜାତିସଂଘ ବାହ୍ୟ ସମୀକ୍ଷକ(ଏକ୍ସଟର୍ନାଲ ଅଡିଟର୍ସ) କମିଟି ଅଧ୍ୟକ୍ଷ ଭାବେ ପୁନଃ ନିଯୁକ୍ତ ହୋଇଛନ୍ତି। ଏ ସଂକ୍ରାନ୍ତରେ ତାଙ୍କ ଅଫିସ୍‌ରୁ ଏକ ବିବୃତି ଜାରି ହୋଇଛି। ଗତବର୍ଷ ମଧ୍ୟ ସିଏଜି ମୁର୍ମୁଙ୍କୁ ଏହି ପଦବୀରେ ନିଯୁକ୍ତି ମିଳିଥିଲା। ଭାରତ, ଜର୍ମାନୀ, ଚିଲି, ଚାଇନା, ବ୍ରିଟେନ, ଫ୍ରାନ୍ସ, ଫିଲିପାଇନ୍ସ, ସୁଇଜରଲାଣ୍ଡ, ଇଟାଲୀ, ଘାନା, ☞ପୃଷ୍ଠା–୧୧

**ଆଜିର ସମ୍ପାଦକୀୟ**

## ନିର୍ଦ୍ଦୋଷରେ ଏତେବର୍ଷ

## ଲୋକଙ୍କ ବଦଳରେ ମୋ ଜୀବନ ନିଅ



ମ୍ୟାନ୍‌ମାର ସୈନ୍ୟଙ୍କ ଆଗରେ ଆଣ୍ଠେଇ ବସିଛନ୍ତି ନନ୍ ଆନ୍ ରୋଜ୍ ନୁ ତଙ୍ଗ୍।

### ସେନା ଆଗରେ ଆଣ୍ଠେଇଲେ ନନ୍

■ ଗୁଳି ନ ଚଲାଇବାକୁ ଅନୁରୋଧ କଲେ
■ ମ୍ୟାନ୍‌ମାରରେ ଦମନଲୀଳା ଜାରି
■ ୬୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କ ଜୀବନ ଗଲାଣି

**ନାପିଡାଓ, ୯।୩**

ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍‌ସାନ୍‌ସ୍ୟୁ ଚୀଙ୍କ ନିର୍ବାଚିତ ସରକାରକୁ ମ୍ୟାନ୍‌ମାରରୁ ହଟାଇ ସେନା କ୍ଷମତା ମାଡ଼ିବସିବା ପରଠାରୁ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ବିକ୍ଷୋଭକାରୀଙ୍କୁ ଘଉଡାଇବା ପାଇଁ ଶକ୍ତିଶାଳୀ ସେନାର ନ୍ୟାୟ ବହିର୍ଭୂତ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବାବେଳେ ସାହସିକତା ଦେଖାଇଛନ୍ତି ଜଣେ ନନ୍।

ଫେବୃୟାରୀ ୧ରେ ସ୍ୟୁ ଚୀ ସରକାରଙ୍କ କ୍ଷମତା ଅପହରଣ କରିବା ପରଠାରୁ ମ୍ୟାନ୍‌ମାରରେ ସେନା ଓ ପୋଲିସର ବର୍ବରତା ଲୋକଙ୍କ ଜୀବନ ନେଇଚାଲିଛି। ମଙ୍ଗଳବାର ସୁଦ୍ଧା ୬୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ଜୀବନ ଯାଇଛି। ଏପରି ସ୍ଥିତିରେ ସେନାର ନରସଂହାର ଅଟକାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ସିଷ୍ଟର ଆନ୍ ରୋଜ୍ ନୁ ତଙ୍ଗ୍। ସେ ଉତ୍ତର ମ୍ୟାନମାର ରାସ୍ତାରେ ଜଗି ରହିଥିବା ସେନା ଆଗରେ ଆଣ୍ଠେଇ ପଡ଼ି ଲୋକଙ୍କ ଉପରକୁ ଗୁଳିଚାଳନା ନ କରିବାକୁ ଅନୁରୋଧ କରିଛନ୍ତି। ସେମାନଙ୍କୁ ମାରିବା ପୂର୍ବରୁ ପ୍ରଥମେ ତାଙ୍କୁ ହତ୍ୟା କରିବାକୁ ହେବ ବୋଲି ସେ ସେନାକୁ କହିଥିଲେ। ଏହାର ଏକ ଫଟୋ ସୋସିଆଲ ମିଡିଆରେ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ନନ୍ ଜଣକ ବେଶ ସାହସିକତା ପ୍ରଦର୍ଶନ କରିଛନ୍ତି ବୋଲି ମତ ପ୍ରକାଶ ପାଇଛି। କ୍ୟାଥୋଲିକ୍ ନନ୍ ନୁ ତଙ୍ଗ୍ ଧଳା ରଙ୍ଗର କୁର୍ତ୍ତି ପିନ୍ଧି ଦୁଇ ହାତ ଖୋଲାକରି ସାମରିକ ବଳ ଆଗରେ ଆଣ୍ଠୁମାଡ଼ି ବସିଥିବା ଫଟୋରେ ଦେଖିବାକୁ ମିଳିଛି। ବିକ୍ଷୋଭକାରୀଙ୍କୁ ହଟାଇବାକୁ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ ବୋଲି ☞ପୃଷ୍ଠା–୧୧

**ଆଜିର ମନ୍ତବ୍ୟ**

"ଯେଉଁଠି ଡବଲ୍ ଇଞ୍ଜିନ ସରକାର ନାହିଁ, ସେଠି ଗରିବଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ନୀତିଗୁଡ଼ିକ ବାଧାପ୍ରାପ୍ତ ହୋଇଛି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ତନ୍ମୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଧିକ ଆମ୍ବ, ଅଧିକ ଧାନ**
**ଅଧିକ ତେନ୍ତୁଳି ବନ୍ୟା ପ୍ରମାଣ।**

ଜୀବନ ଓ ଜୀବିକା ସହ ପ୍ରକୃତି ଓତପ୍ରୋତ ଭାବେ ଜଡ଼ିତ। ଯେଉଁ ବର୍ଷ ଅଧିକ ଆମ୍ବ, ଧାନ ଓ ତେନ୍ତୁଳି ଫଳିଥାଏ ବା ଅମଳ ହୋଇଥାଏ ସେହି ବର୍ଷରେ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟିବା ଆଶଙ୍କା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳପ ଚାଷ କୁଟୁମ୍ବ ପୋଷ**
**ବହୁତ ଚାଷ ସର୍ବନାଶ।**

ଚାଷ ଅଳ୍ପ କଲେ ଚାଷବାସ କଥା ବୁଝିବାକୁ ଅଧିକ ସମୟ ମିଳିଥାଏ। ଫଳସ୍ୱରୂପ ଚାଷରୁ ଭଲ ଆୟ ମିଳିଥାଏ, ଯାହାଫଳରେ ପରିବାର ପ୍ରତିପୋଷଣ କରିବାରେ କିଛି ଅସୁବିଧା ରହି ନ ଥାଏ। ପରନ୍ତୁ ଲୋଭବଶତଃ ଅଧିକ ଚାଷ କରିବସିଲେ ତା'ର ରକ୍ଷଣାବେକ୍ଷଣ କରିବା କଷ୍ଟସାଧ ହୋଇପଡ଼ିଥାଏ। ଫଳରେ ଫସଲରେ କ୍ଷତି ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

# 'ପ୍ରତାରକ ଭାଜପାକୁ ବିସର୍ଜନ କର'

**ଗୁଆହାଟୀ,୯।୩**



ଅଖିଳ ଗୋଗୋଇ

ପ୍ରତାରକ ଭାଜପାକୁ ବିଦାୟ ଦେଇ ବିସର୍ଜନ କରିବା ସମୟ ଉପନୀତ। ଆସାମର ଜନସାଧାରଣ ଗୈରିକ ଦଳକୁ କୌଣସିମତେ କ୍ଷମତାଚ୍ୟୁତ କରିବା ଜରୁରୀ। ଦେଶକୁ ବିକ୍ରି କରିଦେଇଥିବା ଭାଜପାକୁ ଉଚିତ ଶିକ୍ଷା ମିଳୁ। ଏହି ପାର୍ଟି ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଆଣି ଆସାମକୁ ୧.୯ କୋଟି ବାଂଲାଦେଶୀଙ୍କୁ ନିମନ୍ତ୍ରଣ କରିଛି। ତେଣୁ ଭାଜପାକୁ ରାଜ୍ୟରୁ ହଟାଇ ଦିଅନ୍ତୁ ବୋଲି ରୋଗଶଯ୍ୟାରୁ ଆସାମବାସୀଙ୍କ ଉଦ୍ଦେଶ୍ୟରେ ୬ ପୃଷ୍ଠା ସମ୍ବଳିତ ଚିଠିରେ ଅନୁରୋଧ କରିଛନ୍ତି ବନ୍ଦୀ ଚାଷୀ ନେତା ଅଖିଳ ଗୋଗୋଇ। ୨୦୧୯ ଡିସେମ୍ବରରେ ସିଏଏ ଆନ୍ଦୋଳନ ବେଳେ ଭଙ୍ଗାରୁଜା, ପୋଡ଼ାଜଳା ସହ ବ୍ୟାପକ ହିଂସା ଦେଖାଦେଇଥିଲା। କେତେଜଣଙ୍କ ଜୀବନ ମଧ୍ୟ ଯାଇଥିଲା। ମାଓବାଦୀଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ସେତେବେଳେ ଅଖିଳଙ୍କୁ ଗିରଫ କରି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)କୁ ହସ୍ତାନ୍ତର କରିଥିଲା ଆସାମ ପୋଲିସ। ନାନା ସଙ୍ଗିନ ଦଫା ସହ ଦେଶଦ୍ରୋହ ମାମଲା ରୁଜୁ କରାଯାଇଥିଲା। ସେ ଗୁଆହାଟୀସ୍ଥିତ ସେଣ୍ଟ୍ରାଲ ଜେଲରେ ବନ୍ଦୀ ଅଛନ୍ତି। କାରାଗାରରୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କୁ ଗୁଆହାଟୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଇଥିଲା। ୪୫ ବର୍ଷୀୟ ଚାଷୀ ନେତା ଅଖିଳ ସୋମବାର ସେଠାରୁ ଭିଡିଓ କନ୍ଫରେନ୍ସ ଜରିଆରେ ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନ ଭରିଛନ୍ତି। ସେ ଆସାମର ଶିବନଗର ଓ ମାରିଆନି (୨ ଆସନ)ରୁ ନିର୍ବାଚନ ଲଢୁଛନ୍ତି ନିଜ ଦଳରୁ। ଶକ୍ତିଶାଳୀ ଭାଜପାର ମୁଣ୍ଡବ୍ୟଥା ବଢ଼ାଇଦେଇଛନ୍ତି ନବଗଠିତ ରାଇଜୋର ଦଳର ଅସୁସ୍ଥ ଥିବା ଅଧ୍ୟକ୍ଷ ଅଖିଳ ଗୋଗୋଇ।

# ୧୨ରେ ୫ ଜିଲାକୁ ବର୍ଷା

**ଭୁବନେଶ୍ୱର, ୯।୩(ବ୍ୟୁରୋ)**

ରାଜ୍ୟରେ ଏବେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ଯଦିଓ ଅପରାହ୍ନରେ ତାତି ରହୁଛି କିନ୍ତୁ ତାପମାତ୍ରା ପୂର୍ବାପେକ୍ଷା କମ୍ ରହିଛି। ଗତ ତିନିଦିନ ହେବ ରାଜ୍ୟରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ତେବେ ଆସନ୍ତା ୧୨ ତାରିଖରେ ବିଭିନ୍ନ ଜିଲାରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ପୂର୍ବାନୁମାନ କରିଛି। ୧୨ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ୫ ଜିଲାର କିଛି ସ୍ଥାନରେ ବର୍ଷା ହେବା ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ଅନ୍ୟ ସବୁ ସ୍ଥାନରେ ପାଗ ଶୁଖିଲା ରହିବ। ମଙ୍ଗଳବାର ବୌଦ୍ଧରେ ସର୍ବାଧିକ ୩୯ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ସୁନ୍ଦରଗଡ଼, ବଲାଙ୍ଗୀରରେ ୩୮.୫, ତାଳଚେର ୩୮.୧, ଭବାନୀପାଟଣା ୩୮, ସୋନପୁର ୩୭.୮, ଝାରସୁଗୁଡ଼ା ୩୭.୪, ଟିଟିଲାଗଡ଼ ୩୭, ଅନୁଗୋଳ ୩୬.୭, କେନ୍ଦୁଝର ୩୬.୬, ଭୁବନେଶ୍ୱରରେ ୩୬.୪, ସମ୍ବଲପୁର ୩୬.୨, ବାରିପଦା, ଫୁଲବାଣୀରେ ୩୬, ହୀରାକୁଦ ୩୫.୭, ଚାନ୍ଦବାଲି ୩୫.୨, ବାଲେଶ୍ୱର ଏବଂ କଟକରେ ୩୫ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ଦୁଇ ତିନିଦିନ ପର୍ଯ୍ୟନ୍ତ ଦିନବେଳା ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଆସନ୍ତା ୨୪ଘଣ୍ଟା ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସର୍ବାଧିକ ୩୬ ଡିଗ୍ରୀ ତାପମାତ୍ରା ରହିବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

# ୫ରେ କଟକ ଫ୍ୟାମିଲି କୋର୍ଟରେ ହାଜର ହେବେ ବର୍ଷା-ଅନୁଭବ



**କଟକ ଅଫିସ୍, ୯।୩**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆସନ୍ତା ଏପ୍ରିଲ ୫ତାରିଖରେ ଅଭିନେତା ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଏବଂ ଅଭିନେତ୍ରୀ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ କଟକ ପରିବାର ଅଦାଲତରେ ହାଜର ହେବେ। ଗତ ବର୍ଷ ଅନୁଭବ ପଟିଆଲା ହାଉସ୍ କୋର୍ଟରେ ବର୍ଷାଙ୍କ ବିରୋଧରେ ଛାଡ଼ପତ୍ର ମାମଲା ରୁଜୁ କରିଥିଲେ। ତେବେ ଉକ୍ତ ମାମଲାକୁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତର କରିବାକୁ ବର୍ଷା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉକ୍ତ ଆବେଦନର ବିଚାର କରି ସର୍ବୋଚ୍ଚ ଅଦାଲତ ଅନୁଭବ-ବର୍ଷାଙ୍କ ବିବାହ ବିଚ୍ଛେଦ ଆବେଦନକୁ କଟକ ସ୍ଥାନାନ୍ତର ପାଇଁ ପଟିଆଲା ହାଉସ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଉକ୍ତ ମାମଲା କଟକକୁ ସ୍ଥାନାନ୍ତର ହୋଇଥିଲା। ଅନୁଭବଙ୍କ ଓକିଲ ଅଶ୍ୱିନୀ ଦୁବେ ବିଭିନ୍ନ କାରଣ ଦର୍ଶାଇ ଉକ୍ତ ମାମଲାର ତ୍ୱରିତ ଶୁଣାଣି କରିବାକୁ ପୂର୍ବରୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

# ଅନ୍ଧାରୁଆରେ ନିର୍ମାଣ ହେବ ଏନ୍‌ସିଡିସି ଶାଖା

**ଭୁବନେଶ୍ୱର,୯।୩(ବ୍ୟୁରୋ)**

ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜେସ କଣ୍ଟ୍ରୋଲ (ଏନସିଡିସି)ର ଶାଖା ଖୋଲିବ। ଏଥିପାଇଁ ଆବଶ୍ୟକ ୩ ଏକର ଜମି ଆଗୁଆ ଅଧିଗ୍ରହଣ କରିବାକୁ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଭୁବନେଶ୍ୱର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜମି ଅଧିଗ୍ରହଣ ପୂର୍ବରୁ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ନିମନ୍ତେ ମାସିକିଆ ନୋଟିସ ୨୦୨୧ ଫେବୃୟାରୀ ୧୬ରେ ଦିଆଯାଇଥିଲା। ଏହାର ଅବଧି ମାର୍ଚ୍ଚ ୧୫ରେ ଶେଷ ହେବ। ଏହା ପରେ ତୁରନ୍ତ ଜମି ଅଧିଗ୍ରହଣ କରିବାକୁ କୁହାଯାଇଛି। ଏଥିପାଇଁ ବିନା ମୂଲ୍ୟରେ ଜମି ଅଧିଗ୍ରହଣ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଆବେଦନ କରିବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶ୍ୟାଧିପଙ୍କ ନକ୍ଷତ୍ରସ୍ଥ ବୁଧଙ୍କ ପ୍ରଭାବରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ସାମାଜିକ, କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ବନ୍ଧୁ ମହଲରେ ପ୍ରଶଂସିତ ହେବେ। ସ୍ୱଗୃହୀ ବଳବାନ୍ କର୍ମାଧିପ ହେତୁ ଅଫିସ୍‌ରେ ଦକ୍ଷତା ପ୍ରତିପାଦନ କରି ପ୍ରଶଂସିତ ହେବେ। ଏକାଧିକ ଗ୍ରହଙ୍କ ସମାଗମତ୍ୱରେ ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହେବ।

**ବୃଷ** କର୍ମାଧିପ ସ୍ୱଭାବରୁ ଦ୍ୱାଦଶସ୍ଥ ହେତୁ ଦୁଃସାହସିକ କାମରେ ପ୍ରବେଶ କରି ଅନୁତାପ କରିବାକୁ ବାଧ ହେବେ। ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଟେନ୍ସନ ବଢ଼ିଯିବ। ରାହୁଯୁକ୍ତ ମଙ୍ଗଳ ଲକ୍ଷ୍ମୀଯୋଗ ସୃଷ୍ଟି କରୁଥିବାରୁ ପ୍ରାଚୁର୍ଯ୍ୟ ମଧ୍ୟରେ ଆନନ୍ଦ ଅନୁଭବ କରିବେ।

**ମିଥୁନ** ତୃତୀୟାଧିପ ନିଜ ଗୃହକୁ ଅବଲୋକନ କରୁଥିବାରୁ ଆଜି ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ହେବେ। ଗଣ ଯୋଗାଯୋଗ, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଅଟକି ରହିଥିବା କାମ ଆରମ୍ଭ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ସାମାନ୍ୟ ସମସ୍ୟା ଆସିପାରେ।

**କର୍କଟ** କର୍ମାଧିପ ଏକାଦଶସ୍ଥ ଯୋଗୁ ଆଜି ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଦୀର୍ଘ ଦିନର ସମସ୍ୟାର ଅନ୍ତ ଘଟାଇ କ୍ରମଶଃ ସ୍ଥିରତା ଫେରିପାଇବେ। ପାରିବାରିକ, ପ୍ରଶାସନ, ପ୍ରକାଶନ ଓ ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କିନ୍ତୁ ଆତ୍ମୀୟଙ୍କଠାରୁ କେବଳ କଥା ଶୁଣିବେ ସିନା କାମ ପାଇବେ ନାହିଁ।

**ସିଂହ** ବଳବାନ୍ ରାହୁ ଯୁକ୍ତ ମଙ୍ଗଳ ଯୁକ୍ତ ହୋଇ କର୍ମଭାବସ୍ଥ ହେତୁ ଦୃଢ଼ ପଦକ୍ଷେପ କର୍ମକ୍ଷେତ୍ରରେ ଦ୍ରୁତୋନ୍ନତିର ପରିଚାୟକ ହେବ। ରବି ନିଜସ୍ଥାନକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଖୁସି ଲଭିବେ। ବାଣିଜ୍ୟ, ଆମଦାନୀ, କଚେରି ମାମଲାରେ ସିଦ୍ଧି ପ୍ରଦାନ କରିବ। ଆର୍ଥିକ ଉନ୍ନତି, ବିବାଦ ସମାଧାନ ଆଶ୍ୱସ୍ତିର କାରଣ ପାଲଟିଯିବ।

**କନ୍ୟା** ତୃତୀୟସ୍ଥ କେତୁ ଅସାଧ୍ୟସାଧନ ପରିପ୍ରେକ୍ଷୀରେ ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ସଫଳ ହେବେ। ଅଫିସରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କଠାରୁ ଶୁଭଖବର ପାଇ ଉଲ୍ଲସିତ ହେବେ। ପରୋପକାର ମନୋଭାବରୁ ପ୍ରଶଂସା ପାଇବେ। ଚିତ୍ରା ନକ୍ଷତ୍ର ବନ୍ଧୁ ଗହଣରେ ମିଥ୍ୟା ଭାଷଣରୁ ସମାଲୋଚିତ ହେବେ।

**ତୁଳା** ଲାଭାଧିପ ଯୁକ୍ତ ରାଶ୍ୟାଧିପତି କୋଣଭାବରେ ରହିଥିବାରୁ କାର୍ଯ୍ୟସିଦ୍ଧି ସହିତ ଆର୍ଥିକ ଉନ୍ନତି ଆନନ୍ଦ ବର୍ଦ୍ଧନ କରିବ। ପରିବାରରେ ନିଜ ଲୋକଙ୍କ କଥାରେ ଉତ୍କ୍ଷିପ୍ତ ହୋଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ନିକଟସ୍ଥ ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା, ଆଦର ପାଇ ନିଜକୁ ଗର୍ବିତ ମନେକରିବେ।

**ବିଛା** ପାପଗ୍ରହଙ୍କ କୁପ୍ରଭାବରୁ ଭଲ କାମ କରି ମଧ୍ୟ କେତେକ ସମସ୍ୟା ହେତୁ ମନ ଚହଲି ଯାଇପାରେ। ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହୋଇପାରେ। ବନ୍ଧୁଙ୍କ ସାହାଯ୍ୟ ନେଇ ଆଶା କରୁଥିବା ସ୍ଥାନରୁ ସହସା ଧନପ୍ରାପ୍ତି ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଲାଭବାନ ସଙ୍ଗକୁ ମନୋରଞ୍ଜନ କାମରୁ ପ୍ରଶଂସା ମିଳିବ।

**ଧନୁ** ରାଶି ଓ ଚତୁର୍ଥାଧିପତି ଦୁର୍ବଳ ହେତୁ ପାରିବାରିକ କ୍ଷେତ୍ରରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ଲୋକପ୍ରିୟତା କାରଣରୁ ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତି ଧରି ସମାଲୋଚିତ ହେବେ। ଆଲୋଚନାରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।


**ମକର** ରାଶ୍ୟାଧିପତି ହତଭାଗ୍ୟ ଓ ତୃତୀୟାଧିପ ପ୍ରଭାବରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। ମନୋରଞ୍ଜନ ଜିନିଷ କ୍ରୟ କରିବାକୁ ମନ ବଳାଇବେ। ଧାତୁ ଅଳଙ୍କାର ସମ୍ବନ୍ଧୀୟ ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ନିର୍ମାଣ, ମାଲିମକଦ୍ଦମା, ଜମିଜମା କାରବାର ଧିମେଇ ରହିବ।

**କୁମ୍ଭ** ଶୁକ୍ରଙ୍କ ପ୍ରଭାବରୁ ଆଜି ସାମଗ୍ରିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଭାବେ ସନ୍ତୋଷ ସିନା ଆସିବ ନାହିଁ, ମାତ୍ର ମନ ଏକ ପ୍ରକାର ଖୁସି ରହିବ। ସଫଳତା ହାସଲ ଦିଗରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ସାମୟିକ ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିଯାଇ ପାରେ।

**ମୀନ** ବଳହୀନ ରାଶ୍ୟାଧିପ କାରଣରୁ ବାହ୍ୟିକ ଦୃଷ୍ଟିକୋଣରୁ ସୁସ୍ଥ ଦେଖାଗଲେ ମଧ୍ୟ ଅନ୍ତର୍ନିହିତ ରୋଗ ଅସୁବିଧାରେ ପକାଇପାରେ। ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ଅଫିସ୍‌ରେ ଗୋପନ କଥା ବନ୍ଧୁଙ୍କୁ କହିଦେବାରୁ ସମସ୍ୟା ଆସିପାରେ । କଠୋର ମାନସିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

ଆଜି ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ବୁଧବାର, ମାର୍ଚ୍ଚ ୧୦ ତାରିଖ। ଧୂମପାନ ନିଷେଧ ଦିବସ, (ମାର୍ଚ୍ଚ ୨ୟ ବୁଧବାର), ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୨ମି. ଗତେ ଘ.୦୭.୩୭ମି. ମଧ୍ୟେ, ଘ.୦୯.୫୯ମି. ଗତେ ଘ.୧୧.୩୩ମି. ମଧ୍ୟେ, ଘ.୦୩.୨୯ମି. ଗତେ ଘ.୦୫.୦୪ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୧.୫୫ମି. ଗତେ ଘ.୦୩.୨୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୫୭ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



MATRIMONIAL

### BRIDE WANTED

Suitable match for handsome 5'/8" Sethi Odia boy.12-12-1980. MBA and CFA Degree. Business men, High status, Kolkatta and Bhubaneswar base. Contact-9078680790 b_sethi77@rediffmail.com. D-20156

Suitable bride required for brahmin groom. Contact: 7978409094. D-63996

Wanted beautiful Gudia bride for Gudia groom B.Tech/ 1986/ 5'6"/ karkat working in MNC, Bangalore 14lakhs P.A., 8249954800, 9437003131. D-59876

### GROOM WANTED

ଗୌରବର୍ଣ୍ଣ 21years, Graduate ଖଣ୍ଡାୟତ ଝିଅପାଇଁ ବରପାତ୍ର ଆବଶ୍ୟକ। Contact: 7653915602. D-70806

Engineers/ Doctor/ corporate executive/ Business men match for a decent family for a beautifull,slim,charming and attractive features girl belonging to Odia Sethi family. She is having Diploma and B-Tech(EEE) of Engineering and born 20.05.1990. Please contact at Mob.7008492705. 9078680790 b_sethi77@rediffmail.com. D-20155

Cuttack ବାସିନ୍ଦା 37ବୟସ୍କା divorcee Government ଶିକ୍ଷୟିତ୍ରୀ ଖଣ୍ଡାୟତ ଝିଅଙ୍କୁ ପୁଅ ଦରକାର। 7381366108. D-67975

Groom wanted for 27years, B.A. pass brahmin girl 5'3", now trying for job at Bhubaneswar. Contact: 9861126356. D-70435

30ବୟସ୍କା divorcee କରଣ Government ଚାକିରିଆ ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 7381460017. D-67976

Government ଚାକିରିଆ ବିଧବା ନିଃସନ୍ତାନ 43ବୟସ୍କା ବ୍ରାହ୍ମଣ ଝିଅଙ୍କୁ General Caste ପୁଅ ଦରକାର। 7381366103. D-67977

real estate

### SALE

NH-16 ପିତାପଲ୍ଲୀ ରେ 750/ରେ 1200/- sqft.ରେ ପ୍ଲଟ୍ ମିଳୁଛି। 9348444368. D-70809

**2000sqft. & 1500sqft. plots with fully developed @750/- per sqft. is for SALE. Contact: 9937847725.** D-20187

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

Independent two storied house 6BHK at Jagmohan Nagar, Bhubaneswar. Contact owner- 9437439331 (No brokers). D-70807

**Bhubaneswar Baliantaର ସାଇଫନ୍ ଛକ ନିକଟରେ residential plot sqft.900/- ବିକ୍ରିହେବ। 8018242542, 6370621085.** D-70808

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

**Premium duplex available for booking at Sastri Nagar, Unit-4, Bhubaneswar. Cost-1.6crore (payment in instalment as per the progress of work). Contact: 9668760280.** D-20157

**Ready to move 2BHK flat 2nd floor @25lakhs near MOUNT LITERA ZEE School, Kateni, Bhubaneswar. 9937162220.** D-20186

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed gharabari boundary ଥାଇ ପ୍ଲଟ୍ କିଣନ୍ତୁ। 7008492511.** D-69383

New 2BHK flat sale at Srusti Mansion apartment Sundarpada, Jatni mainroad side @30lakhs. 9937097791. D-70802

**Bhubaneswar, Khordha NH side Pitapalli Chhaka ନିକଟରେ plot ମିଳୁଛି। 6372852525.** D-70192

**Two rooms furnished flat at Bhubaneswar (Sundarpada), 7 km from DAV Pokhariput, Bus stand, 7 km from Airport & Lingaraj Railway station. Cost. 19 Lakh. Contact. 6371759667, 9438061163, 9437864824.** D-69977

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

**Developed demarcated gharabari plot ବାଲିଅନ୍ତା ଏବଂ ଉତ୍ତରା ନିକଟରେ କିଣନ୍ତୁ। 7008492511.** D-69384

2400sqft. Compound wall, Electricity supply, 3.5km from DN Regalia shopping mall, Kashipur, Bhubaneswar. 8249217336. D-69698

**Two BHK Flat sale at Tankapani Main Road side , near Radhika Tower, SBA 1480sqft. 500meters from Ravi Talkies & 2.5km from Kalpana Square. Plz. call only buyer. 8984304650 / 6372897984.** D-20192

to-let

**Both Ground and First floor house with 3Bedrooms to be rent for Family/ Official use at Nageswartangi residential area, BBSR-2. Contact: 9937833737.** D-20190

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

**3BHK duplex with 2Hall & vacant space having own transformer suitable for Godown/ Institute/ small scale industries up for long term lease near Tamando, Bhubaneswar. 9437014718, 9040012316.** D-69490

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-20160

healthcare

Zen SPA positively health benefits with experts therapeutic genuinely massage. 7205084157. D-70554

Swarna SPA newly open positively health benefits with expert therapist. 9556978408. D-70551

Ayurvedic full body massage by experienced (M/F) therapist. 7008773793, 8018656899. D-59982

New opening Saikrupa Panchakarma and SPA jointpain, fullbody massage, 8984068077. D-65913

Refreshing your mind & body with best therapy at Lotus SPA. 8018234866. D-59981

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

business

**Install white lable ATM in your free space and monthly earn 20000/- to 80,000/- (Agent invited). 7064182517.** D-70553

### AFFIDAVIT

By virtue of an affidavit dtd. 04.02.2021 before Notary Public, Bhubaneswar, I, Pradeepta Ghadei, Muktapur, Khordha, have changed my name from Pradeepta Kumar Ghadei to Pradeepta Ghadei for all future purposes. D-20191

### 9th Marriage Anniversary



**ପ୍ରଶାନ୍ତ ସହିତ ମଞ୍ଜୁ**
ଲୋଧାବୁଆ, ରଣପୁର, ନୟାଗଡ
ଆଜି ନବମ ବିବାହ ବାର୍ଷିକ ଶୁଭ ଅବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୁମ ଜୀବନ ସଦାସର୍ବଦା ସୁଖମୟ ଓ ଚଳାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ବାପା, ବୋଉ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୭୦୪୩୬

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୭୯,୧୨,୨୫୦ | ୨୬,୧୪,୯୭୪ | ୯,୩୬,୦୮,୮୨୭ |
| ଭାରତ | ୧,୧୨,୭୦,୭୫୦ | ୧,୫୮,୦୭୫ | ୧,୦୯,୧୬,୯୧୬ |
| ଓଡ଼ିଶା | ୩,୩୭,୮୭୦ | ୧୯୧୭(+୫୩) | ୩,୩୫,୨୫୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମହାଶିବରାତ୍ରି: ଗହଳି ରୋକିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୯।୩(ବ୍ୟୁରୋ)

ଆସନ୍ତା ୧୧ ତାରିଖରେ ମହାଶିବରାତ୍ରି ଦେଶରେ ପାଳନ କରାଯିବ। ଏହି ସମୟରେ ଶୈବପୀଠଗୁଡ଼ିକରେ ପ୍ରବଳ ଜନସମାଗମ ହୋଇଥାଏ। ଏହାଦ୍ୱାରା କୋଭିଡ୍-୧୯ ସଂକ୍ରମଣ ବଢ଼ିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଯେପରି ଅଧିକ ଲୋକ ଏକାଠି ନ ହେବେ ସେ ନେଇ କୋଭିଡ୍-୧୯ ଗାଇଡ୍‌ଲାଇନ ମୁତାବକ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ, ମହାନଗର ନିଗମ କମିଶନରଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି) ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କୋଭିଡ୍-୧୯ ମହାମାରୀ ବିପଦ ଟଳିନାହିଁ। ଏସ୍ଏଆରଏସ୍ କୋଭିଡ୍-୨ ଭୂତାଣୁ ଚିହ୍ନଟ ହେବା ପରେ ରାଜ୍ୟ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଏହି ସମୟରେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସଂକ୍ରମଣ ଆଶଙ୍କା ଥିବାରୁ ଗୋଟିଏ ସ୍ଥାନରେ ଅଧିକ ଜନସମାଗମକୁ ସରକାର ବାରଣ କରିଛନ୍ତି। ସରକାର ଫେବୃୟାରୀ ୨୭ ତାରିଖରେ ମାର୍ଚ୍ଚ ୩୧ ତାରିଖ ଯାଏ କୋଭିଡ୍ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏଥିରେ ସାମାଜିକ, ରାଜନୈତିକ, କ୍ରୀଡ଼ା, ଆମୋଦପ୍ରମୋଦ, ସାଂସ୍କୃତିକ ଏବଂ ଧାର୍ମିକ କାର୍ଯ୍ୟକ୍ରମରେ ୫୦୦ ଲୋକଙ୍କୁ ଅନୁମତି ଦିଆଯାଇଛି। ଏହାଠାରୁ ଯେପରି ଅଧିକ ଲୋକ ନ ହେବେ ସେ ନେଇ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।







# ପାରାଦୀପ ପ୍ଲାଷ୍ଟିକ ପାର୍କ ପାଇଁ ଏମ୍ଓୟୁ

ଭୁବନେଶ୍ୱର,୯।୩(ବ୍ୟୁରୋ)

ରାଜ୍ୟ ସରକାର ଡାଉନ୍‌ଷ୍ଟ୍ରିମ୍ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରି ପାଇଁ ପାରାଦୀପଠାରେ ଏକ ଶିଳ୍ପ ପାର୍କର ବିକାଶ କରୁଛନ୍ତି। ପାରାଦୀପଠାରେ ହେବାକୁ ଥିବା ଏହି ପ୍ଲାଷ୍ଟିକ ପାର୍କର ବିକାଶ ରାଜ୍ୟ ଓ କେନ୍ଦ୍ର ସହଭାଗିତାରେ ହେବ। ଏ ନେଇ ମଙ୍ଗଳବାର ଭର୍ଚୁଆଲ ପ୍ଲାଟଫର୍ମ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଇଡ୍‌କୋ ଏବଂ ଭାରତୀୟ ତୈଳ ନିଗମ(ଆଇଓସିଏଲ୍) ମଧ୍ୟରେ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଇଓସିଏଲ୍ ଦ୍ୱାରା ଓଡ଼ିଶାରେ କରାଯାଉଥିବା ପେଟ୍ରୋଲିୟମ ଓ ପେଟ୍ରୋକେମିକାଲ ପୁଞ୍ଜିନିବେଶରେ ରାଜ୍ୟ ସରକାର ସମସ୍ତପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି। ଓଡ଼ିଶାର ପଲିମର୍ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପାଇଁ ପାରାଦୀପ ପ୍ଲାଷ୍ଟିକ ପାର୍କ ଭିତ୍ତିଭୂମି ଯୋଗାଇଦେବ। ତେଣୁ ସ୍ଥାନୀୟ ଉଦ୍ୟୋଗୀ ସହଯୋଗରେ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପାଇଁ ଆଇଓସିଏଲ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଆବଶ୍ୟକ। ରାଜ୍ୟରେ ପେଟ୍ରୋକେମିକାଲ ଶିଳ୍ପର ବିକାଶ କ୍ଷେତ୍ରରେ ପ୍ଲାଷ୍ଟିକ ପାର୍କ ଆବଶ୍ୟକ ସହାୟତା କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ପାର୍କର ସଫଳତା କାମନା କରିବା ସହ ରାଜ୍ୟ ସରକାର ଏ ଦିଗରେ ଆଇଓସିଏଲ୍‌କୁ ସମସ୍ତ ସହାୟତା ଯୋଗାଇଦେବେ ବୋଲି କହିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନରେ ନିର୍ମାଣ ହେବାକୁ ଥିବା ପାରାଦୀପ ପ୍ଲାଷ୍ଟିକ ପାର୍କ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ସମ୍ଭାବନା ଆଣିବ। ରାଜ୍ୟ ସରକାର ସଂଘୀୟ ଢାଞ୍ଚାରେ କେନ୍ଦ୍ର ସରକାରଙ୍କ ସହଯୋଗ ତଥା ନିଜ ଦାୟିତ୍ୱ ନେଇ ପୂରଣ କଲେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ହେବ। ଓଡ଼ିଶାରେ ଯୁବତୀଯୁବକଙ୍କ ରୋଜଗାର ପାଇଁ ଶିଳ୍ପାୟନର ବିକାଶ ଉପରେ ଧର୍ମେନ୍ଦ୍ର ଗୁରୁତ୍ୱ ଦେବା ସହ ରାଜ୍ୟ ସରକାରଙ୍କଠାରୁ ପାରାଦୀପ ବିଶୋଧନାଗାରର ସମ୍ପ୍ରସାରଣ, ଟେକ୍ସଟାଇଲ ଶିଳ୍ପ ସ୍ଥାପନ ତଥା ରାଜ୍ୟରେ ବିଭିନ୍ନ ପେଟ୍ରୋକେମିକାଲ ଓ ଅନ୍ୟାନ୍ୟ ଶିଳ୍ପାୟନର ଅଭିବୃଦ୍ଧି ନେଇ ସହାୟତା ଲୋଡ଼ିଛନ୍ତି। ପାରାଦୀପ ରିଫାଇନେରିର କ୍ଷମତା ୧୫ରୁ ୨୫ ମିଲିୟନ ଟନ୍‌କୁ ବୃଦ୍ଧି କରିବା ତଥା ପାରାଦୀପରେ ବିଶୋଧନାଗାରର ସମ୍ପ୍ରସାରଣ ଏବଂ ନାପତା କ୍ରାକର ପ୍ରକଳ୍ପ ପାଇଁ ଜାଗା ଯୋଗାଇଦେବା, ବୟନ ଶିଳ୍ପ ପ୍ରତିଷ୍ଠା, ପେଟ୍ରୋକେମିକାଲ ଶିଳ୍ପର ଅଭିବୃଦ୍ଧି ଏବଂ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ସ୍ଥାପନ ପାଇଁ ରାଜ୍ୟ ସରକାର ସହଯୋଗୀ ହୁଅନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ପାରାଦୀପଠାରେ ୧୦୬.୭୮ କୋଟି ଟଙ୍କା ବ୍ୟୟରେ ୧୨୦ ଏକର ଜମିରେ ଇଣ୍ଡିଆନ ଅଏଲ ଏବଂ ଇଡ୍‌କୋର ମିଳିତ ଉଦ୍ୟମରେ ଏହି ପ୍ଲାଷ୍ଟିକ୍ ପାର୍କ ନିର୍ମାଣ ହେବ। ଏହି ପାର୍କ ପ୍ଲାଷ୍ଟିକର ଆମଦାନୀକୁ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଆଇଓସିଏଲ୍ ୪୦ କୋଟି ଟଙ୍କା ବ୍ୟୟରେ ଏକ ବିକାଶ ସଂସ୍ଥା ତିଆରି କରିଛି। ଏଠାରେ କାରଖାନା ପ୍ରତିଷ୍ଠା କରିବା ପାଇଁ ଆସୁଥିବା ଶିଳ୍ପସଂସ୍ଥାଗୁଡ଼ିକ ବୈଷୟିକ ଓ ଆନୁଷଙ୍ଗିକ ସହୟତା ପାଇପାରିବେ। ପାରାଦୀପ ସମେତ ଓଡ଼ିଶାର ଖୋର୍ଦ୍ଧା, ବାଲେଶ୍ୱର, ବ୍ରହ୍ମପୁର, କଟକ ଜିଲାରେ ପ୍ଲାଷ୍ଟିକ ଆଧାରିତ ଶିଳ୍ପସମୂହ ଗଢ଼ି ଉଠିଥିବା ବେଳେ ରାଜ୍ୟରେ ଏହି ଶିଳ୍ପର ସ୍ଥାପନ ନିମନ୍ତେ ଇନିସିଏଟିଭ୍ ଦେବାକୁ ଇଣ୍ଡିଆନ ଅଏଲକୁ ଦାୟିତ୍ୱ ଦିଆଯାଇଛି। ଏହାଦ୍ୱାରା ପ୍ଲାଷ୍ଟିକ ପାର୍କ ପାଇଁ ଶସ୍ତାରେ କଞ୍ଚାମାଲ ମିଳିଲେ ବିଶେଷ କରି ଓଡ଼ିଆ ଯୁବକମାନେ ଉଦ୍ୟମୀ ହେବାର ପ୍ରଚେଷ୍ଟା କରିବେ । ଏଥିପାଇଁ ଇଣ୍ଡିଆନ ଅଏଲ ଜାତୀୟ ବଜାରରୁ ମେଟ୍ରିକ୍ ଟନ୍ ପିଛା ୨ ହଜାର ଟଙ୍କାରେ କଞ୍ଚାମାଲ କିଣି ଓଡ଼ିଶାର ଶିଳ୍ପ ସଂସ୍ଥାକୁ ଯୋଗାଇବ । ସେମାନଙ୍କ ପାଇଁ ବୟନଶିଳ୍ପ ପ୍ରତିଷ୍ଠା କରି ରାଜ୍ୟରେ ସୁଯୋଗ ଦେବାର ଆବଶ୍ୟକତା ରହିଛି । ଓଡ଼ିଶାରେ ପ୍ଲାଷ୍ଟିକ ଶିଳ୍ପ ଓ ବୟନଶିଳ୍ପ ପାଇଁ ଇସ୍ପାତ୍ ଶିଳ୍ପର ମିଡିଲ୍ ହୁକ୍ ଲାଗି ଏବେ ଇଣ୍ଡିଆନ ଅଏଲ ୨୬ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।




- ପଲିମର୍ ଇଣ୍ଡଷ୍ଟ୍ରି ଭିତ୍ତିଭୂମି ସହାୟତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ:ମୁଖ୍ୟମନ୍ତ୍ରୀ
- ପ୍ଲାଷ୍ଟିକ ପାର୍କ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ସମ୍ଭାବନା ଆଣିବ: ଧର୍ମେନ୍ଦ୍ର

୧୨୦ ଏକର ଜାଗାରେ ୧୦୭ କୋଟି ଟଙ୍କା ବ୍ୟୟରେ ଉକ୍ତ ପ୍ଲାଷ୍ଟିକ ପାର୍କ ନିର୍ମାଣ ହେବ। ଏହି ପ୍ରକଳ୍ପ ପାରାଦୀପର ବୃହତ ପିସିପିଆଇଆର(ପେଟ୍ରୋଲିୟମ କେମିକାଲ ଏବଂ ପେଟ୍ରୋକେମିକାଲ ପୁଞ୍ଜିନିବେଶ ଅଞ୍ଚଳ) ପରିସର ଭୁକ୍ତ। ଏଥିରେ ୫୦୦ କୋଟି ଟଙ୍କାର ବିଭିନ୍ନ ଆକାରର ୨୫ଟି ଶିଳ୍ପ ଅନ୍ତର୍ଭୁକ୍ତ ହୋଇ ପାରିବ। ଏଥିରେ ପ୍ରାୟ ୧୬୦୦ ନିଯୁକ୍ତି ସୃଷ୍ଟି ହୋଇ ପାରିବ। ଏହି ପାର୍କ ଫଳରେ ଓଭନ ସାକ, ପ୍ଲାଷ୍ଟିକ ପାଇପ, ଇଞ୍ଜେକ୍ସନ ମୋଲ୍ଡ କମ୍ପୋନେଣ୍ଟ, ଫିଲ୍ମ, ପାଉଚେସ, ପ୍ୟାକିଂ ପ୍ରଡକ୍ଟ ଏବଂ ଅନ୍ୟାନ୍ୟ ପ୍ଲାଷ୍ଟିକ ଉତ୍ପାଦ ମାନୁଫାକ୍ଚରିଂ କରାଯାଇ ପାରିବ। ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇ କହିଛନ୍ତି ଯେ ଓଡ଼ିଶା ଏକ ବୃହତ ଶିଳ୍ପ ହବରେ ପରିଣତ ହେବାକୁ ଯାଉଛି। ଏମ୍ଓୟୁ ସ୍ୱାକ୍ଷର ବେଳେ ଲୋକସେବା ଭବନରେ ଉନ୍ନୟନ କମିଶନର, ଆଇସିଏଲ ସିଏମଡି, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି), ଆଇଓସିଏଲ ଅଧକ୍ଷ ଏସ୍ଏନ ବୈଦ୍ୟ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଶିଳ୍ପ ବିଭାଗ ପ୍ରମୁଖ ସଚିବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଡକୋ ସିଏମଡି ଧନ୍ୟବାଦ ଦେଇଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

ନୂଆପଡା ଅଫିସ୍,୯।୩

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନୂଆପଡା ଗସ୍ତରେ ଆସିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ବାହାରି ପୂର୍ବାହ୍ନ ୧୦.୪୦ରେ ନୂଆପଡା ଜିଲା ଗୋତମା ଏୟାର ଷ୍ଟ୍ରିପ୍‌ରେ ପହଞ୍ଚିବେ। ସେଠାରୁ ସେ ତିଖାଲି ଡ୍ୟାମ୍ ନିକଟକୁ ଯାଇ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହାପରେ ମୁଖ୍ୟମନ୍ତ୍ରୀ ଖଡିଆଳର ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆରେ ଆୟୋଜିତ ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ସେ ଜିଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରାୟ ୪ହଜାର କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିବା ସମ୍ଭାବନା ରହିଛି।

# ମହିଳା ସଂରକ୍ଷଣ ବିଲ୍ ଆଣନ୍ତୁ ସରକାର: ସସ୍ମିତ

ନୂଆଦିଲ୍ଲୀ, ୯।୩

ନେତୃତ୍ୱ ନେବା କ୍ଷେତ୍ରରେ ମହିଳାଙ୍କୁ ଅଗ୍ରାଧିକାର, ଲିଙ୍ଗଗତ ସମାନତା ଓ ମାନବ ଚାଲାଣ ରୋକିବା ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର। ମଙ୍ଗଳବାର ପାର୍ଲାମେଣ୍ଟରେ ବଜେଟ ଅଧିବେଶନର ଶୂନ୍ୟ କାଳରେ ସସ୍ମିତ ମାନବ ଚାଲାଣ(ନିରୋଧ, ସୁରକ୍ଷା ଓ ଥଇଥାନ) ବିଲ୍ ପାସ୍ କରାଇବାକୁ ପ୍ରସ୍ତାବ ରଖିଥିଲେ। ୨୦୧୮ରେ ଏହି ବିଲ୍ ଲୋକ ସଭାରେ ପାରିତ ହୋଇଥିଲା। ୨୦୧୯ରେ ଲୋକ ସଭା ଭଙ୍ଗ ହେବାରୁ ତାହା ଆଇନରେ ପରିଣତ ହୋଇପାରି ନ ଥିଲା। ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ମାନବ ଚାଲାଣ ବିରୋଧୀ ଆଇନ ବେଶ ସହାୟକ ହେବ ବୋଲି ସେ କହିଥିଲେ। ଏଥିସହ ପାର୍ଲାମେଣ୍ଟ ଓ ବିଧାନସଭାରେ ୩୩ ପ୍ରତିଶତ ସିଟ୍ ସଂରକ୍ଷିତ ରଖିବାକୁ ସରକାର ମହିଳା ସଂରକ୍ଷଣ ବିଲ୍ ଆଣିବା ଉଚିତ ବୋଲି ସସ୍ମିତ କହିଥିଲେ।




Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

Product shown in the picture may vary from actual product available in the market. Accessories shown in the picture are not part of standard equipment. All features may not be part of all variants. #Finance Scheme facility is subject to Finance Company Policy and is available through preferred finance partners at their sole discretion. Finance Scheme is available on select models for select profile of customers as per financier policy. No two offers can be clubbed together. All schemes are available for the limited time period & can be withdrawn from the market without any prior notice. ^Card EMI offer available only under Brand EMI option on Pine Labs POS. Offer available as per Bank's Terms and conditions & Once per Card, scheme can be withdrawn anytime without prior notice. **Conditions apply.

Honda Exclusive Authorized Dealerships: ANGUL: Laxmi Honda - 8908010431, 8908025000; TALCHER: Anupama Honda - 06760-242181, 7852930592; DHENKANAL: Ganpati Honda - 7852949320, 7852949310; ANANDPUR: Pritam Honda - 9437876766, 7504045272; PARJANG: Hari Omm Honda - 8917420998.
For Bulk/Institutional enquiries, please write us at: institutionalsales@honda2wheelersindia.com

ଆମେ ଯାହାକୁ ହିନ୍ଦୁ ଧର୍ମ କହୁ- ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ- ଏହା ହେଉଛି ବିଶ୍ୱଜନୀନ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ- ତେବେ ତାହା ସନାତନ ହୋଇ ପାରେନାହିଁ। -ଶ୍ରୀଅରବିନ୍ଦ

# ନିର୍ଦ୍ଦୋଷରେ ଏତେ ବର୍ଷ

ଆମେରିକାର ଏକ ବେସରକାରୀ ସଙ୍ଗଠନ 'ଫ୍ରିଡମ୍ ହାଉସ୍' ନିକଟରେ ଏକ ରିପୋର୍ଟରେ ଭାରତକୁ ସ୍ୱାଧୀନ ସ୍ତରରୁ ଆଂଶିକ ସ୍ୱାଧୀନ ସ୍ତରକୁ ଖସାଇଦେଇଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ରାଜନୈତିକ ଅଧିକାର ଓ ସ୍ୱାଧୀନତା ସମ୍ପର୍କରେ ଏହି ସଂସ୍ଥା ତଥ୍ୟ ସଂଗ୍ରହ କରି ରିପୋର୍ଟ ପ୍ରସ୍ତୁତ କରିଥାଏ। ଭାରତରେ କିଛିବର୍ଷ ହେବ ରାଜନୈତିକ ଅଧିକାର ଓ ନାଗରିକଙ୍କ ସ୍ୱାଧୀନତାକୁ ଦବାଇ ଦିଆଯାଉଥିବାରୁ ଅନ୍ତର୍ଜାତୀୟ ସ୍ତରରେ ଏହି ଦେଶର ଭାବମୂର୍ତ୍ତି ମଳିନ ହୋଇଯାଇଛି। ନିକଟରେ ଟୁଲ୍‌କିଟ୍ ଘଟଣାକୁ ନେଇ ପରିବେଶ କର୍ମୀ ଦିଶା ରବିଙ୍କୁ ଗିରଫ କରାଯିବା ଏବଂ କୃଷକ ଆନ୍ଦୋଳନରେ ଭାଗ ନେଇଥିବା ବେଳେ ସିଙ୍ଘୁ ସୀମାରେ ୨୪ ବର୍ଷୀୟା ଦଳିତ ଅଧିକାର କର୍ମୀ ନୋଦୀପ କୌରଙ୍କ ଗୁପ୍ତାଙ୍ଗରେ ପୁରୁଷ ପୋଲିସ ଲାଠି ପୂରାଇଦେବା ଭଳି ଲୋମଟାଙ୍କୁରା ଘଟଣା ଭାରତରେ ଅଭିବ୍ୟକ୍ତି ସ୍ୱାଧୀନତାର ପ୍ରକୃତ ଚିତ୍ରକୁ ଦର୍ଶାଇଛି। ଦିଶା ଓ କୌରଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ପ୍ରମାଣିତ ନ ହେବାରୁ ଉଭୟ ଜେଲରୁ ମୁକୁଳିଛନ୍ତି। ଏବେ ଗୁଜରାଟର ସୁରଟସ୍ଥିତ ଏକ ଅଦାଲତ ୧୨୭ ଜଣ ମୁସଲମାନଙ୍କ ବିରୋଧରେ ୨୦ ବର୍ଷ ଧରି ଥିବା ମାମଲାରେ ସେମାନଙ୍କୁ ଦୋଷମୁକ୍ତ କରିଛନ୍ତି। ନିଷିଦ୍ଧ ଘୋଷିତ ଷ୍ଟୁଡେଣ୍ଟ୍ସ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ସହ ଏମାନେ ସମ୍ପୃକ୍ତ ଥିଲେ ବୋଲି ପୋଲିସ କହିଥିଲା। ୨୦୦୧ରେ ଏକ କର୍ମଶାଳାରେ ଯୋଗଦେବାକୁ ଭାରତର ବିଭିନ୍ନ ପ୍ରାନ୍ତରୁ ମୁସଲମାନ ସମ୍ପ୍ରଦାୟର ଏହି ବ୍ୟକ୍ତିମାନେ ସୁରଟ ଯାଇଥିବା ବେଳେ କାର୍ଯ୍ୟକ୍ରମର ପୂର୍ବଦିନ ଗିରଫ ହୋଇଥିଲେ। ଇତିମଧ୍ୟରେ ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଘଟିସାରିଛି। ସବୁଠାରୁ ବଡ଼ କଥା ଯେ, ସୁରଟର ସ୍ଥାନୀୟ ଅଦାଲତ ନ୍ୟାୟ ଅପେକ୍ଷାରେ ଥିବା ଏହି ବ୍ୟକ୍ତିଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ପ୍ରମାଣିତ ନ ହେବାରୁ ସେମାନଙ୍କୁ ଦୋଷମୁକ୍ତ କରିଛନ୍ତି। ଅନ୍ୟ ଏକ ଘଟଣାରେ ଉତ୍ତରପ୍ରଦେଶ ଆଗ୍ରାର ବିଷ୍ଣୁ ତିୱାରୀ ନାମକ ଜଣେ ବ୍ୟକ୍ତି ୨୦ ବର୍ଷ ଜେଲ ଜୀବନ କଟାଇବା ପରେ ଆଲ୍ଲାହାବାଦ ହାଇକୋର୍ଟ ତାଙ୍କୁ ଗତ ଜାନୁୟାରୀରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ନିଜ ଗାଁର ଜଣେ ମହିଳା ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିବା ପରେ ଏସ୍‌ସି/ଏସ୍‌ଟି ଅତ୍ୟାଚାର ଆଇନ ବଳରେ ତାଙ୍କୁ ଦଣ୍ଡିତ କରାଯାଇଥିଲା। ଅଭିଯୋଗ ଆସିବା ସମୟରେ ସମ୍ପୃକ୍ତ ଯୁବକଙ୍କୁ ମାତ୍ର ୨୩ ବର୍ଷ ହୋଇଥିଲା। ସେ ଏବେ ନିଜ ସାନ ଭାଇଙ୍କୁ ଛାଡ଼ିଦେଲେ ପରିବାରର ସମସ୍ତଙ୍କୁ ହରାଇଛନ୍ତି।

ସ୍ୱାଧୀନ ଭାରତରେ ପୋଲିସ ଓ ନ୍ୟାୟ ବ୍ୟବସ୍ଥାକୁ ବିଦ୍ରୂପ କରିବା ଲାଗି ଉପରିଲିଖିତ ଘଟଣାଗୁଡ଼ିକ ଯଥେଷ୍ଟ ବୋଲି କୁହାଯାଇପାରିବ। ଦୋଷ ନ କରି ନ୍ୟାୟ ଅପେକ୍ଷାରେ ଥିବା ଏହିଭଳି ଅନେକ ବ୍ୟକ୍ତି ଜେଲର ଚାରିକାନ୍ଥ ମଧ୍ୟରେ ଶଢ଼ୁଛନ୍ତି। କିଛି ବର୍ଷ ହେବ ଦେଖାଯାଉଛି, ବ୍ୟବସ୍ଥାକୁ ବିରୋଧ ବା ସମାଲୋଚନା କରିବା ଯୋଗୁ ଅନେକଙ୍କ ବିରୋଧରେ ରାଷ୍ଟ୍ରଦ୍ରୋହ ମାମଲା ରୁଜୁ କରି ଦିଆଯାଉଛି। ଏ କ୍ଷେତ୍ରରେ ସରକାରଙ୍କୁ ବହୁଳ ମାତ୍ରାରେ ପୋଲିସ ଓ ନ୍ୟାୟବ୍ୟବସ୍ଥାରୁ ସମର୍ଥନ ମିଳୁ ଥିବାରୁ ନିର୍ଦ୍ଦୋଷ ବ୍ୟକ୍ତିମାନେ ଯନ୍ତ୍ରଣା ଦେଇ ଗତି କରୁଛନ୍ତି। ଅଳ୍ପଦିନ ତଳେ ଜାମିନ ପାଇଥିବା ୮୧ ବର୍ଷୀୟ ୱାରୱାରା ରାଓଙ୍କ ବିଷୟ ଅନେକେ ଜାଣିଥିବେ।

୨୦୦୧ ମସିହାରେ ସୁରଟରେ ଏକ କର୍ମଶାଳାରେ ଯୋଗଦେବାକୁ ଯାଇଥିବା ମୁସଲମାନଙ୍କ ବିରୋଧରେ କୌଣସି ପ୍ରମାଣ ନ ଥାଇ ପୋଲିସ କିଭଳି ସେମାନଙ୍କୁ ଗିରଫ କଲା, ତାହାର ବିଧିବଦ୍ଧ ତଦନ୍ତ ହେବା ଦରକାର। କୋର୍ଟ ମଧ୍ୟ ଉପଯୁକ୍ତ ପ୍ରମାଣ ନ ପାଇ ସେମାନଙ୍କୁ ନ୍ୟାୟ ଦେବାରେ ଯେଉଁ ଘୋର ବିଳମ୍ବ କରିଛି ସେଥିପାଇଁ କିଏ ଦାୟୀ ରହିବେ ବିଚାର କରାଯିବା ଉଚିତ। ନ୍ୟାୟ ବ୍ୟବସ୍ଥାରେ ଅନ୍ୟାୟ ହେଉଥିଲେ ତାହାକୁ ଜଗିବାର ବ୍ୟବସ୍ଥା ସୃଷ୍ଟି କରାଯାଇ ନାହିଁ। ସାଧାରଣତଃ ଘର ନିର୍ମାଣ କ୍ଷେତ୍ରରେ ସ୍ଥିରୀକୃତ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ନ ସରିଲେ ବିଳମ୍ବ ଲାଗି ଅର୍ଥଦଣ୍ଡର ବ୍ୟବସ୍ଥା ଥାଏ। ସେହିଭଳି ନ୍ୟାୟ ବ୍ୟବସ୍ଥାରେ ମଧ୍ୟ ଭିନ୍ନ ଭିନ୍ନ ଅପରାଧ ସକାଶେ ନିର୍ଦ୍ଦିଷ୍ଟ ସମୟ ଅତିକ୍ରମ କଲେ ତାହା ଫାଷ୍ଟ୍ ଟ୍ରାକ୍ ମୋଡ୍‌କୁ ଅଣାଯିବାର ବ୍ୟବସ୍ଥା ରଖାଯିବା ଆବଶ୍ୟକ।

କୁହାଯାଏ, 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ'। ସୁରଟ ଓ ଆଗ୍ରା କଥାକୁ ଦେଖିଲେ ନିର୍ଦ୍ଦୋଷ ଥାଇ ୨୦ ବର୍ଷ ଧରି ଜେଲ ଜୀବନ କଟାଇବା ଦ୍ୱାରା ସେମାନଙ୍କ ବ୍ୟକ୍ତି ସ୍ୱାଧୀନତା ସମ୍ପୂର୍ଣ୍ଣ ଭାବେ କ୍ଷୁଣ୍ଣ ହୋଇଛି। ଏବେ ନ୍ୟାୟାଳୟ ଅତି ସରଳ ଭାବେ କହିଦେଉଛନ୍ତି ଯେ, ଏମାନଙ୍କ ବିରୋଧରେ କୌଣସି ଦୋଷ ଥିବା ପ୍ରମାଣିତ ନ ହେବାରୁ ସେମାନଙ୍କୁ ମୁକ୍ତ କରିଦିଆଗଲା। ଏକ ସ୍ୱାଧୀନ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ନ୍ୟାୟପାଳିକା କିଭଳି କାର୍ଯ୍ୟ କରୁଛି ଏଥିରୁ ବୁଝାପଡ଼ିଯାଉଛି। ସାମ୍ବାଦିକ ଅର୍ଣ୍ଣବ ଗୋସ୍ୱାମୀ ହୁଅନ୍ତୁ ବା କୌଣସି ବଡ଼ ଶିଳ୍ପପତିଙ୍କ ମାମଲାର ଶୁଣାଣି ଲାଗି ବିଚାରପତିମାନେ ରାତିଅଧିଆ କାମରେ ଲାଗିଯାଉଛନ୍ତି। କିନ୍ତୁ ସାଧାରଣ ଲୋକଙ୍କ ଜୀବନ ସେମାନଙ୍କ ପାଇଁ କୌଣସି ମାନେ ରଖୁ ନାହିଁ। ସୁରଟ ଓ ଆଗ୍ରା କଥା ଦେଖିଲେ ଏବେ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବ୍ୟକ୍ତିଙ୍କ ଜେଲରେ କଟିଥିବା ଦୀର୍ଘ ବର୍ଷ ଫେରାଇବ କିଏ ?

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ମାର୍ଚ୍ଚ ୧୯୯୬**

- ବାଂଲାଦେଶର ପ୍ରମୁଖ ବିରୋଧୀ ଦଳ ପକ୍ଷରୁ ଦେଶବ୍ୟାପୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସହଯୋଗ ଆନ୍ଦୋଳନ ଆରମ୍ଭ।
- ମ୍ୟୁନିକ୍ ବିମାନବନ୍ଦରଠାରେ ୧୦୦ ଜଣ ଯାତ୍ରୀ ଥିବା ଏକ ବିମାନକୁ ଦୀର୍ଘ ୬ ଘଣ୍ଟା ଧରି ଅପହରଣ କରି ରଖିବା ପରେ ୪ ଜଣ ଚେଚେନୀୟ ଅପହରଣକାରୀ ଆତ୍ମସମର୍ପଣ କରିଛନ୍ତି।
- ମଣିପୁରରେ ସାଧାରଣ ସମ୍ପତ୍ତି ନଷ୍ଟ କରୁଥିବା ଦୁର୍ବୃତ୍ତଙ୍କୁ ଦେଖିଲା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | C | | 3 | | | 1 | 8 | | | | | E |
| 3 | | 1 | A | D | | | 8 | | | 5 | | | | C |
| | | B | | | | 7 | | 3 | A | 9 | | | | |
| | 7 | | | | | | | B | | D | 2 | | 8 | |
| | | A | 8 | | 0 | | | | | C | B | 1 | | |
| | | | 9 | 6 | | B | | | D | 7 | | | E | |
| | | 0 | | 3 | | A | C | 7 | 6 | | | | | 1 |
| | 9 | | 4 | | | | | | C | | A | | 3 | D |
| | 6 | 3 | 0 | | 2 | 1 | E | | | | 8 | | | 7 |
| 1 | B | | | | | | | | 9 | | | | | 8 |
| | A | | | 9 | | | B | | 2 | | | C | | |
| 9 | | | | | 8 | D | 4 | | | | | | | |
| | 5 | | | E | | 3 | | 0 | | A | | | | |
| | | E | 5 | C | | | | | 7 | B | | | | |
| 2 | | | | | D | 6 | | | 0 | | 1 | | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 6 | 0 | 5 | 8 | E | 9 | 1 | D | 4 | 2 | 7 | C | A |
| 5 | 7 | D | 6 | 9 | B | 4 | 0 | C | A | 8 | 1 | 2 | 3 | E |
| 1 | 9 | 0 | 4 | E | 2 | D | A | B | 7 | C | 3 | 6 | 8 | 5 |
| 2 | 4 | A | C | D | 3 | 7 | 5 | 8 | E | B | 6 | 1 | 9 | 0 |
| C | E | 8 | A | 1 | 7 | 6 | 2 | 3 | 9 | 5 | 0 | 4 | B | D |
| D | 2 | 7 | 9 | 8 | 6 | B | 4 | E | 1 | A | C | 0 | 5 | 3 |
| A | C | 4 | 7 | 0 | 1 | 2 | 3 | 6 | 8 | D | 5 | 9 | E | B |
| B | 3 | 5 | D | 2 | A | 9 | 1 | 0 | 4 | 7 | E | 8 | 6 | C |
| 9 | 6 | 1 | 5 | C | E | 8 | 7 | A | 0 | 3 | B | D | 4 | 2 |
| 8 | 0 | E | B | 3 | 4 | C | D | 5 | 6 | 2 | 9 | A | 1 | 7 |
| 4 | 1 | B | 3 | 7 | D | 5 | C | 9 | 2 | 6 | A | E | 0 | 8 |
| E | D | C | 2 | A | 5 | 1 | 6 | 4 | 3 | 0 | 8 | B | 7 | 9 |
| 0 | A | 2 | 8 | B | 9 | 3 | E | 7 | 5 | 1 | 4 | C | D | 6 |
| 7 | 5 | 9 | 1 | 6 | C | 0 | 8 | 2 | B | E | D | 3 | A | 4 |
| 6 | 8 | 3 | E | 4 | 0 | A | B | D | C | 9 | 7 | 5 | 2 | 1 |

ଗତକାଲିର ଉତ୍ତର

# ଶ୍ରମିକଙ୍କୁ ଉପେକ୍ଷା କାହିଁକି



ଡ. ଅସୀମା ସାହୁ

ଆମ ଦେଶର ଅର୍ଥନୀତି ଶ୍ରମିକଙ୍କ ଶ୍ରମଦାନ ଉପରେ ବହୁ ମାତ୍ରାରେ ନିର୍ଭରଶୀଳ। ସେନ୍‌ସସ୍ ଆଣ୍ଡ ଇକୋନମିକ୍ ଇନ୍‌ଫର୍‌ମେଶନ୍ ସେଣ୍ଟରର ୨୦୨୦ ରିପୋର୍ଟ ଅନୁସାରେ ଭାରତରେ ପାଖାପାଖି ୫୦ କୋଟି ୧୦ ଲକ୍ଷ ଶ୍ରମିକ ଅଛନ୍ତି। ସେଥିରୁ ୯୪ ଶତକଡ଼ା ଅସଙ୍ଗଠିତ ଶ୍ରମିକ ଥିବାବେଳେ ମାତ୍ର ୬ ଶତକଡ଼ା ହେଲେ ସଙ୍ଗଠିତ ଶ୍ରମିକ। ବିଡ଼ମ୍ବନା ଏତିକି ଯେ, ଶିକ୍ଷା, ସ୍ୱାସ୍ଥ୍ୟବୀମା, ଖାଦ୍ୟ ସୁରକ୍ଷା, କୌଶଳ, ପେନ୍‌ସନ, ପିଏଫ୍ ତଥା ଜବ୍ ସିକ୍ୟୁରିଟି ବା ଚାକିରି ସୁରକ୍ଷା ଆଦି ସାମାଜିକ ସୁରକ୍ଷାଗୁଡ଼ିକର ସୁବିଧା ଏଇ ସ୍ୱଳ୍ପ ସଙ୍ଗଠିତ ଶ୍ରମିକମାନେ ପାଉଛନ୍ତି। ଅଥଚ ବିଶାଳ ଅସଙ୍ଗଠିତ ଶ୍ରମିକ ସର୍ବନିମ୍ନ ଜୀବନଧାରଣର ସୁବିଧା ସୁଯୋଗରୁ ଆଜି ମଧ୍ୟ ବଞ୍ଚିତ। କରୋନା ମହାମାରୀ ପାଇଁ ଲକ୍ଷ ଲକ୍ଷ ଶ୍ରମିକ ଜୀବିକା ହରାଇ ଘରକୁ ଫେରିଛନ୍ତି। ପ୍ରବାସୀଙ୍କ କର୍ମନିଯୁକ୍ତି ଚାହିଦା ବୃଦ୍ଧି ପାଉଛି। କୃଷି କ୍ଷେତ୍ରରେ ପ୍ରବଳ ଶ୍ରମ ଯୋଗାଣର ଚାପ ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି। କୋଭିଡ୍ ପରବର୍ତ୍ତୀ ଅର୍ଥନୈତିକ ସଙ୍କୋଚନ ସମୟରେ ଆଗତ ହୋଇଥିବା କେନ୍ଦ୍ର ବଜେଟ ୨୦୨୧-୨୨ରେ ମଧ୍ୟ ଅଣସଙ୍ଗଠିତ ଏଇ ବିଶାଳ ଶ୍ରମଶକ୍ତିକୁ ଅବହେଳା କରିବା ଅର୍ଥନୀତିଜ୍ଞଙ୍କୁ ନିରାଶ କରିଛି।

ଆଶ୍ଚର୍ଯ୍ୟର କଥା ହେଲା, ଲକ୍‌ଡାଉନ୍ ସମୟରେ ନିଯୁକ୍ତି ସଂକ୍ରାନ୍ତୀୟ ଗବେଷଣା କଲାବେଳେ ଅସଙ୍ଗଠିତ ଶ୍ରମିକଙ୍କ ବାବଦରେ କୌଣସି ତଥ୍ୟ ସଂଗ୍ରହ ହୋଇ ନ ଥିବା ଭଳି ବିଷମ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଲା। ଏପରି କି ସଂସଦରେ ସରକାର ସ୍ୱୀକାର କଲେ ଯେ, କୋଭିଡ୍ ସମୟରେ କେତେ ଲୋକ କର୍ମସଂସ୍ଥାନ ହରାଇ ନିଜ ଗାଁକୁ ଲେଉଟି ଥିଲେ ତାହାର ହିସାବ ତାଙ୍କ ପାଖରେ ନାହିଁ। ଅଥଚ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏଇ ଶ୍ରମିକମାନଙ୍କର ଅବଦାନ ଅତୁଳନୀୟ। ଅବଶ୍ୟ ଚଳିତ ୨୦୨୧-୨୨ ବଜେଟରେ ଅସଙ୍ଗଠିତ ଶ୍ରମିକମାନଙ୍କର ଏକ ଜାତୀୟ ଡାଟା ବେସ୍‌ର ପ୍ରସ୍ତୁତି ପାଇଁ ୧୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଗିଗ୍ ବା ନିର୍ମାଣ ଶ୍ରମିକଙ୍କ ପାଇଁ ନୂଆ ପୋର୍ଟାଲ୍ ବ୍ୟବସ୍ଥା କଥା କୁହାଯାଇଛି। ଏହା ଦ୍ୱାରା ସ୍ୱାସ୍ଥ୍ୟ, ବାସଗୃହ, କୌଶଳ, ବୀମା ଋଣ ଏବଂ ଖାଦ୍ୟ ନିରାପତ୍ତା ବାବଦରେ ଯୋଜନା ପ୍ରଣୟନ କରାଯାଇପାରିବ। ହେଲେ ଏପରି ପୋର୍ଟାଲ୍ କେତେଦୂର ସକ୍ଷମ ହୋଇପାରିବ ତାହା ସମୟ ସାପେକ୍ଷ। ଗିଗ୍ ଏବଂ ପ୍ଲାଟଫର୍ମ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ଭାରତରେ ଏକ ଯୋଜନା ପ୍ରଚଳିତ ହୋଇଛି। ସାରା ବିଶ୍ୱରେ ଏପରି ଯୋଜନା ପ୍ରଥମ ବୋଲି ଦାବି କରାଯାଉଛି। ମାତ୍ର ବାସ୍ତବ କ୍ଷେତ୍ରରେ ୨୦୧୯ ଓ ୨୦୨୦ରେ ସଂସଦରେ କିଛି ଲେବର୍ କୋଡ୍ ପାସ୍ ହୋଇଥିଲା ; ଯାହା କି ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଓ ସାର୍ବଜନୀନ ମଜୁରି ପାଇଁ ଉଦ୍ଦିଷ୍ଟ ଥିଲା। ତେଣୁ ଦାବି କରାଯାଉଥିବା ଚଳିତ ଯୋଜନାରେ ସେସବୁ ସୁରକ୍ଷା କୋଡ୍‌ର ଏହା ଏକ ପୁନରାବୃତ୍ତି ମାତ୍ର। କାରଣ ଏଥିପାଇଁ କୌଣସି ବ୍ୟୟ ବରାଦ କରାଯାଇ ନାହିଁ। ଏହା କେବଳ ଏକ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରିବ। ଗିଗ୍ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା କମ୍ପାନୀ ତାଙ୍କ ବାର୍ଷିକ ବ୍ୟବସାୟର ୧ରୁ ୨ ଶତକଡ଼ା ଏହି ସାମାଜିକ ସୁରକ୍ଷା ପାଣ୍ଠିକୁ ପ୍ରଦାନ କରିବେ। କେନ୍ଦ୍ର ତଥା ରାଜ୍ୟ ସରକାର ମଧ୍ୟ ଏହି ପାଣ୍ଠିରେ ଅନୁଦାନ ଦେବେ। ଅସୁବିଧାଟି ହେଲା, ଏହି କୋଡ୍‌ରେ ପ୍ଲାଟ୍‌ଫର୍ମ, ଗିଗ୍ କିମ୍ବା ଅସଙ୍ଗଠିତ ଶ୍ରମିକଙ୍କର ସଂଜ୍ଞାକୁ ଆଦୌ ନିରୂପଣ କରାଯାଇନାହିଁ। ତେଣୁ ହିତାଧିକାରୀ ଚିହ୍ନଟ ନ ହେବା କାରଣରୁ ଯୋଜନାଟି ଏକ ପ୍ରହସନରେ ପରିଣତ ହେବା ଅସମ୍ଭବ ନୁହେଁ।

ଚଳିତ ବଜେଟରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପାଇଁ ୧୩,୩୦୬.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ; ଯାହା କି ୨୦୨୦-୨୧ ବଜେଟ ତୁଳନାରେ ୪୧୩ କୋଟି ଟଙ୍କା କମ୍। ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପାଇଁ ପ୍ରଚଳିତ ବିଭିନ୍ନ ସ୍କିମ୍ ନିମନ୍ତେ ୧୧ ହଜାର ୧୦୪ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହା ମଧ୍ୟ ଗତବର୍ଷ ତୁଳନାରେ ୩.୪ ଶତକଡ଼ା କମ୍। ଆଶା କରାଯାଉଥିଲା ସରକାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ପାଇଁ ଅଧିକ ଧ୍ୟାନ ଦେବେ। ମାତ୍ର ସେପରି କୌଣସି ସମ୍ଭାବନା ପରିଲକ୍ଷିତ ହେଲା ନାହିଁ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କର ବଜେଟ ଭାଷଣରେ ଟେକ୍ସଟାଇଲ, ଜାହାଜ ଚଳାଚଳ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ରରେ ବିଭିନ୍ନ ସ୍କିମ୍ ଘୋଷଣା କରି ବୃହତ୍ ନିଯୁକ୍ତି ସମ୍ଭାବନାର ପ୍ରତିଶ୍ରୁତି ଦେଲେ। ଆସନ୍ତା ତିନିବର୍ଷରେ ୭ଟି ବୃହତ୍ ଟେକ୍ସଟାଇଲ୍ ପାର୍କ ବା ମେଗା ଇନ୍‌ଭେଷ୍ଟମେଣ୍ଟ ଟେକ୍ସଟାଇଲ୍ ପାର୍କ/ମିତ୍ରା ପ୍ରତିଷ୍ଠା ପାଇଁ ଘୋଷଣା କରାଗଲା। ନିଯୁକ୍ତି ପାଇଁ ଏପରି 'ଶ୍ରମ ସଘନ' ସ୍କିମ୍ ନିଶ୍ଚିତ ଭାବରେ ଏକ ସୁଖବର। ଅର୍ଥାତ୍ ଏଠାରେ ନିଯୁକ୍ତିର ସମ୍ଭାବନା ଅଧିକ। ମାତ୍ର ଏଥିରେ ହୋଇଥିବା ବ୍ୟୟବରାଦ ଅତ୍ୟନ୍ତ ସ୍ୱଳ୍ପ। ସଡ଼କ ପରିବହନ ଏବଂ ରାଜପଥ ଓ ଅର୍ଥନୈତିକ କରିଡର ଏବଂ ଜାତୀୟ ରାଜପଥ ପାଇଁ ୧ ଲକ୍ଷ ୮ ହଜାର ୨୩୦ କୋଟି ଟଙ୍କା ବ୍ୟୟବରାଦ କରାଗଲା। ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବା ପାଇଁ ସରକାରୀ/ ବେସରକାରୀ ସହଯୋଗିତା ଢାଞ୍ଚାରେ ୧୮ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଗଲା। ଏ ସମସ୍ତ ସ୍କିମ୍ ଏବଂ ପଦକ୍ଷେପ ନିଶ୍ଚିତ ଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। କିନ୍ତୁ ତାହା ଏତେ ଶୀଘ୍ର ସମ୍ଭବ ନୁହେଁ। ଏପରି ବିଳମ୍ବିତ ପ୍ରକ୍ରିୟାରେ ଏବେର ବେକାର ଶ୍ରମିକ କରିବେ କ'ଣ ? ତୁରନ୍ତ ନିଯୁକ୍ତିର ଆଶା କ୍ଷୀଣ ଲାଗୁଛି। ସେହିପରି ବୃହତ୍ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ 'ପୁଞ୍ଜି ସଘନ'। ଏଥିରେ ମେଶିନ୍‌ର ବହୁଳ ବ୍ୟବହାର ହୁଏ। ଅଧିକ ଶ୍ରମିକଶକ୍ତି ଅନାବଶ୍ୟକ। ଚଳିତ ବଜେଟରେ ପୁଞ୍ଜି ସଘନ ଉତ୍ପାଦନ ପାଇଁ ବିପୁଳ ବ୍ୟୟ ବରାଦ କରାଯାଇଛି।

ଏବେ ଆସନ୍ତୁ ଏମ୍‌ଏସ୍‌ଏମ୍‌ଇ ବା 'ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ'ର କଥା ବିଚାର କରିବା। ଦେଶର ଅସଙ୍ଗଠିତ ଶ୍ରମ ଶକ୍ତିର ଶତକଡ଼ା ୪୦ ଭାଗ ଏମ୍‌ଏସ୍‌ଏମ୍‌ଇରେ ନିଯୁକ୍ତି ପାଇଥାନ୍ତି। ଲକ୍‌ଡାଉନ କାରଣରୁ ଏସବୁ ଉଦ୍ୟୋଗ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କିଛି ଦେବାଳିଆ ହୋଇଯାଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ପାଇଁ ଚଳିତ ବଜେଟରେ ଦିଆଯାଇଥିବା ସହାୟତା ରାଶି ସମୁଦ୍ରକୁ ଶଙ୍ଖେ ପାଣି ଭଳି। ଗତବର୍ଷ ବଜେଟ ଅନୁସାରେ ବ୍ୟୟ ହୋଇଥିବା ୭ ହଜାର ୫୭୨ କୋଟି ଟଙ୍କାକୁ ପାଖାପାଖି ୨ଗୁଣିତ କରି ୧୫ ହଜାର ୭ଶହ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାର ୬୪ ଭାଗ ଏମ୍‌ଏସ୍‌ଏମ୍‌ଇ ଜରୁରୀ ଋଣ ରେଖା ବା ଏମରଜେନ୍ସି କ୍ରେଡିଟ୍ ଲାଇନକୁ ସୁନିଶ୍ଚିତ କରିବା ପାଇଁ ଖର୍ଚ୍ଚ ହେବ। ଏଥିରେ ପଞ୍ଜୀକୃତ ବ୍ୟବସାୟୀ, ଉଦ୍ୟୋଗ, ବ୍ୟକ୍ତିଗତ ଉଦ୍ୟୋଗ ଏବଂ ମୁଦ୍ରାଋଣ ନିମନ୍ତେ ବନ୍ଧକ ଶୂନ୍ୟ ଋଣ ଦେବାର ବ୍ୟବସ୍ଥା ରହିଛି। ମାତ୍ର ମୂଳ ଅସୁବିଧାଟି ହେଲା ଅଧିକାଂଶ ଶ୍ରମିକ ବା ଉଦ୍ୟୋଗ ଆଜିଯାଏ ପଞ୍ଜୀକୃତ ହୋଇ ନାହାନ୍ତି। ତେଣୁ ସେମାନେ ନିଶ୍ଚିତ ଋଣ ପାଇବାରୁ ବଞ୍ଚିତ ହେବେ।

ଗ୍ରାମୀଣ ଶ୍ରମିକ ପରିବାର କଥା ବିଚାର କଲେ ଜଣାଯାଏ, ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ବର୍ଷରେ ୧୦୦ ଦିନ ସୁନିଶ୍ଚିତ ନିଯୁକ୍ତି ଦେବା ପାଇଁ ପ୍ରଚଳିତ ଯୋଜନାରେ ୧୪ କୋଟି ୪୦ ଲକ୍ଷ ଶ୍ରମିକ ନିଯୁକ୍ତି ପାଇଥାନ୍ତି। ଲକ୍‌ଡାଉନ୍ ସମୟରେ ଅନେକ ପ୍ରବାସୀ ନିଜ ନିଜ ଗାଁକୁ ଫେରିଆସି ଏହି ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାର ସୁବିଧା ନେବା ପାଇଁ ଦରଖାସ୍ତ ପ୍ରଦାନ କରିଥିଲେ। ଇଣ୍ଡିଆ ସ୍ପେଣ୍ଡର ତଥ୍ୟ ଅନୁଯାୟୀ ୯୭ଲକ୍ଷ ପରିବାରଙ୍କୁ ସେ ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏରେ ନିଯୁକ୍ତି ମିଳି ନ ଥିଲା। ଏ ପରିସ୍ଥିତିରେ ଜୁନ୍ ୨୦୨୦ରେ ଏମ୍‌ଜିଏନ୍‌ଆର୍‌ଇଜିଏ ପାଇଁ ସେ ବର୍ଷର ମୂଳ ବଜେଟର ବ୍ୟୟବରାଦ ସହ ସଂଶୋଧିତ ବଜେଟରେ ରେକର୍ଡ ୬୧ ହଜାର ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଗଲା। ଅର୍ଥାତ୍ ଗତବର୍ଷ ସମୁଦାୟ ୧ ଲକ୍ଷ ୧୧ ହଜାର ୫୦୦ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିଲା। ଏ ବର୍ଷ ଏଥିପାଇଁ ୭୩ ହଜାର କୋଟି ଟଙ୍କା ରଖାଯାଇଛି। ଅର୍ଥାତ୍ ପୂର୍ବାପେକ୍ଷା ୩୫ ଶତକଡ଼ା କମ୍। କୋଭିଡ୍‌ର କଳାଛାଇ ହଟି ନାହିଁ। ଗ୍ରାମାଞ୍ଚଳରେ ଶ୍ରମ ବଜାର ଚାପଗ୍ରସ୍ତ ଅବସ୍ଥାରେ ଅଛି। ସେ ଅବସ୍ଥାରେ ଏମ୍‌ଜିଏନ୍‌ଆର୍‌ଇଜିଏ ପାଇଁ ବ୍ୟୟ ହ୍ରାସ କରିବା ଉଚିତ ହୋଇନାହିଁ। ସେପରି ଦେଖିବାକୁ ଗଲେ ଗତବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏ ପାଇଁ ହୋଇଥିବା ପରିବର୍ଦ୍ଧିତ ବ୍ୟୟବରାଦ ଦେଶର ସମସ୍ତ ଜବ୍‌କାର୍ଡଧାରୀ ପରିବାରଗୁଡ଼ିକୁ ବର୍ଷର ୧୦୦ ଦିନ ନିଯୁକ୍ତି ଦେବା ପାଇଁ ଯଥେଷ୍ଟ ନ ଥିଲା।

ସେଣ୍ଟର ଫର୍ ମନିଟରିଙ୍ଗ ଇଣ୍ଡିଆନ ଇକୋନମିର ସମୀକ୍ଷା ଅନୁସାରେ ୨୦୧୯ ଆର୍ଥିକ ବର୍ଷ ଅପେକ୍ଷା ୨୦୨୦ରେ ଭାରତର କୃଷିକ୍ଷେତ୍ରରେ ଅସ୍ୱାଭାବିକ ଭାବେ ଅଧିକ କର୍ମ ନିଯୁକ୍ତି ହୋଇଥିଲା। ପୂର୍ବବର୍ଷ ଅପେକ୍ଷା ତାହା ୩.୫ ଶତକଡ଼ା ଅଧିକ ଥିଲା। କାରଣ ସହରାଞ୍ଚଳର ଅଣକୃଷିକ୍ଷେତ୍ରର ନିଯୁକ୍ତି ମହାମାରୀ କାରଣରୁ ହ୍ରାସ ପାଇଥିଲା। ତେଣୁ ଆଶା କରାଯାଉଥିଲା କି ସହରାଞ୍ଚଳରେ ମଧ୍ୟ ମନରେଗା ଅନୁରୂପ କିଛି କାର୍ଯ୍ୟକ୍ରମ କରିବା ପାଇଁ ବଜେଟରେ ବ୍ୟୟବରାଦର ବ୍ୟବସ୍ଥା ରହିବ। ଏହାଦ୍ୱାରା କୃଷି କ୍ଷେତ୍ର ଅସ୍ୱାଭାବିକ ଶ୍ରମ ଚାପରୁ ମୁକ୍ତ ହେବ। ମାତ୍ର ତାହା ହେଲା ନାହିଁ। ତେଣୁ ସହରାଞ୍ଚଳରେ ନିଶ୍ଚିତ ରୋଜଗାର ସୃଷ୍ଟି କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରାଯାଇଛି। ଅବଶ୍ୟ ଓଡ଼ିଶା, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ ତଥା କେରଳରେ ଏମ୍‌ଜିଏନ୍‌ଆର୍‌ଇଜିଏ ଅନୁରୂପ କର୍ମନିଯୁକ୍ତି ଯୋଜନା ସହରାଞ୍ଚଳରେ ରାଜ୍ୟଗୁଡ଼ିକ ଦ୍ୱାରା ଲାଗୁ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଅସଙ୍ଗଠିତ ଶ୍ରମିକ ପ୍ରତିଦିନ ଚିନ୍ତା ଓ ଆହ୍ୱାନରେ ଜୀବିକାର୍ଜନ କରିବା ନିଶ୍ଚିତ ଏକ ଅର୍ଥନୀତି ପ୍ରତି ଉଦ୍‌ବେଗର ବିଷୟ। ପଞ୍ଜୀକୃତ ହୋଇ ନ ଥିବା କାରଣରୁ ଭାରତୀୟ 'ଲେବର-ଲ' ବା ଶ୍ରମ ଆଇନ ସେମାନଙ୍କୁ ନିଜ ପରିସରଭୁକ୍ତ କରିପାରୁ ନାହିଁ। ନିଯୁକ୍ତିଦାତାଙ୍କ ଶୋଷଣ, ମନମୁଖି କାର୍ଯ୍ୟକଳାପ ସହ ବୀମା, ପେନ୍‌ସନ, ପିଏଫ ଓ ଜବ୍ ସିକ୍ୟୁରିଟିର ଅଭାବ ଦ୍ୱାରା ସେମାନେ ମାନସିକ ଚାପର ଶିକାର ହେଉଛନ୍ତି। ତେଣୁ ଅସଙ୍ଗତି ଦୂରୀକରଣ ପାଇଁ ଉଭୟ କେନ୍ଦ୍ର ତଥା ରାଜ୍ୟର ମିଳିତ ପ୍ରୟାସ ଓ ପ୍ରୋତ୍ସାହନର ଆବଶ୍ୟକତା ଉପଲବ୍ଧି ହୁଏ। ନୀତି ପ୍ରଣୟନ ବା ବଜେଟ ଉପସ୍ଥାପନ ବେଳେ ଆମ ଶ୍ରମିକ ଭାଇମାନଙ୍କର ମୌଳିକ ସୁବିଧା ସୁଯୋଗ ପ୍ରତି ଧ୍ୟାନ ଦେବା ସହ ପଞ୍ଜୀକରଣ ପାଇଁ ନିଷ୍ପାପର ଉଦ୍ୟମ କଲେ ଭଲ ହୁଅନ୍ତା।

ମଧୁବନ, ବାରିପଦା,
ମୟୂରଭଞ୍ଜ, ମୋ: ୯୪୩୭୩୮୦୭୭୦

# ଜଙ୍ଗଲ ନିଆଁ ଓ ଜନ ସହଭାଗିତା



ଘାସିରାମ ପଣ୍ଡା

ଖରାଦିନେ ଜଙ୍ଗଲରେ ନିଆଁ ଲାଗିବା ନୂଆ କଥା ନୁହେଁ। ପିଲାବେଳେ ରାତିରେ ଦୂର ପାହାଡ଼ର ନିଆଁ ଦେଖି କ'ଣ ବୋଲି ପଚାରିଲେ ବୟସ୍କ ଲୋକେ ଥଟ୍ଟାରେ 'ମାଙ୍କଡ଼ ବିହା' ବୋଲି କହୁଥିଲେ। କହିବାବାହୁଲ୍ୟ ଜଙ୍ଗଲରେ ମାଙ୍କଡ଼ଙ୍କ ବାହାଘର ହେଉଛି ଓ ସେମାନେ ଆଲୁଅ କରିଛନ୍ତି ବୋଲି ଆମେ ବୁଝି ଯାଉଥିଲୁ। ଏହି ଜଙ୍ଗଲ ନିଆଁ ଆପେ ଲିଭୁଥିଲା ନଚେତ୍ ଗାଁ ଲୋକେ ଲିଭଉଥିଲେ। ଜଙ୍ଗଲ ବିଭାଗ ପାଖରେ କେବେ ବି ଏତେ ସମ୍ବଳ ଓ ସାମର୍ଥ୍ୟ ନ ଥିଲା ଯେ, ସେମାନେ ଏକା ନିଆଁକୁ ନିୟନ୍ତ୍ରଣ କରିପାରୁଥିଲେ। ହେଲେ ଜଙ୍ଗଲ ପରିଚାଳନାରେ ଲୋକଙ୍କ ଏହି ଯୋଗଦାନକୁ ବିଭାଗ ସର୍ବଦା ଅଣଦେଖା କରି ଆସିଛି। ଯୁଗ୍ମ ଜଙ୍ଗଲ ପରିଚାଳନା ନୀତିରେ ବନବାସୀଙ୍କ ସହଯୋଗ ବିନା ଜଙ୍ଗଲ ସମ୍ପଦର ସଂରକ୍ଷଣ ସମ୍ଭବ ନୁହେଁ ବୋଲି ବିଭାଗୀୟ ସ୍ୱୀକାରୋକ୍ତି ରହିଛି। ଏହାସତ୍ତ୍ୱେ ବିଭାଗ କ୍ଷମତା ହସ୍ତାନ୍ତର କରିବାକୁ ନାରାଜ। ଯୁଗ୍ମ ଜଙ୍ଗଲ ପରିଚାଳନାରେ ଗଠିତ ବନ ସଂରକ୍ଷଣ ସମିତିଗୁଡ଼ିକରେ ଗ୍ରାମବାସୀ, ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ସାମିଲ କରାଯାଏ। ହେଲେ ଫରେଷ୍ଟର ଏହାର ସମ୍ପାଦକ ହୋଇ ସବୁ ପ୍ରକାରର ନିୟନ୍ତ୍ରଣ କରନ୍ତି। ଜଣେ ଜଙ୍ଗଲ ବିଭାଗ ସଚିବଙ୍କ ପ୍ରଚେଷ୍ଟାରେ ଏଥିରେ ପରିବର୍ତ୍ତନ କରାଯାଇ ଗ୍ରାମବାସୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ କ୍ଷମତା ପାଇଁ ବିଭାଗ ଏତେ ବ୍ୟାକୁଳ ଥିଲା ଯେ, ସେହି ସଚିବଙ୍କ ବଦଳି ପରେ ପୁଣି ଥରେ ଫରେଷ୍ଟରମାନଙ୍କୁ ସମ୍ପାଦକ କରାଯିବା ପାଇଁ ନୀତିରେ ପରିବର୍ତ୍ତନ କରାଗଲା।

ଆମ ରାଜ୍ୟର ଚାଳିଶ ଭାଗ ଅଞ୍ଚଳ ଆଦିବାସୀବହୁଳ। ଏହି ସବୁ ଅଞ୍ଚଳରେ ହିଁ ବିଶେଷ ଭାବେ ଜଙ୍ଗଲ ରହିଛି। ଜଙ୍ଗଲ ସହ ଲୋକଙ୍କ ଅର୍ଥନୀତି, ସଂସ୍କୃତି, ସାମାଜିକ ବ୍ୟବସ୍ଥା ଓତପ୍ରୋତ ଭାବେ ଜଡ଼ିତ। ସେମାନଙ୍କର ବାର୍ଷିକ ଆୟର ପଚାଶ ପ୍ରତିଶତ ପର୍ଯ୍ୟନ୍ତ ଜଙ୍ଗଲରୁ ଆସେ। ଏଣୁ ଏ ସବୁର ସୁରକ୍ଷା ଓ ପରିଚାଳନା ତଥା ମାଲିକାନା ପାଇଁ ସେହି ଅଞ୍ଚଳର ଗ୍ରାମସଭାକୁ ଦାୟିତ୍ୱ ପ୍ରଦାନପୂର୍ବକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପଞ୍ଚାୟତ ସମ୍ପ୍ରସାରଣ ଆଇନ ପ୍ରଣୟନ କରାଯାଇଛି। ୧୯୯୬ରୁ ଆଦିବାସୀଙ୍କ ହାତରେ ସମ୍ବଳ ପରିଚାଳନା ପାଇଁ ଥିବା ଏହି ଆଇନ ଏବେ ବି ପ୍ରଶାସନିକ ସ୍ୱୀକୃତି ପାଉ ନାହିଁ। ଆମ ରାଜ୍ୟର ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଜିଲା ସମ୍ପୂର୍ଣ୍ଣ ଓ ସମ୍ବଲପୁର, କେନ୍ଦୁଝର, କନ୍ଧମାଳ, ଗଜପତି, ଗଞ୍ଜାମ, କଳାହାଣ୍ଡି, ବାଲେଶ୍ୱରର ଆଂଶିକ ଅଞ୍ଚଳ ଏହି ଆଇନ ଦ୍ୱାରା ପରିଚାଳିତ। ଏହା ସତ୍ତ୍ୱେ ଜଙ୍ଗଲ ନିଆଁର ନିୟନ୍ତ୍ରଣ ପାଇଁ ହେଉଥିବା ଆର୍ଥିକ ବ୍ୟବସ୍ଥା ବିଷୟରେ ସୂଚିତ କରିବା ବା ନିଆଁ ନିୟନ୍ତ୍ରଣରେ ଗ୍ରାମସଭାକୁ ସାମିଲ କରିବାର କୌଣସି ନଜିର ଏ ଅଞ୍ଚଳରେ ନାହିଁ।

ଆଦିବାସୀ ଓ ଅନ୍ୟାନ୍ୟ ବନବାସୀଙ୍କ ଜଙ୍ଗଲ ଉପରେ ଥିବା ପାରମ୍ପରିକ ଅଧିକାରକୁ ସ୍ୱୀକୃତି ଦେବା ପାଇଁ ୨୦୦୬ରେ ଜଙ୍ଗଲ ଅଧିକାର ଆଇନ ପ୍ରଣୀତ ହେଲା। ଏହା ଗ୍ରାମ୍ୟଗୋଷ୍ଠୀକୁ ବ୍ୟବହୃତ ଅଞ୍ଚଳର ପରିଚାଳନା ତଥା ସଂରକ୍ଷଣର ଅଧିକାର ପ୍ରଦାନ କରିଛି। ଏଥି ସହିତ ଜଙ୍ଗଲ ଓ ବନ୍ୟ ପ୍ରାଣୀଙ୍କୁ କ୍ଷତି ନ ହେଲା ଭଳି ସମସ୍ତ ପଦକ୍ଷେପ ନେବାକୁ ଗ୍ରାମସଭାକୁ ଦାୟିତ୍ୱ ସମ୍ପନ୍ନ କରାଯାଇଛି। ଏପରି କି ଜଙ୍ଗଲ ଅଞ୍ଚଳର ପରିଚାଳନା ଯୋଜନା ଗ୍ରାମସଭା ତିଆରି କରିବେ ଓ ସେହି ଅନୁସାରେ ଜଙ୍ଗଲ ବିଭାଗ ନିଜ ଯୋଜନାରେ ପରିବର୍ତ୍ତନ ଆଣିବେ ବୋଲି ଉଲ୍ଲେଖ ରହିଛି। ବନ ସଂରକ୍ଷଣ ସମିତିରେ ଜଙ୍ଗଲ ଉପରେ କେବଳ ବ୍ୟବହାରିକ ଅଧିକାର ଦିଆଯାଇଥିବା ବେଳେ ଜଙ୍ଗଲ ଅଧିକାର ଆଇନ ସମ୍ପୂର୍ଣ୍ଣ ମାଲିକାନା ସ୍ୱତ୍ୱ ପ୍ରଦାନ କରିଛି। ଯେଉଁଠି ଲୋକଙ୍କୁ ଏହି ଅଧିକାର ଅନୁଯାୟୀ ଦାୟିତ୍ୱ ମିଳିଛି, ସେଠି ଜଙ୍ଗଲ ସୁରକ୍ଷିତ ରହିଛି। ଶିମିଳିପାଳ ହିଁ ଏହାର ଉଦାହରଣ। ଶିମିଳିପାଳରେ ଯେଉଁ ସବୁ ଅଞ୍ଚଳରେ ଗୋଷ୍ଠୀଗତ ଅଧିକାରର ଶିରୋନାମା ଦିଆଯାଇଛି ଲୋକେ ନିଜ ନିୟନ୍ତ୍ରଣକୁ ଜଙ୍ଗଲକୁ ଆଣିଛନ୍ତି। ସେହିସବୁ ଅଞ୍ଚଳରେ ଜଙ୍ଗଲ ନିଆଁ ଲାଗିଥିଲେ ବି ଲୋକେ ଜଙ୍ଗଲକୁ ପୋଡ଼ିବାରୁ ରକ୍ଷା କରିଛନ୍ତି। ଅପରପକ୍ଷରେ ଯେଉଁ ଗ୍ରାମଗୁଡ଼ିକୁ ବିସ୍ଥାପିତ କରାଯାଇଛି ଓ ଯେଉଁ ସବୁ ଅଞ୍ଚଳ ବନ ବିଭାଗ ନିୟନ୍ତ୍ରଣରେ ଅଛି ତାହା ବନାଗ୍ନି କବଳିତ ହୋଇଛି।

ଜନ ସହଭାଗିତା ବିନା ଏତେ ବଡ ଅଞ୍ଚଳକୁ ଠିକ୍ ପରିଚାଳନା କରିବା କଷ୍ଟକର, ଏହା ଜାଣି ବି ବିଭାଗ ଅଜଣା ହେଉଛି। ଲୋକ ଓ ବିଭାଗ ଭିତରେ ବିଶ୍ୱାସ ତୁଟୁଛି। ଲୋକେ ମହୁଲ ଗୋଟେଇବା ବେଳେ ନିଆଁ ଲଗଉଥିବା ଜଙ୍ଗଲ ବିଭାଗ ଅଭିଯୋଗ କରୁଥିବା ବେଳେ ବନୀକରଣ ଓ କେନ୍ଦୁପତ୍ର ଗୋଛା କଟେଇର ଦୁର୍ନୀତିକୁ ଲୁଚେଇବା ପାଇଁ ବିଭାଗର କର୍ମଚାରୀ ନିଆଁ ଲଗଉଥିବାର ଲୋକେ ପାଲଟା ଅଭିଯୋଗ କରନ୍ତି। ହେଲେ ଏକଥା ବୁଝିଯିବା ଦରକାର ଯେ, ଯଦି ଲୋକେ ସମ୍ବଳକୁ ନଷ୍ଟ କରିବାକୁ ଚାହିଁବେ ତେବେ ବିଭାଗ ଯେତେ ବଳ ଖଟେଇଲେ ବି ରକ୍ଷା କରିପାରିବ ନାହିଁ ଏବଂ ଯେଉଁଠି ଲୋକେ ସୁରକ୍ଷା ଦେବା ପାଇଁ ଆଗେଇ ଆସିବେ ସେଠି ବିନା ବ୍ୟୟରେ ସମ୍ବଳର ଠିକ୍ ପରିଚାଳନା ସମ୍ଭବ ହେବ। ଏବେ ବିଭାଗକୁ ବାଛିବାକୁ ହେବ ସେମାନେ କେଉଁ ଉପାୟ ଅବଲମ୍ବନ କରିବେ।

ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ଆକଳନ ଅନୁଯାୟୀ ରାଜ୍ୟ ତନିଚତୁର୍ଥାଂଶ ଗ୍ରାମ ଜଙ୍ଗଲ ଭିତରେ ବା ଆଖପାଖରେ ଅଛି। ଏ ସମସ୍ତଙ୍କୁ ଜଙ୍ଗଲ ଅଧିକାର ଆଇନ ଅନୁସାରେ ପରିଚାଳନା ଅଧିକାର ମିଳିଲେ ମୋଟ ଜଙ୍ଗଲର ପ୍ରାୟ ଚାଳିଶ ଭାଗ ଅଞ୍ଚଳ ଲୋକଙ୍କ ହାତକୁ ଚାଲିଯିବ। ଏହାଦ୍ୱାରା ଜଙ୍ଗଲ ପରିଚାଳନାରେ ଜନ ସହଭାଗିତା ସୁନିଶ୍ଚିତ କରାଯାଇପାରିବ। ସମ୍ବଳର ପରିଚାଳନାରୁ ଗ୍ରାମ୍ୟ ପାଣ୍ଠି ତିଆରି ଓ ସାମୂହିକ ଉନ୍ନତିର ବାଟ ଫିଟିବ। ବିଜ୍ଞାନର ଅଗ୍ରଗତିରେ ବୈଷୟିକ ଜ୍ଞାନ ପ୍ରୟୋଗ ପୂର୍ବକ ଜଙ୍ଗଲରେ ନିଆଁର ଦୈନିକ ସ୍ଥିତି ଜାଣି ହେଉଛି। ଅଥଚ ମାନସିକତାର ଅଭାବରେ ଲୋକଙ୍କ ସହଯୋଗ ନିଆଯାଇ ନ ପାରି ନିଆଁକୁ ଆୟତ୍ତ କରାଯାଇ ପାରୁନାହିଁ। ଏବେ ଗଠିତ ଟାସ୍କଫୋର୍ସ ଏ ଦିଗ ପ୍ରତି ଦୃଷ୍ଟିଦେବାର ଆଶା କରାଯାଏ।

ସୁବର୍ଣ୍ଣପୁର
ମୋ: ୯୪୩୮୩୪୧୭୯୪

## ଏଇ ଭାରତରେ

ଲକ୍‌ଡାଉନ୍ ସମୟରେ ଅନେକ ବ୍ୟକ୍ତି ପ୍ରବାସୀ ଶ୍ରମିକମାନଙ୍କୁ ଖାଦ୍ୟ ଯୋଗାଇବାଠାରୁ ଆରମ୍ଭ କରି ଘରେ ପହଞ୍ଚାଇବା ଯାଏ କାର୍ଯ୍ୟ କରିଛନ୍ତି। କିନ୍ତୁ ଏହି ସମୟରେ ସମ୍ପୂର୍ଣ୍ଣ କ୍ଷତି ସହୁଥିବା କୃଷକମାନଙ୍କ ପାଇଁ ଠିଆ ହୋଇଥିଲେ ଚଣ୍ଡିଗଡ଼ର ରୁଚିତ ଗର୍ଗ। ଲକ୍‌ଡାଉନ୍‌ରେ ସେ ଦେଶରେ ୨୩ ଲକ୍ଷ କୃଷକଙ୍କୁ ସେମାନଙ୍କ ଉତ୍ପାଦ ବିକ୍ରି କରିବାରେ ସାହାଯ୍ୟ କରିଛନ୍ତି। ରୁଚିତଙ୍କ ଦ୍ୱାରା ପ୍ରତିଷ୍ଠିତ ଏଗ୍ରୀଟେକ୍ ଷ୍ଟାର୍ଟଅପ୍ 'ହାର୍ଭେଷ୍ଟିଂ'ମାଧ୍ୟମରେ ସମସ୍ତ କାର୍ଯ୍ୟ ସଞ୍ଚାଳନ କରାଯାଇଛି। ସେ ହାର୍ଭେଷ୍ଟିଂ ଫାର୍ମର୍ ନେଟ୍‌ୱର୍କ ନାମକ ଏକ ଟୁଇଟର ଆକାଉଣ୍ଟ ଖୋଲି ଦେଶରେ ଗରିବ କୃଷକମାନଙ୍କୁ ସେମାନଙ୍କର ଉତ୍ପାଦ ବିକ୍ରି କରିବାରେ ସାହାଯ୍ୟ କରିଥିଲେ। ରୁଚିତଙ୍କ ସମେତ ୧୫ ଜଣିଆ ଟିମ୍ ଏହି କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। କୃଷକମାନେ ମୋଟରେ ୨୩ ମିଲିୟନ ଡଲାର ମୂଲ୍ୟର କୃଷି ଉତ୍ପାଦ ଏହା ମାଧ୍ୟମରେ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି। ଏହି କାର୍ଯ୍ୟରେ ରୁଚିତଙ୍କୁ ସରକାରୀ ସଂସ୍ଥା, ଅଣ ଲାଭକାରୀ ସଂଗଠନ ଏବଂ କୃଷକ ସଂଘଗୁଡ଼ିକ ସହଯୋଗର ହାତ ବଢ଼ାଇଥିଲେ। କେବଳ କୃଷକ ନୁହନ୍ତି, ବରଂ କୃଷି ଉତ୍ପାଦ ସଂଗଠନଗୁଡ଼ିକ ବି ଏଥିରୁ ଲାଭ ପାଇପାରିଛନ୍ତି। ପ୍ରାୟ ୨୦୦ ପ୍ରକାର ଉତ୍ପାଦକୁ ଫୁଡ୍ ପ୍ରୋସେସିଂ କମ୍ପାନୀ, ହୋଟେଲ ଚେନ୍, ଫୁଡ୍ ରପ୍ତାନିକାରୀମାନେ କିଣିଛନ୍ତି। ବଡ଼ କଥା ହେଲା, କୃଷକମାନେ ୨୦,୦୦୦ କିଲୋ ଅଦା ଦକ୍ଷିଣ ଆଫ୍ରିକାକୁ ରପ୍ତାନି କରିପାରିଛନ୍ତି।

## ଚିରନ୍ତନୀ

ସକଳ ମମତା ତେଜି ନ ଖୋଜଇଁ
ମୁକତି ମାରଗ,
ହୁଅଇ ନାସ୍ତିକ ପଛେ, ନ ଲୋଡ଼ଇ
ଅପର ସ୍ୱରଗ,
କି ଆନନ୍ଦ ନିହିତ ସେ ସ୍ୱର୍ଗ ପରବାସେ,
ହୁଏ କି ତା' ସୁଷମିତ ଶିଶୁର ସୁହାସେ !
ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ-ଶଶୀ
ସେ କେଉଁ ଉର୍ବଶୀ
ପାରେ ଜିଣି
ଗରବିଣୀ ! -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ସୀମାନ୍ତ ଅଞ୍ଚଳ ଅସୁରକ୍ଷିତ


ମହାଶୟ,

ଆମ ସରକାରଙ୍କ ଅସାମର୍ଥ୍ୟକୁ ଦେଖି ପଡ଼ୋଶୀ ରାଜ୍ୟ ଆନ୍ଧ୍ର କ୍ରମଶଃ ଗଜପତି, ଗଞ୍ଜାମ ଓ କୋରାପୁଟ ଜିଲାର ସୀମାନ୍ତ ଅଞ୍ଚଳକୁ ଦଖଲ କରି ଚାଲିଛି। ସେ ଅଞ୍ଚଳର ଅଧିବାସୀମାନଙ୍କୁ ସହଜରେ ରାଶନ କାର୍ଡ, ଶସ୍ତାରେ ବିଜୁଳି, ପିଲାଙ୍କ ପାଇଁ ବିଦ୍ୟାଳୟ, ଗମନାଗମନ ପାଇଁ ରାସ୍ତାଘାଟ ମରାମତି ଓ ନିର୍ମାଣ କରିବା ଏବଂ ଚିକିତ୍ସାଳୟର ସୁବିଧା ଆଦି ଆନ୍ଧ୍ର ସରକାର ଯୋଗାଇ ଦେଉଥିବାରୁ ସେମାନେ ଆନ୍ଧ୍ରମୁହାଁ ହେବା ସ୍ୱାଭାବିକ। ଏପରି ଅବସ୍ଥାରେ ଓଡ଼ିଶାର ସୀମାନ୍ତ ଅଞ୍ଚଳସବୁ ଅସୁରକ୍ଷିତ। ଆଗକୁ ଉକ୍ତ ଜିଲାଗୁଡ଼ିକର ଅର୍ଦ୍ଧାଧିକ ଅଞ୍ଚଳକୁ ଦଖଲ କରିଯିବା କିଛି ଅସମ୍ଭବ ନୁହେଁ। ଖାଲି ବାଉଳିଚାଉଳି ହେଲେ କିଛି ବି ପ୍ରଭାବ ପଡ଼ିବନି।

-ଯଦୁ ନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବୈଷୟିକ ଶିକ୍ଷାରେ ପରିବର୍ତ୍ତନ ଜରୁରୀ



**୨୦୧୯-୨୦ ଶିକ୍ଷାବର୍ଷ ଶେଷ ବେଳକୁ କୋଭିଡ୍-୧୯ ପ୍ରଭାବ ରାଜ୍ୟରେ ଅନୁଭୂତ ହୋଇଥିଲା। ଆଜି ପର୍ଯ୍ୟନ୍ତ ଶିକ୍ଷାଦାନ ଓ କ୍ଲାସ୍‌ରୁମ୍ ବ୍ୟବସ୍ଥା ଠିକ୍ ଭାବରେ ହୋଇପାରିନାହିଁ, ଯାହାକୁ ନେଇ ସମସ୍ତେ ଚିନ୍ତିତ। ବିଶ୍ୱସ୍ତରୀୟ ବୈଷୟିକ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଆମ ପାଖରେ ସବୁ ପ୍ରକାର ସୁବିଧା ଓ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ। ମହାମାରୀ ପିଲାଙ୍କ ପଢ଼ାକୁ ସେତେଟା ପ୍ରଭାବିତ କରି ପାରି ନ ଥିଲେ ମଧ୍ୟ ଶିକ୍ଷାର ମାନ ଓ ଛାତ୍ରୀଛାତ୍ରଙ୍କ ମାନସିକତା ଉପରେ ବେଶ୍ ପ୍ରଭାବ ପକାଇଛି। ଏହି ସମୟରେ ଅନ୍‌ଲାଇନ୍ ଜରିଆରେ ଯଥାସମ୍ଭବ ସମାଧାନ ପାଇଁ ଆମେ ଉଦ୍ୟମ କରିଥିଲୁ ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେବାବେଳେ କହନ୍ତି ରାଜଧାନୀର ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନ ସି.ଭି.ରମଣ ଗ୍ରୁପ୍ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସଞ୍ଜୀବ ରାଉତ ।**




**■ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଯୋଜନା କ'ଣ?**

ଚଳିତ ଶିକ୍ଷାବର୍ଷରେ ଶିକ୍ଷା ବ୍ୟବସ୍ଥାକୁ ଆହୁରି ଅତ୍ୟାଧୁନିକ କରାଯିବ। ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି ଦ୍ୱାରା ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ନେଇ ଅନେକ ଯୋଜନା କରାଯାଇଛି। ୧୭ ଦେଶର ଛାତ୍ରୀଛାତ୍ର ଆମ ସହ ଜଡ଼ିତ ଅଛନ୍ତି। ବିଭିନ୍ନ ଦେଶର ବିଶିଷ୍ଟ ଶିକ୍ଷାବିତ୍‌ମାନେ ଏଠାରେ ଶିକ୍ଷାଦାନ କରିବାକୁ ସହମତି ପ୍ରକାଶ କରିଛନ୍ତି। ଶିକ୍ଷା କେବଳ ଚାକିରି ପାଇଁ ନୁହେଁ, ଶିକ୍ଷାର ଅନ୍ୟ ନାମ ସମାଜ ଗଠନ। ଏଥିପାଇଁ ଭଲ ମଣିଷ ଆବଶ୍ୟକ। ଭଲ ମଣିଷ ଗଢ଼ିବା ହେଉଛି ଆମର ମୂଳଲକ୍ଷ୍ୟ। ଅଭିଭାବକଙ୍କ ଭରସା ଓ ଭଲ ପାଇବା ରହିଛି।

**■ ମହାମାରୀ ବେଳେ ଅନୁଷ୍ଠାନର କର୍ମଚାରୀ କିଭଳି ପ୍ରଭାବିତ ହୋଇଥିଲେ?**

ମହାମାରୀ ସିକ୍ୟୁରିଟି ଗାର୍ଡରୁ ସୁପରିଟେଣ୍ଡେଣ୍ଟଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଆଶଙ୍କା ଓ ଭୟ ସୃଷ୍ଟି କରିଥିଲା। କାହାକୁ ଛଟେଇ କରାଯିବ ନାହିଁ ବୋଲି ସେମାନଙ୍କୁ ଆଶ୍ୱାସନା ଦେଇଥିଲି। ସମୟକୁ ଅପେକ୍ଷା କରିବା ସହ ଅନୁଷ୍ଠାନର ଅଭିବୃଦ୍ଧି ପାଇଁ ଦିନରାତି ଏକ କରିବାର ଆହ୍ୱାନ ରହିଥିଲା। ମହାମାରୀର ପ୍ରଭାବ ବିଶେଷ ଅନୁଭବ ହୋଇ ନ ଥିଲେ ମଧ୍ୟ କିଛି ମାସ ପାଇଁ ଦୂରତା ବଢ଼ିଯାଇଥିଲା, ଯାହା ଏବେ ଧୀରେ ଧୀରେ ଫେରିଆସୁଛି।

> ୧୯୯୨ ମସିହାରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଏକ ଭଡ଼ାଘରେ ପଡ଼ିଥିଲା ସି.ଭି. ରମଣ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ମୂଳଦୁଆ। ସେଇଠୁ ଆରମ୍ଭ ହୋଇଥିଲା ୨୯ ବର୍ଷର ସଫଳ ଯାତ୍ରା। ସେହି ବୈଷୟିକ ଶିକ୍ଷାନୁଷ୍ଠାନ ଆଜି ବିଶ୍ୱ ଦରବାରରେ ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ରୂପେ ଖ୍ୟାତି ଅର୍ଜନ କରିଛି।

**■ ଚଳିତ ବଜେଟରେ ଶିକ୍ଷା ପାଇଁ କ'ଣ ଅଛି?**

୨୦୨୧-୨୨ ସାଧାରଣ ବଜେଟ ଏକ ବହୁମୁଖୀ ବଜେଟ। ଏହା ଶିକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବ। ସରକାର ଦେଶର ଶିକ୍ଷା ସମେତ ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ବ୍ୟବସାୟ ଓ ବଜାର ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ଏହି ମହତକାଂକ୍ଷୀ ବଜେଟ ଉପସ୍ଥାପନ କରାଯାଇଛି।

**■ ଭୁବନେଶ୍ୱରରେ ଥିବା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ କିପରି ଦେଖୁଛନ୍ତି?**

ଶିକ୍ଷାନୁଷ୍ଠାନର ବିକାଶ ପାଇଁ ମାନସିକତାରେ ପରିବର୍ତ୍ତନ ଜରୁରୀ। କାହାକୁ ଗାଳି ନ ଦେଇ ନିଜକୁ ଶ୍ରେଷ୍ଠ କରି ଗଢ଼ିତୋଳିବା ଉପରେ ଧ୍ୟାନ ଦେବା ଭଲ। ଯେଉଁ ଶିକ୍ଷାନୁଷ୍ଠାନ ସମାଜ ମଙ୍ଗଳ ପାଇଁ ଛାତ୍ରୀଛାତ୍ରଙ୍କ ଶକ୍ତିର ସଦୁପଯୋଗ କରିପାରୁଛି ସଫଳତା ତା'ର ପଦ ଚୁମ୍ବନ କରିବ।

**■ ସି.ଭି.ରମଣର ସଫଳତାର ଶ୍ରେୟ କାହାକୁ ଦେବେ?**

ସି.ଭି.ରମଣର ଆରମ୍ଭ ପଛରେ ମୋତେ ସହଯୋଗ କରିଥିବା ଶୁଭେଚ୍ଛୁଙ୍କ ହାତ ଓ ଭଗବାନଙ୍କ ଆଶୀର୍ବାଦ ରହିଛି। ପରିବାରର ଭଲ ପାଇବା ଓ ଭରସା ସହିତ ଅନୁଷ୍ଠାନ କର୍ମଚାରୀଙ୍କ ନିଷ୍ଠାପରତା ଏବଂ ଅଭିଭାବକଙ୍କ ସହଯୋଗକୁ ମଧ୍ୟ ସଫଳତାର ଶ୍ରେୟ ଦିଆଯିବ। ମୋ ପ୍ରତିଦ୍ୱନ୍ଦ୍ୱୀ ଓ ଶୁଭଚିନ୍ତକଙ୍କ ପାଇଁ ଆଜି ସଫଳ ହୋଇପାରିଛି। କଠିନ ପରିଶ୍ରମ ଓ ଦୃଢ଼ ମାନସିକତା ସହିତ ଲୋକସମ୍ପର୍କ ମଧ୍ୟ ସଫଳତାର ଅନ୍ୟ କାରଣ ମଧ୍ୟରେ ରହିଛି।

# କ୍ଷତ ଛାଡ଼ିଯାଇଛି ମହାମାରୀ



## ତାରା ରଞ୍ଜନ ପଟ୍ଟନାୟକ

**ଫାଲ୍‌କନ୍ ଗ୍ରୁପ୍ ଅଧ୍ୟକ୍ଷ**

■ ଚାଇନାରେ କରୋନା ସଂକ୍ରମଣ ବ୍ୟାପିବା ପରେ ଏହା ମହାମାରୀର ରୂପ ନେଉଥିବା ସମ୍ପର୍କରେ ଆମ ବ୍ୟାବସାୟିକ ସହଯୋଗୀ ତୁରନ୍ତ ସୂଚନା ଦେଇଥିଲେ। ଆମ ସହଯୋଗୀ ଚିଙ୍ଗୁଡ଼ି ଚାଷୀମାନଙ୍କ ଜୀବନ ଓ ଜୀବିକା ପାଇଁ କୋଭିଡ୍-୧୯ କିପରି ବିପର୍ଯ୍ୟୟ ଆଣିପାରେ ସେ ନେଇ ମୁଁ ମଧ୍ୟ ଉଚିତ ସମୟରେ ସେମାନଙ୍କୁ ସତର୍କ କରାଇଥିଲି। ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଏବଂ ନିରାପତ୍ତା ନିୟମ ପାଳନ କରିବା ସହ ମୁଁ ସେ ସମୟରେ ଗୋଟିଏ ଫ୍ୟାକ୍ଟ୍ରିରୁ ଆଉ ଗୋଟିଏ ଫ୍ୟାକ୍ଟ୍ରି, ଗୋଟିଏ ଫାର୍ମରୁ ଅନ୍ୟ ଫାର୍ମକୁ ଯାଇ ବ୍ୟବସାୟିକ ସ୍ଥିତି ସୁଦୃଢ଼ ପାଇଁ ଚେଷ୍ଟା କଲି। ସୁରକ୍ଷା ପ୍ରାଥମିକ କାର୍ଯ୍ୟ ହୋଇଥିବାରୁ ମାନସିକ ଦୃଢ଼ତା ଭୟ ଉପରେ ବିଜୟ ଲାଭ କରିଯାଇଥିଲା। ମହାମାରୀ ବେଳେ ମୋ ସହ ବିଭିନ୍ନ ବ୍ୟବସାୟରେ ସମ୍ପୃକ୍ତ ଥିବା ଲୋକମାନଙ୍କ କଷ୍ଟ ଓ ଯନ୍ତ୍ରଣା ଦୂର କରିବାକୁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥିଲି।




■ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିକୁ ମୁଁ ସାଧୁବାଦ ଜଣାଇବି ଯେ ସେ ରାଜ୍ୟରେ ଲକ୍‌ଡାଉନ ଲଗାଇ ସ୍ଥିତି ନିୟନ୍ତ୍ରଣ କରିବାରେ ଅଗ୍ରଣୀ ହେଲେ। ଫଳରେ ମହାମାରୀ ଯୋଗୁ ସୃଷ୍ଟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ରାଜ୍ୟ ସଫଳ ହୋଇଥିଲା। ଏହା କେବଳ ଆମ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଟିମ୍‌ର ଦକ୍ଷ ପରିଚାଳନା ଯୋଗୁ ସମ୍ଭବ ହୋଇପାରିଲା। ଯଦିଓ ଲକ୍‌ଡାଉନ୍ ବେଳେ ଆମ ଇଣ୍ଡଷ୍ଟ୍ରି ପରିଚାଳନା ପାଇଁ ନିୟମରେ କିଛି କୋହଳ କରାଯାଇଥିଲା, ତେବେ ଏସବୁ ନିର୍ଦ୍ଦେଶାବଳୀ ସର୍ବନିମ୍ନ ସ୍ତରରେ ଥିବା କାର୍ଯ୍ୟ ପାଇଁ ପାଳନ କରାଯିବା ସହଜ ହେଉ ନ ଥିଲା। ଶ୍ରମଶକ୍ତି ଏବଂ ସାମଗ୍ରୀର ଠିକ୍ ପରିଚାଳନା କରି ନ ହେବାରୁ ବ୍ୟବସାୟରେ ପ୍ରଭୂତ କ୍ଷତି ମଧ୍ୟ ହୋଇଥିଲା। ଲକ୍‌ଡାଉନ ବେଳେ ବ୍ୟକ୍ତିଗତ ଯାତାୟାତ ଏକ ପ୍ରମୁଖ ପ୍ରସଙ୍ଗ ହୋଇଗଲା। ଯୋଗାଣ ବ୍ୟବସ୍ଥାର ପୁନଃସ୍ଥାପନ କ୍ଷେତ୍ରରେ ଆକଳନଠାରୁ ଯଥେଷ୍ଟ ଅଧିକ ସମୟ ଲାଗିଗଲା। କେତେକ କ୍ଷତି ନିଶ୍ଚିତ ହେବାକୁ ଥିବା ବେଳେ ଆଉ କେତେକ କ୍ଷତି ଅପୂରଣୀୟ ହୋଇଥିଲା।

■ ଭୂତାଣୁ ସଂକ୍ରମଣଜନିତ କ୍ଷୟକ୍ଷତି ଏକ ବିରାଟ କ୍ଷତ ଛାଡ଼ିଯାଇଛି। ତଥାପି ପରିସ୍ଥିତି ଧୀରେଧୀରେ ସୁଧୁରିବାରେ ଲାଗିଛି। ଜୀବନହାନି, ରୋଜଗାରଶୂନ୍ୟ ସ୍ଥିତି, ଦେଶାନ୍ତରୀ ଶ୍ରମିକମାନଙ୍କର ଖାଲି ପାଦରେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଘୁରିବୁଲିବାର ଦୃଶ୍ୟ ଏବେ ବି ଏକ ଦୁଃସ୍ୱପ୍ନ ପରି ଲାଗେ। ଭୂତାଣୁଜନିତ ମୃତ୍ୟୁ ଏତେ ନିଷ୍ଠୁର ଥିଲା ଯେ ଆମେ ମୃତକ ଆତ୍ମୀୟଙ୍କୁ ଠିକ୍‌ଭାବେ ବିଦାୟ ମଧ୍ୟ ଦେଇପାରିଲୁନି। ଆଶା କରୁଛି, ଆଉ କେହି ତାଙ୍କ ଜୀବନକାଳରେ ଏପରି ଘଟଣାର ସମ୍ମୁଖୀନ ନ ହୁଅନ୍ତୁ।

■ ଏହି ମହାମାରୀ ନିଜ ପଛରେ ବଡ଼ ସହରଗୁଡ଼ିକର ଜନଗହଳି ଓ ମାତ୍ରାଧିକ ପ୍ରଦୂଷଣ ସ୍ତର, ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗର ଅଭାବ, ସମଗ୍ର ଦେଶରେ ସ୍ୱାସ୍ଥ୍ୟସେବାର ଦୁର୍ବଳ ଭିତ୍ତିଭୂମି ପରି ବିଭିନ୍ନ ପ୍ରଶ୍ନ ଛାଡ଼ିଯାଇଛି। ଏବେ ଆମେ ଯେତେ ଆଗକୁ ଯିବା, ଆମକୁ ଏସବୁ ପ୍ରସଙ୍ଗର ଉତ୍ତର ଦେବାକୁ ହେବ। ମୁଁ ନିଶ୍ଚିତ ଯେ ଆମେ ପାରିବା ଏବଂ ନିଶ୍ଚୟ ସଫଳ ହେବା।

# ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ପ୍ରତିବାଦ




ଭୁବନେଶ୍ୱର ମହାନଗର ନିଗମର ମାତ୍ରାଧିକ ହୋଲ୍ଡିଂ ଟ୍ୟାକ୍ସ ଓ ପ୍ରପର୍ଟି ଟ୍ୟାକ୍ସ ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ ପକ୍ଷରୁ କରାଯାଇଥିବା ଆନ୍ଦୋଳନ ।

**ଭୁବନେଶ୍ୱର,୯।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ଭୁବନେଶ୍ୱରରେ ବେଆଇନ ଭାବେ ହୋଲ୍ଡିଂ ଟ୍ୟାକ୍ସ ଓ ପ୍ରପର୍ଟି ଟ୍ୟାକ୍ସ ବୃଦ୍ଧି କରାଯାଇଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଯଦି ସରକାର ଏହାକୁ ପ୍ରତ୍ୟାହାର ନ କରନ୍ତି, ତାହାହେଲେ ଆଗାମୀ ଦିନରେ ବିଏମ୍‌ସି ଅଫିସ ଘେରାଉ କରାଯିବ। ମଙ୍ଗଳବାର ଏହାର ପ୍ରତିବାଦରେ କଂଗ୍ରେସ ନେତା ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଏହି ଅବସରରେ ରାଜୀବ କହିଛନ୍ତି, ଭୁବନେଶ୍ୱର ବାସିନ୍ଦା ୨୨ ବର୍ଷ ଧରି ନବୀନ ସରକାରକୁ ସମର୍ଥନ କରୁଛନ୍ତି। ମାତ୍ର ପ୍ରତିବଦଳରେ ନବୀନବାବୁ ଭୁବନେଶ୍ୱର ବାସିନ୍ଦାଙ୍କ ତଣ୍ଟି ଚିପି ହୋଲ୍ଡିଂ ଟ୍ୟାକ୍ସ ଓ ପ୍ରପର୍ଟି ଟ୍ୟାକ୍ସ ଆଦାୟ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହା ପୂର୍ବ ଦେୟର ଦଶଗୁଣରୁ ଅଧିକ। ସ୍ଥଳବିଶେଷରେ ଏହା କୋଡ଼ିଏ ପଚିଶ ଗୁଣର ହୋଇଥିବା ମଧ୍ୟ ଦେଖାଯାଇଛି। ମହାନଗର ନିଗମ କର୍ତ୍ତୃପକ୍ଷ ଏହି ଦେୟର ଅର୍ଦ୍ଧେକ ବର୍ତ୍ତମାନ ଦେବା ପାଇଁ ମଧ୍ୟ କହୁଥିବା ଦେଖାଯାଉଛି। ଧାରା ୨୧୮ ଅନୁସାରେ ଗୋଟିଏ ମୂଲ୍ୟାୟନ ଟ୍ରିବ୍ୟୁନାଲ ଗଠନ ହେବା କଥା,

**ପ୍ରତ୍ୟାହାର ନ ହେବା ଯାଏ ଚାଲିବ ଆନ୍ଦୋଳନ: ରାଜୀବ**

ତାହା ହୋଇନାହିଁ। ଧାରା ୨୧୯ ଅନୁସାରେ ସବୁ ନାଗରିକଙ୍କୁ ନୋଟିସ ଜରିଆରେ ହିସାବ ଜଣାଇବା କଥା, ହେଲେ ତାହା ହୋଇନାହିଁ। ପ୍ରତ୍ୟେକ ଭାଲ୍ୟୁଏଶନର ଗୋଟିଏ ନିର୍ଦ୍ଦିଷ୍ଟ ସମୟସୀମା ଅଛି। ଧାରା ୨୨୩ ଅନୁସାରେ ତାହା ମଧ୍ୟ ସାଧାରଣ ନାଗରିକକୁ ଜଣାଇ ଦିଆଯିବା ଲାଗି ବ୍ୟବସ୍ଥା ରହିଛି। ସେହିପରି ଧାରା ୨୨୪ ଅନୁସାରେ କୌଣସି ବ୍ୟକ୍ତି ଏଥିରେ ସନ୍ତୁଷ୍ଟ ନ ଥିଲେ ଅଭିଯୋଗ କରିବାର ସୁଯୋଗ ରହିବା କଥା। ଏଣୁ ବିଏମ୍‌ସି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଭୁବନେଶ୍ୱର ବାସିନ୍ଦାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ କଂଗ୍ରେସ ବରଦାସ୍ତ କରିବ ନାହିଁ ବୋଲି ସେ କହିଛନ୍ତି। ବୃଦ୍ଧି ଟିକସ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ପ୍ରସଙ୍ଗରେ ଆଗାମୀ ଦିନରେ ଭୁବନେଶ୍ୱରରେ ଷ୍ଟ୍ରିଟ୍ କର୍ନର ମିଟିଂ ଏବଂ ବିଏମ୍‌ସି ଅଫିସ୍ ଘେରାଉ କରାଯିବ ବୋଲି ରାଜୀବ ସୂଚନା ଦେଇଥିଲେ।

# ଦକ୍ଷତା ବିକାଶ, ତାଲିମ ପ୍ରଦାନ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

**କଟକ ଅଫିସ,୯।୩**

କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇଠାରେ ଡିଟିଇଟି ଓ ଜାପାନଭିତ୍ତିକ କମ୍ପାନୀ ମିତ୍ସୁଟୋୟୋ ଦକ୍ଷିଣ ଏସିଆ ପ୍ରାଇଭେଟ୍ ଲିଃ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ମଙ୍ଗଳବାର ସ୍ୱାକ୍ଷରିତ ହୋଇଛି। ଏହା ୭ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ସରକାରୀ ପ୍ରଶିକ୍ଷଣ ଭିତ୍ତିଭୂମିକୁ ନବୀକରଣ କରିବା, ଶିଳ୍ପ ମେଟ୍ରୋଲୋଜି କ୍ଷେତ୍ରରେ ଦକ୍ଷତା ବିକାଶ ଓ ତାଲିମ ପ୍ରଦାନ କରିବା ଏହି ଏମ୍‌ଓୟୁର ମୂଳ ଉଦ୍ଦେଶ୍ୟ ରହିଛି। ମିତ୍ସୁଟୋୟୋ ଦକ୍ଷିଣ ଏସିଆ ପ୍ରାଇଭେଟ୍ ଲିଃ ପକ୍ଷରୁ ପାଣ୍ଠି ଯୋଗାଯିବ। ଏହି ଅର୍ଥକୁ ଉକ୍ତ ଆଇଟିଆଇରେ ତାଲିମ ପ୍ରଦାନ କ୍ଷେତ୍ରରେ ଖର୍ଚ୍ଚ କରାଯିବ ବୋଲି ଜଣାପଡ଼ିଛି। ଏହି ଏମ୍‌ଓୟୁ ସ୍ୱାକ୍ଷରିତ ସମୟରେ ଡିଟିଇଟି ନିର୍ଦ୍ଦେଶକ ରେଘୁ ଜୀ ଓ ଆଇଟିଆଇ ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି ଉପସ୍ଥିତ ଥିଲେ।

# ଓଡ଼ିଶାରୁ ଧାନ କିଣୁନି ଏଫ୍‌ସିଆଇ

**କେନ୍ଦ୍ରକୁ ଉତ୍ତର ମାଗିଲେ ଭର୍ତ୍ତୃହରି**

ନୂଆଦିଲ୍ଲୀ, ୯।୩: ଓଡ଼ିଶାରେ ଉତ୍ପାଦିତ ଧାନକୁ ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) କିଣୁ ନ ଥିବା ନେଇ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟା ମାଗିଛନ୍ତି ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ। ଏଫ୍‌ସିଆଇ କେବଳ ଓଡ଼ିଶାରୁ ଧାନ ନେବା ବନ୍ଦ କରିଛି ନା ସବୁ ରାଜ୍ୟ କ୍ଷେତ୍ରରେ ଏପରି ହେଉଛି ବୋଲି ମଙ୍ଗଳବାର ପାର୍ଲାମେଣ୍ଟ ଅଧିବେଶନର ପ୍ରଶ୍ନକାଳରେ ଭର୍ତ୍ତୃହରି ପ୍ରଶ୍ନ କରିଥିଲେ। ଯଦି ଏଫ୍‌ସିଆଇ ଏହାର କ୍ରୟ ସୀମିତ କରିଦିଏ ତେବେ କୃଷି ଉତ୍ପାଦ ବଜାର କମିଟି(ଏପିଏମ୍‌ସି) ଓ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ରହିବା ସତ୍ତ୍ୱେ କୌଣସି ଲାଭ ହେବ ନାହିଁ ବୋଲି ସେ କହିଥିଲେ। ନୂଆ କୃଷି ଆଇନରେ ଘରୋଇ ପକ୍ଷମାନଙ୍କ ପାଇଁ କୃଷି କ୍ଷେତ୍ର ଖୋଲି ଦେବା ଫଳରେ କମ୍ପାନୀ, ବ୍ୟବସାୟିକ ସଂସ୍ଥା ଓ ଟ୍ରେଡର୍ସମାନେ ନିଜ ଫାଇଦା ବଢ଼ାଇବା ପାଇଁ ସଂଘବଦ୍ଧ ହେବେ। ଏପରି ହେଲେ ସରକାର କିପରି କୃଷକଙ୍କୁ ସୁରକ୍ଷା ଦେବେ ଏବଂ ସେମାନଙ୍କ ଉତ୍ପାଦର ସର୍ବୋତ୍ତମ ଦର ନିଶ୍ଚିତ କରିବେ ବୋଲି ଭର୍ତ୍ତୃହରି ପ୍ରଶ୍ନ କରିଥିଲେ। ଓଡ଼ିଶାରୁ ଆସୁଥିବା ଯେ କୌଣସି ପ୍ରକାର ଧାନ ଏଫ୍‌ସିଆଇ କ୍ରୟ କରିବ ବୋଲି ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର କେନ୍ଦ୍ର ରାଜ୍ୟ ମନ୍ତ୍ରୀ ରାଓ ସାହେବ ଦାଦାରାଓ ଦାନଭେ ଏହାର ଉତ୍ତରରେ କହିଥିଲେ।

# ସ୍ପେଶାଲ ଡ୍ରାଇଭ: ୪୦୪ ଶିଶୁ ଉଦ୍ଧାର

କଟକ ଅଫିସ, ୯।୩- ଓଡ଼ିଶା ପୋଲିସ ପକ୍ଷରୁ ନିଖୋଜ ଶିଶୁଙ୍କ ଉଦ୍ଧାର ନିମନ୍ତେ ଚଳିତବର୍ଷ ଦ୍ୱିତୀୟଥର ଲାଗି ଗତ ଫେବୃୟାରୀ ୨୮ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ସ୍ପେଶାଲ ଡ୍ରାଇଭ କରାଯାଇଥିଲା। ଏଥିରେ ୪୦୪ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାରୁ ସର୍ବାଧିକ ୪୪, ଭଦ୍ରକ ଜିଲାରୁ ୪୧, ବାଲେଶ୍ୱରରୁ ୩୮ ଓ କଟକରୁ ୩୫ ଜଣ ଶିଶୁ ରହିଛନ୍ତି। ଉଦ୍ଧାର ଶିଶୁଙ୍କ ମଧ୍ୟରୁ ୩୩୮ ଜଣଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କଟକସ୍ଥିତ ପୋଲିସ ମୁଖ୍ୟାଳୟଠାରେ ମଙ୍ଗଳବାର ଡିଜିପି ଅଭୟ ସୂଚନା ଦେଇଛନ୍ତି। ଶିଶୁମାନଙ୍କ ନିଖୋଜ ସଂକ୍ରାନ୍ତରେ ବିଭିନ୍ନ ଥାନାରେ ମାମଲା ରୁଜୁ ହେଉଛି। ଜିଲା ଆରକ୍ଷୀ ଅଧୀକ୍ଷକମାନଙ୍କ ନିର୍ଦ୍ଦେଶକ୍ରମେ ଶିଶୁଙ୍କୁ ଉଦ୍ଧାର କରାଯାଇଛି।

# ୪ ଅଭିଯୁକ୍ତ କୋର୍ଟ ଚାଲାଣ

**କାଳିଆପାଣି,୯।୩(ଡି.ଏନ.ଏ.)**

ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ ଭୀମଟାଙ୍ଗର ଗ୍ରାମ ନିକଟସ୍ଥ ବୁଦୁବୁଦିଆ ଜଙ୍ଗଲରେ ସୋମବାର ସନ୍ଧ୍ୟାରେ ସଙ୍ଗଠିତ ଗଣ ବଳାତ୍କାର ଘଟଣାରେ ଗିରଫ ୪ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଟାଟାହଟିଂ ତାରେଣୀ ମାର୍କେଟରେ ରହୁଥିବା ସନ୍ତୋଷ କୁମାର ପୃଷ୍ଟି (୩୧), ରବି ନାଏକ(୨୦), ମଲ୍ଲାରସାହିର ସିଲୁ ମହାନ୍ତ(୨୦) ଓ କାଟେପୁର୍ତ୍ତିନଗରର ସତ୍ୟବ୍ରତ ବେହେରା(୨୦) ବୋଲି ଏସ୍‌ପି ରାହୁଲ ପି.ଆର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କାଳିଆପାଣି ଥାନାର କଲରଙ୍ଗୀ ଗ୍ରାମର ଜଣେ ଆଦିବାସୀ

**ନାବାଳିକା ଗଣବଳାତ୍କାର ଘଟଣା**

ନାବାଳିକା ତାଙ୍କ ପୁରୁଷ ସହପାଠୀଙ୍କ ସହ ବ୍ରାହ୍ମଣୀପାଳକୁ ମେଧାବୃତ୍ତି ଆଣିବାକୁ ଯାଇଥିଲେ। ସେଠାରୁ ଏକ ବସ ଯୋଗେ ଆସି ଟାଟା ବଜାରରେ ଓହ୍ଲାଇଥିଲେ। ଟାଟା ଖଣିର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଏକ ଫାଷ୍ଟଫୁଡ଼ ଦୋକାନରୁ ଚାଉମିନ ଖାଇ ପୁରୁଷ ସହପାଠୀଙ୍କ ଗାଁ କଲରଙ୍ଗୀ ଅଭିମୁଖେ ଯାଇଥିଲେ । ସନ୍ଧ୍ୟା ହୋଇ ଆସୁଥିବାରୁ ଶୀଘ୍ର ଗାଁରେ ପହଞ୍ଚିବା ପାଇଁ ଭୀମଟାଙ୍ଗର ଗ୍ରାମ ପଛ ପଟେ ଥିବା ଏକ ପାଦ ଚଲା ଗଳି ରାସ୍ତାରେ ଯାଉଥିଲେ। ଏହି ସମୟରେ ଦୁଇଟି ବାଇକରେ ୪ ଯୁବକ ସେଠାରେ ପହଞ୍ଚି ନାବାଳିକାକୁ ଟଣା ଓଟରା କରିଥିଲେ । ନାବାଳିକା ସହିତ ଯାଇଥିବା ସହପାଠୀ ସେମାନଙ୍କୁ ବିରୋଧ କରିଥିଲେ ହେଁ ସଂପୃକ୍ତ ୪ଜଣ ଯୁବକଙ୍କ ମଧ୍ୟରୁ ୨ ଜଣ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ସେମାନଙ୍କ ସହିତ ସାହସର ସହ ଲଢ଼ି ଖସି ପଳାଇ ଆସିଥିଲେ। ଏ ସମୟରେ ସେହି ରାସ୍ତାରେ ଆସୁଥିବା ଏକ ବାଇକ୍‌ର ଲାଇଟ ପଡିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏହାର ସୁଯୋଗରେ ନାବାଳିକା ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ନିକଟସ୍ଥ କାଳିଆପାଣି ଥାନାର ହୋମଗାର୍ଡ ମମତା ନାୟକ ଘରେ ପଶି ଯାଇଥିଲେ। ହୋମଗାର୍ଡ ନାୟକ ଏ ସଂକ୍ରାନ୍ତରେ ଥାନାକୁ ଖବର ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
CONTACT : 9157312448

WANTED
Looking for FIELD SALES EXECUTIVE for an International Organization with fixed salary & attractive incentive.
Call@9830366867

All 30 District Job Vacany in Odisha, Required Smart and talented with Marketing Expert
Qualification:- Graduation, BCA, BBA with Computer Knowledge, Male/Female. Age: 25 to 40, Designation:- District Manager, Salary upt Rs.30,000/- (Target Basis).
Contact - 07978922456,
Email: - bmyway.path@gmail.com

URGENT REQUIRED
EASY FINANCE
MARKETING EXECUTIVE 50 Nos
Good Salary + Incentive + Fuel + Most have 2 Wheler with DL
32-E, The Chandan Ground Floor, Ashok Nagar, BBSR, Landmark-Hotel Rail View.
0674-3569237, 7873208200, 6370928024

DHARITRI Career appointment Every Wednesday and Saturday

URGENTLY REQUIRED
OvenTop equipment Technical & Non-Technical candidate requir 17nos of Welder, Fabricator, Fitter, Gascutter, Rigeer and Helper.
Email: ovenservice012@gmail.com
MOB: 9337441769

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ଡ୍ରାଇଭର
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

MCL
MAHANADI COALFIELDS LIMITED
(A Subsidiary of Coal India Limited)
JAGRITI VIHAR, BURLA-768020, DIST-SAMBALPUR, ODISHA
Tel Phone (EPABX) - 0663-2542461 to 469 Website : www.mahanadicoal.in
Ref No:- MCL/HA/Hiring of Services/Rev.Pers./2021/736 Dt:-03/03/2021
RECRUITMENT NOTICE
Hingula Area, Mahanadi Coalfields Limited, invites applications for hiring of services on fixed consolidated remuneration basis for a period of One year from eligible citizens of India for the following Revenue related Assignments. Applications from candidates fulfilling the eligibility criteria must reach on or before 30th Mar' 2021 in the Office of the General Manager, Hingula Area, PO-NS Nagar, Angul, Odisha-759148.

| Sl. No. | Description | Consolidated Remuneration | No of Persons Required |
|---|---|---|---|
| 1. | Revenue Inspector | ₹20,000.00 PM | 03 |
| 2. | Amin | ₹15,000.00 PM | 03 |

Detailed Advertisement/ Notice with regard to Application Form, Eligibility criteria, Age, Last Date of receipt of application and other terms & conditions will be available on MCL's website: www.mahanadicoal.in shortly and Applications complete in all respect can be submitted in between 15.03.2021 to 30.03.2021. Any addendum/Corrigendum in this regard will be hosted on MCL's website and Area Notice Board only.
R-5035
General Manager, Hingula Area.

# ଭାରତୀୟ ମହିଳାଙ୍କ ସହଜ ବିଜୟ

ଲକ୍ଷ୍ନୌ,୯।୩(ପି.ଟି.)



**ଦ୍ୱିତୀୟ ଦିନିକିଆ**

■ କ୍ରମାଗତ ୧୦ ଅର୍ଦ୍ଧଶତକ ହାସଲ କରି ମାନ୍ଧନାଙ୍କ ରେକର୍ଡ

ଅଭିଜ୍ଞ ମହିଳା ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀଙ୍କ ୪ ଉଇକେଟ ସଫଳତା ପରେ ସ୍ମୃତି ମାନ୍ଧନା ଓ ପୁନମ ରାଉତଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ ଦଳ ବିଜୟୀ ହୋଇଛି। ୧୨୮ଟି ବଲ ବାକି ରଖି ଭାରତ ୯ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଏଥିସହିତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଏବେ ୧-୧ ସମାନସ୍ତରରେ ପହଞ୍ଚିଛି। ପ୍ରଥମ ଦିନିକିଆରେ ୮ ଉଇକେଟରେ ପରାସ୍ତ ହୋଇଥିବା ଭାରତ ଏଥିସହ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି।

ସ୍ଥାନୀୟ ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୪୧ ଓଭରରେ ୧୫୭ ରନକରି ଆଲଆଉଟ ହୋଇଥିଲା। ଜବାବରେ ଭାରତ ୨୮.୪ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୧୬୦ ରନକରି ବିଜୟୀ ହୋଇଥିଲା। ୧୦ ଓଭର ବୋଲିଂ କରି ୪୨ ରନ ବ୍ୟୟ କରିବା ସହ ମୂଲ୍ୟବାନ ୪ ଉଇକେଟ ନେଇଥିବା ୩୮ ବର୍ଷୀୟା ଝୁଲଣ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୮ ରନ ଟାର୍ଗେଟର ପିଛା କରି ଭାରତ ଓପନର ଜେମିମା ରୋଡ୍ରିଗୁଏଜଙ୍କୁ ପ୍ରଥମେ ହରାଇଥିଲା। ଜେମିମା ୯ ରନ କରିଥିବାବେଳେ ଶମନିମ ଇସ୍‌ମାଇଲଙ୍କ ଦ୍ୱାରା କ୍ଲିନ୍‌ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ତେବେ ଏହା ପରେ ଆଉ କୌଣସି କ୍ଷତି ହେବାକୁ ନ ଦେଇ ସ୍ମୃତି ଓ ପୁନମ୍ ଅପରାଜିତ ୧୩୮ ରନର ଶତକୀୟ ଭାଗୀଦାରି ସ୍ଥାପନ କରି ଦଳକୁ ବିଜୟୀ କରାଇଥିଲେ। ସ୍ମୃତି ୬୪ଟି ବଲ୍‌ର ସମ୍ମୁଖୀନ ହୋଇ ଆକ୍ରମଣାତ୍ମକ ବ୍ୟାଟିଂ କରି ୧୦ ଚୌକା ଓ ୩ ଛକା ସହ ଦ୍ରୁତ ୮୦ ରନକରି ଅପରାଜିତ ରହିଥିଲେ। ଏଥିସହ ମାନ୍ଧନା ଦିନିକିଆରେ ରନ୍ ଚେଜ୍ କରିବା ଅବସରରେ କ୍ରମାଗତ ୧୦ଟି ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି। ସେ ପୁରୁଷ ଓ ମହିଳା ଉଭୟ ବର୍ଗ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପ୍ରଥମ ଖେଳାଳିଭାବେ ଏହି ବିରଳ ସଫଳତା ହାସଲ କରିଛନ୍ତି। ଏହି କ୍ରମରେ ସେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସଙ୍କୁ ପଛରେ ପକାଇଛନ୍ତି। ବେଟ୍ସ ପୂର୍ବରୁ ରନ ପିଛା କରିବା ଅବସରରେ ୯ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ଦୁଇଜଣଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ପୁରୁଷ ଓ ମହିଳା ଖେଳାଳି କ୍ରମାଗତ ୬ରୁ ଊର୍ଦ୍ଧ୍ୱ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ସେହିପରି ପୁନମ୍ ୮୯ଟି ବଲ୍ ଖେଳି ୮ ଚୌକା ସହ ୬୨ ରନକରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଲାରା ଗୁଡାଲ ସର୍ବାଧିକ ୪୯ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ସୁନ୍ ଲୁସ୍ ୩୬, ମିଗ୍‌ନନ ଡୁ ପ୍ରୀଜ ୧୧, ମାରିଜନେ କ୍ୟାପ୍ ୧୦, ତ୍ରିସା ଚେଟ୍ଟୀ ୧୨ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଝୁଲଣଙ୍କ ୪ ଉଇକେଟକୁ ବାଦ୍ ଦେଲେ ବାମହାତୀ ସ୍ପିନର ରାଜେଶ୍ୱରୀ ଗାଏକ୍ୱାଡ ୩, ଦ୍ରୁତ ବୋଲର ମାନ୍‌ସୀ ଯୋଶି ୨, ହରମନପ୍ରୀତ କୌର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୪୧ ଓଭରରେ ୧୫୭ (ଲାରା ଗୁଡାଲ- ୪୯, ସୁନ୍ ଲୁସ- ୩୬, ଝୁଲଣ- ୪/୪୨, ରାଜେଶ୍ୱରୀ- ୩/୩୭, ମାନସୀ- ୨/୨୩)।

ଭାରତ ୨୮.୪ ଓଭରରେ ୧୬୦/୧ (ସ୍ମୃତି- ୮୦*, ପୁନମ- ୬୨*, ଇସ୍‌ମାଇଲ- ୧/୪୬ )।

# ୨୦୪୮ ଅଲିମ୍ପିକ୍ସ ବିଡ୍ ଦାଖଲ କରିବ ଦିଲ୍ଲୀ

**ନୂଆଦିଲ୍ଲୀ, ୯।୩ (ପି.ଟି.):** ଦିଲ୍ଲୀ ସରକାର ୨୦୪୮ ଅଲିମ୍ପିକ ଗେମ୍ସ ଆୟୋଜନ ପାଇଁ ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପ୍ରକାଶ କରିଛନ୍ତି। ଦିଲ୍ଲୀ ୧୯୫୧ରେ ପ୍ରଥମ ଏସିଆନ୍ ଗେମ୍ସ ଆୟୋଜନ କରିଥିଲା। ପରେ ୧୯୮୨ ସଂସ୍କରଣ ମଧ୍ୟ ସଫଳତାର ସହ ଆୟୋଜନ କରିପାରିଛି। ଜାତୀୟ ରାଜଧାନୀ ଆହୁରି ମଧ୍ୟ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିପାରିଛି। ଲକ୍ଷ୍ୟ ହାସଲ କରିବା ଲାଗି ଆବଶ୍ୟକ ଭିତ୍ତିଭୂମି ଓ ଉପଯୁକ୍ତ ପରିବେଶ ସୃଷ୍ଟି କରାଯିବ ବୋଲି ବଜେଟ ଅଧିବେଶନ ପରେ କେଜରିୱାଲ ପ୍ରକାଶ କରିଛନ୍ତି। ସହରର ୨୦୨୧-୨୨ ବଜେଟ ଉପସ୍ଥାପନ ବେଳେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଥିଲେ, ଦିଲ୍ଲୀରେ ଅଲିମ୍ପିକ ଗେମ୍ସ ଆୟୋଜନ ଆମର ଏକ ବଡ଼ ସ୍ୱପ୍ନ ରହିଛି। ୧୮୯୬ରେ ଏଥେନ୍ସ, ଗ୍ରୀସ୍‌ରେ ଗେମ୍ସ ଆରମ୍ଭ ହେବା ପରଠାରୁ ଦିଲ୍ଲୀକୁ ଥରେ ହେଲେ ଅଲିମ୍ପିକ ମଶାଲ ଆସିନାହିଁ। ୩୨ତମ ଅଲିମ୍ପିକ ଗେମ୍ସ ଟୋକିଓରେ ହେବାକୁ ଯାଉଛି। ପରବର୍ତ୍ତୀ ତିନୋଟି ଆୟୋଜକ ସହର ସ୍ଥିର ହୋଇସାରିଛି। ଏକ ନୂଆ ସ୍ପୋର୍ଟ୍ସ ୟୁନିଭର୍ସିଟି ଜରିଆରେ ଆମ ସରକାର ଦିଲ୍ଲୀରେ କ୍ରୀଡ଼ାର ପ୍ରଚାର ଓ ପ୍ରସାର ଏବଂ ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ ଦ୍ୱାରା ପ୍ରତିଯୋଗିତା ବାତାବରଣ ସୃଷ୍ଟି କରିବା ଲାଗି ପ୍ରୟାସ କରାଯିବ। ଏ ସମସ୍ତ କାର୍ଯ୍ୟ ପରେ ଆମେ ୨୦୪୮ରେ ୩୯ତମ ଅଲିମ୍ପିକ୍ସର ଆୟୋଜନ ଅଧିକାର ହାସଲ ପାଇଁ ବିଡ୍ ଦାଖଲ କରିପାରିବା ବୋଲି ସିସୋଡିଆ ପ୍ରକାଶ କରିଛନ୍ତି। ଯଦିଓ ଏହା ଦୂରରେ ରହିଛି ୨୦୪୮ ପାଇଁ ଆମକୁ ୧୦ବର୍ଷ ପୂର୍ବରୁ ବିଡ୍ ଦାଖଲ କରିବାକୁ ହେବ। ଉପଯୁକ୍ତ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ୧୫ବର୍ଷ ସମୟ ଲାଗିବ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ କହିଛନ୍ତି।



# ନିକୋଲାଇଙ୍କ ମୃତ୍ୟୁ ସ୍ୱାଭାବିକ ଥିଲା

ନୂଆଦିଲ୍ଲୀ, ୯।୩ (ପି.ଟି.)

ଭାରତର ମିଡଲ ଓ ଲଙ୍ଗ ଡିଷ୍ଟାନ୍ସ ଆଥଲେଟିକ୍ସ କୋଚ୍ ନିକୋଲାଇ ସ୍ନେସାରେଭଙ୍କ ମୃତ୍ୟୁ ସ୍ୱାଭାବିକ ଥିଲା। ଏହା ଜଣାପଡ଼ିବା ପରେ ତାଙ୍କ ମରଶରୀରକୁ ମଙ୍ଗଳବାର ତାଙ୍କ ଦେଶ ବେଲାରୁଷ ପଠାଇ ଦିଆଯାଇଛି। ୪ ଦିନ ପୂର୍ବେ ପଟିଆଲାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ରେ ତାଙ୍କ ହଷ୍ଟେଲ ପ୍ରକୋଷ୍ଠରୁ ୭୨ ବର୍ଷୀୟ ନିକୋଲାଇଙ୍କ ମୃତ ଦେହ ଜବତ ହୋଇଥିଲା। ପୋଷ୍ଟମର୍ଟମ ଦ୍ୱାରା ତାଙ୍କର ସ୍ୱାଭାବିକ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ତାଙ୍କ ମରଶରୀର ବିମାନ ଯୋଗେ ଦୁବାଇ ବାଟ ଦେଇ ବୁଧବାର ବେଲାରୁଷ ରାଜଧାନୀ ମିନସ୍କଠାରେ ପହଞ୍ଚିବ ବୋଲି ଆଶା କରାଯାଉଛ ବୋଲି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି।

# ହକି ଓଡ଼ିଶା ୱେବ୍‌ସାଇଟ ଉନ୍ମୋଚିତ

ଭୁବନେଶ୍ୱର, ୯।୩(କ୍ରୀଡ଼ା ପ୍ରତିନିଧି)




ହକି ଓଡ଼ିଶା ୱେବ୍‌ସାଇଟ୍ ଉନ୍ମୋଚନ ଅବସରରେ କର୍ମକର୍ତ୍ତାମାନେ।

**୬ ଜିଲ୍ଲା ବରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ନୟାଗଡ଼, କେନ୍ଦୁଝର ଓ ରାୟଗଡ଼ା ନୂତନ ଭାବେ ଅନୁବନ୍ଧିତ**

ସମଗ୍ର ବିଶ୍ୱରେ ଏବେ ଓଡ଼ିଶା ହକିକୁ ନେଇ ଚର୍ଚ୍ଚା। ୨୦୧୮ରେ ହକି ବିଶ୍ୱକପ୍‌କୁ ସଫଳତାର ସହ ଆୟୋଜନ ପରେ ୨୦୨୩ ବିଶ୍ୱକପ୍ ଆୟୋଜନ ଅଧିକାର ମିଳିଛି। ବିଶ୍ୱଶ୍ରେଣୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ ଏଠାରେ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ମଧ୍ୟ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭାରତୀୟ ହକି ଦଳର ପ୍ରାୟୋଜକ ହୋଇ ଉଦାହରଣ ସୃଷ୍ଟି କରିଛି। ଦିଲୀପ ତିର୍କୀଙ୍କଠାରୁ ଆରମ୍ଭ କରି ଅନେକ ଖେଳାଳି ଭାରତୀୟ ଦଳର ଅଧିନାୟକ ମଧ୍ୟ ହୋଇଛନ୍ତି। ଭାରତୀୟ ହକିକୁ ଋଦ୍ଧିମନ୍ତ କରିବାରେ ଓଡ଼ିଶାର ଅତୁଳନୀୟ ଅବଦାନ ରହିଛି। ମାତ୍ର ବିଡ଼ମ୍ବନାର ବିଷୟ ଏହି ଯେ ଏପରି ମହନୀୟ ଇତିହାସ ରଖିଥିବା ଓଡ଼ିଶା (ହକି ଓଡ଼ିଶା) ଏବେ ହକି ଇଣ୍ଡିଆର ସହଯୋଗୀ ସଦସ୍ୟଭାବେ ପରିଗଣିତ ହେଉଛି। ହକି ଇଣ୍ଡିଆର ସ୍ଥାୟୀ ସଦସ୍ୟ ଥିବା ୨୨ ଆସୋସିଏଶନ ମଧ୍ୟରେ ହକି ଓଡ଼ିଶା ନାହିଁ। ହକି ଇଣ୍ଡିଆର ସ୍ଥାୟୀ ସଦସ୍ୟ ପାଇଁ ଉପଯୁକ୍ତ ମାନଦଣ୍ଡ ପୂରଣରେ ବିଳମ୍ବକୁ ଏହାର କାରଣ ଦର୍ଶାଯାଉଛି। ଏହାକୁ ନେଇ ଅନେକ ଚର୍ଚ୍ଚା ହୋଇ ସାରିଥିବାବେଳେ ଏବେ ହକି ଓଡ଼ିଶା ପାଗ ଭିଡ଼ିଛି।

ମଙ୍ଗଳବାର କଟକ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ଗେଷ୍ଟ ହାଉସରେ ହକିଓଡ଼ିଶାର ସ୍ୱତନ୍ତ୍ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଜଷ୍ଟିସ ଏ. ଏସ୍. ନାଇଡୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରତାପ ଶତପଥୀ ଅଡିଟ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବାବେଳେ ୬ଟି ଜିଲ୍ଲା ବରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ନୟାଗଡ଼, କେନ୍ଦୁଝର ଓ ରାୟଗଡ଼ାକୁ ନୂତନଭାବେ ଅନୁବନ୍ଧିତ କରାଯାଇଥିବା ସମ୍ପର୍କରେ ସମ୍ପାଦକ ଅବଗତ କରାଇଥିଲେ। ଏହି ଅବସରରେ ହକି ଓଡ଼ିଶାର ୱେବସାଇଟ୍ www.hockeyodisha.inକୁ ଜଷ୍ଟିସ୍ ନାଇଡୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଉମାକାନ୍ତ ନନ୍ଦ, ଶ୍ରୀମନ୍ତ ସାହୁ, ଆନନ୍ଦିନୀ ଦର୍ଜୀ, ତ୍ରିଷ୍ଣା ଗୋସ୍ୱାମୀ, ଯୁଗ୍ମସମ୍ପାଦକ ପ୍ରଣବ କିଶୋର ପଟ୍ଟନାୟକ, ମମତା ସ୍ୱାଇଁ, ସାଇପଦ୍ମଜିତା ମହାପାତ୍ର, ପବୀର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୯ମ ରାଜ୍ୟସ୍ତରୀୟ କ୍ରିକେଟ ଉଦ୍‌ଘାଟିତ

ବଣ୍ଟେଇଁରପାଳ,୯।୩(ଡି.ଏନ.ଏ.)



ଅତିଥି, ଆୟୋଜକଙ୍କ ସହ ଖେଳାଳିମାନେ।

ଗୋତମରା ପଞ୍ଚାୟତ ଭାଲୁଧରି ପଡିଆରେ ମା’ ବ୍ରହ୍ମାୟଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହଙ୍କ ସ୍ମୃତିରେ ଆୟୋଜିତ ୯ମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ରାଉରକେଲା ଜିମଖାନାକୁ ହରାଇ ଏମ୍‌ବିସିସି ଅନୁଗୋଳ ବିଜୟୀ ହୋଇଥିଲା। ସମ୍ମାନିତ ଅତିଥି ଭାବେ କୁମୁଦ ବିହାରୀ ସିଂ, ଯୁବନେତା ଅରୁନାଭ ସିଂ ଯୋଗ ଦେଇଥିଲେ। ଆୟୋଜକ କ୍ଲବ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟ ସଭାରେ ଅଧ୍ୟକ୍ଷତା କରିଥିଲେ। ନୂଆହତ ସରପଞ୍ଚ ସଚ୍ଚିଦାନନ୍ଦ ବେହେରା, ସମିତି ସଭ୍ୟ ଶିବରାମ ମାଝି, ଉପେନ୍ଦ୍ର ସାମଲ, ବିଭିଶ କୁମାର ସିଂ. ପ୍ରବୀଣ କୁମାର ସାମଲ, ରୁଦ୍ର ନାରାୟଣ ସିଂ, ଲିଟୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ସ୍ଥାନରେ ଶେଫାଳୀ

ଦୁବାଇ,୯।୩(ପି.ଟି.)

ଆଇସିସି ମହିଳା ଟି୨୦ ର୍‌ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟିଂ ସେନସେଶନ ଶେଫାଳୀ ବର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପଟେ ଉପଅଧିନାୟିକା ସ୍ମୃତି ମାନ୍ଧନା ୭ ସ୍ଥାନରେ ପୂର୍ବପରି ସ୍ଥିର ରହିଛନ୍ତି। ଶେଫାଳୀ ୭୪୪ ରେଟିଂ ପଏଣ୍ଟ ପାଇଥିବା ବେଳେ ଅଷ୍ଟ୍ରେଲିଆର ବେଥ୍ ମୁନି ୭୪୮ ପଏଣ୍ଟ ପାଇ ଶୀର୍ଷରେ ରହିଛନ୍ତି। ମାନ୍ଧନା ୬୯୩ ପଏଣ୍ଟ ପାଇଛନ୍ତି। ସେହିପରି ଜେମିମା ରୋଡ୍ରିଗ୍ସେଜ ୬୪୩ ପଏଣ୍ଟ ପାଇ ୯ମ ସ୍ଥାନରେ ସ୍ଥିର ରହିଛନ୍ତି। ଏଥିସହ ଟପ୍-୧୦ରେ ଦଶଜଣ ଭାରତୀୟ ମହିଳା ସ୍ଥାନ ପାଇଛନ୍ତି। ନ୍ୟୁଜିଲାଣ୍ଡର ସୋଫି ଡେଭିନ୍ ତୃତୀୟ, ଅଷ୍ଟ୍ରେଲିଆର ମେଗ୍ ଲାନିଂ ଚତୁର୍ଥ ଓ ଅଲିସା ହିଲି ଗୋଟିଏ ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି।

ବୋଲିଂ ତାଲିକାରେ ଅଲରାଉଣ୍ଡର ଦୀପ୍ତି ଶର୍ମା ଷଷ୍ଠ, ସ୍ପିନର ରାଧା ଯାଦବ ଅଷ୍ଟମ ଓ ପୁନମ ଯାଦବ ୯ମ ସ୍ଥାନରେ ରହି ଟପ୍-୧୦ରେ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ସୋଫି ଇକ୍ଲେଷ୍ଟୋନ ୭୯୯ ପଏଣ୍ଟ ପାଇ ଶୀର୍ଷରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକାର ଶମନିମ ଇସ୍‌ମାଇଲ ୭୬୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଇଂଲଣ୍ଡର ସାରା ଗ୍ଲେନ ୭୫୫, ଅଷ୍ଟ୍ରେଲିଆର ମେଗାନ ସ୍କଟ ୭୫୩ ଓ ଜେଶ୍ ଜୋନାସିନ ୭୩୦ ପଏଣ୍ଟ ପାଇ ଶ୍ରେଷ୍ଠ-୫ରେ ସ୍ଥାନିତ ହୋଇଛନ୍ତି। ସେହିପରି ଅଲରାଉଣ୍ଡର ତାଲିକାରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ସ୍ଥାନ ପାଇଛନ୍ତି।

# ନାଲ୍‌କୋକୁ ହରାଇ ଫାଇନାଲରେ ଢେଙ୍କାନାଳ



ନାଲ୍‌କୋ ଓ ଢେଙ୍କାନାଳ ମଧ୍ୟରେ ଚାଲିଥିବା ପ୍ରଥମ ସେମିଫାଇନାଲ ମ୍ୟାଚ।

**ଅନୁଗୋଳ ଅଫିସ, ୯।୩:** ୧୦ମ ସର୍ବଭାରତୀୟ ହେମସୁରପଡ଼ା ଫୁଟବଲ୍ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ ୩-୨ ଗୋଲରେ ନାଲ୍‌କୋ ଜୁନିୟର ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ନାଲ୍‌କୋ ଦଳ ପକ୍ଷରୁ ଗଙ୍ଗା ବାସ୍‌କେ ୩୩ ମିନିଟ୍‌ରେ ପ୍ରଥମ ଗୋଲ କରି ଦଳକୁ ୧-୦ରେ ଆଗୁଆ ରଖିଥିଲେ। ତେବେ ଢେଙ୍କାନାଳ ଦଳର କାହ୍ନୁ ୩୮ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ୪୮, ୬୪ ମିନିଟ୍‌ରେ ଢେଙ୍କାନାଳ ଦଳ ପକ୍ଷରୁ ଦୁଇଟି ଗୋଲ କରାଯିବାରୁ ଦଳ ମ୍ୟାଚରେ ୩-୧ରେ ଆଗୁଆ ରହିଥିଲା। ପରେ ୭୮ ମିନିଟ୍‌ରେ ନାଲ୍‌କୋର ଖେଳାଳି ଦ୍ୱିତୀୟ ଗୋଲ କରି ମ୍ୟାଚକୁ ୩-୨ରେ ରଖି ପରାସ୍ତ ହୋଇଥିଲେ। ଏହି ସେମିଫାଇନାଲ ମ୍ୟାଚରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ରିତେଶ ଦଳବେହେରା, ଅମିତ୍ ଅଗ୍ରୱାଲ ଅତିଥିଭାବେ ଯୋଗ ଦେଇଥିଲେ। ଆଜିର ସଭାକୁ ରଶ୍ମିରଞ୍ଜନ ସାହୁ, ବଳରାମ ଜେନା ପରିଚାଳନା କରିଥିଲେ। ଏହି ସେମିଫାଇନାଲ ମ୍ୟାଚରେ ଜୁଲୁ, ଡିକି, ଦେବ, ବୁମୁରା, ସତ୍ୟ, ସିପୁ, ବାବୁ ପ୍ରମୁଖ ସହଯୋଗ କରିଥିଲେ।

# ଟି୨୦ରେ ମ୍ୟାଚ ବିଜୟୀ ହୋଇପାରିବେ ପନ୍ତ

ମୁମ୍ବାଇ, ୯।୩ (ପି.ଟି.)

ରିଷଭ ପନ୍ତ ଟି୨୦ ଫର୍ମାଟରେ ଭାରତ ପାଇଁ ଜଣେ ମ୍ୟାଚ ବିଜୟୀ ଖେଳାଳି ସାବ୍ୟସ୍ତ ହୋଇପାରିବେ। ଆଗାମୀ ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ତାଙ୍କୁ ଏବେଠାରୁ ସୁଯୋଗ ଦେବା ଯଥାର୍ଥ ବୋଲି ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ମତବ୍ୟକ୍ତ କରି କହିଛନ୍ତି। ୨୩ ବର୍ଷୀୟ ଏହି ଉଇକେଟକିପର ବ୍ୟାଟ୍ସମ୍ୟାନ ଅଷ୍ଟ୍ରେଲିଆ ଟୁର୍‌ର ହ୍ୱାଇଟବଲ୍ ଲେଗ୍‌ରୁ ବାଦ୍ ପଡ଼ିଥିଲେ। କିନ୍ତୁ ତାଙ୍କୁ ଭ୍ରମଣକାରୀ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଛି। ଟେଷ୍ଟରେ ପନ୍ତ ଚମତ୍କାର ଫର୍ମରେ ରହିଥିଲେ। ସିଡ୍‌ନୀ ଓ ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏବଂ ଅହମଦାବାଦରେ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ଭାରତର ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସରେ ସେ ଚାପରେ ଥାଇ ଭଲ ଖେଳିଛନ୍ତି ଏବଂ ଦଳକୁ ମ୍ୟାଚ ଜିତାଇଛନ୍ତି। ଭାରତ ତରଫରୁ ୧୩୪ଟେଷ୍ଟ ଖେଳିଥିବା ଭେଟେରାନ ଲକ୍ଷ୍ମଣ କହିଛନ୍ତି ଦଳରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜାଙ୍କ ସହ ପନ୍ତ ଦଳ ପାଇଁ ଫିନିଶର ଭୂମିକା ଗ୍ରହଣ କରିପାରିବେ।

# ଅଶ୍ୱିନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ




**ଦୁବାଇ, ୯।୩ (ପି.ଟି.):** ଇଂଲଣ୍ଡ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଭାରତର ଷ୍ଟାର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଙ୍ଗଳବାର ଆଇସିସି ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଏହି ସିରିଜରେ ବିଜୟ ହାସଲ କରି ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡର ଟାମି ବିମଣ୍ଟ ମହିଳା ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ସିରିଜରେ ଅଶ୍ୱିନ ତିନୋଟି ଟେଷ୍ଟ ମ୍ୟାଚରେ ଖେଳିଥିଲେ। ଚେନ୍ନାଇଠାରେ ଭାରତର ଦ୍ୱିତୀୟ ଟେଷ୍ଟ ବିଜୟରେ ଦ୍ୱିତୀୟ ଇନିଂସରେ ସେ ୧୦୬ ରନ କରିଥିଲେ। ଅହମଦାବାଦରେ ତୃତୀୟ ଟେଷ୍ଟ ବିଜୟ ବେଳେ ସେ ତାଙ୍କର ୪୦୦ ଟେଷ୍ଟ ଉଇକେଟ ପୂରଣ କରିଥିଲେ। ଫେବୃୟାରୀରେ ଇଂଲଣ୍ଡ ବିପକ୍ଷରେ ଅଶ୍ୱିନ ଶତକ ହାସଲ କରିବା ବ୍ୟତୀତ ୨୪ଟି ଉଇକେଟ ମଧ୍ୟ ନେଇଥିଲେ। ୪ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୩-୧ରେ ଜିତି ଜୁନ୍‌ରେ ସାଉଥାମ୍ପଟନରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଏକ ବିବୃତିରେ କୁହାଯାଇଛି ସିରିଜରେ ମୋଟ ୧୭୬ରନ ସଂଗ୍ରହ କରି୨୪ ଉଇକେଟ ନେଇଥିବାରୁ ପୁରୁଷ ବିଭାଗରେ ଅଶ୍ୱିନ ସମସ୍ତଙ୍କର ପସନ୍ଦ ରହିଥିଲେ। ସମର୍ଥକଙ୍କଠାରୁ ମଧ୍ୟ ସେ ସର୍ବାଧିକ ଭୋଟ ପାଇଥିଲେ। ପୁରୁଷ ବିଭାଗରେ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଇଂଲଣ୍ଡ ଟେଷ୍ଟ ଅଧିନାୟକ ଜୋ ରୁଟ୍। ସେ ଭାରତ ବିପକ୍ଷରେ ୩ଟି ଟେଷ୍ଟ ଖେଳି ୩୩୩ ରନ ସଂଗ୍ରହ କରିବା ସହ ୬ଟି ଉଇକେଟ ଅକ୍ତିଆର କରିଥିଲେ। ସେହିପରି ୱେଷ୍ଟଇଣ୍ଡିଜର ଟେଷ୍ଟ ପଦାର୍ପଣକାରୀ ଖେଳାଳି କାଇଲ ମେୟର୍ସ ମଧ୍ୟ ଏହି ପୁରସ୍କାର ପାଇଁ ସୁପାରିସ ହୋଇଥିଲା। ସେ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ୩୯୫ରନ ସଫଳ ଚେଜ୍‌ରେ ମ୍ୟାଚ ବିଜୟୀ ୨୧୦ରନ କରିଥିଲେ।

ଅନ୍ୟପକ୍ଷରେ ବିମଣ୍ଟ ଫେବୃୟାରୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିଲେ। ସେ ପ୍ରତିଟି ମ୍ୟାଚରେ ୫୦ରୁ ଅଧିକ ରନ ସଂଗ୍ରହ କରିଥିଲେ। ତାଙ୍କର ମୋଟ ରନ ସଂଖ୍ୟା ୨୩୧ ରହିଥିଲା। ଆଇସିସି ଭୋଟିଂ ଏକାଡେମୀରୁ ପ୍ରତିନିଧିତ୍ୱ କରୁଥିବା ଇଆନ ବିଶପ କହିଛନ୍ତି, ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ସିରିଜରେ ଅଶ୍ୱିନ ଭଲ ବୋଲିଂ କରିଥିଲେ। ନିୟମିତ ଉଇକେଟ ନେବା ସହ ଦ୍ୱିତୀୟ ଟେଷ୍ଟରେ ଶତକ ହାସଲ କରିଥିଲେ, ଯେଉଁ ସମୟରେ ଇଂଲଣ୍ଡ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଚେଷ୍ଟା କରୁଥିଲା। ଅନ୍ୟପକ୍ଷରେ ଜବରଦସ୍ତ ଫର୍ମରେ ରହିଥିବା ବିମଣ୍ଟ ଯେଉଁ ତିନୋଟି ଅର୍ଦ୍ଧଶତକ ହାସଲ କରିଥିଲେ ତନ୍ମଧ୍ୟରୁ ଦୁଇଟି ଦଳକୁ ଜିତାଇବାରେ ସହାୟକ ହୋଇଥିଲା ବୋଲି ବିଶପ କହିଛନ୍ତି।

# ହାର୍ଦ୍ଦିକଙ୍କ ଜୋରଦାର ଅଭ୍ୟାସ

ଅହମଦାବାଦ,୯।୩(ପି.ଟି.)



ମଙ୍ଗଳବାର ଅଭ୍ୟାସ ଅବସରରେ ଶ୍ରେୟାସ ଆୟର ଓ ଶିଖର ଧାୱନ।

୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପୂର୍ବରୁ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନେଟ୍ସରେ ବେଶ୍ ଝାଳ ବୁହାଇଛନ୍ତି। ନେଟ୍ସରେ ସାମାନ୍ୟ ଆକ୍ସନରେ ସୁଧାର ଆଣି ବୋଲିଂ କରିଥିଲେ। ହାର୍ଦ୍ଦିକ ନେଟ୍ ସେସନର ପ୍ରାକ୍ଟିସ ଭିଡିଓ ନିଜ ଟୁଇଟର ପେଜରେ ଅପ୍‌ଲୋଡ କରିଛନ୍ତି। ଏଥିରେ ସେ ବଡ଼ ବଡ଼ ଶଟ୍‌ମାନ ଖେଳୁଥିବାର ଦେଖାଯାଇଛି। ପ୍ରସ୍ତୁତି ପୂରା ହୋଇଛି ଓ ଟି୨୦ ମ୍ୟାଚ୍ ଖେଳିବାକୁ ବେଶ୍ ବ୍ୟଗ୍ର ଅଛି ବୋଲି ସେ ଭିଡିଓର କ୍ୟାପସନରେ ଉଲ୍ଲେଖ କରିଛନ୍ତି। ହାର୍ଦ୍ଦିକଙ୍କ ବ୍ୟାଟିଂ ଅଭ୍ୟାସକୁ ଅଧିନାୟକ ବିରାଟ କୋହଲି, କୋଚ୍ ରବି ଶାସ୍ତ୍ରୀ, ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ଦୂରରେ ଠିଆହୋଇ ଦେଖୁଥିଲେ। ଭିଡିଓ ଶେଷରେ ପାଣ୍ଡ୍ୟା ବୋଲିଂ କରିଥିବାର ଦେଖାଯାଇଛି।

ଗତବର୍ଷ ଡିସେମ୍ବରରେ ଅଷ୍ଟ୍ରେଲିଆ ଗସ୍ତ ଅବସରରେ ପାଣ୍ଡ୍ୟା ଶେଷଥର ପାଇଁ ଟି୨୦ ମ୍ୟାଚ୍ ଖେଳିଥିଲେ। ୨୦୧୯ରେ ପିଠିରେ ଇଞ୍ଜୁରି (ଷ୍ଟ୍ରେସ୍ ଫ୍ରାକ୍‌ଚର) କାରଣରୁ ବୋଲିଂ କରୁ ନ ଥିଲେ। ତେବେ ଗତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ସେ କିଛି ଓଭର ବୋଲିଂ କରିବାକୁ ବାଧ୍ୟ ହୋଇଥିଲେ। ଏବେ ପାଣ୍ଡ୍ୟା ତାଙ୍କ ବୋଲିଂ ଆକ୍ସନରେ ପରିବର୍ତ୍ତନ କରିଛନ୍ତି ବୋଲି ପୂର୍ବତନ ଜାତୀୟ ଚୟନକର୍ତ୍ତା ଦେବାଙ୍ଗ ଗାନ୍ଧୀ କହିଛନ୍ତି। ଇଞ୍ଜୁରିକୁ ଦୃଷ୍ଟିରେ ରଖି ସେ ତାଙ୍କ ଜମ୍ପର ଲେନ୍ଥକୁ ଯଥେଷ୍ଟ କମାଇଛନ୍ତି। ଯାହାଫଳରେ ତାଙ୍କ ପିଠି ଉପରେ କମ୍ ଚାପ ପଡିବ। ଆଗାମୀ ଅକ୍ଟୋବରରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ଓ ଇଂଲଣ୍ଡରେ ଆୟୋଜନ ହେବାକୁ ଥିବା ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଓ ଟେଷ୍ଟ ସିରିଜ ପାଇଁ ପାଣ୍ଡ୍ୟା ଭାରତୀୟ ଦୃଷ୍ଟିକୋଣରୁ ଉପଯୋଗୀ ସାବ୍ୟସ୍ତ ହେବେ।

## ଟି୨୦ ସିରିଜ ଧାୱନ ନ ଖେଳିପାରନ୍ତି

ଟି୨୦ ସିରିଜରେ ଅଭିଜ୍ଞ ଓପନର ଶିଖର ଧାୱନ୍ ନ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଯଦି ଲୋକେଶ ରାହୁଲ ଓ ରୋହିତ ଶର୍ମା ଆହତ ହୁଅନ୍ତି ତାଙ୍କୁ ସୁଯୋଗ ମିଳିପାରେ। ସେ ପ୍ରଥମ ପସନ୍ଦର ବ୍ୟାକ୍- ଅପ୍ ଓପନର ଭାବେ ଦଳରେ ସ୍ଥାନ ବଜାୟ ରଖିପାରନ୍ତି। ତେବେ ଦିନିକିଆ ସିରିଜରେ ତାଙ୍କୁ ସୁଯୋଗ ମିଳିପାରେ ବୋଲି ଗାନ୍ଧୀ କହିଛନ୍ତି।

## ୪ ନଂରେ ପନ୍ତ, ୫ରେ ସୂର୍ଯ୍ୟ ଖେଳିବା ସମ୍ଭାବନା

ଟି୨୦ ସିରିଜରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୪ ନମ୍ବରରେ ବ୍ୟାଟିଂ କରିବା ଉଚିତ ହେବ ବୋଲି ଦେବାଙ୍ଗ ଗାନ୍ଧୀ କହିଛନ୍ତି। ସେ ଏହି ସ୍ଥାନରେ ତାଙ୍କର ସ୍ୱାଭାବିକ ବିସ୍ଫୋରକ ବ୍ୟାଟିଂ କରିବେ। ସେହିପରି ୫ ନଂ.ରେ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ କରିପାରନ୍ତି। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସୂର୍ଯ୍ୟକୁମାର ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳି ଜବରଦସ୍ତ ସଫଳତା ପାଇଥିଲେ। ସେ ମଧ୍ୟ ଦିନିକିଆ ଦଳରେ ସ୍ଥାନ ପାଇବା ଉଚିତ ବୋଲି ଗାନ୍ଧୀ କହିଛନ୍ତି।

## ଚଳନ୍ତା ବସ୍‌ରେ ଲାଗିଲା ନିଆଁ

ହାଟଡିହି,୯।୩(ଡି.ଏନ.ଏ.): ଆନନ୍ଦପୁର-ଭଦ୍ରକ ୫୩ନଂ ରାଜ୍ୟ ରାଜପଥର କେନ୍ଦୁଝର ଜିଲା ହାଟଡିହି ତହସିଲ ଛକ ନିକଟରେ ମଙ୍ଗଳବାର ଏକ ଘରୋଇ ବସ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଅପରାହ୍ନ ପ୍ରାୟ ୧ଟା ସମୟରେ ଭଦ୍ରକରୁ ଆନନ୍ଦପୁର ଅଭିମୁଖେ ଶ୍ରୀଲକ୍ଷ୍ମୀ ନାମକ ଏକ ବସ୍ ଆସୁଥିଲା। ବସରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ। ହାଟଡିହି ତହସିଲ ଛକ ନିକଟରେ ହଠାତ ଧୂଆଁ ବାହାରିବାରୁ ଯାତ୍ରୀ ମାନେ ଭୟଭୀତ ହୋଇ ତଳକୁ ଓହ୍ଲାଇ ପଡିଥିଲେ। ଯାତ୍ରୀ ମାନେ ସୁରକ୍ଷିତ ଅଛନ୍ତି। ଭୟରେ ଡ୍ରାଇଭର, କଣ୍ଡକ୍ଟର, ହେଲପର୍ ଗାଡି ଛାଡି ପଳାଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ବସ୍‌ରେ ପାଣି ପକାଇ ନିଆଁ ଲିଭା ଯାଇଥିଲ ।

## ସଂକ୍ଷେପରେ

### ଦେଢ଼କୋଟିର ବ୍ରାଉନ୍‌ସୁଗାର ଜବତ

ଜଳେଶ୍ୱର, ୯।୩ (ଡି.ଏନ.ଏ.): ବ୍ରାଉନ୍‌ସୁଗାର ହବ୍ ପାଲଟିଥିବା ବାଲେଶ୍ୱର ଜିଲା ଜଳେଶ୍ୱରରୁ ଏସ୍‌ଟିଏଫ ସୋମବାର ରାତିରେ ଜଣେ ଯୁବକ ସହିତ ଦେଢ଼ କିଲୋଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼କୋଟି ଟଙ୍କା ହେବ। ବାହାର ରାଜ୍ୟରୁ ବିପୁଳ ପରିମାଣ ଧଳାଜହର ଜଳେଶ୍ୱରକୁ ଚାଲାଣ ହେଉଥିବା ଜାଣି ଏସ୍‌ଟିଏଫ୍ ଜାଲ ବିଛାଇଥିଲା। ଏସ୍‌ଟିଏଫ୍‌ର ଏକ ଟିମ୍ ୬୦ନଂ. ଜାତୀୟ ରାଜପଥରେ ରହି ଜଳେଶ୍ୱର ପୋଲିସକୁ ସହାୟତା ମାଗିଥିଲା। ଜଳେଶ୍ୱର ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ଓ ପୋଲିସ ଫୋର୍ସ ସେମାନଙ୍କୁ ସହାୟତା କରିଥିଲେ। ସେମାନେ ୬୦ନଂ. ଜାତୀୟ ରାଜପଥର ରାମକୃଷ୍ଣ ନର୍ସିଂହୋମ ନିକଟ ଏକ ନିଛାଟିଆ ସ୍ଥାନକୁ ଯାଇଥିଲେ । ଏସ୍‌ଟିଏଫ ତାଙ୍କ ସହିତ ଅନ୍ୟଜଣେ ଅପରାଧୀଙ୍କୁ ଧରି ଆସିଥିଲେ। ଉକ୍ତ ଅପରାଧୀଙ୍କ ଫୋନ ଯୋଗେ ଜଳେଶ୍ୱର ଅଞ୍ଚଳର ମୁନାଫା ହୋସେନଙ୍କୁ ଯୋଗାଯୋଗ କରାଯାଇଥିଲା। ମୁନାଫା ଆସି ୧.୫ କେଜିର ବ୍ରାଉନସୁଗାର ଦେବା ବେଳକୁ ପୂର୍ବରୁ ଜଗି ରହିଥିବା ଏସ୍‌ଟିଏଫ ଟିମ୍ ତାଙ୍କୁ ଧରିବାରେ ସଫଳ ହୋଇଥିଲେ। ଧରାପଡିଥିବା ଯୁବକଙ୍କ ଘର ଜଳେଶ୍ୱର ଥାନା ଅଧୀନ ଝାଡେଶ୍ୱର ଅଞ୍ଚଳରେ ବୋଲି ଏସଟିଏଫ ଏସ୍ ପି. ପ୍ରଶାନ୍ତ ଭୋଇ ସୂଚନା ଦେଇଛନ୍ତି ।

### ବ୍ରାଉନସୁଗାର ଜବତ: ୨ ମହିଳା ଗିରଫ

ପାରାଦୀପ/ କୁଜଙ୍ଗ,୯।୩ (ସ୍ୱ.ପ୍ର./ଡି.ଏନ୍.ଏ.): ବ୍ରାଉନସୁଗାର ବେପାର ଅଭିଯୋଗରେ ପାରାଦୀପ ଅବକାରୀ ବିଭାଗ ମଙ୍ଗଳବାର ୨ ମହିଳାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଲକ୍ ଥାନା ଅନ୍ତର୍ଗତ ନରେନ୍ଦ୍ରପୁରର ଶୈଳବାଳା ସ୍ୱାଇଁ ଓ ଗଡ଼ଗ୍ରାମର ରତ୍ନମଞ୍ଜରୀ ମଲ୍ଲିକ। ଉଭୟଙ୍କଠାରୁ ପୃଥକ୍ ଭାବେ ୭ ଓ ୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଏସ୍‌ଆଇ ଲକ୍ଷ୍ମୀଧର ସେଠୀ କହିଛନ୍ତି। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ .୭୨/୨୧ ଓ ୭୩/୨୧) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ, ଶୈଳବାଳା ଓ ରତ୍ନମଞ୍ଜରୀ ବ୍ୟାଗ୍‌ରେ ବ୍ରାଉନସୁଗାର ରଖି ବୁଲିବା ସହ ବେପାର କରିଥାନ୍ତି। ନିର୍ଦ୍ଦିଷ୍ଟ କୋଡ୍‌ୱାର୍ଡ କହିଲେ ସେମାନେ ପୁଡ଼ିଆ ବାହାରକରି ଦେଇଥାନ୍ତି। ଉଭୟ ବ୍ରାଉନସୁଗାର ଧରି ନିଜ ନିଜ ଗ୍ରାମକୁ ଫେରୁଥିବାବେଳେ ଖବରପାଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗିରଫ କରାଯାଇଥିଲା। ଚଳିତବର୍ଷ ଏହି ଘଟଣାକୁ ମିଶାଇ ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ୪ଥର ବ୍ରାଉନସୁଗାର ଜବତ ହେଲାଣି।

### ଲକ୍ଷ୍ୟ ପୂରଣ ହୋଇଛି: ଈର୍ଶିତା

ସମ୍ବଲପୁର,୯।୩ (ବ୍ୟୁରୋ): ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଦ୍ୱାରା ଲକ୍ଷ୍ୟ ହାସଲ କରିହୁଏ। ଏହାକୁ ପ୍ରମାଣିତ କରିଛନ୍ତି ସମ୍ବଲପୁର ଝିଅ ଈର୍ଶିତା। କଠିନ ପରିଶ୍ରମ ଓ ଈଶ୍ୱରଙ୍କ ଆଶୀର୍ବାଦରୁ ଶେଷରେ ଲକ୍ଷ୍ୟ ପୂରଣ ହୋଇଛି ବୋଲି ଈର୍ଷିତା କହିଛନ୍ତି। ଗଡପୋଷରେ ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ସେ ଏକ ଘରୋଇ ସ୍କୁଲରୁ ଯୁକ୍ତ ଦୁଇ ପାସ୍ କରିଥିଲେ। ବିଚାରପତି ହେବା ଲକ୍ଷ୍ୟ ଥିବାରୁ ସେ ରାଞ୍ଚିସ୍ଥିତ ନ୍ୟାଶନାଲ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ)ରେ ୫ବର୍ଷିଆ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ୨୦୧୯ରେ ଏହି କୋର୍ସ ସରିବା ପରେ ଈର୍ଷିତା ଓଜେଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲେ। ଦିନକୁ ପ୍ରାୟ ୧୨ ଘଣ୍ଟା ପଢୁଥିଲେ। ପ୍ରଥମଥର ପରୀକ୍ଷା ଦେଇ ସେ ଏହି ସଫଳତା ପାଇଛନ୍ତି। ଏଥିପାଇଁ ସେ ବହୁତ ଖୁସି ବୋଲି କହିଛନ୍ତି। ତାଙ୍କ ବାପା ସଞ୍ଜୟ କୁମାର କେସରୱାନି ବ୍ୟବସାୟୀ ହୋଇଥିବାବେଳେ ମାଆ ମନୋରମା ଗୃହିଣୀ। ପରିବାର ପରିଜନଙ୍କୁ ସେ ଏହି ସଫଳତାର ଶ୍ରେୟ ଦେଇଛନ୍ତି। ଏଥିସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଈର୍ଷିତା ପିଲାଦିନରୁ ପରିଶ୍ରମୀ, ତେଣୁ ତାଙ୍କୁ ଫଳ ମିଳିଛି ବୋଲି ବାପା ସଞ୍ଜୟ କହିଛନ୍ତି।

# ଫ୍ଲାଏ ଆଶ୍‌ରୁ ଅସମ୍ଭାଳ ବାୟୁ ପ୍ରଦୂଷଣ

ଯାଜପୁର ଅଫିସ,୯।୩



- ୬.୭୬ କୋଟି ଏମ୍‌ଟି ଫ୍ଲାଏ ଆଶ୍ ବ୍ୟବହାର ହୋଇପାରିନାହିଁ
- ୮ ବର୍ଷରେ ୨୨.୮୨ କୋଟି ଏମ୍‌ଟି ନିର୍ଗତ
- ବିନିଯୋଗ ସଂଖ୍ୟା ୧୬.୦୫ କୋଟି ଏମ୍‌ଟି

ରାଜ୍ୟରେ ୨୦୧୨-୧୩ଠାରୁ ୨୦୧୯-୨୦ ମଧ୍ୟରେ ବିଭିନ୍ନ କାରଖାନାର କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ ୬,୭୬,୩୯,୪୬୨ ମେଟ୍ରିକ ଟନ(ଏମଟି) ଫ୍ଲାଏ ଆଶ୍ (ଉଡ଼ନ୍ତା ପାଉଁଶ) ବିନିଯୋଗ ହୋଇ ନ ପାରି ଗଚ୍ଛିତ ରହିଛି। ଏହି ସମୟ ମଧ୍ୟରେ ୨୨,୮୨,୩୮,୧୩୫ ଏମ୍‌ଟି ଫ୍ଲାଏ ଆଶ୍ ନିର୍ଗତ ହୋଇଛି। ସେଥିମଧ୍ୟରୁ ୧୬,୦୫,୯୮,୬୭୩ ମେଟ୍ରିକ ଟନ୍ ଫ୍ଲାଏ ଆଶ୍ ରାସ୍ତା ନିର୍ମାଣ, କମ୍ପାନୀର ଫ୍ଲାଏ ଆଶ୍ ବନ୍ଧର ଉଚ୍ଚତା ନିର୍ମାଣ ଏବଂ ଇଟା ତିଆରିରେ ବିନିଯୋଗ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ କହିଛନ୍ତି। ଏଥିରୁ ରାଜ୍ୟର କାରଖାନାଗୁଡ଼ିକ ଭାରତ ସରକାରଙ୍କ ଫ୍ଲାଏ ଆଶ୍ ବିନିଯୋଗ ନିୟମ ଅନୁଯାୟୀ କାମ କରୁ ନ ଥିବା ଲକ୍ଷ୍ୟ କରାଯାଇଛି। ତେବେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିୟମ ଅନୁଯାୟୀ କାର୍ଯ୍ୟ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟର ବିଭିନ୍ନ କାରଖାନାର ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ ଫ୍ଲାଏ ଆଶ୍ ଯୋଗୁ ବାୟୁ ପ୍ରଦୂଷଣ ଉତ୍କଟ ହେଉଥିବା ଅଭିଯୋଗ ହୋଇଆସୁଛି। ତେଣୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ ଫେବୃୟାରୀ ୨୫ରେ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ପରିବେଶ (ସୁରକ୍ଷା) ଅଧିନିୟମ, ୧୯୮୬ (୨୯ର ୧୯୮୬) ଅଧୀନରେ ଥିବା କେନ୍ଦ୍ରୀୟ ସଂରକ୍ଷଣ ବିଭାଗ ଖନନ କାର୍ଯ୍ୟକୁ ପୁନଃ ନିର୍ମାଣ ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ୩୦୦ କିଲୋମିଟର ମଧ୍ୟରେ ମାଟି-ଇଟା ଭାଟି ସ୍ଥାପନ ହେବ ନାହିଁ। ସେହି ପରିସୀମା ମଧ୍ୟରେ ଫ୍ଲାଏ ଆଶ୍ ଇଟାଭାଟି ସ୍ଥାପନ କରିବାକୁ ନିର୍ଦ୍ଦେଶ ହୋଇଛି। ଏଥିପାଇଁ କାରଖାନାଗୁଡ଼ିକ ସେହି ଅଞ୍ଚଳରେ ଚାଲିଥିବା ଇଟାଭାଟିର ଆବଶ୍ୟକତା ଅନୁସାରେ ଫ୍ଲାଏ ଆଶ୍ ଯୋଗାଇବେ। ତଦନୁସାରେ ରାଜ୍ୟରେ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ୨୦୧୨-୧୩ ବର୍ଷରୁ ଫ୍ଲାଏ ଆଶ୍ ଇଟା ଓ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହୋଇଆସୁଛି। ଏହି କ୍ରମରେ ୨୦୧୯-୨୦ ବର୍ଷରେ କଳିଙ୍ଗନଗର ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲର କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ୫,୯୮,୩୫୫ ମେଟ୍ରିକ ଟନ୍ ଓ ଭିସା ଷ୍ଟିଲ କାରଖାନାରୁ ୬୮,୨୭୫ ମେଟ୍ରିକ ଟନ୍ ଫ୍ଲାଏ ଆଶ୍ ନିର୍ଗତ ହୋଇଛି। ଏହି ଫ୍ଲାଏ ଆଶ୍‌ଗୁଡ଼ିକ ରାସ୍ତା ନିର୍ମାଣ, ଫ୍ଲାଏ ଆଶ୍ ଇଟା ପ୍ରସ୍ତୁତି, ସିମେଣ୍ଟ ତିଆରି ତଥା ଖାଲଖମା ଭରଣା କରି ଜମି ସମତୁଲ କରିବା ଭଳି କାର୍ଯ୍ୟରେ ବିନିଯୋଗ କରାଯାଇଛି। ଯେଉଁ କାରଖାନାରେ ଫ୍ଲାଏ ଆଶ୍ ଗଚ୍ଛିତ ଅଛି, ତାକୁ ପର୍ଯ୍ୟାୟକ୍ରମେ ବିନିଯୋଗ କରାଯାଉଛି ବୋଲି ମନ୍ତ୍ରୀ ଆରୁଖ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଫ୍ଲାଏ ଆଶ୍ ଇଟା ସହଜରେ ଉପଲବ୍ଧ କରାଇବା ପାଇଁ ଇଟା ତିଆରି କରୁଥିବା ଶିଳ୍ପକୁ ଏବଂ ଏହାର ବହୁଳ ବ୍ୟବହାର ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ମତିପତ୍ରର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ରାଜ୍ୟରେ ସ୍ଥାପିତ କେତେକ ଫ୍ଲାଏ ଆଶ୍ ଇଟାଭାଟି ମାଲିକ ଆବଶ୍ୟକତା ଅନୁସାରେ ଫ୍ଲାଏ ଆଶ୍ ପାଉନାହାନ୍ତି ବୋଲି ମଧ୍ୟ ଅଭିଯୋଗ ହେଉଛି। ଏପରି ସ୍ଥିତିରେ ବିନିଯୋଗ ହୋଇ ନ ଥିବା ୬.୭୬ କୋଟି ମେଟ୍ରିକ୍ ଟନ୍ ଫ୍ଲାଏ ଆଶ୍ ରାଜ୍ୟର କେଉଁ କେଉଁ ସ୍ଥାନରେ ଗଦା ହୋଇଛି, ତା'ର ସବିଶେଷ ତଥ୍ୟ ମିଳିପାରିନାହିଁ।

ପାଉଁଶଗଦା ନିକଟବର୍ତ୍ତୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ଯୋଗୁ ସମ୍ପୃକ୍ତ ଗ୍ରାମବାସୀ ନାହିଁନ ଥିବାରୁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି ବୋଲି ପରିବେଶପ୍ରେମୀ ମାନସ ରଞ୍ଜନ ସାମଲ କୁହନ୍ତି। ସେ ଆହୁରି କହିଛନ୍ତି ଯେ, ସରକାରୀ ଜମି, ପତରା ଜଙ୍ଗଲ, ନାଳ ଏପରିକି ରୟତଙ୍କ ଚାଷ ଜମିରେ ମଧ୍ୟ ଏହି ବର୍ଜ୍ୟବସ୍ତୁକୁ ପକାଉଛନ୍ତି। ଫଳରେ କେଉଁଠି ଜଙ୍ଗଲ ପୋତି ହୋଇଗଲାଣି ତ କେଉଁଠି ପ୍ରାକୃତିକ ନାଳ ଅବରୋଧ ହୋଇଛି। କାରଖାନାଗୁଡ଼ିକର ପାଉଁଶ ସମ୍ପୃକ୍ତ ଅଞ୍ଚଳରେ ବାୟୁ ପ୍ରଦୂଷଣ, କୃଷି ଓ ମାନବ ତଥା ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ଜଳଭଣ୍ଡାର ପୋତି ହୋଇଯିବ ବୋଲି ସାମଲ କୁହନ୍ତି। ୧ରୁ ୧୦ ମାଇକ୍ରନ ଆକାରର ଏହି କଳା ପାଉଁଶର ଧୂଳିକଣାଗୁଡ଼ିକ ଦ୍ୱାରା ମଣିଷ ଓ ଜୀବଜନ୍ତୁଙ୍କ ଶରୀରରେ ଘା' ହେବା ସହ ଶ୍ୱାସରୋଗ ସୃଷ୍ଟି ହୋଇଥାଏ। କଳା ପାଉଁଶର ଭାରିଧାତୁ ଛୋଟ ଜୀବରୁ ବଡ଼ଜୀବ ଶରୀରକୁ ଗଲେ ତାହାର କୁପ୍ରଭାବ ବହୁଗୁଣିତ ହୋଇଥାଏ। ଖାଦ୍ୟ ଚକ୍ର ଅନୁସାରେ ଛୋଟ ଜଳଚର ଜୀବଙ୍କଠାରୁ ମାଛ ଓ ମାଛଙ୍କଠାରୁ ମଣିଷଙ୍କ ଶରୀରକୁ ଆସିବାବେଳେ ଏହାର ବହୁଗୁଣିତ ପ୍ରଭାବ ପଡ଼ିବ। ଏହି ପରିପ୍ରେକ୍ଷୀରେ ବର୍ଜ୍ୟବସ୍ତୁ (ପାଉଁଶ)ର ପରିଚାଳନା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ସର୍ତ୍ତାବଳୀ କଡାକଡି ଲାଗୁ କରା ନ ଗଲେ ଅଞ୍ଚଳବାସୀଙ୍କ କୃଷି ଓ ସ୍ୱାସ୍ଥ୍ୟଗତ ସମସ୍ୟା ଉତ୍କଟତର ହେବା ସୁନିଶ୍ଚିତ ବୋଲି ସାମଲ କହିଛନ୍ତି। ଝାରସୁଗୁଡା, ସମ୍ବଲପୁର ଅଞ୍ଚଳରେ ପାଉଁଶ ପୋଖରୀ ହିଡ ଭାଙ୍ଗି ଚାଷଜମିରେ ମାଡିଯିବା ଭଳି ପୂର୍ବରୁ ନଜିର ରହିଛି। ଏଥିଯୋଗୁ ଶତାଧିକ ଏକର ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ମଧ୍ୟ ଅଭିଯୋଗ ହୋଇ ଆସୁଛି। ଏହାକୁ ଦୃଷ୍ଟିରେ ରଖି ଫ୍ଲାଏ ଆଶ୍ ବିନିଯୋଗର ଆବଶ୍ୟକତା ଉପରେ ବିଧାୟକ ନବଚରଣ ମାଝି ବିଧାନସଭାରେ ପ୍ରଶ୍ନ କରିଥିଲେ।

ଏ ସଂକ୍ରାନ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗରରେ ଥିବା କାରଖାନାଗୁଡିକ ଭାରତ ସରକାରଙ୍କ ଫ୍ଲାଏ ଆଶ୍ ବିନିଯୋଗ ନିୟମ ଅନୁଯାୟୀ କାମ କରୁଛନ୍ତି। ସେମାନେ ନିଜସ୍ତରରେ ଆବଶ୍ୟକତା ଅନୁସାରେ ଫ୍ଲାଏ ଆଶ୍ ପ୍ରଦାନ କରୁଛନ୍ତି।

# ଆସିଲା ୯,୦୪,୧୮୦ କୋଭିଶିଲ୍ଡ ଟିକା



ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଟିକା ନେଇ ଆସିଥିବା ଟିମ୍‌ର ସଦସ୍ୟମାନେ।

ଭୁବନେଶ୍ୱର, ୯।୩(ବ୍ୟୁରୋ)

### ରାଜ୍ୟରେ ଟିକା ନେଲେଣି ୯,୬୮, ୭୬୬

ସାରା ଦେଶରେ ଏବେ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ଟିକାକରଣ କାର୍ଯ୍ୟକ୍ରମ ଚାଲିଛି। ଯେଉଁଥିରେ ୬୦ବର୍ଷରୁ ଊର୍ଦ୍ଧ୍ୱ ଏବଂ ୪୫ରୁ ୫୯ ବର୍ଷ ମଧ୍ୟରେ ଥିବା ବହୁବିଧ ରୋଗୀଙ୍କୁ ଟିକା ଦିଆଯାଉଛି। ମଙ୍ଗଳବାର ଓଡ଼ିଶାକୁ ଆଉ ୯,୦୪,୧୮୦ କୋଭିଶିଲ୍ଡ ଟିକା ଆସି ପହଞ୍ଚିଛି। ଏକ ସ୍ୱତନ୍ତ୍ର ବିମାନରେ ଟିକା ଆସି ପହଞ୍ଚିବା ପରେ ସେଗୁଡ଼ିକୁ ଷ୍ଟେଟ୍ ଭ୍ୟାକ୍ସିନ ସେଣ୍ଟରକୁ ପଠାଯାଇଛି। ସେପଟେ ରାଜ୍ୟରେ ଗୋଟିଏ ଦିନରେ ୬୦ହଜାରରୁ ଊର୍ଦ୍ଧ୍ୱ ଟିକାକରଣ ହୋଇଛି। ମଙ୍ଗଳବାର ୩୭,୪୦୭ଜଣ ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେଇଥିବାବେଳେ ୧,୭୬୭ଜଣ ବହୁବିଧ ରୋଗୀ ଟିକା ନେଇଛନ୍ତି। ଏହାବ୍ୟତୀତ ୬୦୦ଜଣ ସ୍ୱାସ୍ଥ୍ୟକର୍ମୀ ପ୍ରଥମ ଡୋଜ୍ ଏବଂ ୭,୦୨୧ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ସେହିପରି ୯୦୩ଜଣ ସମ୍ମୁଖ ଯୋଦ୍ଧା ପ୍ରଥମ ଡୋଜ୍ ଏବଂ ୧୬,୨୩୧ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଏହିପରି ଭାବେ ମୋଟ୍ ୬୩,୯୨୯ଜଣ ଟିକା ନେଇଛନ୍ତି। ମୋଟ ୫୨୫ କେନ୍ଦ୍ରରେ ଟିକାକରଣ ହୋଇଛି। ୫,୩୨୦ଜଣଙ୍କୁ କୋଭାକ୍ସିନ ଏବଂ ୫୮,୬୦୯ଜଣଙ୍କୁ କୋଭିଶିଲ୍ଡ ଟିକା ଦିଆଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ୨,୨୫,୩୬୫ଜଣ ଟିକା ନେଇଥିବାବେଳେ ୧୦,୮୦୭ଜଣ ବହୁବିଧ ରୋଗୀ ଟିକା ନେଇଛନ୍ତି। ତେବେ ସାରା ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯,୬୮,୭୬୬ଜଣଙ୍କୁ ଟିକା ଦିଆସରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

### କୋଣାର୍କ: ଏଏସ୍‌ଆଇ ନିୟମିତ ପଦକ୍ଷେପ ନେଉଛି

ଭୁବନେଶ୍ୱର, ୯।୩(ବ୍ୟୁରୋ)

ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ନିୟମିତ ଏହାର ସଫେଇ ଏବଂ ଅନ୍ୟାନ୍ୟ ମରାମତି କାର୍ଯ୍ୟ ସହିତ ଜଳ ନିଷ୍କାସନ କରାଯାଉଛି ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ କହିଛନ୍ତି। ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ କୋଣାର୍କର ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ର ପକ୍ଷରୁ କେଉଁସବୁ ପଦକ୍ଷେପ ନିଆଯାଇଛି ସେନେଇ ପ୍ରଶ୍ନ କରିଥିଲେ। ଉତ୍ତରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ କହିଛନ୍ତି, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ (ଏଏସଆଇ) ଲୁଣି ପବନ, ପାଣି ଜମି ରହିବା କାରଣରୁ ହେଉଥିବା କ୍ଷତି, ମୃତ୍ତିକା କ୍ଷୟ ସହିତ ମାଡ଼ିଯାଉଥିବା ଅନାବନା ଗଛଲତାକୁ ବଢ଼ିବାରୁ ରୋକିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରିଛି। ପେପର ପଲ୍ପ ପ୍ରଣାଳୀ ଦ୍ୱାରା ମନ୍ଦିରର ଭୂପୃଷ୍ଠକୁ ସଫା କରିବା, ଆବଶ୍ୟକସ୍ଥଳେ ସାଧା ପଥର ଏକତ୍ର କରି ଫାଙ୍କ ସୃଷ୍ଟି ହୋଇଥିବା ବା ଫାଟିଯାଇଥିବା ସ୍ଥାନକୁ ମରାମତି କରିବା, ଲୁଣି ପବନ ଦ୍ୱାରା ହେଉଥିବା କ୍ଷୟକୁ ରୋକିବା ପାଇଁ ଆଖପାଖ ଅଞ୍ଚଳରେ ବୃକ୍ଷ ରୋପଣ କରିବା, ପମ୍ପ ସେଟ୍ ବ୍ୟବହାର କରି ଜଳ ଅପସାରଣ କରିବା ଏବଂ ଅନାବନା ଗଛକୁ ରୋକିବାକୁ ପର୍ଯ୍ୟାୟକ୍ରମେ ଜୈବ ଚିକିତ୍ସା କରିବା ଭଳି ଅନେକ କାମ ଏଏସଆଇ ପକ୍ଷରୁ କରାଯାଉଛି।

## ଗୋବରୀ ନଦୀରୁ ହରିଣ ଉଦ୍ଧାର



ଉଦ୍ଧାର ହୋଇଥିବା ହରିଣ।

ପଟ୍ଟାମୁଣ୍ଡାଇ, ୯।୩ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ କଇଁକୁଳା ଗାଁ ନିକଟ ଗୋବରୀ ନଦୀରୁ ମଙ୍ଗଳବାର ଏକ ହରିଣକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଭିତରକନିକା ଅଭୟାରଣ୍ୟ ପରିସୀମା ମଧ୍ୟରୁ ହରିଣ ଚାଲି ଆସିଥିବା ଅନୁମାନ କରାଯାଉଛି। ଦୀର୍ଘ ୫୦ କିମିରୁ ଊର୍ଦ୍ଧ୍ୱବାଟ ଅତିକ୍ରମ କରି ହରିଣଟି କିପରି ଆସିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସକାଳେ କଇଁକୁଳା ଗ୍ରାମର କେତେଜଣ ବ୍ୟକ୍ତି ଗୋବରୀ ନଦୀକୂଳରେ ହରିଣକୁ ଦେଖି ତା'ର ପିଛା କରିଥିଲେ। ଏହା ଦେଖି ହରିଣଟି ଦୌଡି ଦଳ ଭର୍ତ୍ତି ଗୋବରୀ ନଦୀ ମଧ୍ୟକୁ ଡେଇଁ ପଡିଥିଲା। ନଦୀରେ ମାଛ ଧରିବାକୁ ଜାଲ ବିଛାଇ ଥିବା ଗାଁ ଚକ୍ରଧର ସେଠୀଙ୍କ ଜାଲରେ ହରିଣ ପଡିଥିଲା। ଗ୍ରାମବାସୀ ଡଙ୍ଗା ସାହାଯ୍ୟରେ ହରିଣକୁ ନଦୀ ଗର୍ଭରୁ ଉଦ୍ଧାର କରିଥିଲେ। ପରେ ଏ ସମ୍ପର୍କରେ ଗ୍ରାମବାସୀ ଥାନା ଓ ବନ ବିଭାଗକୁ ଖବର ଦେଇଥିଲେ। ରାଜନଗର ବନ ବିଭାଗ କର୍ମଚାରୀ ଅପରାହ୍ନରେ ଗାଁରେ ପହଞ୍ଚି ହରିଣକୁ ନିଜ ହେପାଜତକୁ ନେଇଥିଲେ। ଏହି ହରିଣ ଅଣ୍ଡିରା ହୋଇଥିବା ବେଳେ ପ୍ରାୟ ଦେଢ଼ବର୍ଷର ହେବ ବୋଲି ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

## 'ସବୁ ବିଧାୟକଙ୍କ କୋଭିଡ୍ ଟେଷ୍ଟ ହେବ'

ଭୁବନେଶ୍ୱର,୯।୩(ବ୍ୟୁରୋ)

**୧୨ରୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ**

- ବୁଧବାର, ଗୁରୁବାର ଚାଲିବ
- ୨ଘଣ୍ଟାରେ ମିଳିବ ରିପୋର୍ଟ

ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ୧୨ ତାରିଖରୁ ଆରମ୍ଭ ହେବ। ଅଧିବେଶନରେ ସାମିଲହେବା ଲାଗି ସବୁ ବିଧାୟକଙ୍କୁ କୋଭିଡ୍ ଟେଷ୍ଟ କରିବାକୁ ପଡ଼ିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମଙ୍ଗଳବାର ସୂଚନା ଦେଇଛନ୍ତି। ବିଧାୟକମାନଙ୍କ ଆଣ୍ଟିଜେନ ଟେଷ୍ଟ କରି ଦୁଇଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରାଯିବ। ଯେଉଁ ବିଧାୟକମାନଙ୍କ ରିପୋର୍ଟ ନେଗେଟିଭ ଆସିବ କେବଳ ସେମାନଙ୍କୁ ଭିତରକୁ ପ୍ରବେଶ ଅନୁମତି ଦିଆଯିବ। ସେମାନେ ଗୃହ କାର୍ଯ୍ୟରେ ସାମିଲ ହୋଇପାରିବେ ବୋଲି ବାଚସ୍ପତି କହିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ରାଜ୍ୟରେ କରୋନା କୋପ ପୁଣିଥରେ ଲେଉଟିଥିବା ବେଳେ ରାଜ୍ୟ ସରକାର ଏଥିଲାଗି ସତର୍କତାମୂଳକ ଗାଇଡ୍‌ଲାଇନ ଜାରି କରି ସାରିଲେଣି। ପୁଣିଥରେ ଯେପରି କରୋନା ଗ୍ରାଫ୍ ଉପରମୁହାଁ ନ ହୁଏ ସେଥିଲାଗି ବିଭିନ୍ନ ନିର୍ଦ୍ଦେଶନାମା ଜାରି କରାଯାଉଛି। ଆଗକୁ ଜାଗର ଥିବାବେଳେ ବହୁ ଲୋକଙ୍କ ସମାଗମ ତଥା ଏକାଠି ଦୀପ ଜାଳିବାକୁ ବାରଣ କରାଯାଇଛି। ସେହିଭଳି ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଏପରି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ବିଧାନସଭା ଓ ଲୋକସେବା ଭବନ କର୍ମଚାରୀ ଯେଉଁମାନେ ବିଧାନସଭା ଆସିବେ ସମସ୍ତଙ୍କ ଲାଗି ଆଣ୍ଟିଜେନ ଟେଷ୍ଟ କରାଯିବ। ବିଧାନସଭା ଖବର ସଂଗ୍ରହ କରିବାକୁ ଆସିବା ଖବରଦାତାମାନଙ୍କ ଟେଷ୍ଟ ମଧ୍ୟ କରାଯିବ। ଆସନ୍ତା ବୁଧବାର ଏବଂ ଗୁରୁବାର ବିଧାନସଭାରେ ଟେଷ୍ଟିଂ ପ୍ରକ୍ରିୟା ଚାଲିବ।

## ତାରାତାରିଣୀ ଯାତ୍ରା: ଜିଲା ବାହାରର ମୁଣ୍ଡନ ମନା

ଛତ୍ରପୁର,୯।୩(ଡି.ଏନ.ଏ.)

ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ସମୟରେ ଚଳିତବର୍ଷ କେବଳ ଗଞ୍ଜାମ ଜିଲାର ମାନସିକଧାରୀଙ୍କ ମୁଣ୍ଡନକୁ ଅନୁମତି ଦିଆଯାଇଛି । ଅନ୍ୟ ଜିଲା ଓ ରାଜ୍ୟର ଲୋକେ ଏଠାରେ ମୁଣ୍ଡନ କରାଇ ପାରିବେନି ବୋଲି ଜିଲାପାଳ କହିଛନ୍ତି। ପୂର୍ବଭଳି ପାହାଡ ପାଦଦେଶରେ ଜିଲାର ମାନସିକଧାରୀ ମୁଣ୍ଡନ କରାଇପାରିବେ ବୋଲି ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ସେହିପରି କେବଳ ଜିଲାର ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ପାଇଁ ପାହାଡ ଉପରକୁ ଯାଇପାରିବେ। ସେହିପରି କୌଣସି ଗାଡି ପାହାଡ ଉପରକୁ ଯିବନି। ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବସରେ ପାହାଡ ଉପରକୁ ଯାତାୟାତ କରିହେବ । ପାହାଡ଼ରେ ଦୀପ ଘର, ଯଜ୍ଞମଣ୍ଡପ ଓ ଅନ୍ୟ କାମ ଚାଲିଛି। ଚୈତ୍ର ଯାତ୍ରା ବେଳେ ପାନୀୟ ଜଳ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ, ଭକ୍ତ ମାନଙ୍କ ସୁବିଧା କରିବା ନିମନ୍ତେ ଆଲୋଚନା କରାଯିବ। କୋଭିଡ୍ ଗାଇଡଲାଇନ୍ ପାଳନ କରି ତାରାତାରିଣୀ ଯାତ୍ରା, ଶିବରାତ୍ରି ପାଳନଙ୍କୁ ଅନୁମତି ଦିଆଯାଇଛି । କେବଳ ମାନସିକ ପୂରଣ ପାଇଁ ଦଣ୍ଡନାଟକୁ ଅନୁମତି ଦିଆଯାଇଛି।

PARADIP PORT TRUST
e-TENDER NOTICE
Name of work : Construction of New Isolation Ward inside Port Trust Hospital. Estimated Cost put to tender : ₹ 3,29,64,347.94. Date of available of tender for online bidding : 03.03.2021 to 23.03.2021 upto 17.00 hrs. For details of the tender for online bidding is available in the website : https://eprocure.gov.in/eprocure/app
Executive Engineer,
Building Construction Division
PPT/PR/436/20-21 Dt : 09.03.2021

# 'ସ୍କୁଲରେ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ ହେଉ'

ଭୁବନେଶ୍ୱର, ୯।୩(ବ୍ୟୁରୋ)

- ରାଜ୍ୟପାଳଙ୍କୁ ଅଭିଭାବକ ମହାସଂଘର ସ୍ମାରକପତ୍ର
- ରାଜଭବନ ସମ୍ମୁଖରେ ଥାଳି, ଚାମଚ ବାଡ଼େଇ ପ୍ରତିବାଦ



ରାଜଭବନ ସମ୍ମୁଖରେ ଅଭିଭାବକ ମହାସଂଘ ପକ୍ଷରୁ ଥାଳି ବାଡେଇ ପ୍ରତିବାଦ କରାଯାଉଛି।

ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ କରିବା ଦାବିରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ମଙ୍ଗଳବାର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମହାସଂଘ କର୍ମକର୍ତ୍ତା କହିଛନ୍ତି, ସ୍କୁଲରେ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ବିନା ଗୁଣାତ୍ମକ ଶିକ୍ଷାର ପରିକଳ୍ପନା କରିବା ଅସମ୍ଭବ। ୨୦୧୪ରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ୪ହଜାରରୁ ଊର୍ଦ୍ଧ୍ୱ ହାଇସ୍କୁଲରେ କମ୍ପ୍ୟୁଟର ଲାବ୍ ପ୍ରତିଷ୍ଠା ସହ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତ କରିଥିଲେ। କିନ୍ତୁ ୨୦୧୯ରେ ଓପେପା ପ୍ରକଳ୍ପ ବନ୍ଦ ହେବା ପରେ ସେହି ଶିକ୍ଷକମାନଙ୍କୁ ଛଟେଇ କରାଯାଇଛି। କମ୍ପ୍ୟୁଟର ଲ୍ୟାବ୍‌ଗୁଡ଼ିକରେ ମଧ୍ୟ ତାଲା ପଡ଼ିଛି। ସରକାରୀ ସ୍କୁଲରେ ଶିକ୍ଷାର ମାନ କମିଯାଉଥିବାରୁ ଅଭିଭାବକମାନେ ବାଧ୍ୟହୋଇ ଘରୋଇ ସ୍କୁଲମୁହାଁ ହେଉଛନ୍ତି। ଗତ ୫ବର୍ଷ ମଧ୍ୟରେ ପ୍ରାୟ ୩୫% ସରକାରୀ ବିଦ୍ୟାଳୟ ପିଲା ବେସରକାରୀ ସ୍କୁଲକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। କମ୍ପ୍ୟୁଟର ଲାବ୍ ନ ଖୋଲି ଶିକ୍ଷାଦାନ ବନ୍ଦ କଲେ ଲକ୍ଷ ଲକ୍ଷ ପିଲା ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେବେ। ପିଲାମାନେ ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେଉଥିବାରୁ ମହାସଂଘ ପ୍ରତିବାଦ ଜଣାଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି।

ଏହି ଆନ୍ଦୋଳନରେ ଅଭିଭାବକ ମହାସଂଘ କର୍ମକର୍ତ୍ତାମାନଙ୍କ ସହିତ ସରକାରୀ ସ୍କୁଲର ଅଭିଭାବକ, ଛଟେଇ କମ୍ପ୍ୟୁଟର ଶିକ୍ଷକମାନେ ସାମିଲ ହୋଇ ଥାଳି ଚାମଚ ବାଡ଼େଇ ଅଭିନବ ପ୍ରତିବାଦ କରିବା ସହ ସ୍ଲୋଗାନ ଦେଇଥିଲେ। ସରକାର 'ମୋ ସ୍କୁଲ' ଯୋଜନାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଅର୍ଥ ବରାଦ କରିଛନ୍ତି। ତେଣୁ ଏହି ଯୋଜନାରେ କମ୍ପ୍ୟୁଟର ଶିକ୍ଷାକୁ ସାମିଲ କରିବା ସହ ଲାବ୍‌ଗୁଡ଼ିକ ଖୋଲି ଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ଦିଅନ୍ତୁ ବୋଲି ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଦାବି କରିଛନ୍ତି। ପ୍ରସନ୍ନ ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରଦୀପ୍ତ ମିଶ୍ର, ଅଶୋକ ପାଇକରାୟ, ଭୂମୋହନ ପଟ୍ଟନାୟକ, ସତ୍ୟବ୍ରତ ପରିଜାଙ୍କ ସମେତ କମ୍ପ୍ୟୁଟର ଶିକ୍ଷକ ନେତ୍ରୀ ଦୀପିକା ମଞ୍ଜରୀ ମିଶ୍ରଙ୍କ ସମେତ ୧୫୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ।

ODISHA POWER GENERATION CORPORATION LIMITED
OPGC
(A Government of Odisha Undertaking)
At: IB Thermal Power Station, P.O.: Banaharpali, Dist.: Jharsuguda, Odisha - 768234, Phone No.: (Land Line No. 06645-289232/315/221/355/356/245), Email: bkmishra@opgc.co.in

NOTICE INVITING TENDER

No. CAD-1466: OPGC invites sealed bids from bonafide and financially sound Registered Agencies/Firms/Companies for execution of the following supply/works for its Thermal Power Plant at Banharpali.

| SL. | DESCRIPTION | BID SALE DATE |
|---|---|---|
| | **A) WORKS TENDER FOR UNIT - 1 & 2** | |
| 1 | AMC for maintenance of P-Way/Railway track of MGR | 11.03.21 to 31.03.21 |
| 2 | AMC of Lighting & Cabling | 12.03.21 to 01.04.21 |
| 3 | AOH of HPBP Valves, LPBP & Gov Rack of Turbine Governing System, Unit # 1 & 2 | 10.03.21 to 20.03.21 |
| 4 | Overhauling of 20 MVA, 220 KV/33 KV (Apex Make) Colony Transformer | 10.03.21 to 30.03.21 |
| 5 | AOH of Mechanical Equipments of Turbine Auxiliaries, Unit # 2 | 13.03.21 to 02.04.21 |
| 6 | AOH of Mechanical Equipments of Ash Handling Plant, BOP etc., Unit # 2 | 13.03.21 to 02.04.21 |
| | **B) WORKS TENDER FOR UNIT - 3 & 4** | |
| 1 | AMC for Cleaning and Housekeeping Activities for New Infrastructure areas | 10.03.21 to 31.03.21 |
| 2 | Hiring of Manpower for AHP Electrical | 10.03.21 to 24.03.21 |
| 3 | Engagement of Manpower for Chharla Coal Loading yard & Misc. Job of MGR | 10.03.21 to 20.03.21 |
| | **C) SUPPLY TENDER FOR UNIT # 1 & 2** | |
| 1 | Supply of CPVC Pipes | 10.03.21 to 30.03.21 |
| 2 | Supply of Cast Basalt MS Pipe & Bend | 10.03.21 to 30.03.21 |
| | **D) SUPPLY TENDERS FOR UNIT # 3 & 4** | |
| 1 | Screen Plate 3-273-168 | 10.03.21 to 27.03.21 |
| 2 | Structural Steel Pipes duct internal support for Unit 3 & 4 Boiler AOH | 10.03.21 to 24.03.21 |
| 3 | Procurement of Structural Steel items for Unit 3 & 4 Boiler AOH (FY 2021-22) | 10.03.21 to 24.03.21 |

The detailed NITs along with Terms and Conditions are available for downloaded at OPGC website at www.opgc.co.in. Addenda/Corrigenda/Extensions, if any, will be notified on the OPGC website only and will not be published in another media. Interested companies or entities may visit OPGC website for the tender timeline and other details.
Sd./- GM-SCM
OIPR-04017/11/0003/2021

## ଚୋରି ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ:** ଅନୁଗୋଳ ଥାନା ତୁରଙ୍ଗ ଇନ୍ଦ୍ରହରି ନଗରରୁ ଚୋରି କରିଥିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ କରଡାଗାଡିଆ ଅଞ୍ଚଳର ଶିବ ଗୋଚ୍ଛାୟତ(୨୨)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ପୋଲିସ ୧୫ ଶହ ଟଙ୍କା ଜବତ କରିଥିବା ସୂଚନା ମିଳିଛି। ଗତ ୩ ତାରିଖରେ ଇନ୍ଦ୍ରାଣୀ ନଗରରେ ଥିବା ଜଳଧର ସାହୁଙ୍କ ଘରେ ପଶି ଶିବ କଳାକନା ବୁଲାଇ ଦେଇଥିଲେ। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ସଫେଇ ଟିକସ ଦେବେ ସହରବାସୀ

**ଅନୁଗୋଳ ଅଫିସ, ୯।୩**



ପୌରପାଳିକା ପକ୍ଷରୁ ଘର ଘର ବୁଲି ଅଳିଆ ସଂଗ୍ରହ କରାଯାଉଛି।

- ଖୁବ୍‌ଶୀଘ୍ର ଅନୁଗୋଳ ପୌରପାଳିକାରେ ଲାଗୁ ହେବ
- ସାଧାରଣ ଲୋକେ ଦୈନିକ ୧ ଟଙ୍କା, ମଲ୍ ଦେବ ୧୦ ଟଙ୍କା
- ବ୍ୟବସ୍ଥାକୁ କେଉଁଠି ସ୍ୱାଗତ, କେଉଁଠି ବିରୋଧ

ଅନୁଗୋଳ ସହର ପୂର୍ବାପେକ୍ଷା ରହିବ ପରିଷ୍କାର ପରିଚ୍ଛନ୍ନ। ସଫେଇ ପାଇଁ ନୂଆ ନୂଆ ବ୍ୟବସ୍ଥା ଲାଗୁ ହେଉଥିବା ବେଳେ ଆସନ୍ତା ଦିନରେ ପୌରପାଳିକା ପକ୍ଷରୁ ସଫେଇ ଟିକସ ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି। ପୌରାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, ଉଠାଦୋକାନୀ, ମଲ୍ ମାଲିକ, ବ୍ୟାଙ୍କ କର୍ତ୍ତୃପକ୍ଷ ସଫେଇ ପାଇଁ ପକେଟରୁ ଅର୍ଥ ଦେବେ। ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ଫି' ଧାର୍ଯ୍ୟ କରାଯାଇଛି। ସହରବାସିନ୍ଦାଙ୍କ ପାଇଁ ଦୈନିକ ୧ ଟଙ୍କା ଟିକସ ଧାର୍ଯ୍ୟ ହୋଇଥିବା ବେଳେ ଉଠାଦୋକାନୀ ୩ ଟଙ୍କା, ସ୍ଥାୟୀ ବ୍ୟବସାୟୀ ୫ ଟଙ୍କା, ବ୍ୟାଙ୍କ ଓ ମଲ୍‌ଗୁଡ଼ିକରୁ ୧୦ ଟଙ୍କା ଲେଖାଏ ଆଦାୟ କରାଯିବ। ତେବେ ବର୍ଷକିଆ ଓ ୬ ମାସିଆ ଦେୟ ଏକାବେଳେ ପୈଠ କଲେ ରିହାତି ଦିଆଯିବ। ତେବେ ସହର ସଫେଇ ବାବଦରେ ସରକାର ଅର୍ଥ ଦେଉଥିବା ବେଳେ ସାଧାରଣ ଲୋକଙ୍କ ଉପରେ ଟିକସ ବସାଯିବାକୁ କେତେକ ସ୍ଥାନରେ ସ୍ୱାଗତ କରାଯାଉଥିବା ବେଳେ ଅନେକେ ବିରୋଧ ମଧ୍ୟ କରୁଛନ୍ତି।

୨୩ଟି ୱାର୍ଡକୁ ନେଇ ଗଠିତ ଅନୁଗୋଳ ପୌରପାଳିକାରେ ସଫେଇ ପାଇଁ ୧୫୧ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୧ ଜଣ ଠିକା ସଂସ୍ଥାର ହୋଇଥିବାବେଳେ ୨୦ ଜଣ ପୌରପାଳିକାର ସ୍ଥାୟୀ ଓ ଡିଏଲ୍‌ଆର୍ କର୍ମଚାରୀ ଅଛନ୍ତି। ସଫେଇ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଦୁଇବେଳା ସହର ସଫେଇ କରୁଛି। ଏହି କାର୍ଯ୍ୟରେ ୪ ଟ୍ରାକ୍ଟର, ୨ ଛୋଟ ଗାଡ଼ି, ୨୫ ଟ୍ରଲି ସହ ୪ ସୌରଚାଳିତ ଗାଡ଼ି ବ୍ୟବହାର କରାଯାଉଛି। ଛୋଟ ୱାର୍ଡରେ ୪ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ସ୍ୱଚ୍ଛସାଥୀ ତଦାରଖ କରୁଛନ୍ତି। ଏଥିସହ ବଜାର ଅଞ୍ଚଳରେ ରାତିରେ ସଫେଇ କରାଯାଉଛି। ପୌରପାଳିକାର ସ୍ଥାୟୀ ଓ ଡିଏଲ୍‌ଆର୍ ୨୦ ଜଣ କର୍ମଚାରୀଙ୍କ ସହ ୧୦ ଜଣ ଠିକା କର୍ମଚାରୀଙ୍କୁ ଏଥିରେ ନିୟୋଜିତ କରାଯାଇଛି। ଏଥିପାଇଁ ସରକାର ଅର୍ଥ ପ୍ରଦାନ କରୁଛନ୍ତି। ତେବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପୌରପ୍ରଶାସନ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ବୋଲି କୁହାଯାଉଛି। ପୌରପାଳିକାରେ ଥିବା ଘର ପ୍ରତି ମାସିକ ୩୦ ଟଙ୍କା, ଉଠା ଦୋକାନୀ ୯୦ ଟଙ୍କା, ସ୍ଥାୟୀ ଦୋକାନୀ ୧୫୦ ଟଙ୍କା, ମଲ୍ ଓ ବ୍ୟାଙ୍କ ୩୦୦ ଟଙ୍କା ପ୍ରଦାନ କରିବେ। ଏହି ୟୁଜର୍ସ ଫି' ଆଦାୟ କରିବା ପାଇଁ ସ୍ୱଚ୍ଛସାଥୀ କିମ୍ବା କିନ୍ନରଙ୍କୁ ଦାୟିତ୍ୱ ଦିଆଯିବାର ବନ୍ଦୋବସ୍ତ ଚାଲିଛି। ଏହି ନିୟମ ଢେର୍ ଦିନ ହେବ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବାରୁ ସହଯୋଗ କରିବାକୁ ପୌରପାଳିକା ପକ୍ଷରୁ ସହରବାସୀଙ୍କୁ ଅନୁରୋଧ କରାଯାଇଛି।

### ଅନ୍ୟ ସହରରେ ଲାଗୁ ହୋଇସାରିଛି



"ଅନୁଗୋଳ ପୌରପାଳିକାରେ ଏହି ନିୟମ ଖୁବ୍‌ଶୀଘ୍ର ଲାଗୁ କରାଯିବ। ୨୦୧୮ରୁ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇସାରିଛି। ଏହାଦ୍ୱାରା ସହରକୁ ଅଧିକ ସଫାସୁତରା ରଖାଯାଇ ପାରିବ। ଲୋକମାନେ ମନଇଚ୍ଛା ଏଣେତେଣେ ଅଳିଆ ପକାଇ ପାରିବେ ନାହିଁ। ସହର ସ୍ୱଚ୍ଛତାରେ ପାଦେ ଆଗକୁ ଯିବ।

-ଗିରିଜା ଶଙ୍କର ମଲ୍ଲିକ, ଅନୁଗୋଳ ପୌରନିର୍ବାହୀ ଅଧିକାରୀ

### ଧୀରେ ଧୀରେ ଗ୍ରହଣୀୟ ହେବ



"ଏପରି ବ୍ୟବସ୍ଥା ପୂର୍ବରୁ ଲାଗୁ ହେବାର ଥିଲା। ଲୋକମାନେ ପ୍ରଥମେ ଏହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। କିନ୍ତୁ ଧୀରେ ଧୀରେ ଲୋକେ ସଚେତନ ହେଲେ ଏ ଦିଗରେ ଆଗ୍ରହ ବଢ଼ିବ। ସହର ସଫେଇ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ତେଣୁ ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ।

-ଜୁଲି ସାହୁ, ସ୍ୱଚ୍ଛ ସାଥୀ, ଅନୁଗୋଳ

### ୟୁଜର ଫି' ଚାପ ଠିକ୍ ଲାଗୁନି



"କରୋନା ଯୋଗୁ ପୂର୍ବପରି ବେପାର ନ ଥିବାବେଳେ ପୌରପାଳିକାକୁ ମାସକୁ ୧୫୦ ଟଙ୍କା ସଫେଇ ବାବଦରେ ଦେବା କଷ୍ଟକର ହେବ। ଯେଉଁ ବ୍ୟବସାୟୀ ଆବର୍ଜନା ଏଣେତେଣେ ପକାଉଛନ୍ତି ସେମାନଙ୍କଠାରୁ ଏହି ଫି' ଆଦାୟ କରାଯାଉ। ସମସ୍ତଙ୍କ ଉପରେ ଚାପ ନ ପକାଇ ପୌର ପ୍ରଶାସନ ସଚେତନ କଲେ ଭଲ ହୁଅନ୍ତା।

-କାଞ୍ଚନ ସିଂହ, ସ୍ଥାୟୀ ବ୍ୟବସାୟୀ

### ପ୍ରଥମେ ସଚେତନ କରାଯାଉ



"ଅଳିଆ ଉଠାଇବା ପାଇଁ ଟଙ୍କା ଦେବାକୁ ରାଜି ଅଛୁ। କିନ୍ତୁ ସହର ସମ୍ପୂର୍ଣ୍ଣ ସଫାସୁତରା ରହିବା ଆବଶ୍ୟକ। ପ୍ରଥମେ ଲୋକଙ୍କୁ ସଚେତନ କରାଯାଇ ପରେ ଏହି ବ୍ୟବସ୍ଥା ଲାଗୁ କରାଯାଉ। ସ୍ୱଚ୍ଛତାକୁ ଅଣଦେଖା କରି କିଛି ଲୋକ, ବ୍ୟବସାୟୀ ଅଳିଆ ରାସ୍ତାକୁ ଫିଙ୍ଗି ଦେଉଥାନ୍ତି। ଏଭଳି ଅମାନିଆଙ୍କ ଠାରୁ ଅଧିକ ଜରିମାନା ଆଦାୟ ବ୍ୟବସ୍ଥା ହେଲେ ସେମାନେ ସୁଧୁରିଯାଆନ୍ତେ।

-ନିବେଦିତା ମିଶ୍ର, ଅନୁଗୋଳ

## ଦୁଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

**ଅନୁଗୋଳ ଅଫିସ, ୯।୩**

ଦାୟିତ୍ୱରେ ଅବହେଳା କରିବାରୁ ବାରଗଣିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅର୍ଜୁନ କୁମାର ପୃଷ୍ଟି ଓ ପାଲଲହଡ଼ା ବ୍ଲକରେ ଅବସ୍ଥାପିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଦାଶିବ ପ୍ରଧାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଡିଆର୍‌ଡିଏ ଟିମ୍‌ର କ୍ଷେତ୍ର ପରିଦର୍ଶନ ସମୟରେ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା, ସମୀକ୍ଷା ବୈଠକରେ ଯୋଗ ନ ଦେବା, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବିନା ଅନୁମତିରେ ସଦର ମହକୁମା ଛାଡି ଚାଲିଯାଇଥିବାରୁ ବାରଗଣିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ପୃଷ୍ଟିଙ୍କୁ ନିଲମ୍ବନ କରାଯାଇଛି। ସେହିପରି ପାଲଲହଡା ବ୍ଲକରେ ଅବସ୍ଥାପିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଧାନ ମୁଣ୍ଡିବେଡା ପଞ୍ଚାୟତରେ କେତେଜଣ ହିତାଧିକାରୀଙ୍କୁ ୨ଥର ଲେଖାଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଞ୍ଜୁର କରିଛନ୍ତି। ସେ ନିଜ ଦାୟିତ୍ୱରେ ଘୋର ଅବହେଳା ପ୍ରଦର୍ଶନ ପୂର୍ବକ ପ୍ରଶାସନକୁ ଅସୁବିଧାରେ ପକାଇବା ସହ ବିନା ଅନୁମତିରେ ସଦର ମହକୁମା ଛାଡି ଚାଲିଯିବାର ନଜିର ରହିଛି। ଏଥିସହ ଆସବାବପତ୍ର ଭଙ୍ଗାରୁଜା ଘଟଣାରେ ନୋଟିସର ଉତ୍ତର ଦେଇ ନ ଥିଲେ। ତେଣୁ ଦାୟିତ୍ୱହୀନତା କାରଣରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦୁଇ ନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ବୋଲି ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂଙ୍କ ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ବେଆଇନ ଚାନ୍ଦା ଆଦାୟ ଅଭିଯୋଗ

**ବଇଣ୍ଡା,୯।୩(ଡି.ଏନ.ଏ.):** ଅନୁଗୋଳ ଜିଲା ଠାକୁରଗଡ ଥାନା ଖଜୁରିଜୁଡା, ନାକିଚି ରୋଡ୍, କଳାପାଟନାଳି ନିକଟରେ ପ୍ରତ୍ୟେକ ବୁଧବାର ଗୋରୁ ବୋଝେଇ ଗାଡିରୁ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଉଥିବା ସୋମବାର ଠାକୁରଗଡ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ ବୁଧବାର ଜରପଡାଠାରେ ସାପ୍ତାହିକ ହାଟ ହେଉଥିବା ବେଳେ ଗୋରୁ ଚାଲାଣ ଗାଡ଼ିରୁ ଠାକୁରଗଡ ଥାନା ଅଞ୍ଚଳର ୩ ଜଣ ଯୁବକ ଚାନ୍ଦା ଆଦାୟ କରୁଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଇଆଇସି ପୀତାମ୍ବର ମଲ୍ଲିକ କହିଛନ୍ତି, ପୋଲିସ ପକ୍ଷରୁ ପଦକ୍ଷେପ ନିଆଯିବ।

### ମହିଳାଙ୍କ ମୃତଦେହ ଜବତ

**ବଇଣ୍ଡା,୯।୩(ଡି.ଏନ.ଏ.):** କିଶୋରନଗର ଥାନା ସାନରୋହିଲା ବ୍ରିଜ୍ ନିକଟସ୍ଥ ନାଳରୁ ମଙ୍ଗଳବାର ପୋଲିସ ଆଠମଲ୍ଲିକ ଥାନା ସୋରିଷପଙ୍କ ଗ୍ରାମର ମହିଳା ସସ୍ମିତା ମୁଣ୍ଡାଙ୍କ ମୃତଦେହ ଉଦ୍ଧାର କରିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖାଯାଇଛି। ପୋଲିସ କହିଛି, ସସ୍ମିତା କିଛିଦିନ ହେଲା ଘରୁ ପଳାଇ ଆସିଥିବା ବେଳେ ତାଙ୍କ ମୃତଦେହ ନାଳରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କିଶୋରନଗର ଆଇଆଇସି ପ୍ରତିଭା ମାଝି ପ୍ରକାଶ କରିଛନ୍ତି।

### ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ



**ବଇଣ୍ଡା,୯।୩(ଡି.ଏନ.ଏ.):** କିଶୋରନଗର ବ୍ଲକର ଖବରଦାତାମାନଙ୍କୁ ମଙ୍ଗଳବାର ସରକାରଙ୍କ ପକ୍ଷରୁ ପ୍ରଶାସନ ଜରିଆରେ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଛି। ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଖବରଦାତାଙ୍କୁ ଏହି କାର୍ଡ ପ୍ରଦାନ କରିଥିଲେ। ଏହି ସ୍ୱାସ୍ଥ୍ୟକାର୍ଡ ଯୋଗୁ ଖବରଦାତାମାନେ ସହଜରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା କରିପାରିବେ ବୋଲି ତହସିଲଦାର ପ୍ରକାଶ କରିଥିଲେ।

### ବସନ୍ତ କବିତାପାଠ ମହୋତ୍ସବ



**ବଁଅରପାଳ,୯।୩(ଡି.ଏନ.ଏ.):** ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ସରସ୍ୱତୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବସନ୍ତ କବିତା ପାଠ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁଷ୍ପମିତ୍ର ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ଅନିତା ରାଣୀ ସାହୁ, ପ୍ରଫେସର ସୁଶ୍ରୀ ରୀନା ମାଝି, କବିଜ୍ୟୋତି ନିରଞ୍ଜନ ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହିଳା ଦିବସ ଉପରେ କବିତା ପାଠ କରାଯାଇଥିଲା। ବିଦ୍ୟା ମନ୍ଦିର ଅଧକ୍ଷ ଡ. ଶତ୍ରୁଘ୍ନ ବେହେରା ସଭାରେ ଅଧକ୍ଷତା କରିଥିଲେ। ସମ୍ପାଦକ ପ୍ରଭାତ କୁମାର ଧର, ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ, ସାହିତ୍ୟ ସଂସଦ ସମ୍ପାଦିକା ଅହିଂସା ପ୍ରିୟଦର୍ଶିନୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ବିଜୟା ନନ୍ଦ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ୪ ଅଭିଯୁକ୍ତ ଗିରଫ

**କଣିହାଁ,୯।୩(ଡି.ଏନ.ଏ.):** ଏମ୍‌ସିଏଲ୍‌ରେ କାର୍ଯ୍ୟ କରୁଥିବା ଏକ କମ୍ପାନୀଠାରୁ ଅର୍ଥ ଦାବି କରିବା ଓ ତେଲିସିଙ୍ଗାସ୍ଥିତ କ୍ୟାମ୍ପ ଉପରକୁ ପଥରମାଡ଼ କରିବା ଅଭିଯୋଗରେ କଣିହାଁ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜରଡ଼ା ଗ୍ରାମର ସରୋଜ ସାହୁ, ଲିଟୁନ ସାହୁ, ଶୋଭିତ ସାହୁ ଓ ବାପୁଜୀ ସାହୁ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତମାନେ ଉକ୍ତ ଠିକା ସଂସ୍ଥାଠାରୁ ଅର୍ଥ ଦାବି କରିଥିଲେ। ଏଥିସହ ଗତ ୭ ତାରିଖ ରାତିରେ ତେଲିସିଙ୍ଗାସ୍ଥିତ କ୍ୟାମ୍ପ ଅଫିସ ଉପରେ ପଥରମାଡ଼ କରିଥିଲେ। ଏଥିଯୋଗୁ ସିକ୍ୟୁରିଟି କ୍ୟାବିନ କ୍ଷତିଗ୍ରସ୍ତ ହୋଇଥିବା ନେଇ କଣିହାଁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୬୮/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

## ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶିକ୍ଷିକା ଓ ଉପଭୋକ୍ତାମାନେ।

**ଅନୁଗୋଳ ଅଫିସ,୯।୩**

କେନ୍ଦ୍ର ସରକାରଙ୍କ ସ୍କିଲ୍ ଇଣ୍ଡିଆ ଅଧୀନରେ ଥିବା ଜନଶିକ୍ଷଣ ସଂସ୍ଥାନ, ଅନୁଗୋଳ ତରଫରୁ ବିଶ୍ୱ ମହିଳା ଦିବସ ନିର୍ଦ୍ଦେଶିକା ଡ. ପ୍ରଜ୍ଞା ଏଲିନା ଭାଲେଣ୍ଟିନା ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ସୁଜାତା କୁମାରୀ ପାଣ୍ଡେ, ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନାରୀମାନେ କିପରି ସ୍ୱାବଲମ୍ବୀ ହେବା ସହ ଦକ୍ଷତା ବୃଦ୍ଧି କରି ନିଜ ସାମାଜିକ ଦାୟିତ୍ୱ ନିର୍ବାହ କରିପାରିବେ ସେ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ପ୍ରଶିକ୍ଷିକା ଓ ଉପଭୋକ୍ତା ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଉତାଳ ଗ୍ରାମର ସଂଯୁକ୍ତା ପ୍ରଧାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସଂସ୍ଥାନ ତରଫରୁ ଏକ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ଜନ ଶିକ୍ଷଣ ସଂସ୍ଥାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ବିଜେଡି ପକ୍ଷରୁ ୩ ସଭା

**ବଁଅରପାଳ,୯।୩(ଡି.ଏନ.ଏ.)**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ଅନୁଗୋଳ ନିର୍ବାଚନମଣ୍ଡଳୀ ଆନୁକୂଲ୍ୟରେ ୩ଟି ସଭା ଆୟୋଜନ କରାଯାଇଥିଲା। ବଁଅରପାଳ ବ୍ଲକର ନାରାୟଣୀ କଲେଜରେ ସଭାପତି ସୁକେସିନୀ ବୈଦ୍ୟଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦୦ରୁ ଅଧିକ ମହିଳା ଯୋଗଦାନ କରିଥିଲେ। ସେହିପରି ଅନୁଗୋଳ ବ୍ଲକ ବନ୍ତଲାଠାରେ କଲ୍ୟାଣୀ ବିଳାସଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ୪୦୦ ରୁ ଅଧିକ ମହିଳା ଯୋଗଦେଇଥିଲେ। ଅନୁଗୋଳ ପୌରପାଳିକା ଜିଲା କଳାକେନ୍ଦ୍ରଠାରେ ମଧ୍ୟ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସେଫାଳି ପଟ୍ଟନାୟକ ନେତୃତ୍ୱ ନେଇଥିଲେ। ଉକ୍ତ ସଭାରେ ୩୦୦ରୁ ଅଧିକ ମହିଳା ଯୋଗଦାନ କରିଥିଲେ। ମହିଳା ସଶକ୍ତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଏଥିରେ ଆଲୋଚନା କରାଯିବା ସହ ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ, ତାହା ଉପରେ ସଭାଗୁଡ଼ିକରେ ଗୁରୁତ୍ୱାରୋପ କରାଯାଇଥିଲା।

## ୨୬ରୁ ମାଲ୍ୟଗିରି ମହୋତ୍ସବ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ପାଲଲହଡା,୯।୩(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡର ଲୋକ ମହୋତ୍ସବ 'ମାଲ୍ୟଗିରି ମହୋତ୍ସବ' ଆସନ୍ତା ୨୪ ତାରିଖ ପରିବର୍ତ୍ତେ ୨୬ରୁ ଆରମ୍ଭ ହେବ। ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମଙ୍ଗଳବାର ମହୋତ୍ସବ ପାଳନ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଭୋଟ ଗଣନା ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଶାସନର ଅନୁମୋଦନ କ୍ରମେ ଏଥର ୫ ଦିନ ପରିବର୍ତ୍ତେ ୩ ଦିନ ମହୋତ୍ସବ ପାଳନ ପାଇଁ ସ୍ଥିର କରାଯାଇଥିଲା। ମହୋତ୍ସବ ସମୟରେ କରୋନା କଟକଣାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ନିୟମକୁ କଡାକଡି ପାଳନ କରାଯିବ ବୋଲି ଉପଜିଲାପାଳ ପ୍ରଧାନ ବୈଠକରେ ସୂଚନା ଦେଇଥିଲେ। ଏହି ଜରୁରୀ ପ୍ରସ୍ତୁତି ବୈଠକରେ ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ବ୍ଲକ ଅଧକ୍ଷ ନବକିଶୋର ନାଏକ, ପୂର୍ତ୍ତ ବିଭାଗ ଅଧିକାରୀ ଅକ୍ଷୟ ସାହୁ ତଥା ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ମହୋତ୍ସବ ପାଳନ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୯।୩**

ଅନୁଗୋଳ ଜିଲାରେ ମଙ୍ଗଳବାର ୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୭ଜଣ ଓ ଅନୁଗୋଳ ପୌରାଞ୍ଚଳରୁ ୨ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡକୁ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହୀନ ଆକ୍ରାନ୍ତମାନଙ୍କୁ ଘରେ ଆଇସୋଲେଶନରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ଟିକାଦାନ ସମ୍ପର୍କରେ ଆଲୋଚନା

**ଅନୁଗୋଳ ଅଫିସ, ୯।୩**

ଅନୁଗୋଳ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ପ୍ରତିନିଧିମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଚିକିତ୍ସାଳୟର ଟିକା ଦାନ କେନ୍ଦ୍ର ଓ ଟିକା ନେଉଥିବା ବରିଷ୍ଠ ନାଗରିକଙ୍କ ସହ ଭାଜପା ସଦସ୍ୟମାନେ ଆଲୋଚନା କରିଥିଲେ। ଏପରି କି ଟିକା ନେଉଥିବା ବରିଷ୍ଠ ନାଗରିକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏ ସମ୍ପର୍କରେ ଭାଜପା ଟିମ୍ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହ ଆଲୋଚନା କରିଥିଲେ। ୪୫ ବର୍ଷରୁ ଊର୍ଦ୍ଧ୍ୱ ଓ ବରିଷ୍ଠ ନାଗରିକଙ୍କ ଆଧାରକାର୍ଡ ଦେଖିବା ପରେ ପଞ୍ଜୀକରଣ କରାଯାଇ ସେମାନଙ୍କୁ ଟିକା ପ୍ରଦାନ କରାଯାଉଛି ବୋଲି ଉପଜିଲାପାଳ କହିଥିଲେ। ମୁଖ୍ୟ ଚିକିତ୍ସାଳୟ ପରେ ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ଟିକା ପ୍ରଦାନ କରାଯିବାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଉଛି। ତେବେ ଜିଲାର ସମସ୍ତଙ୍କୁ ଏହା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିବା ଭାଜପା ଜିଲା ସଭାପତି ପ୍ରଧାନ କହିଛନ୍ତି। ଏହି ଟିମ୍‌ରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ଉପସଭାପତି ଅମୀୟ ତ୍ରିପାଠୀ, ଦୁଃଖବନ୍ଧୁ ସାହୁ, ସୁଦୀପ ଗଡ଼ନାୟକ, ପ୍ରଭାତ ପ୍ରଧାନ, ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କ ସହ ଭାଜପା ପ୍ରତିନିଧିମଣ୍ଡଳୀ ଆଲୋଚନା କରୁଛନ୍ତି।

## ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ

**ଛେଣ୍ଡିପଦା,୯।୩(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ମା' ରାମଚଣ୍ଡୀ ପୀଠ ନିକଟ କଲ୍ୟାଣ ମଣ୍ଡପରେ ବିଜେଡି ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଜରପଡା ସରପଞ୍ଚ ଭାନୁପ୍ରିୟା ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ବାସନ୍ତୀ କିଷାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ସାହୁ, ଜିଲା ଯୁବ ସଭାପତି ସଭାପତି ଦୀନେଶ ପ୍ରଧାନ, ଜିଲା ସମ୍ପାଦିକା ତୃପ୍ତିମଞ୍ଜରୀ ସାହୁ, ସମିତି ସଭ୍ୟ କବିତା ବେହେରା, ଚାଙ୍ଗୁଡିଆ ସରପଞ୍ଚ ନନ୍ଦିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅଭିବୃଦ୍ଧି ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ୫୨ ପଞ୍ଚାୟତର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସିଆରପି ଓ ବିଜେଡିର ବହୁ ମହିଳା କର୍ମୀ ଯୋଗ ଦେଇଥିଲେ।

## ଫିଟ୍‌ନେସ୍ ଦିବସ ପାଳିଲେ ଜେଏସ୍‌ପିଏଲ୍ କର୍ମଚାରୀ




ଜିଲାପାଳ ଓ କମ୍ପାନୀ ଅଧିକାରୀମାନଙ୍କ ସହ ବୃତ୍ତିଧାରୀମାନେ।

**ଅନୁଗୋଳ ଅଫିସ, ୯।୩**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ଅଧକ୍ଷ ନବୀନ ଜିନ୍ଦଲଙ୍କ ଜନ୍ମ ଦିବସକୁ ଅନୁଗୋଳ ପ୍ଲାଣ୍ଟ କର୍ମଚାରୀମାନେ ଫିଟ୍‌ନେସ୍ ଦିବସ ଭାବେ ପାଳନ କରିଛନ୍ତି। ଏହି ଅବସରରେ ଜେଏସ୍‌ପିଏଲ୍ ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଜେଏସ୍‌ପିଏଲ୍ କର୍ମଚାରୀ ଏବଂ ଗୋଷ୍ଠୀ ସମୁଦାୟ ପାଇଁ ଫିଟ୍‌ନେସ୍ ସମ୍ପର୍କିତ ବହୁବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହିତ ଓପି ଜିନ୍ଦଲ ଛାତ୍ର ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରମାନେ କିପରି ଶିକ୍ଷା ଜାରି ରଖିପାରିବେ, ସେଥିପାଇଁ ଉଦ୍ଦିଷ୍ଟ ମେଧା ବୃତ୍ତି ରାଶି ସହ ପ୍ରମାଣପତ୍ର ଛେଣ୍ଡିପଦା ଓ ବଁଅରପାଳ ବ୍ଲକର ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଜେଏସ୍‌ପିଏଲ ଅନୁଗୋଳ ପ୍ରକଳ୍ପ ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱରୀ ଝା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା, ଜେଏସ୍‌ପିଏଲ୍ ମାନବ ସମ୍ବଳ ବିଭାଗ ମୁଖ୍ୟ ରବି ଶଙ୍କରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜରାସିଂହା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନ ପାଇଁ ଏକ ମୁକ୍ତାକାଶ ଜିମ୍ (ବ୍ୟାୟାମଶାଳା) ଜେଏସ୍‌ପିଏଲ ପକ୍ଷରୁ କରାଯାଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଉଦ୍‌ଘାଟନ କରିଥିବାବେଳେ ସ୍ଥାନୀୟ ସରପଞ୍ଚ ମିଳାପ ପ୍ରଧାନ, ଜେଏସ୍‌ପିଏଲ୍ (ଜିଏମ୍ ସିଏସ୍‌ଆର୍) ପୁଷ୍ପଲତା ଶତପଥୀ, ଗ୍ରାମ ସଭାପତି ସଞ୍ଜୀବ ସ୍ୱାଇଁ, ଗ୍ରାମ ସମ୍ପାଦକ ବାପି ସ୍ୱାଇଁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଭାରତର ଅଭିବୃଦ୍ଧି ବିଶ୍ୱ ଲାଗି ସକାରାତ୍ମକ

ଭାରତର ଦ୍ରୁତ ଅଭିବୃଦ୍ଧି ବିଶ୍ୱ ଅର୍ଥ ବ୍ୟବସ୍ଥା ଲାଗି ସକାରାତ୍ମକ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ସୋମବାର କହିଛନ୍ତି। ସେ କହିଛନ୍ତି, ଭାରତ ଗ୍ରହଣ କରିଥିବା ଭାକ୍ସିନ ପଲିସି କୋଭିଡ୍ -୧୯ ମହାମାରୀକୁ ସାମ୍ନା କରିବା ସହ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। କ୍ରୟ ଶକ୍ତିକୁ ବିଚାରକୁ ନେଲେ ବିଶ୍ୱ ଜିଡିପିକୁ ଭାରତର ଯୋଗଦାନ ୭%। ଏହାକୁ ଦେଖିଲେ ଭାରତ ଯେଉଁଭଳି ପଦକ୍ଷେପ ଗ୍ରହଣ କରୁଛି ତାହା ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକ ଲାଗି ପ୍ରଭାବଶାଳୀ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

### ୨୦,୧୨୪ କୋଟିର ଜିଏସ୍‌ଟି ଠକେଇ ଠାବ

**ନୂଆଦିଲ୍ଲୀ,୯।୩:** ୨୦୨୦ ନଭେମ୍ବର ୯ରୁ ୨୦୨୧ ଜାନୁୟାରୀ ୩୧ ମଧ୍ୟରେ ସରକାର ୨୦,୧୨୪ କୋଟି ଟଙ୍କାର ଜିଏସ୍‌ଟି ଠକେଇ ଠାବ କରିବାକୁ ସକ୍ଷମ ହୋଇଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି। ଜାଲ୍ ଇନ୍‌ପୁଟ ଟାକ୍ସ କ୍ରେଡିଟ ଦ୍ୱାରା ଠକେଇ ବିରୋଧରେ ସାରା ଦେଶରେ ଆରମ୍ଭ ହୋଇଥିବା ଅଭିଯାନ ଅଧୀନରେ ଏଭଳି ଠକେଇ ଧରାପଡିଛି। ଏଥିରେ ୨୬୯୨ ମାମଲା ସାମ୍ନାକୁ ଆସିଛି। ଏହି ମାମଲାଗୁଡିକରେ ଜଡିତ ୨୮୨ ବ୍ୟକ୍ତି ବିଶେଷଙ୍କଠାରୁ ୮୫୭.୭୫ କୋଟି ଟଙ୍କା ଅସୁଲ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଡିସେମ୍ବର ସମୟ ଅବଧିରେ ଆୟକର ବିଭାଗ ୨୨୨୩ କୋଟି ଟଙ୍କାର ଅଘୋଷିତ ଆୟ ଠାବ କରିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ୨୦୨୦ ଏପ୍ରିଲ-ଡିସେମ୍ବର ଅବଧିରେ ୨୫୦ ଗ୍ରୁପ୍ ଉପରେ ଚଢାଉ ଜାରି ରହିଛି। ଏଥିରେ ୬୫୦୦ କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଛି।

### ୧୮ ମାସରେ ୩.୧୭ ଲକ୍ଷ ସାଇବର ଅପରାଧ

**ନୂଆଦିଲ୍ଲୀ,୯।୩:** ଦେଶ ମଧ୍ୟରେ ସାଇବର ଅପରାଧ ଦିନକୁ ଦିନ ବଢ଼ିଚାଲିଛି। ଗତ ୧୮ ମାସ ମଧ୍ୟରେ ୩.୧୭ ଲକ୍ଷ ଏଭଳି ମାମଲା ସାମ୍ନାକୁ ଆସିଛି। ଏ ନେଇ ୫୫୭୧ ମାମଲା ରୁଜୁ ହୋଇଛି। ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ସ୍ଥାନରେ ଏଭଳି ଅଧିକ ମାମଲା ସାମ୍ନାକୁ ଆସୁଛି। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଜି.କିଶନ ରେଡ୍ଡୀ କହିଛନ୍ତି, ୨୦୧୯ ଅଗଷ୍ଟ ୩୦ରେ ଜାତୀୟ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ କାର୍ଯ୍ୟକ୍ଷମ ହୋଇଛି। ସାଇବର ଅପରାଧ ସଂକ୍ରାନ୍ତ ମାମଲାଗୁଡିକୁ କେନ୍ଦ୍ରୀକୃତ ପୋର୍ଟାଲରେ ରିପୋର୍ଟିଂ କରିବା ଏବଂ ମହିଳା ଏବଂ ଶିଶୁଙ୍କ ଉପରେ ହେଉଥିବା ସାଇବର ଅପରାଧ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ୱତନ୍ତ୍ର ଫୋକସ କରାଯାଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରଠାରୁ ୩.୧୭ ଲକ୍ଷ ସାଇବର ଅପରାଧ ମାମଲା ସାମ୍ନାକୁ ଆସିଛି।

# ୧.୦୬ ଲକ୍ଷ କୋଟିର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୯।୩**




ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ରାଶିର ୧୯ତମ କିସ୍ତି ପ୍ରଦାନ କରାଯାଇଛି। ଚଳିତ ଥର ରାଜ୍ୟଗୁଡ଼ିକୁ ୨୧୦୪ କୋଟି ଟଙ୍କାର କ୍ଷତିପୂରଣ ରାଶି ଦିଆଯାଇଛି। ଏହା ମଧ୍ୟରୁ ୨୧୦୩.୯୫ କୋଟି ୭ ରାଜ୍ୟ ଏବଂ ୦.୦୫ କୋଟି କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀକୁ ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଏସ୍‌ଟି କ୍ଷତିପୂରଣ ରାଶିର ୯୬% ଅର୍ଥ ରାଶି ରାଜ୍ୟଗୁଡ଼ିକ ପାଇ ସାରିଲେଣି। ଏହି ରାଶି ମଧ୍ୟ ୯୭,୨୪୨ କୋଟି ରାଜ୍ୟ ଲାଭ କରିଥିବା ବେଳେ କେନ୍ଦ୍ର ଶାସିତ ଅଞ୍ଚଳ ୮୮୬୧ କୋଟି ଟଙ୍କା ପାଇଲେଣି।

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ରାଜ୍ୟ ସହୁଥିବା କ୍ଷତିର ଭରଣା ଲାଗି ୨୦୨୦ ଅକ୍ଟୋବରରେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଋଣ ୱିଣ୍ଡୋ ଘୋଷଣା କରିଥିଲେ। ମୋଟ ୧.୧୦ ଲକ୍ଷ କୋଟି ନିଅଣ୍ଟ ହେବ ବୋଲି ଆକଳନରେ କୁହାଯାଇଥିଲା। କେନ୍ଦ୍ର ସରକାର ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ଲାଗି ଋଣ କରିବା ସହ ଅର୍ଥ ରାଶି ଯୋଗାଇ ଦେଇଥିଲେ। ୨୦୨୦ ଅକ୍ଟୋବର ୨୩ରେ ସରକାର କ୍ଷତିପୂରଣ ରାଶି ପ୍ରଦାନ କରିବା ଆରମ୍ଭ କରିଥିବା ବେଳେ ଚଳିତ ମାସ ୧୯ଟି କିସ୍ତି ଛୁଇଁଛି। ୫ଟି ରାଜ୍ୟରେ ଜିଏସ୍‌ଟି ରାଜସ୍ୱ ଆଦାୟ ହ୍ରାସ ହୋଇ ନ ଥିବାରୁ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇନାହିଁ। କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୧.୦୬ ଲକ୍ଷ କୋଟି ଟଙ୍କାର ଋଣ କରିଛନ୍ତି। ସ୍ୱତନ୍ତ୍ର ଋଣ ୱିଣ୍ଡୋ ବାଦ୍ ରାଜ୍ୟଗୁଡିକୁ ସେମାନଙ୍କ ମୋଟ ଘରୋଇ ଉତ୍ପାଦ(ଏସ୍‌ଜିଡିପି)ର ୦.୫୦% ଅତିରିକ୍ତ ଋଣ ଉଠାଣ କରିପାରିବେ ବୋଲି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ଦେଇଥିବା ବିକଳ୍ପ ୧ ଚୟନ କଲେ ଏହି ସୁବିଧା ମିଳିପାରିବ। ସବୁ ରାଜ୍ୟ ବିକଳ୍ପ ୧କୁ ଚୟନ କରିଛନ୍ତି। ରାଜ୍ୟଗୁଡ଼ିକ ମୋଟ ୧.୦୬ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଋଣ ଉଠାଣ କରିପାରିବେ ବୋଲି ନିୟମ ରହିଛି।

# ଭୁବନେଶ୍ୱରରେ ଆସସ୍‌ର ନୂଆ ଷ୍ଟୋର

**ଭୁବନେଶ୍ୱର,୯।୩**



ପ୍ରମୁଖ କମ୍ପାନୀ ଆସସ୍ ପକ୍ଷରୁ ଭୁବନେଶ୍ୱରରେ ନୂଆ ଏକ୍ସକ୍ଲୁସିଭ ଷ୍ଟୋର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଇମାର୍ଟ ଫର୍ ୟୁ ନାମରେ ଏହି ନୂଆ ଷ୍ଟୋର ସ୍ଥାନୀୟ ଶହୀଦନଗରରେ ଅବସ୍ଥିତ। ଏହାଦ୍ୱାରା ବର୍ତ୍ତମାନ ୪ ଷ୍ଟୋରରୁ କମ୍ପାନୀ ରାଜ୍ୟରେ ସେବା ଯୋଗାଇ ଦେଉଛି। ନୂଆ ଶୋ'ରୁମ୍‌ରେ ଗ୍ରାହକ ସବୁ ବର୍ଗର ଲାପ୍‌ଟପ୍ ଲାଭ କରିବାକୁ ସକ୍ଷମ ହେବେ। ଏଠାରେ ଗେମିଂ ପିସି, ଗେମିଂ ଲାପ୍‌ଟପ୍, ଡେସ୍କଟପ୍ , ଆସେସୋରିଜ ମଧ୍ୟ ଉପଲବ୍ଧ। ଷ୍ଟୋରରେ ଲାପ୍‌ଟପ୍ ପ୍ରଦର୍ଶନ ଏବଂ ବିକ୍ରି କରାଯାଉଛି। ଗ୍ରାହକ ଶୋ'ରୁମ୍ ଆସି ମନ ପସନ୍ଦର ସାମଗ୍ରୀ କିଣିପାରିବେ। ଗ୍ରାହକଙ୍କ ଲାଗି ଲାପ୍‌ଟପ୍‌ର ଟଚ୍ ଏବଂ ଫିଲ୍ ବ୍ୟବସ୍ଥା କରାଯାଇଛି। ୨୦୨୧ରେ ଆଉ ୩ରୁ ୪ ସ୍ୱତନ୍ତ୍ର ଷ୍ଟୋର ଖୋଲିବା ନେଇ କମ୍ପାନୀ ଯୋଜନା ରଖିଛି। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ରାଜ୍ୟ ମୁଖ୍ୟ ମଧୁସୂଦନ ଗୁପ୍ତା, ଇ-ମାର୍ଟର ଡାଇରେକ୍ଟର ରାଜେଶ ଡୋରା, ଇ-ମାର୍ଟର ମ୍ୟାନେଜିଂ ଡାଇରେକ୍ଟର ଦେବାଶିଷ ପାତ୍ର, ଜାତୀୟ ବିତରକ ଅମିତ ସରାଫ, ଆଞ୍ଚଳିକ ବିତରକ ରୁଦ୍ରକାନ୍ତ ମହାପାତ୍ର ଏବଂ ଏରିଆ ସେଲ୍ସ ଏକଜିକ୍ୟୁଟିଭ ପ୍ରୀତିରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।

## ପାସେଞ୍ଜର ଯାନ ବିକ୍ରି ବଢ଼ିଲା

**ନୂଆଦିଲ୍ଲୀ,୯।୩:** ଫେବୃୟାରୀରେ ପାସେଞ୍ଜର ଯାନର ରିଟେଲ ବିକ୍ରି ବୃଦ୍ଧି ପାଇଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ପକ୍ଷରୁ ସୂଚନା ମିଳିଛି। ଏହି ଅବଧିରେ ପାସେଞ୍ଜର ଯାନ ବିକ୍ରି ୧୦.୫୯% ବୃଦ୍ଧି ଘଟି ୨.୫୪ ଲକ୍ଷ ଟନ୍ ଛୁଇଁଥିବା ଜଣାପଡିଛି। ୨୦୨୦ ଫେବୃୟାରୀରେ ୨.୨୦ ଲକ୍ଷ ୟୁନିଟ ପାସେଞ୍ଜର ଯାନ ବିକ୍ରି ହୋଇଥିବା ଫାଡା ପକ୍ଷରୁ ସଂଗୃହୀତ ଯାନ ପଞ୍ଜୀକରଣ ଡାଟାରୁ ସାମ୍ନାକୁ ଆସିଛି। ୨ ଚକିଆ ଯାନ ବିକ୍ରି ୧୬.୦୮% ହ୍ରାସ ପାଇଛି। ବାଣିଜ୍ୟିକ ଯାନ ବିକ୍ରି ୨୯.୫୩% ହ୍ରାସ ପାଇଥିବା ବେଳେ ତିନିଚକିଆ ବିକ୍ରି ୪୯.୬୫% କମିଛି। ଟ୍ରାକ୍ଟର ବିକ୍ରି ୧୮.୮୯% ବୃଦ୍ଧି ପାଇ ୬୧,୩୫୧ ୟୁନିଟ ରହିଛି। ଏହା ଗତ ବର୍ଷ ଫେବୃୟାରୀରେ ୫୧,୬୦୨ ୟୁନିଟ ରହିଥିଲା। ବିଭିନ୍ନ ବର୍ଗରେ ଯାନ ବିକ୍ରି ୧୩.୪୩% ହ୍ରାସ ଘଟି ୧୪.୯୯ ଲକ୍ଷ ୟୁନିଟ ରହିଛି। ଫେବୃୟାରୀରେ ଯାନ ବିକ୍ରି ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହୋଇଥିବା ଫାଡା ସଭାପତି ଭିଙ୍କେଶ ଗୁଲାଟି କହିଛନ୍ତି। ୩ ଚକିଆ ବର୍ଗରେ ଯାନ ଚାହିଦା କମିଛି। ସେହିଭଳି ତେଲ ଦର ଉଚ୍ଚରେ ରହିବା ଯୋଗୁ ଏହା ଯାନ ବିକ୍ରିକୁ ପ୍ରଭାବିତ କରିଛି।

# ୬.୮୫ ଲକ୍ଷ କୋଟିର ତେଲ ଟିକସ

**ନୂଆଦିଲ୍ଲୀ,୯।୩**

ଗତ ୩ ଆର୍ଥିକ ବର୍ଷରେ ସରକାର ପେଟ୍ରୋଲ ଏବଂ ଡିଜେଲ ବାବଦ ଟିକସରୁ ୬.୮୫ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହୋଇଛି। ୨୦୧୮-୧୯ରୁ ୨୦୨୦-୨୧ ବର୍ଷ ଅବଧିରେ ଏଭଳି ଟିକସ ଆଦାୟ କରାଯାଇଛି। ୨୦୧୩ରେ ସରକାର ତେଲ ଉପରୁ ୫୨,୫୩୭ କୋଟି ଟଙ୍କାର ଟିକସ ସଂଗ୍ରହ କରିଥିଲେ। ୨୦୧୮-୧୯ରେ ୨.୧୩ ଲକ୍ଷ କୋଟି, ୨୦୧୯-୨୦ରେ ୧.୭୮ ଲକ୍ଷ କୋଟି ଏବଂ ୨୦୨୦-୨୧ରେ ୨୨.୯୪ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ ହୋଇଥିଲା। କେନ୍ଦ୍ର ସରକାର ପେଟ୍ରୋଲ ଉପରେ ଲିଟର ପିଛା ୩୨.୯୦ ଟଙ୍କାର ଉତ୍ପାଦ ଟିକସ ସଂଗ୍ରହ କରୁଛନ୍ତି। ଏହା ଡିଜେଲ ଉପରେ ୩୧.୮୦ ଟଙ୍କା ରହିଛି।

## ନାଲ୍‌କୋରେ ଅନ୍ତର୍ଜାତୀୟ ମହିଳା ଦିବସ




**ଭୁବନେଶ୍ୱର,୯।୩:** ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ) ପକ୍ଷରୁ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାମଚରିତ ମାନସ ଏବଂ ବେଦରେ ମହିଳାଙ୍କୁ କିଭଳି ଉଚ୍ଚ ସମ୍ମାନ ପ୍ରଦାନ କରାଯାଇଛି ସେ ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ। ଲେଖିକା ଡ. ପ୍ରତିଭା ରାୟ ମହିଳାଙ୍କ ବିକାଶ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କମ୍ପାନୀକୁ ମଜଭୁତ କରିବା ଦିଗରେ ମହିଳା କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର କହିଛନ୍ତି। ଏହି ଅବସରରେ ନାଲ୍‌କୋ ମହିଳା ସମିତି ଅଧ୍ୟକ୍ଷା ସସ୍ମିତା ପାତ୍ର ଏବଂ ଅନ୍ୟ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ନାଲ୍‌କୋ ମହିଳା କର୍ମଚାରୀଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାନବ ସମ୍ବଳ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ର, ପିଆଣ୍ଡଟି ନିର୍ଦ୍ଦେଶକ ଏମ୍.ପି.ମିଶ୍ର ଏବଂ ଉତ୍ପାଦନ ନିର୍ଦ୍ଦେଶକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ବିଆଇରେ ମହିଳା ଦିବସ ପାଳନ




**ଭୁବନେଶ୍ୱର,୯।୩:** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ସମସ୍ତ ମହିଳା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କର ମହିଳା କର୍ମଚାରୀମାନଙ୍କ ମଧ୍ୟରେ ରୋଷେଇ ଏବଂ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାଲୁକାଚିତ୍ର ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ ପୁରସ୍କୃତ କରିଥିଲେ। ସେହିଭଳି କମିଶନରେଟ ପୋଲିସ, ଏସିପି ଟ୍ରାଫିକ କାର୍ଯ୍ୟାଳୟ ପରିସରରେ ଏକ ସଭାର ଆୟୋଜନ ସହ ମହିଳା ଟ୍ରାଫିକ କର୍ମଚାରୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଅତିରିକ୍ତ ଡିସିପି ଟ୍ରାଫିକ କେ.କେ. ପାଣିଗ୍ରାହୀ, ବ୍ୟାଙ୍କର ବରିଷ୍ଠ ଅଧିକାରୀ ସି.ଏଲ୍.ଏନ୍ ଚାରୁଯୁଲୁ, ଭୁବନେଶ୍ୱର ମଣ୍ଡଳ ଡିଜିଏମ୍ ଆନନ୍ଦ ବିକ୍ରମ ଏବଂ ଆଞ୍ଚଳିକ ପ୍ରବନ୍ଧକ ଶ୍ରୀକାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଜିଏମ୍ ସୌରଭ ରଥ ଉପସ୍ଥିତ ଅତିଥି ଓ ମହିଳା କର୍ମଚାରୀ ଏବଂ ଅନ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜ୍ୟ ଖବର**

# ଦୋଷୀଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡ

**ଯାଜପୁର ଟାଉନ ୯।୩ (ଡି.ଏନ.ଏ.)**

**ନାବାଳିକା ବଳାତ୍କାର ମାମଲା**
- ୨୦ହଜାର ଟଙ୍କା ଜରିମାନା
- ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ବୈରୀ ଅଞ୍ଚଳରେ ଘଟିଥିବା ନାବାଳିକା(୭) ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା ପାଇଁ ଅତିରିକ୍ତ ଜିଲା ଦୌରା ଓ ପୋକ୍ସୋ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବଡ଼ଚଣା ଥାନା ଅଧୀନ ବୈରୀ ଅଞ୍ଚଳର ସଞ୍ଜୟ ବାଙ୍କିରା ସେହି ଗ୍ରାମର ଜଣେ ୭ବର୍ଷୀୟା ନାବାଳିକାକୁ ବଳାତ୍କାର କରିଥିଲେ। ୨୦୧୫ ସେପ୍ଟେମ୍ବର ୧୫ ରାତିରେ ଏହି ଦୁଃଖଦ ଘଟଣା ଘଟିଥିଲା। ସେଦିନ ବିଶ୍ୱକର୍ମା ପୂଜା ଥିଲା। ଗାଁ ଲୋକମାନେ ଭିଡିଓ ଶୋ ଦେଖୁଥିଲେ। ସଞ୍ଜୟ ନିଶାସକ୍ତ ଅବସ୍ଥାରେ ସେଠାରେ ବସିଥିଲେ। ସେ ଘରକୁ ଯାଇ ନ ପାରି ସେଦିନ ରାତିରେ ପୀଡ଼ିତାଙ୍କ ଘର ସାମ୍ନାରେ ଶୋଇପଡିଥିଲେ। ହେଲେ ରାତି ପ୍ରାୟ ୨ଟା ବେଳେ ନାବାଳିକାକୁ ଉଠାଇ ନେଇ ସେ ବାଡି ପଛ ପଟେ ବଳାତ୍କାର କରିଥିଲେ। ନାବାଳିକା ଜଣକ ଏଥିଯୋଗୁ ଅସୁସ୍ଥ ହୋଇପଡିବା ପରେ ପରିବାର ଲୋକଙ୍କ ଆଗରେ ସମ୍ପୂର୍ଣ୍ଣ ଘଟଣା କହିଥିଲେ। ପୀଡ଼ିତାଙ୍କ ବାପା ଏ ସଂକ୍ରାନ୍ତରେ ବଡଚଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୧୯/୧୫) ରୁଜୁ କରିଥିଲା। ଶେଷରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ୧୫ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଯାଜପୁର ଅତିରିକ୍ତ ଜିଲା ଦୌରା ଓ ପୋକ୍ସୋ ଜଜ୍ ଜ୍ଞାନେନ୍ଦ୍ର ବାରିକ ମଙ୍ଗଳବାର ଏହି ରାୟ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ଆଇନ୍ ସେବା ପ୍ରାଧିକରଣ ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମକଦ୍ଦମା ପରିଚାଳନା କରିଥିଲେ।

# ଅଗ୍ନିଶମ ଡିଜି ଦାୟିତ୍ୱ ନେଲେ ଏମ୍. ଅକ୍ଷୟ

**କଟକ ଅଫିସ,୯।୩**

୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏମ୍. ଅକ୍ଷୟ ଅଗ୍ନିଶମ ଓ ହୋମ୍‌ଗାର୍ଡ ଡିଜି ଭାବେ କଟକ ବକ୍ସିବଜାରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଅଗ୍ନିଶମ ସେବାକୁ ଅତ୍ୟାଧୁନିକ କରିବା ସହ ଲୋକଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯିବ। ଗ୍ରୀଷ୍ମ ସମୟରେ ଅଗ୍ନିକାଣ୍ଡ ଘଟିଲେ ରୋକାଯିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ। ଏବେ ଜଙ୍ଗଲରେ ନିଆଁ ଲିଭାଇବା ଏକ ବଡ ଚ୍ୟାଲେଞ୍ଜ ହୋଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ଅକ୍ଷୟ ଗତ ଦୁଇ ଦଶନ୍ଧି ଧରି କେନ୍ଦ୍ରାପଡ଼ା, କଳାହାଣ୍ଡି, ମୟୂରଭଞ୍ଜ, ଅନୁଗୋଳ ଓ କଟକ ଜିଲାରେ ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ଭିଜିଲାନ୍ସ ଡିଆଇଜି ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ସେ ଇଓଡବ୍ଲ୍ୟୁର ଆଇଜି ଭାବେ କାର୍ଯ୍ୟ ତୁଲାଇବା ସହ ଅତିରିକ୍ତ ଡିଜି ପଦକୁ ପଦୋନ୍ନତି ପାଇ ପରିବହନ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ କେନ୍ଦ୍ରକୁ ଡେପୁଟେଶନରେ ଯାଇ ଟେଲି କମ୍ୟୁନିକେଶନ ବିଭାଗର ଚିଫ୍ ଭିଜିଲାନ୍ସ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଡେପୁଟେଶନରୁ ଫେରି ସେ ଓଡ଼ିଶା ଷ୍ଟେଟ୍ ପୋଲିସ ହାଉସିଂ ଆଣ୍ଡ ୱେଲ୍‌ଫେୟାର କର୍ପୋରେଶନ(ଓପିଏଚ୍‌ଡବ୍ଲ୍ୟୁସି)ର ସିଏମ୍‌ଡି ଥିଲେ। ଉତ୍ତମ ପୋଲିସ ସେବା ପାଇଁ ସେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଆଇପିଏସ୍ ଅଫିସର ସତ୍ୟଜିତ୍ ମହାନ୍ତି ପୋଲିସ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ଲୋକସେବା ଆୟୋଗ (ଓପିଏସ୍‌ସି) ଅଧ୍ୟକ୍ଷ ହେବାପରେ ଅଗ୍ନିଶମ ଡିଜି ପଦ ଖାଲି ପଡିଥିଲା। ପରେ ଅକ୍ଷୟଙ୍କୁ ଏହି ପଦରେ ଅବସ୍ଥାପିତ କରିବା ପାଇଁ ସୋମବାର ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅକ୍ଷୟ ଦାୟିତ୍ୱ ଗ୍ରହଣ କରିବାବେଳେ ଆଇଜି ଅସିତ୍ ପାଣିଗ୍ରାହୀଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




ଅଗ୍ନିଶମ ଆଇଜି ଅସିତ ପାଣିଗ୍ରାହୀ ନୂତନ ଫାୟାର ଡିଜି ଏମ୍. ଅକ୍ଷୟଙ୍କୁ ସ୍ୱାଗତ କରୁଛନ୍ତି।

# ଓବିସିଙ୍କୁ ୨୭% ସଂରକ୍ଷଣ ଦାବିରେ ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ

**ଭୁବନେଶ୍ୱର, ୯।୩(ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ ଓବିସି ବିଭାଗ ତରଫରୁ ବିଭିନ୍ନ ସମସ୍ୟାକୁ ନେଇ ଏକ ଦାବିପତ୍ର ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ପ୍ରଦାନ କରାଯାଇଛି। ବିଭାଗ ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳୀ ଓବିସିମାନଙ୍କୁ ୨୭% ସଂରକ୍ଷଣ ବ୍ୟବସ୍ଥା କରିବାକୁ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ଆର୍ଥିକ ଅନୁନ୍ନତ ଓବିସି ବ୍ୟକ୍ତିଙ୍କ ଝିଅ ବିବାହ ପାଇଁ ଅନୁଦାନ ୨ ଲକ୍ଷ ଟଙ୍କା ପ୍ରଦାନ କରିବା, ଓବିସି ଫାଇନାନ୍ସିଆଲ କର୍ପୋରେଶନକୁ ପୁନର୍ଜୀବିତ କରି ପର୍ଯ୍ୟାପ୍ତ ପରିମାଣରେ ଋଣ ପ୍ରଦାନ କରିବା, କେନ୍ଦ୍ର ସରକାର କରିଥିବା କୃଷି ଆଇନକୁ ପ୍ରତ୍ୟାହାର କରିବା ଏବଂ ଶ୍ରମିକମାନଙ୍କ ଦୈନିକ ମଜୁରି ବଢ଼ାଇବା, ଏମ୍ଏସ୍‌ପି ଦୁଇଗୁଣ ବୃଦ୍ଧି କରିବା, ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରିବା ଓ ଡିପ୍ଲୋମା, ଡିଗ୍ରୀ ଇଞ୍ଜିନିୟରଙ୍କୁ ପ୍ୟାନେଲଭିତ୍ତିକ ନିଯୁକ୍ତି ପ୍ରଦାନ ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଛି।



ରାଜ୍ୟପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ ପ୍ରତିନିଧି ମଣ୍ଡଳୀ।


## ନୋଟିସ୍

No. MM-186: ଏତଦ୍ୱାରା ଶ୍ରୀ ପ୍ରକାଶ ଚନ୍ଦ୍ର ଚୌଧୁରୀ, ପିତା: ନରସିଂହ ଚୌଧୁରୀ, ଗ୍ରାମ: ରାଇଝୋଳ, କୁକୁଡ଼ାଖଣ୍ଡି, ଥାନା: ବ୍ରହ୍ମପୁର ସଦର, ଜିଲ୍ଲା: ଗଞ୍ଜାମଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଯେ, ଘୁମୁସର ଦକ୍ଷିଣ ବନଖଣ୍ଡ (ବର୍ତ୍ତମାନ ବ୍ରହ୍ମପୁର ବନଖଣ୍ଡ) ଅଧୀନସ୍ଥ ବ୍ରହ୍ମପୁର ବନାଞ୍ଚଳରେ ଗତ ତା୦୬।୦୫।୧୯୯୭ରିଖରେ କେସ୍ ସଂଖ୍ୟା ୩୪/୧୯୯୭-୯୮ ଅନୁଯାୟୀ ଜବତ ହୋଇଥିବା ଗାଡ଼ି, ଯାହାର ରେଜିଷ୍ଟ୍ରେସନ ନମ୍ବର ଓଆରଜି-୮୧୭୧ର ଆଞ୍ଚଳିକ ପରିବହନ ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ ଚିଠି ସଂଖ୍ୟା ୩୩୩୬/ଆରଟିଏ ତା୧୭।୦୬।୧୯୯୮ରିଖ ପ୍ରକାରେ ମାଲିକାନା ଆପଣଙ୍କ ନାମରେ ରେକର୍ଡ ହୋଇଅଛି ତଥା ଆପଣ ଏହି କେସ୍‌ରେ ମୁଦାଲା ଭାବରେ ରେକର୍ଡ ହୋଇଛନ୍ତି, ଯାହାକି ବର୍ତ୍ତମାନ ବ୍ରହ୍ମପୁର ବନଖଣ୍ଡରେ ଅଥରାଇଜେଡ ଅଫିସର-ତଥା-ସହକାରୀ ବନଖଣ୍ଡ ଅଧିକାରୀଙ୍କ ନିକଟରେ ବିଚାରାଧୀନ ଅଛି। ଆଇନ ଅନୁଯାୟୀ ଉକ୍ତ କେସ୍‌ର ବିଚାର ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଆପଣ ଉପସ୍ଥିତ ହେଉନାହାନ୍ତି। ଏଣୁ ଏହି ନୋଟିସ୍‌କୁ ଭିତ୍ତିକରି ଏହାର ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଆପଣ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ, ବ୍ରହ୍ମପୁରରେ ଉପସ୍ଥିତ ରହି ନିଜର ପକ୍ଷ ରଖିବା ହେବେ। ଏହି ନୋଟିସଟି ପୁନର୍ବାର ତଥା ଶେଷ ଥର ପାଇଁ ବିଚାର ନିମନ୍ତେ ସୁଯୋଗ ଦିଆଯାଉଅଛି। ଏହା ସତ୍ତ୍ୱେ ଉକ୍ତ ତାରିଖ ଓ ସ୍ଥାନରେ ଉପସ୍ଥିତ ନ ରହିଲେ, ଏଥି ସମ୍ବନ୍ଧରେ ଏକ ତରଫା ନିଷ୍ପତ୍ତି ନିଆଯିବ ଏବଂ ପରବର୍ତ୍ତୀ ସମୟରେ କୌଣସି ଅଭିଯୋଗ ଶୁଣାଯିବ ନାହିଁ।

**Authorized Officer-cum-A.C.F.**
**Brahmapur Forest Division**
**OIPR-08038/11/0016/2021**

**ODISHA STATE CIVIL SUPPLIES CORPORATION LTD.**
**CUTTACK**
**AUCTION SALE NOTICE FOR MOBILE VAN**

**File No. Accts.XIV-04/2021 No. 947 Date : 08.03.2021**

The sealed tenders are invited from the interested persons for auction sale of one Mobile Van of OSCSC Ltd., Cuttack bearing Registration No. OR-02-L-5881. The up-set price of said vehicle is fixed to Rs.1,60,000.00 (Rupees One Lakh Sixty thousand) only. The last date of receipt of tender is dated 16.03.2021 up to 5.00 P.M. in the office chamber of the undersigned. The auction sale process eill be conducted on dated 17.03.2021 at 11.00 A.M. The detail tender documents with terms and conditions of tender towards auction sale shall be available in the website of OSCSC Ltd., i.e. (www.cuttack.nic.in) & (www.oscsc.in).

Sd/-
District Manager,
OSCSC Ltd, Cuttack

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
**Tel. 06766-258301(O), e-mail: se_nerwkjr@rediffmail.com**
**e-Procurement Notice for Bridge Works**
**Identification No. Bridge Online NCB No.294**
**No.1040 // Date:04-03-2021**

No.O-1215:- 1. Name of the work : Construction of Bridge work Under BSY for Balance work. 2. Total no. of work : 01 (One) No. 3. Estimated Cost : As per Annexure. 4. Class of Contractor : As per Annexure. 5. Period of Completion : As per Annexure. 6. Other details

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Bridge Online NCB No.294 | Dt.12.03.21 at 11.00 A.M. | Dt.26.03.21 upto 3.00 P.M. | Dt.25.03.21 upto 3.00 P.M. | Dt.30.03.21 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in.
OIPR-25048/11/0022/2021 **Sd./- P.K. Misra, Superintending Engineer, N.E.R.W. Circle, Keonjhar**

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**
**E-mail: rbcirclekhurda@gmail.com**
**Bid Identification No. SE-Khordha (R&B) Circle-14/2020-21**
**Memo No - 364 Dt.04.03.2021**

No. B-806: The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building work as detailed in the table below:

1. Nature of Work : Building Work
2. No of Work : 1 No.
3. Tender Cost : Rs.10000.00 (On-Line)
4. Class of Contractor : A Class & Special Class
5. Available of Bid document in the Website : From Dt. 12.03.2021 10.00 A.M. to Dt. 18.03.2021 05.00 P.M.
6. Date of opening of Bid : Dt. 19.03.2021 at 11.30 A.M.
7. The Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in**. Any Addendum / Corrigendum / Cancellation of tender can also be seen in the said website.

**Superintending Engineer,**
**Khordha (R&B) Circle, Khordha**
**OIPR-34127/11/0019/2021**

## ବିଦ୍ୟୁତ୍ ତାର ଛିଣ୍ଡି ଶ୍ରମିକ ଗୁରୁତର

ଢେଙ୍କାନାଳ ଅଫିସ: ଢେଙ୍କାନାଳ ଜିଲା ଖଡଗପ୍ରସାଦ ଅଞ୍ଚଳ ଦେଇ ଯାଇଥିବା ୧୩୨ କେଭି ବିଦ୍ୟୁତ୍ ତାର ମଙ୍ଗଳବାର ସକାଳ ସାଢ଼େ ୬ଟାରେ ହଠାତ୍ ଛିଣ୍ଡି ପଡିଥିଲା। ଏଥିରେ ଶ୍ରମିକ ପୁରୁଷୋତ୍ତମ ବେହେରା ଗୁରୁତର ହୋଇଛନ୍ତି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ପରେ ତାଙ୍କ ହେଲ୍‌ମେଟ ସହ ମୁଣ୍ଡ ଫାଟିଯାଇଥିଲା। ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଓଟିପିସିଏଲ୍‌ରୁ ଯାଇଥିବା ମୁଖ୍ୟ ଟ୍ରାନ୍ସମିଶନ ସହିତ ଉକ୍ତ ତାର ସଂଯୁକ୍ତ ବୋଲି ଜଣାପଡ଼ିଛି। ତେବେ ଏହା କିପରି ଛିଣ୍ଡିପଡ଼ିଲା ତାହାର କାରଣ ଅସ୍ପଷ୍ଟ ରହିଛି।

## ସଂକ୍ଷେପରେ

### ଟ୍ରକ୍ ଓଲଟି ଭାଙ୍ଗିଲା ପାଚେରି



**ଢେଙ୍କାନାଳ ଅଫିସ, ୯।୩:** ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଓଲଟି ଢେଙ୍କାନାଳ ସହର ଉପକଣ୍ଠ ସୁନ୍ଦରିଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଖ୍ୟଫାଟକକୁ ଲାଗି ରହିଥିବା ପାଚେରି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଦୁର୍ଘଟଣା ପରେ ସିମେଣ୍ଟ ବସ୍ତାଗୁଡ଼ିକ ଦୀର୍ଘସମୟ ଧରି ଫାଟକ ଆଗରେ ପଡ଼ିରହିଥିଲା। ପାଠପଢ଼ା ବନ୍ଦ ଥିବାରୁ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଫଳରେ ବଡ଼ଧରଣର ବିପଦ ଟଳିଯାଇଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ନାମଯଜ୍ଞ ଉଦ୍‌ଯାପିତ

**ଭୁବନ, ୯।୩(ଡି.ଏନ.ଏ.):** ଭୁବନ ଏନ୍‌ଏସି ପୋଥାଳ ସାହିରେ ଶୁକ୍ରବାରଠାରୁ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯାଜପୁର, ଢେଙ୍କାନାଳ, କଟକ, ଅନୁଗୋଳ ସମେତ ସ୍ଥାନୀୟ ଅଞ୍ଚଳର ୬୦ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସାହି ସଭାପତି ନରୋତ୍ତମ ସାହୁ, ସଂକୀର୍ତ୍ତନମଣ୍ଡଳୀ ମୁଖ୍ୟ ଗୌରାଙ୍ଗ ଚରଣ ଗୁରୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ୩୦ ଭୂମିହୀନଙ୍କୁ ପଟ୍ଟା



**ଭୁବନ, ୯।୩ (ଡି.ଏନ.ଏ.):** ଭୁବନ ବ୍ଲକ ସଭାଗୃହରେ ମଙ୍ଗଳବାର ବାଲିବୋ ପଞ୍ଚାୟତର ୩୦ ଭୂମିହୀନ ପରିବାରକୁ ପଟ୍ଟା ବଣ୍ଟନ କରାଯାଇଛି। ବିଡିଓ ଆଶୀର୍ବାଦ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସରପଞ୍ଚ ସନ୍ତୋଷ ଖୁଣ୍ଟିଆ ଉପସ୍ଥିତ ଥିଲେ। ସମ୍ପୃକ୍ତ ଶବର ସମ୍ପ୍ରଦାୟର ପରିବାର କାନଖାଇ ଗ୍ରାମ ନିକଟ ଜଙ୍ଗଲରେ ବସବାସ କରୁଛନ୍ତି। ଜମିପଟ୍ଟା ମିଳିବା ପରେ ସେମାନେ ସରକାରୀ ଯୋଜନାର ଲାଭ ଉଠାଇ ପାରିବେ ବୋଲି ବ୍ଲକ ଅଧ୍ୟକ୍ଷ କହିଛନ୍ତି।

### ଅସହାୟଙ୍କୁ ସହାୟତା



**କାମାକ୍ଷାନଗର, ୯।୩(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ ବାରୁଆଁ (କା) ସରପଞ୍ଚ ମମତା ମାହୁନ୍ତ ଏବଂ ତାଙ୍କ ସ୍ୱାମୀ ତଥା ସମିତିସଭ୍ୟ ଦୀପକ ମାହୁନ୍ତ ମହିଳା ଦିବସରେ ପ୍ରମିଳା ମଲ୍ଲିକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ପ୍ରମିଳା ସିଲେଇ ପ୍ରଶିକ୍ଷଣ ନେଇଛନ୍ତି। ତେବେ ଆର୍ଥିକ ଅନଟନରୁ ସିଲେଇ ମେଶିନଟିଏ କିଣିପାରୁ ନ ଥିଲେ। ଏ ସମ୍ପର୍କରେ ଜାଣିବା ପରେ ସରପଞ୍ଚ, ସମିତିସଭ୍ୟ ସିଲେଇ ମେଶିନ ପ୍ରଦାନ କରିଛନ୍ତି। ଏଥିସହ ଏକ ଦୋକାନଗୃହ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୭ବର୍ଷ ତଳୁ ପ୍ରମିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଛି। ୩ ସନ୍ତାନକୁ ନେଇ ସେ ଦୁଃଖକଷ୍ଟରେ କାଳାତିପାତ କରୁଥିଲେ।

### ଜୀବନଶୈଳୀ ପରିବର୍ତ୍ତନ ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୯।୩**
ଢେଙ୍କାନାଳ ଯୋଗ ସଂଘ ପକ୍ଷରୁ 'ଐରା' ଅନୁଷ୍ଠାନର ଉଜ୍ଜ୍ୱଳା ଗୃହରେ ମହିଳା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଅଧାପିକା ଦୀପ୍ତିବାଳା ମିଶ୍ର, ସାମାଜିକ କର୍ମୀ ସସ୍ମିତା ମହାନ୍ତି, ମିଶନର ସୁରକ୍ଷା ନିର୍ଦ୍ଦେଶକ ସୌମ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନରେ ରହୁଥିବା ମହିଳାଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଉପରେ ଆଲୋକପାତ କରାଯାଇଥିଲା। ପ୍ରଦ୍ୟୁମ୍ନ ପଣ୍ଡା, ସୀତାଂଶୁ ପଣ୍ଡା, କବିତା ପୁହାଣି, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଝଲସୁଛି କପିଳାସ ପୀଠ

- ଦିନକ ପରେ ବିଶ୍ୱପ୍ରସିଦ୍ଧ ଜାଗରଯାତ୍ରା
- ପାଣି ପାଇଁ ହଇରାଣ ହେବେନି ଶ୍ରଦ୍ଧାଳୁ
- ମରାମତି କରାଗଲା ଏଲ୍‌ଇଡି ସ୍କ୍ରିନ୍



**ଢେଙ୍କାନାଳ ଅଫିସ, ୯।୩**

ଦିନକ ପରେ ବିଶ୍ୱପ୍ରସିଦ୍ଧ ଜାଗରଯାତ୍ରା। ଏହାକୁ ନେଇ କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠ ଝଲସୁଛି। ମହାଦେବଙ୍କ ଏହି ମହାନ୍ ପର୍ବରେ ସାମିଲ ହେବାକୁ ଶ୍ରଦ୍ଧାଳୁ ଉତ୍ସୁକତାର ସହ ଅପେକ୍ଷା କରି ରହିଥିବାବେଳେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ।

ଚଳିତବର୍ଷ କୋଭିଡ୍ କଟକଣା ଭିତରେ ଠାକୁରଙ୍କ ଯାତ୍ରା ସମାପନ କରାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ଜିଲାର କୋଭିଡ୍ ନେଗେଟିଭ୍ ରିପୋର୍ଟଧାରୀ ଶ୍ରଦ୍ଧାଳୁଙ୍କୁ ଅନୁମତି ମିଳିଥିବାବେଳେ ଏଥିଲାଗି ଆନୁଷଙ୍ଗିକ କାର୍ଯ୍ୟ ଶେଷ ହୋଇଛି। ପୀଠକୁ ନୂଆ ରୂପ ଦିଆଯିବା ସହ ସାଜସଜ୍ଜା କରାଯାଉଛି। ମୁଖ୍ୟ ମନ୍ଦିର, ପାର୍ଶ୍ୱ ମନ୍ଦିର, ରୋଷଘର, ମୁଖଶାଳା, ଧର୍ମଶାଳା, ମୁଖଶାଳାଠାରେ ଥିବା ବୃଷଭ, ପ୍ରବେଶ ଦ୍ୱାର ନୂଆ ଚୂନ ଲାଗି ପରେ ଦାଉଦାଉ ହୋଇଉଠିଛି। ଦୀର୍ଘଦିନରୁ ଅଚଳ ହୋଇପଡ଼ିଥିବା ବଡ଼ ଏଲ୍‌ଇଡି ସ୍କ୍ରିନକୁ ମରାମତି କରାଯାଇଛି। ମନ୍ଦିର ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ଯାତ୍ରା ସମୟରେ ପୀଠରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଥିଲା। ଚଳିତବର୍ଷ ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ଉଦ୍ୟମରେ ଏହାର ସ୍ଥାୟୀ ସମାଧାନ କରାଯାଇଛି। ପାହାଡ଼ ପାଦଦେଶରୁ ପୀଠକୁ ପାଇପ୍ ବିଛାଯାଇଛି। ପୀଠ ଉପରେ ୧ଲକ୍ଷ ଲିଟରର ପାଣି ରଖିବାକୁ ଷ୍ଟୋରେଜ ପଏଣ୍ଟ କରାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ୨ ସ୍ଥାୟୀ ଶୌଚାଳୟ ନିର୍ମିତ ହୋଇଛି। ଜାଗରଯାତ୍ରାରେ ଏହା ଲୋକାର୍ପିତ ହେବ। ସେହିପରି ପାହାଚ ଓ ଘାଟିରାସ୍ତାକୁ ଆଲୋକୀକରଣ କରାଯାଇଛି। ପୀଠରେ ଅଧିକ ୧୬ ଷ୍ଟାଣ୍ଡପୋଷ୍ଟ ଲଗାଯାଇଛି। ଠାକୁରଙ୍କ ନୀତିକାନ୍ତି ପାଇଁ ସମସ୍ତ ପ୍ରସ୍ତୁତି ଆପାତତଃ ଶେଷ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଗଁଦିଆ ତହସିଲଦାର ଆଶିଷ ରଞ୍ଜନ ସାହୁ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ପ୍ରମୁଖ ପ୍ରସ୍ତୁତିର ତଦାରଖ କରିଛନ୍ତି। ଚଳିତବର୍ଷ କୋଭିଡ୍ ସଂକ୍ରମଣ ଏଡ଼ାଇବାକୁ ଜିଲା ଏବଂ ରାଜ୍ୟ ବାହାର ଲୋକଙ୍କ ସମାଗମକୁ ବାରଣ କରାଯାଇଛି। ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେହିପରି ସେହିପରି ପୀଠର ସ୍ୱଚ୍ଛତା ବଜାୟ ରଖିବାକୁ ପଲିଥିନ ଏବଂ ପ୍ଲାଷ୍ଟିକ୍ ସାମଗ୍ରୀ ଉପରେ କଟକଣା ଲାଗିଛି। ଭୋଗ ପାଇଁ ଶ୍ରଦ୍ଧାଳୁମାନେ ପେପର ବ୍ୟାଗ୍ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଛି।

### ସ୍ଥିର ହେଲା ନୀତିନିର୍ଘଣ୍ଟ

ଜାଗରଯାତ୍ରାରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଷୋଡ଼ଶ ଉପଚାର ବିଧିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ରାତି ୭ଟାରୁ ସାଢ଼େ ୮ଟା ମଧ୍ୟରେ ଚାରିପୂଜା, ସାଢ଼େ ୮ଟାରୁ ୧୦ଟା ମଧ୍ୟରେ ପୀଠ ପୁରୋଧାଙ୍କ ଚାରିପୂଜା ହେବ। ରାତି ୧୦ଟାରୁ ୧ଟା ମଧ୍ୟରେ ଚାରି ପୁରୋଧାଙ୍କ ଦ୍ୱାରା ଚାରିପୂଜା ସମ୍ପନ୍ନ ହେବ। ଏହା ପରେ ପ୍ରଥମ ରାଜଦର୍ଶନ, ରାତି ୧ଟାରୁ ରାତି ସାଢେ ୨ଟା ମଧ୍ୟରେ ରାଜପୁରୋଧାଙ୍କ ଦ୍ୱାରା ଚାରିପୂଜା ସମ୍ପନ୍ନ ହେବ। ରାତି ୩ଟା ମଧ୍ୟରେ ଠାକୁରଙ୍କ ମହାରୁଦ୍ରାଭିଷେକ ହେବ। ରାତି ୩ଟାରୁ ୩ଟା ୫୦ ମଧ୍ୟରେ ମହାସ୍ନାନ, ନାଗାଭରଣ ବେଶ, ପଞ୍ଚବକ୍ର ପୂଜା ସମ୍ପନ୍ନ ହେବ। ଏହାପରେ ଢେଙ୍କାନାଳ ରାଜା ନାଗାଭରଣ ବେଶ ଦର୍ଶନ କରିବେ। ରାତି ୩ଟା ୫୫ରୁ ପୂଜାପଣ୍ଡାଙ୍କ ଦ୍ୱାରା ବେଢା ପରିକ୍ରମା ଏବଂ ରାତି ୪ଟା ୨୦ମିନିଟ ମଧ୍ୟରେ ପାଳିଆ ସେବକଙ୍କ ଦ୍ୱାରା ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ପ୍ରାତଃ ରାତି ୪ଟା ୨୫ରେ ପୂଜାପଣ୍ଡାଙ୍କ ଦ୍ୱାରା ହରିହର ଭେଟ ପୂଜା କାର୍ଯ୍ୟ ହେବ ବୋଲି ରାଜପୁରୋଧାଙ୍କ ଦ୍ୱାରା ନୀତିନିର୍ଘଣ୍ଟ ସ୍ଥିରୀକୃତ ହୋଇଛି।

### ମହାଦୀପ ଉଠିବା ପରେ ହରିହର ଭେଟ



"କପିଳାସ ପୀଠ ଜାଗରଯାତ୍ରାରେ ଠାକୁରଙ୍କ ମହାସ୍ନାନ ପରେ ରୁଦ୍ରାଭିଷେକ ହୋଇଥାଏ। ଶିବରାତ୍ରିରେ ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ଷୋଡ଼ଶ ଉପଚାର ପୂଜା କରାଯାଇଥାଏ। ଏହାପରେ ନାଗାଭରଣ ବେଶରେ ମହାଦେବ ଦର୍ଶନ ଦେଇଥାନ୍ତି। ମହାଦୀପ ଉଠିବା ପରେ ହରିହର ଭେଟ ହୋଇଥାଏ।

-ପଞ୍ଚାନନ ମିଶ୍ର, ରାଜ ପୁରୋଧା

### ପାନୀୟ ଜଳର ସ୍ଥାୟୀ ସମାଧାନ ହୋଇଛି



"କପିଳାସ ପୀଠରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରାଯାଇଛି। ଅଧିକ ୧୬ ଷ୍ଟାଣ୍ଡପୋଷ୍ଟ ମାଧମରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହୋଇଛି। ମୋବାଇଲ ନେଟୱର୍କ ସମସ୍ୟା ଏଡ଼ାଇବାକୁ ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଛି। ପାହାଚ, ଘାଟି ରାସ୍ତାକୁ ସଫା କରାଯାଇଛି। ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଉପରେ କଡ଼ା କଟକଣା ଜାରି କରାଯାଇଛି।

-ସାଫଲ୍ୟ ମଣ୍ଡିତ ପ୍ରଧାନ, ଦେବୋତ୍ତର ଅଧିକାରୀ

### ଶାନ୍ତିଶୃଙ୍ଖଳା ଜଗିବେ ପୋଲିସ ଫୋର୍ସ



"ଜାଗର ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୋଲିସ ମୁତୟନ କରାଯିବ। ବୁଧବାର ଏସ୍‌ପି ପୀଠ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ। ଏହାପରେ ଅଧିକାରୀ ଏବଂ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ। ଯାନବାହନ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଇଛି। ସିସିଟିଭି କ୍ୟାମେରା ମଧ ଲାଗିଛି।

-ଶ୍ରୀହର୍ଷ ମିଶ୍ର, ସଦର ଏସ୍‌ଡିପିଓ

## ବୁଦ୍ଧେଶ୍ୱର ପୀଠରେ ଭର୍ଚୁଆଲ ଦର୍ଶନ ବ୍ୟବସ୍ଥା



**ଭୁବନ, ୯।୩(ଡି.ଏନ.ଏ.)**

ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ଶୈବପୀଠରେ ମହାଶିବରାତ୍ରି ପାଳନ ନେଇ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଏବଂ ସରକାରୀ ଗାଇଡ୍ ଲାଇନ୍ ଅନୁଯାୟୀ ନୀତିନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି। ଗୁରୁବାର ଜାଗର ଦିନ ସନ୍ଧ୍ୟା ୬ଟା ୩୦ରୁ ୭ଟା ୩୦ ପର୍ଯ୍ୟନ୍ତ ବାଲଗୋପାଳ ବେଶ, ୭ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ନାଗେଶ୍ୱର ବେଶ ଏବଂ ୮ଟା ୩୦ ରୁ ୯ଟା ୩୦ ପର୍ଯ୍ୟନ୍ତ ବଡ଼ସିଂହାର ବେଶରେ ମହାଦେବ ଦର୍ଶନ ଦେବେ। ରାତି ୧୦ଟା ୨୮ ମଧ୍ୟରେ ମହାଦୀପ ଉଠିବ। ଅନ୍‌ଲାଇନ ମାଧ୍ୟମରେ ଘରେ ବସି ବେଶ ଦର୍ଶନର ସୁଯୋଗ ପାଇବେ ଶ୍ରଦ୍ଧାଳୁ ଏଥିଲାଗି ଆବଶ୍ୟକ ବ୍ୟବସ୍ଥା ହୋଇଥିବା ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ନନ୍ଦକିଶୋର ସାହୁ, ଶ୍ରୀଧର ବେହେରା, ମୁଖ୍ୟ ପୂଜକ ମହେଶ୍ୱର ମିଶ୍ର, ପୁରୋଧା ଆନନ୍ଦ ମିଶ୍ର, ମନ୍ଦିର ପରିଚାଳନା କମିଟିର ସଦସ୍ୟ କୋଦଣ୍ଡଧର ସାହୁ, ରାମଚନ୍ଦ୍ର ନାୟକ, ସତ୍ୟାନନ୍ଦ ସାହୁ, ଅଜୟ ସଠୀ, ଟିଙ୍କୁ ନାୟକ, କାଳିନ୍ଦୀ ଚରଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ପୂଜା ପାଳନ ନେଇ ଆଲୋଚନା କରିଥିଲେ।

# ଢେଙ୍କାନାଳ ଜିଲାରେ ୪୯ ବ୍ଲାକସ୍ପଟ୍

- ଦୁର୍ଘଟଣା ରୋକିବାକୁ ମାଷ୍ଟରପ୍ଲାନ
- କ୍ଷେତ୍ର ପରିଦର୍ଶନ କଲେ ଆର୍‌ଟିଓ

**ଢେଙ୍କାନାଳ ଅଫିସ, ୯।୩**



ବ୍ଲାକ୍‌ସ୍ପଟ୍ ଯାଞ୍ଚ କରାଯାଉଛି।

ଢେଙ୍କାନାଳ ଜିଲା ଦେଇଯାଇଥିବା ୩ଟି ଜାତୀୟ ରାଜପଥ ଏବଂ ପୂର୍ତ୍ତ ବିଭାଗ ରାସ୍ତାରେ ବଢୁଥିବା ଦୁର୍ଘଟଣା ରୋକିବାକୁ ଆରମ୍ଭ ହୋଇଛି ବ୍ଲାକସ୍ପଟ୍ ଚିହ୍ନଟ ପ୍ରକ୍ରିୟା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏବଂ ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ନିର୍ଦ୍ଦେଶରେ ଦୁଇଦିନ ଧରି ଯାଞ୍ଚ ଚାଲିଥିବାବେଳେ ୪୯ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଛି। ଆର୍‌ଟିଓ ବସନ୍ତ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ଜୁନିୟର ଏମ୍‌ଭିଆଇ ମାନସ ରଞ୍ଜନ ପୃଷ୍ଟି, ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଗାୟତ୍ରୀ ଠିକାସଂସ୍ଥାର ଯନ୍ତ୍ରୀ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ କରିଥିଲେ।

୫୫ନଂ. ଜାତୀୟ ରାଜପଥର ଗୋବିନ୍ଦପୁରଠାରୁ କଣ୍ଟାବଣିଆ ଛକ ଏବଂ ଢେଙ୍କାନାଳ-ଭାପୁର ପୂର୍ତ୍ତ ବିଭାଗ ରାସ୍ତାରେ ୨୯ଟି ବ୍ଲାକ୍‌ସ୍ପଟ ଚିହ୍ନଟ କରାଯାଇ ସରିଛି। ଏସବୁ ସ୍ଥାନଗୁଡ଼ିକରେ କିପରି ଦୁର୍ଘଟଣା ରୋକିହେବ ସେଥିଲାଗି କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ବୁଧବାର ପରଜଙ୍ଗ ବ୍ଲକର ପିଡିରି-ଭୁବନ ୫୩ନଂ. ଜାତୀୟ ରାଜପଥ, ପିଡିରି-ପାଲଲହଡ଼ା ୧୪୯ନଂ. ଜାତୀୟ ରାଜପଥ ଏବଂ ଢେଙ୍କାନାଳ-କାମାକ୍ଷାନଗର ପୂର୍ତ୍ତ ବିଭାଗ ରାସ୍ତାରେ ଯାଞ୍ଚ କରାଯିବ ବୋଲି ଆର୍‌ଟିଓ ସୂଚନା ଦେଇଛନ୍ତି। ୭ଦିନ ମଧ୍ୟରେ ବ୍ଲାକସ୍ପଟ୍‌ରେ ଦୁର୍ଘଟଣା ରୋକିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ନାରୀ ଜାଗରଣ ଜରୁରୀ

**ସାତମାଇଲ, ୯।୩(ଡି.ଏନ.ଏ.)**

ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ମହିଳା ଦିବସ ପାଳିତ ହୋଇଯାଇଛି। ଅଧାପିକା ବୀଣାପାଣି ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ମନସ୍ତତ୍ତ୍ୱବିତ୍ ତୃପ୍ତିମୟୀ ସାହୁ ଏବଂ ସମ୍ମାନିତ ଅତିଥି ପ୍ରାଧ୍ୟାପକ ସୁଧାଂଶୁ ବେହେରା, ପ୍ରାଧ୍ୟାପକ କୁମାର ସାହୁ, ମହେଶ୍ୱର ପଟ୍ଟନାୟକ, ଅଧାପିକା ଗୌତମୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ନାରୀ ସଶକ୍ତୀକରଣ, ସମାଜର ଶାନ୍ତି ଓ ସ୍ଥିରତା ପାଇଁ ନାରୀ ଜାଗରଣ ଜରୁରୀ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା, ଛାତ୍ରୀ ଉପସ୍ଥିତ ଥିଲେ।

## କର୍କଟ ଆକ୍ରାନ୍ତଙ୍କ ପାଇଁ ଦୀପଦାନ



କର୍ମଚାରୀମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି।

**କାମାକ୍ଷାନଗର, ୯।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରକାଶ ରାଉତ କର୍କଟରେ ଆକ୍ରାନ୍ତ ହୋଇ ନୂଆଦିଲ୍ଲୀର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ବ୍ଲକ କର୍ମଚାରୀମାନେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ନିକଟରେ ସାମୂହିକ ଦୀପ ପ୍ରଜ୍ୱଳନ କରିଛନ୍ତି। ବିଡିଓ ବିକାଶ ମହାନ୍ତି, ସରପଞ୍ଚ ଲଳିତ ସାହୁ, ଶିଶିରକାନ୍ତ ବେହେରା, ଏବିଡିଓ ଝରଣା ସାମଲ, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ମହାରଣା, ନିର୍ବାହୀ ଅଧିକାରୀ ମାଧବ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍-ବାଇକ୍ ଧକ୍କା, ଯୁବକ ମୃତ

**ରାସୋଳ, ୯।୩(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ନାଉକିଆରୀ ଛକ ଆଗରେ ମଙ୍ଗଳବାର ସକାଳେ ବସ୍-ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ତେଲିଭୂଇଁର ବାଇକ୍ ଆରୋହୀ ଦେବରାଜ ସାହୁଙ୍କ ମୃତ୍ୟୁ ଘଟିଛି। ଦେବରାଜ ଜଣେ ପାନଦୋକାନୀ। ସେ କୌଣସି କାମରେ ରାସୋଳରୁ ଭାପୁର ଆଡ଼କୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଘରୋଇ ବସ୍ ଦୁର୍ଗାମାଧବ (ନଂ. ଓଡ଼ି ୧୯ କେ ୨୨୯୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦେବରାଜଙ୍କ ମୃତ୍ୟୁ ହୋଇଯାଇଥିଲା। ପ୍ରବଳ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଜଣେ ଅମାୟିକ ବ୍ୟକ୍ତି ଭାବେ ଦେବରାଜ ପରିଚିତ ଥିଲେ। ତାଙ୍କ ପରଲୋକରେ ତେଲିଭୂଇଁ ଅଞ୍ଚଳର ସମସ୍ତ ଦୋକାନବଜାର ବନ୍ଦ କରାଯାଇଥିଲା। ମରଶରୀରକୁ ଶୋଭାଯାତ୍ରାରେ ନେଇ ଦାହ କରାଯାଇଥିଲା।

## 'ଜେଆର୍‌ସିକୁ ଗ୍ରାମାଞ୍ଚଳରେ ପହଞ୍ଚାଅ'

**କାମାକ୍ଷାନଗର, ୯।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ଚାଲିଥିବା ୫ଦିନିଆ ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ୍ (ଜେଆର୍‌ସି) କାଉନ୍‌ସିଲର ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ତହସିଲଦାର ସଞ୍ଜୟ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଜେଆର୍‌ସିକୁ ସ୍କୁଲ ମାଧ୍ୟମରେ ଗ୍ରାମାଞ୍ଚଳରେ ପହଞ୍ଚାଇବା ଜରୁରୀ। ସ୍ୱାସ୍ଥ୍ୟସେବା, ସେବା ଏବଂ ବନ୍ଧୁତାକୁ ଏହାର ମାଧମ କଲେ ଗ୍ରାମାଞ୍ଚଳବାସୀ ଉପକୃତ ହେବେ। ଏ ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟଅତିଥି କାଉନ୍‌ସିଲରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପୃଷ୍ଟି, ସମ୍ମାନିତ ଅତିଥି ଲୋକନାଥ ଷଡଙ୍ଗୀ ମଞ୍ଚାସୀନ ଥିଲେ।

ଶିକ୍ଷା ବିଭାଗ ଏବଂ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ରାଜ୍ୟଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ଶିଶୁ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ଅଗ୍ନି ନିରାପତ୍ତା, ଟ୍ରାଫିକ ନିୟମ, ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ନିର୍ମଳ ସାହୁ, ନିମାଇଁ ଦାସ, ବିସିକେଶନ ବେହେରା, ବିପିନ ଶତପଥୀ, ଅଧାପକ ପ୍ରଣବ ହୋତା, ଅଗ୍ନିଶମ ଅଧିକାରୀ ସରୋଜ ମହାପାତ୍ର , ସୀତାଂଶୁ ବେହେରା, ଡା. ପ୍ରେମାନନ୍ଦ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଜିଲା ଜେଆରସି ଅଧିକାରୀ ନରେଶ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ୩୦ କାଉନ୍‌ସିଲର ପ୍ରଶିକ୍ଷଣ ନେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।




ଉଦ୍‌ଯାପନୀ ଦିବସରେ ଅତିଥିମାନେ।

# ପହିଲାରୁ ଖୋଲିବ କଣ୍ଟ୍ରୋଲ ରୁମ୍

**ଢେଙ୍କାନାଳ ଅଫିସ, ୯।୩**



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ।

- ତାତି, ବନାଗ୍ନି ମୁକାବିଲା ପାଇଁ ପ୍ରସ୍ତୁତି
- ଜଳକ୍ଲିଷ୍ଟ ଅଞ୍ଚଳକୁ ପାଣି ଯୋଗାଣ ନିର୍ଦ୍ଦେଶ
- ଦିନ ୧୧ରୁ ସାଢ଼େ ୩ ଯାଏ କାମ କରିବେନି ଶ୍ରମିକ

ବଢୁଥିବା ଗ୍ରୀଷ୍ମପ୍ରବାହ ଏବଂ ବନାଗ୍ନି ଢେଙ୍କାନାଳ ଜିଲା ପ୍ରଶାସନର ଚିନ୍ତା ବଢ଼ାଇଛି। ତାତିର ମୁକାବିଲା ଏବଂ ନିଆଁ କବଳରୁ ଜଙ୍ଗଲକୁ ସୁରକ୍ଷା ଦେବାକୁ ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ତାତି ସମ୍ପର୍କିତ ସୂଚନା ପାଇଁ ଜିଲା କାର୍ଯ୍ୟାଳୟର ଆପାତକାଳୀନ ବିଭାଗରେ ଏପ୍ରିଲ ପହିଲାରୁ ଜୁନ୍ ୧୦ ଯାଏ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଅଚଳ ହୋଇପଡ଼ିଥିବା ନଳକୂଅଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା, ଜଳକ୍ଲିଷ୍ଟ ଅଞ୍ଚଳକୁ ପାନୀୟ ଜଳଯୋଗାଣ ସୁନିଶ୍ଚିତ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ନିଆଁ ଜୈବ ବିବିଧତା ଉପରେ ବିପଦ ସୃଷ୍ଟି ହେଉଛି। ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କୁ ନିଆଁ ଦାଉରୁ ସୁରକ୍ଷା ଦେବା, ତ୍ୱରିତ ନିଆଁ ଲିଭାଇବା ବ୍ୟବସ୍ଥା କରିବା, ଜଙ୍ଗଲ ତଳି ଅଞ୍ଚଳବାସୀଙ୍କ ସଚେତନ କରାଇବା ଲାଗି ପଦକ୍ଷେପ ନେବାକୁ ବନଖଣ୍ଡ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି।

ସେହିପରି ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ଯାଏ ଶ୍ରମିକଙ୍କ କାମ କରିବା ଉପରେ କଟକଣା ଜାରି କରାଯାଇଛି। ବୁଧବାରଠାରୁ ଏହାକୁ କଡ଼ାକଡ଼ି ପାଳନ କରିବା ଲାଗି ଯତ୍ନଶୀଳ ହେବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତର ମୁକାବିଲା ପାଇଁ ଚିକିତ୍ସାଳୟରେ ଆବଶ୍ୟକ ଶଯ୍ୟା, ପାନୀୟଜଳ, ଔଷଧ ମହଜୁଦ୍ ରଖାଯିବ। ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତରେ ଯେପରି କାହାରି ଜୀବନ ନ ଯାଏ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଛି। ଏଥିସହ ବସ୍ ଚଳାଚଳ, ପର୍ଯ୍ୟଟନସ୍ଥଳୀରେ ଯାତ୍ରୀଙ୍କ ଲାଗି ପିଇବା ପାଣି ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଆଲୋଚନା ହୋଇଥିଲା।

ଡିପିଏମ୍ ନିମାଇଁ ଚରଣ ଦାସ ଏଥିଲାଗି ହୋଇଥିବା କାର୍ଯ୍ୟଖସଡ଼ା ସମ୍ପର୍କରେ ବିବରଣୀ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶ ଚାନ୍ଦ ଗୋଗିନେନି, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ହିନ୍ଦୋଳ ଉପଜିଲାପାଳ ଉଦୟନାଥ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀତାଂଶୁ ଶେଖର ଦାସଙ୍କ ସମେତ ଜିଲା ପ୍ରଶାସନର ପଦସ୍ଥ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ବୁଧବାର, ୧୦ ମାର୍ଚ୍ଚ, ୨୦୨୧



## ପ୍ରଥମ ପୃଷ୍ଠାରୁ...

### ହାଇକୋର୍ଟରେ...

ନିଆଁକୁ ଆୟତ୍ତ କରିବାରେ ରାଜ୍ୟ ସରକାର ଏବଂ ବନ ବିଭାଗ ବିଫଳ ହୋଇଥିବା ଅଭିଯୋଗ କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍) ରୁଜୁ କରାଯାଇଛି। ଏଥିରେ ବନ ବିଭାଗର ପ୍ରମୁଖ ସଚିବ ଏବଂ ରାଜ୍ୟ ବନ ବିଭାଗ ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ପ୍ରତିପକ୍ଷଙ୍କୁ ତୁରନ୍ତ ନୋଟିସ ଜାରି କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେଥିପାଇଁ ପଦକ୍ଷେପ ନେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

### 'ଅଧିକ ଲୋକ, ମେଶିନ...

ଦେବାର ଦିନକ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ସାରା ରାଜ୍ୟରେ ବନାଗ୍ନିର ପ୍ରଶମନ ନିମନ୍ତେ ଓଡ୍ରାଫ୍ ଟିମ୍ ସହାୟତା ଯୋଗାଇବାକୁ ପଦକ୍ଷେପ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଓଡ୍ରାଫ୍ ଟିମ୍ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ପହଞ୍ଚି ସାରିଛି। ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ଜିଲାର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ବନଖଣ୍ଡ ଅଧିକାରୀଙ୍କ ସହ ବନାଗ୍ନି ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀ ତଥା କର୍ମଚାରୀଙ୍କୁ ବନାଗ୍ନି ବିସ୍ତାରକୁ ରୋକିବା ଓ ନିର୍ବାପନ ନିମନ୍ତେ ଉଦ୍ୟମ ଜାରି ରଖିବା ସହ ରାତ୍ରିକାଳୀନ ପାଟ୍ରୋଲିଂ ଜୋରଦାର କରିବା ପାଇଁ ସେ କହିଛନ୍ତି। ଏଥିସହ ତୁରନ୍ତ ବନାଗ୍ନି ସର୍ତ୍ତକ ସୂଚନାଗୁଡ଼ିକୁ ତଦାରଖ କରି ପାହାଡ଼ ଅଞ୍ଚଳର ବନାଗ୍ନିକୁ ପ୍ରାଥମିକତା ଦେଇ ବିହୀତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ଲାଗି ଭିଏସ୍‌ଏସ୍/ଇଡିସିଗୁଡ଼ିକ ସମେତ ପିଆରଆଇ ଅନୁଷ୍ଠାନର ସ୍ଥାନୀୟ କର୍ମକର୍ତ୍ତାଙ୍କୁ ମଧ୍ୟ ଏହି କାର୍ଯ୍ୟରେ ଜଡ଼ିତ କରିବାକୁ ପରାମର୍ଶ ଦେଇଛନ୍ତି। ବନ ବିଭାଗ ସୂଚନାନୁସାରେ, ସାମ୍ପ୍ରତିକ ବନାଗ୍ନି ପରିସ୍ଥିତିକୁ ଅଧିକ ପ୍ରଭାବଶାଳୀ ଭାବେ ମୁକାବିଲା ତଥା ଫଳପ୍ରସୂ କରିବା ପାଇଁ ଅଧିକ ଲୋକ ଓ ଯାନ୍ତ୍ରିକ ବଳ ନିୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାରା ରାଜ୍ୟରେ ଅଧିକ ୧୦୦ଟି ଦଳକୁ ଆବଶ୍ୟକ ଅନୁଯାୟୀ ବିଭିନ୍ନ ସ୍ଥାନରେ ନିୟୋଜନ କରିବା ପାଇଁ ସ୍ଥିର କରାଯାଇଛି। ଏସବୁ ସହ ଅଧିକ ୭୦୦ଟି ବ୍ଲୋୟର ମେଶିନ ବନାଗ୍ନି ନିର୍ବାପନ କାର୍ଯ୍ୟରେ ଯଥାଶୀଘ୍ର ଲଗାଇବାର ବ୍ୟବସ୍ଥା କରାଯାଉଛି। ଜଙ୍ଗଲ ସଂଲଗ୍ନରେ ଥିବା ୩୦୦୦ ଗ୍ରାମକୁ ବନାଗ୍ନି ପ୍ରଶମନ ଓ ପ୍ରତିହତରେ ସହାୟତା ନିମନ୍ତେ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରାଯାଉଛି। ସ୍ଥାନୀୟ ବନଖଣ୍ଡ ଅଧିକାରୀ ଓ କୃଷି ଅଧିକାରୀଙ୍କ ସହାୟତାରେ ଜଙ୍ଗଲ ସଂଲଗ୍ନ ଗ୍ରାମଗୁଡ଼ିକରେ କୃଷି ବର୍ଜ୍ୟବସ୍ତୁ ଅବହେଳିତ ଦହନର ନିରାକରଣ ନିମନ୍ତେ ପଦକ୍ଷେପ ନେବା ସହ ଆବଶ୍ୟକ ସ୍ଥଳେ ପାଣିଟାଙ୍କି ବ୍ୟବହାର କରି ବନାଗ୍ନିକୁ ଆୟତ କରିବା ପାଇଁ ପଦକ୍ଷେପ ନିଆଯାଉଛି। କ୍ଷେତ୍ର କର୍ମଚାରୀଙ୍କର ସମୟୋପଯୋଗୀ ନିରନ୍ତର ପ୍ରଚେଷ୍ଟା ଫଳରେ ଗତ ଦୁଇ ଦିନରେ ଫାୟାର ପଏଣ୍ଟ ସଂଖ୍ୟା କମିଛି। ୭ ତାରିଖରେ ଫାୟାର ପଏଣ୍ଟ ସଂଖ୍ୟା ୬୨୫୮ ଥିବା ବେଳେ ୮ତାରିଖରେ ୩୯୫୮କୁ ହ୍ରାସ ପାଇଛି। ଗତ ୨୪ଘଣ୍ଟାର ରିପୋର୍ଟ ଅନୁସାରେ ୧୯ଶତାଂଶରୁ ଅଧିକ ଫାୟାର ପଏଣ୍ଟର ନିଆଁକୁ ନିର୍ବାପିତ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ଲୋକଙ୍କ ବଦଳରେ...

ସେନା କହିବା ସହ ନନ୍‌କୁ ସେଠାରୁ ଚାଲିଯିବାକୁ ଅନୁରୋଧ କରିଥିଲା। କିନ୍ତୁ ନନ୍ ସେମିତି ବସି ରହି ଗୁଳିଚାଳନା ବନ୍ଦ କରିବାକୁ କହିଚାଲିଥିଲେ। ହେଲେ ମ୍ୟାନମାର ସେନା ଏହାର କିଛି ସମୟ ପରେ ନନ୍‌ଙ୍କ ପଛରେ ଥିବା ଆନ୍ଦୋଳନକାରୀଙ୍କ ଉପରେ ପୁଣି ଗୁଳିଚାଳନା କରିଥିଲେ। ମ୍ୟାନ୍‌ମାରବାସୀ ବିପଦରେ ପଡ଼ିଛନ୍ତି। ଏହା ତାଙ୍କୁ ବେଶ୍ କଷ୍ଟ ଦେଉଛି। ଏପରି ସ୍ଥିତିରେ ସେ କିଛି ନ କରି ରହିପାରିବେନି ବୋଲି ନୁ ତଙ୍ଗ୍ କହିଛନ୍ତି। ଏଥିପୂର୍ବରୁ ଫେବୃୟାରୀ ୨୮ରେ ମଧ୍ୟ ନୁ ତଙ୍ଗ୍ ମ୍ୟାନମାର ସୈନ୍ୟଙ୍କ ନିକଟକୁ ଚାଲି ଚାଲି ଯିବା ସହ ସେଠାରେ ଆଣ୍ଠେଇ ପଡ଼ି ଲୋକଙ୍କୁ ଦୟା କରିବାକୁ ହାତ ଯୋଡ଼ି ଅନୁରୋଧ କରିଥିଲେ।

### ଶ୍ୱାସରୁଦ୍ଧ...

ସମ୍ଭବ ହେଉନାହିଁ। ଉଲୁଣ୍ଡା ରେଞ୍ଜର ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରର ତ୍ରିକୁଟ ପାହାଡ଼ ସମେତ ସୀମାବର୍ତ୍ତୀ ବିଭିନ୍ନ ଜଙ୍ଗଲରେ ବି ସମାନ ଅବସ୍ଥା ଦେଖାଦେଇଛି। ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ ନିଆଁ ଲିଭାଯାଉଛି। କେନ୍ଦୁପତ୍ର ପାଇଁ ଗୋଛାକଟା ବେଳେ ନିଆଁ ଲଗାଇ ଦିଆଯାଉଥିବାରୁ ଏହା ବ୍ୟାପୁଛି ବୋଲି ସେ କହିଛନ୍ତି।

### ବନ୍ୟଜନ୍ତୁ...

ବନବିଭାଗର କର୍ମଚାରୀମାନେ ପହଞ୍ଚି ହରିଣକୁ ଉଦ୍ଧାର କରି ରେଞ୍ଜ କାର୍ଯ୍ୟାଳୟକୁ ନେଇ ଚିକିତ୍ସା ଜାରି ରଖିଛନ୍ତି। ବାଙ୍ଗିରିପୋଷି, ଚହଲା, ଉଷକି, ବରେହିପାଣି, କବାଟଘାଇ, ଦୁଧିଆଣି, ପାଟବିଲ୍, ଦେବସ୍ଥଳ, କାଣ୍ଡଭେଜୁ, ସାରୁଆ, ନଅଁଣା ସାଉଥ୍ ଓ ନରଥ୍ ଆଦି ରେଞ୍ଜ ଅଞ୍ଚଳରେ ଏବେ ବି ନିଆଁ ଜଳୁଛି। ତେବେ ଆବଶ୍ୟକତାଠାରୁ ବହୁ କମ୍ କର୍ମଚାରୀ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଥିବାରୁ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ଘଟୁଛି ବୋଲି ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ସରକାରୀ ସ୍ତରରେ କୋର ଅଞ୍ଚଳରେ ବନ୍ୟଜନ୍ତୁ ପ୍ରଭାବିତ ହୋଇ ନ ଥିବା ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଉଥିବା ବେଳେ ପ୍ରକୃତ ସ୍ଥିତି ଭିନ୍ନ ରହିଛି। ଚାରିପଟ ନିଆଁ ଆବଦ୍ଧ କରି ରଖିଥିବା ବେଳେ ଅଭୟାରଣ୍ୟର କୋର ଅଞ୍ଚଳର ୩ଟି, ବୋଫର ଅଞ୍ଚଳର ୬୧ଟି ଓ ପାଦଦେଶରେ ଥିବା ୧୨ଶହ ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ଫଳରେ ଜଙ୍ଗଲ ଉପରେ ନିର୍ଭର କରୁଥିବା ହଜାର ହଜାର ବନବାସୀ ଜୀବିକା ହରାଇ ବସିଛନ୍ତି। ଏହି ଗ୍ରାମଗୁଡିକ ମଧ୍ୟରେ ବଡଗାଁ ସେକ୍ସନର ମଶିଣାବିଲା ଜଙ୍ଗଲରେ ଲାଗିଥିବା ନିଆଁର ସ୍ଥିତି ଅନୁଧ୍ୟାନ ଲାଗି ମୟୂରଭଞ୍ଜ ଜିଲାପାଳ ଭରଦ୍ୱାଜ, ଏସ୍‌ପି ପରମାର ଓ ବାରିପଦା ବନଖଣ୍ଡ ଅଧିକାରୀ ଯୋଶୀ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବିଭିନ୍ନ ସଙ୍ଗଠନ ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ହୋଇଥିବା ଜଣାପଡିଛି। ତେବେ ନିଆଁକୁ ଆୟତ୍ତ କରାଯିବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉ ବୋଲି ପରିବେଶବିତ୍ ସଂଯୁକ୍ତା ବଶା ଓ ଅଜିତ ଜେନା ପ୍ରମୁଖ ଦାବି କରିଛନ୍ତି।

### ପେସ୍କି କଲ୍ ନିୟମ:...

ଥିଲେ। ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବାରୁ ନୂଆ ନିୟମ ଲାଗୁ କରାଇବା ସମୟ ଅବଧିକୁ ଟ୍ରାଇ ୭ ଦିନ ବଢାଇଛି। ଫଳରେ କମ୍ପାନୀ ଆଉ ଅଧିକ ୭ ଦିନ ମହଲତ ପାଇଛନ୍ତି। ସୋମବାର ଆରମ୍ଭ ହେବା ବେଳୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରିଥିବା ନଜରକୁ ଆସିଛି। ଏହି ସମସ୍ୟା ଶୀଘ୍ର ସମାଧାନ ହୋଇଯିବ ବୋଲି ଟେଲିକମ୍ ଶିଳ୍ପର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କର୍ପୋରେଟ, ଟେଲି ମାର୍କେଟର, ବ୍ୟାଙ୍କ, ପେମେଣ୍ଟ କମ୍ପାନୀ ଏବଂ ସରକାରୀ ଏଜେନ୍ସି ନୂଆ ନିୟମ ଧାରାରେ ସାମିଲ ହେଲେ ସମସ୍ୟା ଟଳିଯିବ ବୋଲି ସୂଚନା ମିଳିଛି। ଟ୍ରାଇ ନିର୍ଦ୍ଦେଶ ମୁତାବକ, କମ୍ପାନୀ, ବ୍ୟାଙ୍କ, ପେମେଣ୍ଟ କମ୍ପାନୀ, ସରକାରୀ ଏଜେନ୍ସି, ଟେଲି ମାର୍କେଟ, ଟେଲିକମ୍ ଅପରେଟରଙ୍କ ସହ ଲିଙ୍କ୍ ହେବେ। ସେହିଭଳି ମେସେଜିଂ ଟେମ୍ପଲେଟକୁ କମ୍ପାନୀଗୁଡିକ ଗ୍ରାହକଙ୍କ ନିକଟକୁ ପଠାଇବା ଆଗରୁ ରେଜିଷ୍ଟର କରାଇବା ନେଇ କୁହାଯାଇଛି। ନୂଆ ନିୟମ କାର୍ଯ୍ୟକାରୀ କରାଇବା ଲାଗି ନିକଟରେ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ନିୟମ ଲାଗୁ କରାଇବା ନେଇ କମ୍ପାନୀଗୁଡ଼ିକ ଆଗକୁ ଆସିଥିବା ଜଣାପଡ଼ିଛି।

ଟେଲିକମ୍ ଶିଳ୍ପର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବ୍ୟାଙ୍କିଙ୍ଗ୍ ଏବଂ ପେମେଣ୍ଟ ସେବାରେ ବିଭିନ୍ନ ଅସୁବିଧା ହେଉଛି। ମାତ୍ର କିଛି ଜରୁରୀ ନେଣଦେଣ ହୋଇପାରୁଛି। ଆଧାର ଏବଂ କୋୱିନ ପ୍ଲାଟ୍‌ଫର୍ମ ମେସେଜିଂ ସେବାକୁ ସ୍ୱାଭାବିକ କରାଯିବାରୁ ଗୁରୁତ୍ୱପୂର୍ଣ୍ଣ ନେଣଦେଣ ସମ୍ଭବ ହୋଇପାରିଥିଲା। ନୂଆ ନିୟମ ଲାଗୁ କରାଇବା ଲାଗି ଆବଶ୍ୟକ ପଞ୍ଜୀକରଣ କରିବାକୁ ଦିନେରୁ ୨ ଦିନ ସମୟ ଲାଗିବ। ଯଦି କିଛି କ୍ଷେତ୍ରରେ ପଞ୍ଜୀକରଣରେ ଅସୁବିଧା ରହୁଛି ତେବେ ମେସେଜିଂ ସେବା ବନ୍ଦ କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ଅଧିକାରୀ ମତ ରଖିଛନ୍ତି। ଓଟିପି ଏବଂ ଅନ୍ୟ ପ୍ରମୁଖ ମେସେଜକୁ ଅପେକ୍ଷା କରିଥିବା ଗ୍ରାହକ ନାହିଁ ନ ଥିବା ଅସୁବିଧା ସାମ୍ନା କରିଥିବା ନଜରକୁ ଆସିଛି। ସେହିଭଳି ଟ୍ରାଞ୍ଜାକଶନ ହେବାରେ ଅସୁବିଧାକୁ ନେଇ ଅନେକେ ବ୍ୟାଙ୍କ ଏବଂ ପେମେଣ୍ଟ କମ୍ପାନୀକୁ ଅଭିଯୋଗ କରୁଥିବା ଦେଖାଯାଉଛି। ଡୁ ନଟ୍ ଡିଷ୍ଟର୍ବ ସେବା ପରେ ମଧ୍ୟ ବିଭିନ୍ନ ବାଣିଜ୍ୟିକ କମ୍ୟୁନିକେଶନ ଧାରା ଜାରି ରହିଥିଲା। ଏହା ଉପରେ କଟକଣା ଲଗାଇବା ଲାଗି ନୂଆ ନିୟମ ଆଣିବାକୁ ଟ୍ରାଇ ପଦକ୍ଷେପ ନେଇଛି। ସେହିଭଳି ସରକାର ଟେଲି ମାର୍କେଟରଙ୍କ ପ୍ରତି କଠୋର ହେବେ ବୋଲି ଜଣାପଡ଼ିଛି। ବିଭିନ୍ନ ବେଆଇନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଜାରି କରିବା ଏବଂ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ଡିଜିଟାଲ ଇଣ୍ଟେଲିଜେନ୍ସ ୟୁନିଟ ସ୍ଥାପନ କରିବା ଲାଗି କେନ୍ଦ୍ର ନିକଟରେ କହିଥିଲା। ଘଟଣାର ଗୁରୁତ୍ୱକୁ ବିଚାରକରି ନୂଆ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଟେଲିକମ୍ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ଆର୍ଥିକ ଠକେଇ ରୋକିବା ଲାଗି ମଧ୍ୟ ସରକାର ବିଚାର କରୁଛନ୍ତି।

### ୪ ଦିନ ବ୍ୟାଙ୍କ...

ଜନସାଧାରଣ ବ୍ୟାଙ୍କ ସେବା ପାଇବାରୁ ବଞ୍ଚିତ ହେବେ। ୟୁନିୟନର ଏହି ଡାକରା ଫଳରେ ସାରା ଦେଶରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ଧର୍ମଘଟରେ ସାମିଲ ହେବେ। ଏହାର ପ୍ରଭାବ ଓଡ଼ିଶାର ୫,୫୦୦ ରୁ ଉର୍ଦ୍ଧ୍ୱ ଶାଖାରେ ପଡିବ ବୋଲି ଜଣାପଡିଛି। ସେହିଭଳି ରାଜ୍ୟର ୩୦ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଏହି ଧର୍ମଘଟରେ ଯୋଗଦେବେ ବୋଲି ୟୁନିଅନ ପକ୍ଷରୁ କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ୟୁଏଫବିୟୁ ଓଡ଼ିଶା ଶାଖା ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଶାଖାର ଆବାହକ ରଘୁନାଥ ପ୍ରସାଦ ଦାସ ଅଧ୍ୟକ୍ଷତା କରି ବନ୍ଦ ଡାକରା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ମହାସଂଘର ଓଡ଼ିଶା ସଭାପତି ଦାମୋଦର ନନ୍ଦ, 'ଏଆଇବିଇଏ'ର ସଞ୍ଜୀବ ପତି, 'ବିଇଏଫଆଇ'ର ପ୍ରକାଶ ରାୟ ଏବଂ 'ଏଆଇବିଓଏ'ର ଅଜୟ ରାଉତରାୟ ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ପ୍ରସ୍ତାବକୁ ଦୃଢ ବିରୋଧ କରିଥିଲେ। ଦେଶ ଅର୍ଥନୀତିରେ ଜାତୀୟକରଣ ବ୍ୟାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ଏହି ଜନବିରୋଧୀ ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବନ୍ଦକୁ ସଫଳ କରିବା ପାଇଁ ଓଡ଼ିଶାର ସମସ୍ତ ବ୍ୟାଙ୍କର କର୍ମଚାରୀ ସହଯୋଗ ପ୍ରଦାନ କରିବେ ବୋଲି ୟୁନିଅନ ପକ୍ଷରୁ କୁହାଯାଇଛି।

### ଇସ୍ତଫା ଦେଲେ...

ସ୍ଥାନରେ ଅବସ୍ଥାପିତ କରାଯିବ ବୋଲି କୁହାଯାଉଛି। ସେହିପରି ପାର୍ଲାମେଣ୍ଟ ସଦସ୍ୟ ଅଜୟ ଭଟ୍ଟ ଓ ଅନିଲ ବାଲୁନିଙ୍କ ନାମ ମଧ୍ୟ ମୁଖ୍ୟମନ୍ତ୍ରୀ ଦୌଡ଼ିରେ ଥିବା ଚର୍ଚ୍ଚା ହେଉଛି। ବୁଧବାର ପୂର୍ବାହ୍ନ ୧୦ଟାରେ ବସିବାକୁ ଥିବା ଭାଜପା ବିଧାୟକ ଦଳ ବୈଠକରେ ନୂଆ ନେତା ବଛାଯିବ। କୁମାଉଁ ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ଜଣେ ନେତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ପ୍ରକାଶ ଯେ, ନିକଟରେ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଦୁଇଜଣ ପର୍ଯ୍ୟବେକ୍ଷକଙ୍କୁ ଉତ୍ତରାଖଣ୍ଡକୁ ପଠାଇଥିଲା। ସେମାନେ ହେଲେ ଦଳର ଉପାଧ୍ୟକ୍ଷ ରମଣ ସିଂ ଓ ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ଗୌତମ। ଉଭୟେ ରାଜ୍ୟର କୋର୍ ଗ୍ରୁପ୍ ସହ ଆଲୋଚନା କରି ରିପୋର୍ଟ ଦେଇଥିଲେ ଯେ, ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ତ୍ରିବେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରି ବିଜୟ ହାସଲ କରିବା ସମ୍ଭବ ହୋଇ ନ ପାରେ। କାରଣ ତାଙ୍କ ବିରୋଧରେ ଦଳ ତଥା ମନ୍ତ୍ରିମଣ୍ଡଳରେ ଅସନ୍ତୋଷ ରହିଛି। ଏହା ପରେ ସୋମବାର ତ୍ରିବେନ୍ଦ୍ର ନୂଆଦିଲ୍ଲୀ ଯାଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ ଶୀର୍ଷ ନେତୃବୃନ୍ଦଙ୍କୁ ଭେଟିଥିଲେ। କିନ୍ତୁ କିଛି ଲାଭ ହେଲା ନାହିଁ।

### ଓଜେଏସ୍‌ରେ ଈର୍ଶିତା...

ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସମ୍ବେଦନା ସନ୍ଦୀପ ଦ୍ୱିତୀୟ ଓ କୃଷ୍ଣ ମିଶ୍ର ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରିୟଙ୍କା ପ୍ରିୟଦର୍ଶିନୀ ପଟେଲ ୪ର୍ଥ, ଶୁଭଜିତ ବେହେରା ୫ମ, ଆଦର୍ଶ କୁମାର ବେହେରା ୬ଷ୍ଠ, ଦେବନ ସତ୍ୟଦର୍ଶୀ ନନ୍ଦ ୭ମ, ଅଭିନନ୍ଦନ ରାଏ ୮ମ, ଶ୍ୱେତା ଦାସ ୯ମ ଏବଂ ଶର୍ମିଷ୍ଠା ପାଢ଼ୀ ୧୦ମ ସ୍ଥାନ ହାସଲ କରିଛନ୍ତି। ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ୬ଜଣ ମହିଳା ରହିଛନ୍ତି। ପରୀକ୍ଷାର୍ଥୀମାନେ ଓପିଏସ୍‌ସିର www.opsc.gov.inକୁ ଯାଇ ପରୀକ୍ଷାଫଳ ସମ୍ପର୍କରେ ସୂଚନା ପାଇପାରିବେ।

### ଗିରୀଶ ଚନ୍ଦ୍ର ମୁର୍ମୁ ଜାତିସଂଘ...

ଇଣ୍ଡୋନେସିଆ, କାନାଡା ଓ ରୁଷିଆକୁ ନେଇ ଏହି କମିଟି ଗଠିତ। ବର୍ତ୍ତମାନ ମୁର୍ମୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଜେନେଭା ଏବଂ ଖାଦ୍ୟ ଓ କୃଷି ସଙ୍ଗଠନ, ରୋମ ଓ ଇଣ୍ଟର ପାର୍ଲାମେଣ୍ଟାରି ୟୁନିୟନର ବାହ୍ୟ ସମୀକ୍ଷକ ରହିଛନ୍ତି। ଜାତିସଂଘ କମିଟିର ଅଧ୍ୟକ୍ଷ ଭାବେ ବିଭିନ୍ନ ଦେଶ ମଧ୍ୟରେ ସହଯୋଗ ଓ ସମନ୍ୱୟ ରକ୍ଷା କରିବାରେ ଭାରତ ସିଏଜିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବିବୃତିରେ କୁହାଯାଇଛି।

# ରାଜଧାନୀରେ ହେବ 'କଲ୍‌ଚରାଲ୍ କରିଡର'

**ସ୍ମାର୍ଟ ଜନପଥରେ ସ୍ଥାନ ପାଇବ ଉତ୍କଳୀୟ ପରମ୍ପରା**


ଭୁବନେଶ୍ୱର, ୯।୩ (ବ୍ୟୁରୋ)

ଓଡ଼ିଶାର କଳା ଓ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ସହ ରାଜଧାନୀ ଭୁବନେଶ୍ୱରକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅନେକ ସୃଜନଶୀଳ ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜଧାନୀରେ ଏକ 'କଲ୍‌ଚରାଲ୍ କରିଡର' କରାଯିବାର ଯୋଜନା ରହିଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଏନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ମାର୍ଟ ଜନପଥରେ ସାଂସ୍କୃତିକସ୍ଥଳୀର ଦୃଶ୍ୟପଟ୍ଟ ଏବଂ କାର୍ଯ୍ୟକାରୀତାକୁ ସ୍ଥାନ ଦେବା ପାଇଁ ଯୋଜନା ସ୍ଥିର ହୋଇଛି।

ପୂର୍ବରୁ ଷ୍ଟ୍ରିଟ୍ ଭେଣ୍ଡର ସର୍ବେକ୍ଷଣକୁ ଆଧାର କରି ବର୍ତ୍ତମାନ ସ୍ମାର୍ଟ ଜନପଥରେ ହୋଇଥିବା କିଓସ୍କଗୁଡିକର ଆବଣ୍ଟନ ଚାଲୁଛି। ଏଭଳି ସ୍ଥିତିରେ ସହରର ଏକ ପ୍ରମୁଖ ସ୍ଥାନରେ ରାଜ୍ୟର ସମସ୍ତ ଜିଲାକୁ ଉପସ୍ଥାପନ କରି ଏହାର ସଂସ୍କୃତିକୁ ବର୍ଣ୍ଣନା କରୁଥିବା କିଛି କିଓସ୍କ ସ୍ଥାପନ କରାଯିବ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରମାଦେବୀ ମହିଳା ମହାବିଦ୍ୟାଳୟ ଠାରୁ ରୁପାଲି ଛକ ପର୍ଯ୍ୟନ୍ତ ବିସ୍ତୃତ ଜନପଥ ପାର୍ଶ୍ୱରେ କିଓସ୍କଗୁଡ଼ିକୁ ରଖାଯିବାର ନିଷ୍ପତ୍ତି ନିଆଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ସ୍ମାର୍ଟସିଟି ଭୁବନେଶ୍ୱର ସାରା ବିଶ୍ୱ ପାଇଁ ଏକ ପର୍ଯ୍ୟଟନ ସ୍ଥାନ ତଥା ମନ୍ଦିରମୟୀ ନଗରୀ ଭାବେ ପ୍ରତିଷ୍ଠିତ। ତେଣୁ ସ୍ମାର୍ଟ ଜନପଥ ପ୍ରକଳ୍ପରେ ଏହାକୁ ଆହୁରି ସୁନ୍ଦର କରି ଗଢି ତୋଳିବାକୁ ଏହି ପଦକ୍ଷେପ ନିଆଯାଇଛି ବୋଲି କମିଶନର ଚୌଧାରୀ କହିଛନ୍ତି। ଏନେଇ କମିଶନର ସମସ୍ତ ଜିଲାର ଜିଲାପାଳଙ୍କୁ ଚିଠି ଲେଖି ସେମାନଙ୍କ ଜିଲାରୁ ଜଣେ ଲେଖାଏଁ ପ୍ରତିନିଧିଙ୍କୁ ଚୟନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯିଏ କି ସେହି ଜିଲାକୁ ପ୍ରତିନିଧିତ୍ୱ କରିପାରୁଥିବେ। ସମସ୍ତ ଅଞ୍ଚଳର ଉତ୍ପାଦନ ଏବଂ ସାଂସ୍କୃତିକ ସାମଗ୍ରୀର ପ୍ରଦର୍ଶନ ଓ ବିପଣନ ପାଇଁ ଏଠାରେ ସ୍ୱତନ୍ତ୍ର ରୀତିରେ କିଓସ୍କ ରଖାଯାଇ ବାହାରୁ ଆସୁଥିବା ପର୍ଯ୍ୟଟମାନଙ୍କୁ ସୁହାଇଲା ଭଳି ବ୍ୟବସ୍ଥା କରାଯିବ। କନ୍ଧମାଳର ହଳଦୀ ହେଉ ଅବା କୋରାପୁଟ କଫି କିମ୍ବା ପିପିଲିର ଚାନ୍ଦୁଆ ସବୁକିଛି ସେଠାରେ ଉପଲବ୍ଧ ହୋଇପାରିବ। ଏଥିସହ କିଓସ୍କ ଗୁଡ଼ିକୁ ସ୍ୱତନ୍ତ୍ର ଢଙ୍ଗରେ କରାଯାଇ ଆଗ୍ରହୀ ଗ୍ରାହକ ଓ ପର୍ଯ୍ୟଟକମାନଙ୍କର ବୁଲି ଦେଖିବା ଭଳ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ କାରବାର ତଥା ଅଗ୍ରୀମ ଅର୍ଡର ଦେବାର ବ୍ୟବସ୍ଥା ରହିବ। ଏ କ୍ଷେତ୍ରରେ ନିରାପତ୍ତା, ଆଇନ୍‌ଶୃଙ୍ଖଳା ଏବଂ ଜିଲା ପ୍ରଶାସନ ସହ ସଂଯୋଜନା ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବ। ସେହିପରି ପରିମଳ ବ୍ୟବସ୍ଥା ପାଇଁ ସମ୍ପୃକ୍ତ ସ୍ଥାନରେ ସ୍ମାର୍ଟ ଟଏଲେଟ୍‌ର ସୁବିଧା ରହିବ। ସହର ବା ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକ ଏଭଳି ସ୍ମାର୍ଟ ଜନପଥ ଦେଖିଲେ ରାଜ୍ୟର ସଂସ୍କୃତି ଓ ପ୍ରଗତି ବାବଦରେ ତାଙ୍କର ଅବଧାରଣା ଆସିବ। ଏଥିସହ ସମଗ୍ର ରାଜ୍ୟ ବିଷୟରେ ଜ୍ଞାନ ଆହରଣ ପାଇଁ ଏହା ଏକ ନମୁନା ଭାବେ ସ୍ଥାନ ପାଇବ ବୋଲି ବୈଠକରେ ସୂଚନା ଦିଆଯାଇଛି। ବିଏମ୍‌ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାଉଥ୍ ଇଷ୍ଟ ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ, ଡେପୁଟି କମିଶନର ପ୍ରମୋଦ ପୃଷ୍ଟି ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**କୋଟିଏରୁ ଊର୍ଦ୍ଧ୍ୱ ଆୟ ବହିର୍ଭୂତ ସଂପତ୍ତି ଠାବ**



ସୁନ୍ଦରଗଡ଼, ୯।୩(ଡି.ଏନ୍.ଏ.)

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ସହକାରୀ ଯନ୍ତ୍ରୀ ପର୍ଶୁରାମ ନାଏକଙ୍କ ବାସଭବନରେ ମଙ୍ଗଳବାର ଭିଜିଲାନ୍ସ ରାଉରକେଲା ଡିଭିଜନ ପକ୍ଷରୁ ଚଢାଉ ହୋଇଛି। ସହକାରୀ ଯନ୍ତ୍ରୀ ନାଏକଙ୍କ ସୁନ୍ଦରଗଡ ରଙ୍ଗାଡିପାସ୍ଥିତ ବାସଭବନ ସମେତ ବଡଗାଁ ଅଫିସ୍ ଓ ଲେଫ୍ରିପଡ଼ାଠାରେ ଥିବା ପୈତୃକ ବାସଭବନରେ ଏକକାଳୀନ ଚଢାଉ କରାଯାଇଥିଲା। ଏହି ସମୟରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇ ୧କୋଟି ୩୫ ଲକ୍ଷ ୬୪ ହଜାର ୯୫୧ ଟଙ୍କା ମୂଲ୍ୟର ଆୟ ବହିର୍ଭୂତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି ବୋଲି ଡିଏସ୍‌ପି ବୀରେନ୍ଦ୍ର କୁମାର ନାଏକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ,ରଙ୍ଗାଡିପାଠାରେ ଥିବା ୩ ମହଲା କୋଠାର ଆନୁମାନିକ ମୂଲ୍ୟ ୯୫ ଲକ୍ଷ ୨୫ ହଜାର ଟଙ୍କା, ସୁନ୍ଦରଗଡ ଓ ପିପିଲିରେ ଥିବା ୨ଟି ପ୍ଲଟ୍‌ର ମୂଲ୍ୟ ୧ଲକ୍ଷ ୨୫୦ଟଙ୍କା, ୭ଲକ୍ଷ ୨୯ ହଜାର ଟଙ୍କାର ସ୍ୱିଫ୍ଟ କାର୍,୧ ଲକ୍ଷ ୫ହଜାର ୧୦୮ଟଙ୍କାର ୨ଟି ବାଇକ୍, ୫ଲକ୍ଷ ୨୬ ହଜାର ୭୬୭ ଟଙ୍କାର ଇନସ୍ୟୁରାନ୍ସ ପଲିସି, ବିଭିନ୍ନ ବ୍ୟାଙ୍କ ଓ ଡାକଘରେ ୨ଲକ୍ଷ ୭୬ ହଜାର ୯୮୪ ଟଙ୍କା ଜମା ଥିବା ପାସ୍‌ବୁକ୍, ୧୩ ଲକ୍ଷ ୬୫ହଜାର ୪୯୧ ଟଙ୍କାର ସୁନା ଓ ରୁପାଗହଣା, ୨୬ ହଜାର ୩ ଶହ ନଗଦ ଟଙ୍କା ଓ ୯ଲକ୍ଷ ୧୦ହଜାର ୫୧ଟଙ୍କାର ଆସବାବପତ୍ର ଥିବା ଭିଜିଲାନ୍ସ ବିଭାଗ ଆକଳନ କରିଛି। ଚଢ଼ାଉରେ ଭିଜିଲାନ୍ସ ଡିଏସ୍‌ପି ନାଏକଙ୍କ ନେତୃତ୍ୱରେ ସୁନ୍ଦରଗଡ ଭିଜିଲାନ୍ସ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ପ୍ରଦୀପ କୁମାର ଆଇନ୍ଦ, ଅଭୟ ପ୍ରଧାନ, ସୁଧୀର ସାହୁ, ରଶ୍ମିତା ଲାକ୍ରା ପ୍ରମୁଖ ସାମିଲ ଥିଲେ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**O/O THE CHIEF CONSTRUCTION ENGINEER**
**RENGALI RIGHT IRRIGATION PROJECT, DHENKANAL**
**Email Id - ccerrip@gmail.com**

**'e' Procurement Notice**

**No. A-670:-** The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** in double cover system for construction of the works as detailed below: **1.** Name of the work: **Construction of Foot Bridge at RD 41.588 km and VRB at RD 41.865 km of Darpani Branch Canal of Rengali Right Irrigation Project. 2.** Tender Cost : **Rs. 133.32 lakh. 3.** Bid Document Cost : **Rs. 10,000.00 (on line), 4.** Bid Security : **Rs. 1, 33,400.00 (on line), 5.** Class of Contractor : **'B' Class & 'A' Class, 6.** Period of Completion : **09 calendar months including monsoon 7.** Other details are as follows:

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERRIP-03/2020-21 | 12.03.2021 10.00 AM | 30.03.2021 5.30 PM | 31.03.2021 11.00 AM |

**8.** For further details and on line bidding, visit Govt. website **www.tendersodisha.gov.in**

OIPR-32351/11/0003/2021 Sd./- Chief Construction Engineer, Rengali Right Irrigation Project, Dhenkanal

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS CIRCLE, BOLANGIR**

No. O-1219 **e-Procurement Notice**

| | | | |
|---|---|---|---|
| 1. | Type of Work | : | Completion of incomplete road & bridges for the year 2020-21 |
| 2. | Name of work | : | Improvement to RD road to Patnagarh Border via Kubrimahul Barghati road in the district of Bolangir under State Plan for the year 2020-21 |
| 3. | Time for Completion | : | 9 (Nine) Calendar Months |
| 4. | Approxmiate estimated cost varies from | : | Rs.345.00 lakhs |
| 5. | Mode of Submission of Tender | : | Tender should be submitted online in **www.tendersodisha.gov.in**. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, R.W. Circle, Bolangir | BLGR-Online - 16/2020-21 | 10.03.2021 at 11.00 A.M. | 18.03.2021 upto 5.00 P.M. | 17.03.2021 upto 1.00 P.M. | 19.03.2021 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the abvoe e-tender website only.

**Sd./- Superintending Engineer, R.W. Circle, Bolangir**
**OIPR-25118/11/0015/2021**

**ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ**

**ନିଲାମ ବିଜ୍ଞାପନ ସଂଖ୍ୟା: ୨୯୦ ତା୦୪।୦୩।୨୦୨୧ (ଫଳ ନିଲାମ ସମ୍ବନ୍ଧେ)**

No. L-40: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉଦ୍ୟାନ କୃଷି ବଗିଚା, ଏକାମ୍ରକାନନ ଓ ଖଣ୍ଡଗିରି ପ୍ରଜେନୀ ବଗିଚାର ମାଆ ଗଛର ଫଳ ନିଲାମ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜଉମୁଦ ଦିଆ ନିଲାମ ଆବେଦନ ଆହ୍ୱାନ କରାଯାଉଅଛି। ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସମସ୍ତ ସର୍ତ୍ତାବଳୀ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୦୬।୦୩।୨୦୨୧ରିଖ ଠାରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଟ୨୦୦ଙ୍କା (ଦୁଇଶତ ଟଙ୍କା) ମାତ୍ର ବିନିମୟରେ ଉପଲବ୍ଧ ହେବ।

| ଗଛର ନାମ | ଉଦ୍ୟାନକୃଷି ବଗିଚାର ନାମ: ଏକାମ୍ରକାନନ ବଗିଚା – ଗଛର ବୟସ | ଏକାମ୍ରକାନନ ବଗିଚା – ବଉଳା ଗଛ ସଂଖ୍ୟା | ଖଣ୍ଡଗିରି ପ୍ରଜେନୀ ବଗିଚା – ଗଛର ବୟସ | ଖଣ୍ଡଗିରି ପ୍ରଜେନୀ ବଗିଚା – ବଉଳା ଗଛ ସଂଖ୍ୟା | ଜଉମୁଦ ଦିଆ ନିଲାମ ଆବେଦନ ପହଞ୍ଚିବା ଶେଷ ସମୟ | ସଫଳ ନିଲାମଧାରୀ ଚୟନ ପାଇଁ ବୈଠକର ତାରିଖ ଓ ସମୟ |
|---|---|---|---|---|---|---|
| ଆମ୍ବ | ୭ – ୧୫ ବର୍ଷ | ୨୨୭ | ୨୦ – ୪୦ | ୨୫୮ | ତା୨୫।୦୩।୨୦୨୧ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ | ତା୨୫।୦୩।୨୦୨୧ରିଖ ଅପରାହ୍ନ ୪ଘଟିକାରେ ଜଉମୁଦା ଲଫାପା ଗୁଡ଼ିକ ଖୋଲାଯିବ |
| ସପେଟା | ୧୦ – ୨୦ ବର୍ଷ | ୪୦ | ୨୦ | ୭୦ | | |
| ପଣସ | ୧୦ ବର୍ଷ | ୬ | ୨୦ | ୩ | | |
| ସପୁରୀ | ୧ ବର୍ଷ | ୧୦୦ | ୧ | ୬୦୦ | | |
| କାଜୁ | ୧୫ – ୨୦ ବର୍ଷ | ୨୪ | ୦ | ୦ | | |

ଆଗ୍ରହୀ ଆବେଦନକାରୀମାନେ ନିଲାମ ମୂଲ୍ୟ ଆକଳନ ପାଇଁ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଅନୁମତି ନେଇ ଉକ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ। ନିର୍ଦ୍ଧାରିତ ଆବେଦନ ଫର୍ମ ସହିତ ଫର୍ମ କିଣା ରସିଦ୍ ଓ ଅମାନତରାଶି ଜଉମୁଦ ଦିଆ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠିକଣା: ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ ଫାର୍ମ, ଭୁବନେଶ୍ୱର, ଖୋର୍ଦ୍ଧା – ୭୫୧୦୧୫ରେ ଉପର ଲିଖିତ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ।

ସ୍ୱା./– ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ, ଭୁବନେଶ୍ୱର
OIPR-01054/11/0002/2021

**ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

ନୋଟିସ୍ ନଂ. ୯୮୪ ତା. ୦୮.୦୩.୨୦୨୧

**ସର୍ବସାଧାରଣ ନୋଟିସ୍**

No. C-604:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧୀନସ୍ଥ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଯେଉଁମାନେ ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆସନ୍ତା ତା୧୮.୦୩.୨୦୨୧ ଅପରାହ୍ନ ଘ.୩.୦୦ ସୁଦ୍ଧା ଜଉମୁଦ ଲଫାପାରେ ଟେଣ୍ଡର ପକାଇପାରିବେ। ଟେଣ୍ଡରରେ ଭାଗ ନେବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ଟ.୧୦୦/–ଙ୍କା ଦାଖଲ କରି ତା.୧୮.୦୩.୨୦୨୧ ଦିବା ଘ.୧.୦୦ ପର୍ଯ୍ୟନ୍ତ ପାଇପାରିବେ। ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟର ୩୦ ପ୍ରତିଶତ ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ Executive Officer, Sonepur Municipalityଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବାକୁ ଜଣାଇଦିଆଗଲା। ଜଉମୁଦ ଟେଣ୍ଡର ଆସନ୍ତା ତା୧୮.୦୩.୨୦୨୧ ଅପରାହ୍ନ ଘ.୪.୦୦ ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡରକାରୀ ଯେକୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ ନୁହନ୍ତି। କର୍ତ୍ତୃପକ୍ଷ ଇଚ୍ଛାକଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ। ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ। ଟେଣ୍ଡର ପାଇଥିବା ବ୍ୟକ୍ତି ୭ ଦିନ ମଧ୍ୟରେ ଧାର୍ଯ୍ୟ ମୂଲ୍ୟ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା କରିବେ। କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସୈରାତ ପରିଚାଳନା ନ କଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ। ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

| କ୍ର. ନଂ. | ସଇରାତର ନାମ | ଟେଣ୍ଡରର କାର୍ଯ୍ୟକାଳ | ଅଫସେଟ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧. | ସାପ୍ତାହିକ ବଜାର ଖମେଶ୍ୱରୀ ମନ୍ଦିର (କେବଳ ମଙ୍ଗଳବାର ଦିନ) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୭,୭୫,୭୭୫/– | ୨,୩୨,୭୩୨/– |
| ୨. | ଦୈନନ୍ଦିନ ବଜାର ଖମେଶ୍ୱରୀ ମନ୍ଦିର ପାଖ (ମଙ୍ଗଳବାର ଦିନ ବ୍ୟତୀତ ଅନ୍ୟ ସମସ୍ତ ଦିନ ଫି ଆଦାୟ) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୭,୨୦,୬୧୦/– | ୨,୧୬,୧୮୩/– |
| ୩. | ସାଇକେଲ ଷ୍ଟାଣ୍ଡ (ମଙ୍ଗଳବାର ବଜାର) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୯୦,୨୦୦/– | ୨୭,୦୬୦/– |
| ୪. | କଂସେଇ ଖାନା | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୩୦,୦୦୦/– | ୯,୦୦୦/– |
| ୫. | ବସଷ୍ଟାଣ୍ଡ ପାର୍କିଂ (ବିଜୁ ପଟ୍ଟନାୟକ ଛକଠାରୁ ନଳିନୀ ଛକ ପର୍ଯ୍ୟନ୍ତ) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୨,୫୪,୩୨୦/– | ୭୬,୨୯୬/– |
| ୬. | ଅସ୍ଥାୟୀ ଦୋକାନ ଫି | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୧,୪୧,୧୧୩ | ୪୨,୩୩୪/– |
| ୭. | ପଥୁରୀ ବନ୍ଧ | ୦୧.୦୪.୨୦୨୧ରୁ ୩୧.୦୩.୨୦୨୪ | ୧,୭୨୧/– | ୫୧୬/– |
| ୮. | ପାତ୍ର ବନ୍ଧ | ୦୧.୦୪.୨୦୨୧ରୁ ୩୧.୦୩.୨୦୨୪ | ୨,୦୦୦/– | ୬୦୦/– |
| ୯. | ଲେଣ୍ଡି ବନ୍ଧ | ୦୧.୦୪.୨୦୨୧ରୁ ୩୧.୦୩.୨୦୨୪ | ୨,୧୦୦/– | ୬୩୦/– |
| ୧୦. | ଶିଶୁ ଉଦ୍ୟାନ (ସୁରେଶ୍ୱରୀ ମନ୍ଦିର ପାଖ) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୪୪,୦୦୦/– | ୧୩,୨୦୦/– |

OIPR–13098/11/0004/2021 ସ୍ୱା./- ନିର୍ବାହୀ ଅଧିକାରୀ, ସୁବର୍ଣ୍ଣପୁର ପୌର ପରିଷଦ

**DIRECTORATE GENERAL**
**FIRE SERVICES, HOME GUARDS & CIVIL DEFENCE, ODISHA**

**SHORT RE-TENDER CALL NOTICE NO.- 9/2020-21.**

**No. D-188:-**

1. Sealed tenders are invited from the original equipment manufacturer (OEM) or their authorized agent/ dealer for purchase of equipment during 2020-21. The details of equipments with requirement are as follows.

| Sl No. | Name of the item | Approximate Quantity |
|---|---|---|
| 1 | Quick Deployment Antenna | 05 Nos. |

2. Sale of tender document w. e. f. dt.08.03.2021.
3. Last date for sale of tender document dt.22.03.2021, 5.30 P.M.
4. Last date for receipt of tender document dt.22.03.2021, 5.30 P.M.
5. Date for opening of tenders/Technical Bids dt.23.03.2021, 11.30 AM. onwards.
6. Date of Technical Committe for evaluation of samples **dt.23.03.2021, 12.30 P.M.** onwards at Directorate General of Fire Services, Odisha, Cuttack.
7. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in. The tender document may be obtained by depositing ₹300/- (Rupees three hundred) only between 11.00 A.M. to 5.30 P.M. on each working day from 08.03.2021 to 22.03.2021.
8. Address:
Directorate General of F.S, H.Gs & C.D,
At-3rd Floor of Vigilance Directorate,
Nuapatna, Cuttack, Pin-753001
FAX-0671-2300201/ 2303387.

**Sd./- I.G. of Police, Fire Service, Home Guards & Civil Defence, Odisha, Cuttack**
OIPR-12006/11/0012/2021

**ନିଲାମ ଇସ୍ତାହାର**

No. L-83: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦେବଗଡ଼ ଜିଲ୍ଲା ଉଦ୍ୟାନ ବିଭାଗ ଅଧୀନସ୍ଥ ସରକାରୀ ଫଳ ବଗିଚାଗୁଡ଼ିକର ଚଳିତ ଋତୁରେ ଫଳ ସବୁକୁ ୨୦୨୧ ମସିହା ଜୁନ ମାସ ପର୍ଯ୍ୟନ୍ତ ନିଲାମ ଦିଆଯିବ। ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିମାନେ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିମ୍ନ ବିବରଣୀ ଅନୁସାରେ ଜଉମୁଦଦିଆ ଟେଣ୍ଡର ସହିତ ଅଗ୍ରିମ ଅମାନତ ରାଶି (ନିମ୍ନ ମତେ) ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼ଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କରାଇ ଆଣି ରେଜିଷ୍ଟ୍ରି ଡାକ ଅଥବା ପଞ୍ଜୀକୃତ କୋରିଅର ସର୍ଭିସ ଯୋଗେ ତଳ ଲିଖିତ ତାରିଖ ସମୟ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ତଳ ସୂଚିତ ତାରିଖ ଓ ସମୟରେ ଟେଣ୍ଡର ପ୍ରଦାନକାରୀ କିମ୍ବା ତାଙ୍କ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଟେଣ୍ଡର ଖୋଲାଯିବ। ଟେଣ୍ଡର ପେପର ଓ ତତ୍ ସମ୍ବନ୍ଧୀୟ ତଥ୍ୟ ସହକାରୀ ଉଦ୍ୟାନ ଅଧିକାରୀ/ବାରକୋଟ/ତିଳେଇବଣି/ଫାର୍ମ ଅଧିକାରୀଙ୍କର କାର୍ଯ୍ୟାଳୟରୁ ମାତ୍ର ଟ.୫୦.୦୦ (ପଚାଶ ଟଙ୍କା) ବିନିମୟରେ ମିଳିପାରିବ। ଆଗ୍ରହୀ ବ୍ୟକ୍ତିମାନେ ଫଳ ବଗିଚାଗୁଡ଼ିକର ଫଳ ସବୁକୁ ପ୍ରତିଦିନ ସକାଳ ୮ଟାରୁ ଅପରାହ୍ନ ୧୧ଟା ଯାଏଁ (କେବଳ ସରକାରୀ ଛୁଟିଦିନ ବ୍ୟତୀତ) ଦେଖିପାରିବେ। ଆବଶ୍ୟକସ୍ଥଳେ ଏକ ଅଥବା ସମସ୍ତ ଟେଣ୍ଡର ନଥିପତ୍ରକୁ କୌଣସି କାରଣ ନ ଦର୍ଶାଇ ନାକଚ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧୀନରେ ସଂରକ୍ଷିତ ଅଛି। ଟେଣ୍ଡର ବହନ କରୁଥିବା ଲଫାପା ଉପରେ ନିଜ ନାମ ଓ ଠିକଣା ସହିତ କେଉଁ ଫଳ ବଗିଚାର କେଉଁ ଫଳ ପାଇଁ ଟେଣ୍ଡର ଦାଖଲ କରୁଛନ୍ତି ତାହା ଉଲ୍ଲେଖ ରହିବା ନିହାତି ଦରକାର।

ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼ଙ୍କ ଅଧୀନସ୍ଥ ସରକାରୀ ଫଳ ବଗିଚା ଗୁଡ଼ିକର ଚଳିତ ଋତୁରେ ଫଳ ବିକ୍ରୟ ପାଇଁ ନିଲାମ ଇସ୍ତାହାର ତଦନ୍ତ ବିବରଣୀ ନିମନ୍ତେ।

| କ୍ର.ସଂ. | ଫଳ ବଗିଚାର ନାମ | ସମ୍ପୃକ୍ତ ଉଦ୍ୟାନ ଅଧିକାରୀ | ଫଳନ୍ତ ଗଛର ନାମ | ଅମାନତ ଜମାରାଶିର ପରିମାଣ (ଟଙ୍କାରେ) | ଟେଣ୍ଡର ଗ୍ରହଣର ଶେଷ ତାରିଖ (ସମୟ ଅପରାହ୍ନ ୧ଟା) | ଟେଣ୍ଡର ଖୋଲିବା ସମୟ ଅପରାହ୍ନ ୩ଟା ୩୦ମି. |
|---|---|---|---|---|---|---|
| ୧ | ଦେବଗଡ଼ ଫାର୍ମ, ଦେବଗଡ଼ | ସହକାରୀ ଉଦ୍ୟାନ ଅଧିକାରୀ, ତିଳେଇବଣି | ଆମ୍ବ – ୧୩୬୫ ଲିଚୁ – ୦୩ | ଟ.୫୦୦୦.୦୦ | ୨୫।୦୩।୨୦୨୧ | ୨୫।୦୩।୨୦୨୧ |
| ୨ | ବାରକୋଟ ଫାର୍ମ, ବାରକୋଟ | ସହକାରୀ ଉଦ୍ୟାନ ଅଧିକାରୀ, ବାରକୋଟ | ଆମ୍ବ – ୧୬୯ ଲିଚୁ – ୧୦ | ଟ.୫୦୦୦.୦୦ ଟ.୫୦୦୦.୦୦ | ୨୫।୦୩।୨୦୨୧ | ୨୫।୦୩।୨୦୨୧ |

ସ୍ୱା./– ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼
OIPR-01003/11/0003/2021



ବଲିଉଡ ଅଭିନେତା ରଣବୀର କପୁରଙ୍କ କରୋନା ପଜିଟିଭ ଚିହ୍ନଟ ହେବା ପରେ ଏବେ ଫିଲ୍ମ ନିର୍ମାତା ସଞ୍ଜୟ ଲୀଲା ଭନସାଲୀ ମଧ କରୋନା ଆକ୍ରାନ୍ତ ହୋଇଛନ୍ତି। ଏହାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ। ଭନସାଲୀ କରୋନା ପଜିଟିଭ ହେବା ପରେ ତାଙ୍କ ଆଗାମୀ ଫିଲ୍ମ 'ଗଙ୍ଗୁବାଈ କାଠିଆୱାଡି'ର ଶୁଟିଂ ବନ୍ଦ ରହିଛି। ଏବେ ଫିଲ୍ମ ଅନ୍ୟ କଳାକାରମାନେ ମଧ କରୋନା ଆକ୍ରାନ୍ତ ହେବା ସମ୍ଭାବନା ରହିଛି। ସଞ୍ଜୟ କରୋନା ପଜିଟିଭ୍ ଚିହ୍ନଟ ପରେ ଆଲିଆ ମଧ ନିଜର କରୋନା ଟେଷ୍ଟ କରିବେ ବୋଲି ଜଣାପଡିଛି। ନିକଟରେ ସଞ୍ଜୟ ଲୀଲା ଭନସାଲୀ ତାଙ୍କ ଜନ୍ମଦିନ ପାଳନ କରିଥିଲେ। ଏଥିରେ ଆଲିଆ ଭଟ୍ଟଙ୍କୁ ମଧ ଦେଖିବାକୁ ମିଳିଥିଲା।

# ଚାଇନା ବଡ଼ିମା ଭାଙ୍ଗିଲା ସପୁରି

**ତାଇୱାନ ଏବଂ ଚାଇନା ମଧରେ ଅହିନକୁଳ ସମ୍ପର୍କ କଥା କାହାରିକୁ ଅଛପା ନାହିଁ। ନିଜର ଅସ୍ମିତା ପାଇଁ ଏହି କ୍ଷୁଦ୍ରଦେଶ ଡ୍ରାଗନ୍‌କୁ ଅନେକ କ୍ଷେତ୍ରରେ ଚେକ୍‌ମେଟ୍ ଦେବାରେ ସକ୍ଷମ ହୋଇଛି। ତାଇୱାନ ସପୁରି ଆମଦାନୀ ଉପରେ ଚାଇନା ଲଗାଇଥିବା କଟକଣା ବୁମେରାଂ ସାବ୍ୟସ୍ତ ହୋଇଛି। ମାତ୍ର ୪ଦିନ ଭିତରେ ତାଇୱାନରେ ବିକ୍ରି ହୋଇଛି ୪୧ ହଜାର ଟନ୍ ସପୁରି। ତାଇୱାନବାସୀ ନିଜ ଦେଶର ଫଳ ଖରିଦ କରି ଶତ୍ରୁଦେଶର ଆତ୍ମବଡ଼ିମା ଭାଙ୍ଗି ଦେଇଥିବାବେଳେ ଏହା ଚାଇନା ଚକ୍ରାନ୍ତକୁ ପଣ୍ଡ କରିଦେଇଛି।**




**ତାଇପେଇ:** ଚାଇନା କୂଟନୀତିର ନୂଆ ଶିକାର ହୋଇଛି ତାଇୱାନ ସପୁରି। ଅନ୍ୟ ଦେଶ ସହିତ ସମ୍ପର୍କ ବୃଦ୍ଧିକୁ ନେଇ ସବୁବେଳେ ବିଷ ଓକାଳୁଥିବା ଚାଇନା ତାଇୱାନର ଫଳ ବଜାର ଉପରେ ସିଧାସଳଖ ପ୍ରହାର କରିଛି। ଆର୍ଥିକ ଝଟ୍‌କା ଦେବା ଉଦ୍ଦେଶ୍ୟରେ ତାଇୱାନର ସପୁରି ଆମଦାନୀ ଉପରେ କଟକଣା ଜାରି କରିଛି ବେଜିଂ। ହେଲେ ଏବେ ଏହାର ଓଲଟା ଫଳ ଦେଖିବାକୁ ମିଳିଛି। ତାଇୱାନ ବିରୋଧୀ ଏପରି କୂଟଚକ୍ରାନ୍ତକୁ ପଣ୍ଡ କରିଦେଇଛନ୍ତି ଏହାର ମିତ୍ରଦେଶ ଏବଂ ରାଷ୍ଟ୍ରବାସୀ। ଚାଇନାକୁ ଯେତିକି ପରିମାଣର ସପୁରି ରପ୍ତାନି କରାଯାଉଥିଲା ସେତିକି ପରିମାଣର ଫଳ ମାତ୍ର ୪ଦିନରେ ସ୍ଥାନୀୟ ବଜାରରେ ବିକ୍ରି ହୋଇଯାଇଛି।

ତାଇୱାନରୁ ଉତ୍ପାଦିତ ଉତ୍କୃଷ୍ଟ ଧରଣର ସପୁରିର ଚାହିଦା ବିଶ୍ୱ ବଜାରରେ ରହିଛି। ଏଠାରୁ ବାର୍ଷିକ ହାରାହାରି ୪୨,୦୦୦ ଟନ୍ ସପୁରି ଉତ୍ପାଦନ କରାଯାଇଥାଏ। ଏହାର ୧୧ ପ୍ରତିଶତ ୧୬ ଦେଶକୁ ରପ୍ତାନି ହୋଇଥାଏ। ତାଇୱାନ ସପୁରିର ସବୁଠାରୁ ବଡ଼ ବଜାର ହେଉଛି ଚାଇନା। ପ୍ରତିବର୍ଷ ପାଖାପାଖି ୯୦% ସପୁରି ଚାଇନା କିଣି ନେଇଥାଏ। ୨୦୨୦ରେ ଚାଇନା ୪୧,୬୬୧ ଟନ୍ ସପୁରି କିଣିଥିଲା, ଯାହାର ମୂଲ୍ୟ ୧.୫ ବିଲିୟନ ଡଲାର। ଜାପାନ, ହଂକଂ, ସିଙ୍ଗାପୁର ମଧ ତାଇୱାନ ସପୁରିର ବଡ଼ କ୍ରେତା। ତଥାପି ତାଇୱାନ ସପୁରି ବିପଣନ କାରବାର ଚାଇନା ଉପରେ ନିର୍ଭରଶୀଳ।

ସାର୍ବଭୌମତ୍ୱକୁ ନେଇ ଚାଇନା ସହ ସମ୍ପର୍କରେ ଫାଟ ସୃଷ୍ଟି ହେବା ପରେ ଅଷ୍ଟ୍ରେଲିଆ, ଜାପାନ ସହିତ ତାଇୱାନ ନିକଟତର ହୋଇଛି। ଏହାକୁ ହଜମ କରିପାରୁନାହିଁ ଚାଇନା। ତାଇୱାନକୁ ନିଜ ଦେଶର ଅଂଶ ମାନୁଥିବା ଚାଇନା ଏଥିରେ ପ୍ରତିଶୋଧପରାୟଣ ହୋଇ ବିଭିନ୍ନ କଟକଣା ଜାରି କରୁଛି। ଏହି କାରଣରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରେ ଅନ୍ୟ ଦେଶ ଭଳି ତାଇୱାନ ସାମିଲ ହୋଇପାରୁନାହିଁ। କରୋନା ମହାମାରୀ ବ୍ୟାପିବା ପରେ ଚାଇନା ଉପରେ ଖପ୍ପା ଅନେକ ଦେଶ ତାଇୱାନ ସହ ସମ୍ପର୍କ ଯୋଡ଼ି ଏହାକୁ ପାନେ ଚଖାଇବାକୁ ଯୋଜନା ପାଞ୍ଚୁଛନ୍ତି। ତେବେ ଏହା ଦ୍ୱିପାକ୍ଷିକ ମାମଲା ହୋଇଥିବାରୁ ଏଥିରେ ସିଧାସଳଖ କୌଣସି ଦେଶ ହସ୍ତକ୍ଷେପ କରୁନାହାନ୍ତି। ନିକଟରେ ଅଷ୍ଟ୍ରେଲିଆ ସରକାର ତାଇୱାନ ସପୁରି ଆମଦାନୀକୁ ସବୁଜ ସଙ୍କେତ ଦେଇଛନ୍ତି। ଏହାକୁ ନେଇ ଦୁଇଦେଶ ମଧରେ ୫ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଥିବାବେଳେ ବାଣିଜ୍ୟିକ ସମ୍ପର୍କ ଉନ୍ନତି ଘଟିଛି। କ୍ରମାଗତ ଭାବେ ତାଇୱାନର ନିର୍ଭରଶୀଳତା ହ୍ରାସ ପାଉଥିବା ଦେଖି ରକ୍ତଚାଉଳ ଚୋବାଉଛି ବେଜିଂ। ନିଜର ଅଭିଳାଷ ଚରିତାର୍ଥ କରିବାକୁ ଯାଇ ବିଭିନ୍ନ ସମୟରେ ତାଇୱାନ ଉପରେ ପ୍ରତିବନ୍ଧକ ଲଗାଉଛି। ସଦ୍ୟତମ ଘଟଣା ଭାବେ ମାର୍ଚ୍ଚରେ ଏହାର ଶିକାର ପାଲଟିଛି ସପୁରି। ଏଥିଲାଗି ପୋକ ସଂକ୍ରମଣକୁ ଆଳ କରିଛି ଡ୍ରାଗନ୍। ତେବେ ତାଇୱାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ଟୁଇଟ୍‌ରେ କୁହାଯାଇଛି ଯେ, ଉତ୍ପାଦିତ ସପୁରି ୧୦୦% ପରୀକ୍ଷଣରେ ସଫଳ ହେବା ପରେ ରପ୍ତାନି କରାଯାଇଥାଏ। ଚାଇନାର କଟକଣା ପରେ ସପୁରି ଚାଷୀ ଏବଂ ସେମାନଙ୍କ ଉତ୍ପାଦିତ ଫସଲର ସୁରକ୍ଷା ଦେବାକୁ ଆଗେଇ ଆସିଛନ୍ତି ତାଇୱାନ ସରକାର। ଏ ନେଇ ଆରମ୍ଭ ହୋଇଛି 'ଫ୍ରିଡମ ପାଇନ୍‌ଆପଲ୍' ଅଭିଯାନ। ନିଜ ଦେଶବାସୀଙ୍କୁ ଅଧିକରୁ ଅଧିକ ସପୁରି କିଣିବା ଲାଗି ଉତ୍ସାହିତ କରାଯାଉଛି, ଯଦ୍ୱାରା ଚାଷୀମାନେ କ୍ଷତିରୁ ବଞ୍ଚିପାରିବେ। ଅଭିଯାନ ଆନୁକୂଲ୍ୟରେ କୃଷି ବିଭାଗ ପକ୍ଷରୁ ୨୦ ହଜାର ଟନ୍ ସପୁରି ବିକ୍ରି କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ମାତ୍ର ୪ଦିନରେ ୪୧ ହଜାର ଟନ୍‌ରୁ ଅଧିକ ଫଳ ବିକ୍ରି ହୋଇଛି। ଆମେରିକା, ଜାପାନ, କାନାଡ଼ା ମଧ ଏହାକୁ ସମର୍ଥନ ଦେଇଛନ୍ତି। ତାଇୱାନସ୍ଥିତ ସମ୍ପୃକ୍ତ ଦେଶର ଦୂତାବାସର କର୍ମଚାରୀମାନେ 'ଫ୍ରିଡମ ପାଇନ୍‌ଆପଲ୍' ଅଭିଯାନରେ ସାମିଲ ହୋଇଛନ୍ତି।

## ବିସ୍ମୟ ଜୀବ ସି-ସ୍ଲଗ



**ନୂଆଦିଲ୍ଲୀ:** ଜଣଙ୍କର ମୁଣ୍ଡକୁ ଶରୀରଠାରୁ ଅଲଗା କରିଦେଲେ ବି ସେ ଜୀବିତ ରହିପାରେ! ଖାଲି ସେତିକି ନୁହେଁ, ଆବଶ୍ୟକ ହେଲେ କଟି ଯାଇଥିବା ଶରୀରକୁ ପୁନର୍ଗଠନ ବି କରିପାରେ। ଏକଥା ଶୁଣି ଆପଣଙ୍କୁ ଅଜବ ମନେ ହେଉଛି କି? କିନ୍ତୁ ଏଭଳି ଘଟଣା ବି ସତ୍ୟ। ବୈଜ୍ଞାନିକମାନେ ଅନୁସନ୍ଧାନ କରି ଜାଣିପାରିଛନ୍ତି ଯେ ଏପରି ଏକ ସାମୁଦ୍ରିକ ଜୀବ ଅଛି ଯିଏ, ନିଜ ଶରୀରର ପୁନର୍ଗଠନ କରିପାରେ। ପ୍ରକୃତିରେ ବହୁ ବିସ୍ମୟ ଲୁଚି ରହିଛି। ବିଶେଷଜ୍ଞମାନେ ଏବେ ବି ଏମିତି ଅନେକ ବିସ୍ମୟକୁ ନେଇ ଅନୁସନ୍ଧାନ ଜାରି ରଖିଛନ୍ତି। ଏହି କ୍ରମରେ ବୈଜ୍ଞାନିକମାନେ ଏବେ ଏକ ନୂତନ ପ୍ରକାରର ସି-ସ୍ଲଗ (ଏକପ୍ରକାରର ସାମୁଦ୍ରିକ ଜୀବ) ଆବିଷ୍କାର କରିପାରିଛନ୍ତି; ଯାହାକି ନୂତନଭାବେ ପୂରା ଶରୀରକୁ ଗଠନ କରିପାରେ। ଜୈବ ବିଜ୍ଞାନକୁ ନେଇ ପ୍ରକାଶ ପାଉଥିବା ଏକ ପତ୍ରିକା ଓଣ୍ଡର ଅଫ୍ ନେଚରରେ ବୈଜ୍ଞାନିକମାନଙ୍କର ଏଭଳି ଏକ ଅନୁସନ୍ଧାନ ପ୍ରକାଶ ପାଇଛି। ବୈଜ୍ଞାନିକମାନେ ଏଭଳି ଏକ ସି-ସ୍ଲଗ ଖୋଜିପାଇବା ପରେ ମାନବ ଟିସୁର ପୁନଃ ନିର୍ମାଣକୁ ନେଇ ଅନୁସନ୍ଧାନ କରିବା ସହଜ ହେବ ବୋଲି ଆଶା ସୃଷ୍ଟି ହେଉଛି। ଜୀବବିଜ୍ଞାନ ଅନୁସନ୍ଧାନକାରୀ ସାୟାକା ମିତୋହ କୁହନ୍ତି ସେ ଜାପାନର ସି-ସ୍ଲଗ ସମ୍ପର୍କରେ ଅଧ୍ୟୟନ କରୁଛନ୍ତି। ସ୍ଲଗଗୁଡିକ ଛୋଟ, ସୁନ୍ଦର ଏବଂ ବିଚିତ୍ର। ଏପରି କି ସେମାନେ ସୂର୍ଯ୍ୟଙ୍କ ଠାରୁ ଖାଦ୍ୟ ଆଣୁଥିବା ଉଦ୍ଭିଦ ପରି ସଂକ୍ଷେପରେ ଫଟୋଗ୍ରାଫ ମଧ କରିପାରିବେ। ଦିନେ ଲ୍ୟାବରେ ସେ ଏକ ବିଚିତ୍ର ପରିସ୍ଥିତି ଦେଖିଥିଲେ। ଏକ ସି-ସ୍ଲଗର ମୁଣ୍ଡ ଦେହଠାରୁ ଅଲଗା ହୋଇ ଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକଭାବେ ତାହା ଜୀବିତ ଥିଲା। ଅର୍ଥାତ୍ ସେହି ସ୍ଲଗର ମୁଣ୍ଡ ଚାଲୁଥିଲା ଏବଂ ଶରୀର ମଧ। ଏହାପରେ ସେହି ସମୁଦ୍ର ସ୍ଲଗକୁ ନେଇ ଆହୁରି ଅଧିକ ଅନୁସନ୍ଧାନ ଆରମ୍ଭ ହୋଇଥିଲା। ନାରା ଓମେନ୍ସ ୟୁନିଭର୍ସିଟିର ପରିବେଶ ପ୍ରଫେସର ୟୋଚି ୟୁଶା ଏହାକୁ ନେଇ ଅଧିକ ଅନୁସନ୍ଧାନ କରିଥିଲେ। ସେ ୧୬ଟି ସି-ସ୍ଲଗର ମୁଣ୍ଡ କାଟି ଦେଇଥିଲେ। ଏହାପରେ ସେମାନଙ୍କ ମଧ୍ୟରୁ ତିନୋଟି ସ୍ଲଗ ବଞ୍ଚିବା ସହିତ ୬ଟି ସ୍ଲଗ ନିଜ ଶରୀର ପୁନର୍ଗଠନ କରିଥିଲେ। ଜାପାନର ଦୁଇ ସ୍ୱତନ୍ତ୍ର ଧରଣର ସି-ସ୍ଲଗ ଏଭଳି ପୁନଃନିର୍ମାଣ କୌଶଳକୁ ଆପଣାଇ ପାରିଥାନ୍ତି ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।





## ମନ ଜିଣିଲେ ଉର୍ବଶୀ

**ମୁମ୍ବାଇ:** ବଲିଉଡ ନାୟିକା ଉର୍ବଶୀ ରୌଟେଲା ଏବେ ଏକ ନୂଆ ମ୍ୟୁଜିକ ଆଲବମକୁ ନେଇ ଚର୍ଚ୍ଚାରେ। 'ଏକ ଲଡ଼କି ଭିଗି ଭାଗି ସି' ଏବେ ସୋସିଆଲ ମିଡିଆରେ ଲୋକପ୍ରିୟ ହୋଇ ସାରିଲାଣି। ଏବେ ପର୍ଯ୍ୟନ୍ତ ୟୁଟ୍ୟୁବ୍‌ରେ ଏହି ଗୀତକୁ ୮୬ ଲକ୍ଷରୁ ଅଧିକ ଥର ଦେଖା ସରିଲାଣି। ଅନ୍ୟପଟେ ଅଭିନେତ୍ରୀ ଏହି ଭିଡିଓକୁ ନିଜ ଇନଷ୍ଟାଗ୍ରାମରେ ବି ଶେୟାର କରିଛନ୍ତି । ଯାହା ଶୁଟିଂ ସମୟର ଭିଡିଓ । ଆଉ ଏହା ଉର୍ବଶୀଙ୍କ ଇନଷ୍ଟାଗ୍ରାମରେ ଶେୟାର ହେବା ପରେ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଉର୍ବଶୀ ଲାଲ ଶାଢି ପିନ୍ଧି ବର୍ଷାରେ ଭିଜି ଭିଜି ନାଚୁଥିବା ନଜର ଆସିଛନ୍ତି। ଇନଷ୍ଟାଗ୍ରାମରେ ଶେୟାର ହେବା ପରେ ମାତ୍ର ୧୮ ଘଣ୍ଟାରେ ଏହାକୁ ୧୨ ଲକ୍ଷରୁ ଅଧିକ ଥର ଦେଖା ସାରଲେଣି। ଆଉ ଏହାକୁ ଦେଖି ଉର୍ବଶୀଙ୍କ ପ୍ରଶଂସକମାନେ ଲଗାତର କମେଣ୍ଟ କରି ଚାଲିଛନ୍ତି । ପାଖି ହେଗଡେଙ୍କ ଦ୍ୱାରା ନିର୍ମିତ ଏହି ମ୍ୟୁଜିକ ଆଲବମ ମାଧ୍ୟମରେ ଏସ୍‌ଡି ବର୍ମନ, କିଶୋର କୁମାର ଓ ମଧୁବାଲାଙ୍କୁ ଟ୍ରିବ୍ୟୁଟ ଦିଆଯାଇଛି ।

## ଥାନାରେ ସାନିଟାରି ନାପ୍‌କିନ୍

**ନୂଆଦିଲ୍ଲୀ:** ପୋଲିସ ଷ୍ଟେସନରେ ନିଜ ନିଜ ଅଭିଯୋଗ କରିବା ପାଇଁ ସାଧାରଣତଃ ଲୋକେ ଯାଇଥାନ୍ତି। ତେଣୁ ପୋଲିସର ସାହାଯ୍ୟରେ ସମସ୍ତେ ନିଜ ନିଜ ସମସ୍ୟା ସମାଧାନ କରିବାର ରାସ୍ତା ଖୋଜି ପାଇପାରନ୍ତି। କିନ୍ତୁ ପୋଲିସ ଷ୍ଟେସନରେ ମହିଳାଙ୍କ ପାଇଁ ନାପକିନ୍ ମିଳିଥାଏ, ଏକଥାକୁ ହୁଏତ ଖୁବ୍ କମ୍ ଜାଣିଥିବେ। ନୂଆଦିଲ୍ଲୀର ଆରକେ ପୋଲିସ ଷ୍ଟେସନରେ ଏବେ





ମହିଳାଙ୍କ ପାଇଁ ମିଳୁଛି ନାପକିନ୍। ଦିଲ୍ଲୀର ଏକ ଏନଜିଓ ସଂସ୍ଥା 'ସଙ୍ଗିନୀ ସହେଲି' ପକ୍ଷରୁ ଆରକେ ପୋଲିସ ଷ୍ଟେସନରେ ପ୍ରଥମ ଥର ପାଇଁ ଲଗାଯାଇଛି ଏକ ଭେଣ୍ଡିଂ ମେଶିନ୍, ଯେଉଁଥିରେ ମହିଳାଙ୍କ ପାଇଁ ସାନିଟାରୀ ନାପକିନ୍ ରହିଛି। ପ୍ରଥମ ଥର ପାଇଁ ଏକ ପୋଲିସ ଷ୍ଟେସନରେ ଏଭଳି ଏକ ପଦକ୍ଷେପ ନିଆଯାଇଛି। କୋଭିଡ୍ ମହାମାରୀ ସମୟରେ ଏହି ଏନ୍‌ଜିଓ ପକ୍ଷରୁ ଦେଶର ବିଭିନ୍ନ ଅଞ୍ଚଳକୁ ସାନିଟାରୀ ନାପକିନ୍ ଯୋଗାଇ ଦିଆଯାଇଥିଲା। ବିଶେଷକରି ବିଭିନ୍ନ ଗ୍ରାମାଞ୍ଚଳ ତଥା ରିମୋଟ ଅଞ୍ଚଳରେ ମହିଳାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିଲା। ତେବେ ପୋଲିସ ଷ୍ଟେସନରେ ଏହି ଭେଣ୍ଡିଂ ମେଶିନ ମାଧ୍ୟମରେ ସାଧାରଣ ଲୋକେ ଉପକୃତ ହେବା ସହିତ ମହିଳା ପୋଲିସ କର୍ମଚାରୀ ମଧ ଉପକୃତ ହୋଇପାରିବେ ବୋଲି ଏନଜିଓ ସଂସ୍ଥା କହିଛି।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳୀ



୬କାଦମ୍ବିନୀ କର
ରାମଚନ୍ଦ୍ରପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ : ୦୫.୦୯.୧୯୪୪
ତିରୋଧାନ: ୨୮.୦୨.୨୦୨୧
ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ତୁ ଚିର ନିଦ୍ରାରେ ଶୋଇଗଲୁ। ତୋର ସ୍ନେହ, ଆଦର ଓ ଭଲପାଇବା ଆମ୍ଭମାନଙ୍କ ସ୍ମୃତି ପଟରେ ଚିରଦିନ ଅଭୁଲା ହୋଇ ରହିବ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ
ସ୍ୱାମୀ, ପୁତ୍ର ଓ ପୁତ୍ରବଧୂ, କନ୍ୟା ଜାମାତା, ନାତିନାତୁଣୀ, ଆତ୍ମୀୟ ସ୍ୱଜନ ପରିବାର, ଓ ବନ୍ଧୁବର୍ଗ
ଧ-୨୦୨୦୦

## ଚିନ୍ତା ବଢ଼ାଇଲେ ନିଖୋଜ କୁମ୍ଭୀର

**କେପ୍‌ଟାଉନ:** ଦକ୍ଷିଣ ଆଫ୍ରିକାରେ ଏକ ରୋଚକ ଘଟଣା ଘଟିଛି। ଏଠାରେ ମଣିଷଖିଆ କୁମ୍ଭୀରଙ୍କୁ ଧରିବା ପାଇଁ ଏକ ବଡ ଅଭିଯାନ ଆରମ୍ଭ କରାଯାଇଛି। ଆଫ୍ରିକାର କେପ୍ ଫାର୍ମରୁ ମଣିଷଖିଆ କୁମ୍ଭୀର ଗତ କିଛିଦିନ ହେବ ନିଖୋଜ ହୋଇଯାଇଛନ୍ତି।



ଏହାକୁ ନେଇ ଚିନ୍ତା ପଡିଯାଇଛନ୍ତି ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ। ସରକାରଙ୍କ ପକ୍ଷରୁ ଖୋଜିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ସୂଚନା ମୁତାବକ, ଆଫ୍ରିକାରେ ଏଭଳି ହିଂସ୍ର ପ୍ରଜାତିର କୁମ୍ଭୀର ଅଧିକ ସଂଖ୍ୟାରେ ଦେଖାଯାଏ। ବୋନଭିଲେଭ ବାଜିଜ୍ୟିକ ପ୍ରଜନନ ଫାର୍ମରୁ କିଛି କୁମ୍ଭୀର ଅଚାନକ କୁଆଡେ ପଳାଇଛନ୍ତି। ୧.୨ରୁ ୧.୫ ମିଟର ଲମ୍ବ ଏହି ମଣିଷଖିଆ କୁମ୍ଭୀରଙ୍କଠାରୁ ଲୋକଙ୍କୁ ବଞ୍ଚାଇବା ପାଇଁ ପ୍ରଶାସନ ଏକ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ଦ୍ୱାରା ଏପର୍ଯ୍ୟନ୍ତ ୨୬ କୁମ୍ଭୀରଙ୍କୁ ଧରାଯାଇଛି। ଏହି କୁମ୍ଭୀରଙ୍କୁ ମୁଖ୍ୟତଃ ଚମଡା ଉତ୍ପାଦନ ପାଇଁ ପାଳନ କରାଯାଏ।

## ଖବର ପଢ଼ି କାନ୍ଦି ପକାଇଲେ ପ୍ରଥମ କିନ୍ନର ନ୍ୟୁଜ୍ ଆଙ୍କର

**ଢାକା:** ବାଂଲାଦେଶର ପ୍ରଥମ କିନ୍ନର ନ୍ୟୁଜ ଆଙ୍କର ତଶ୍ନୁଭା ଆନନ ଶିଶିର ମହିଳା ଦିବସରେ ପ୍ରଥମଥର ନ୍ୟୁଜ୍ ପଢିଛନ୍ତି। ବୋଇଶାଖୀ ନ୍ୟୁଜ ଚ୍ୟାନେଲରେ ୩ ମିନିଟ୍ର ବୁଲେଟିନ୍ ପଢି ସାରିବା ପରେ ତଶ୍ନୁବାଙ୍କ ଆଖିରେ ଲୁହ ଆସିଯାଇଥିଲା। ତାଙ୍କ ସହକର୍ମୀମାନେ ତାଳି ବଜାଇ ତାଙ୍କୁ ଉତ୍ସାହିତ କରିଥିଲେ। ତଶ୍ନୁବା ଜଣେ ପ୍ରତିଭା ସମ୍ପନ୍ନ ମଡେଲ ଏବଂ ଅଭିନେତ୍ରୀ ମଧ। ସେ ୨୦୦୭ରେ ମଡେଲିଂ କରିବା ସହିତ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଦୁଇବର୍ଷ ପର୍ଯ୍ୟନ୍ତ ସେ ମଡେଲିଂ କରିଥିଲେ। ଏଥିସହ ଦୁଇଟି ଫିଚର ଫିଲ୍ମରେ ମଧ ଅଭିନୟ କରିଛନ୍ତି। ଏବେ ସେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବୋଇଶାଖୀ ଚ୍ୟାନେଲରେ ପ୍ରଥମ ଥର ବୁଲେଟିନ ପଢ଼ିଥିଲେ। ଏହା ମାଧ୍ୟମରେ ସେ ଏକ ଅଭୁତପୂର୍ବ ଉଦାହରଣ ସୃଷ୍ଟି କରିଛନ୍ତି। ୨୯ ବର୍ଷୀୟା ତଶ୍ନୁବା ଜଣେ ଡ୍ୟାନ୍ସର, ମଡେଲ ଏବଂ ଭଏସ ଆର୍ଟିଷ୍ଟ ମଧ। ତଶ୍ନୁଭା ହଜାର ହଜାର କିନ୍ନରଙ୍କ ପାଇଁ ନିଶ୍ଚିତ ଭାବେ ଏକ ପ୍ରେରଣା ପାଲଟିବେ ଏଥିରେ ସନ୍ଦେହ ନାହିଁ।



## ନୱାଜୁଦ୍ଦିନଙ୍କୁ ଆଉ ଏକ ସୁଯୋଗ ଦେବେ ଆଲିୟା

**ନୂଆଦିଲ୍ଲୀ :** ବଲିଉଡ୍ ଅଭିନେତା ନାୱାଜୁଦ୍ଦିନ ସିଦ୍ଦିକିଙ୍କୁ ଛାଡ଼ପତ୍ର ଦେବା ବଦଳରେ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି ପତ୍ନୀ ଆଲିୟା। ଛାଡ଼ପତ୍ର ଲାଗି ନୋଟିସ ପଠାଇବାର ପ୍ରାୟ ଏକ ବର୍ଷ ପରେ ଆଲିୟା ବଦଳାଇଛନ୍ତି ନିଜ ନିଷ୍ପତ୍ତି। ଛୁଆଙ୍କ ପ୍ରତି ସିଦ୍ଦିକିଙ୍କ ଭଲପାଇବା ଓ ଯତ୍ନ ଦେଖି ବଦଳି ଯାଇଛି ଆଲିୟାଙ୍କ ମନ। ଗତବର୍ଷ ମେ'ରେ ହ୍ୱାଟ୍ସଆପ ଓ ମେଲ ଜରିଆରେ ଆଲିୟା ଛାଡ଼ପତ୍ର ପାଇଁ ସିଦ୍ଦିକିଙ୍କୁ ନୋଟିସ ପଠାଇଥିଲେ। ସେଥିରେ ଦର୍ଶାଇଥିଲେ ଯେ, ଦୀର୍ଘ ୧୦ ବର୍ଷ ହେଲା ସେମାନଙ୍କ ବୈବାହିକ ସମ୍ପର୍କ ଠିକ୍ ନାହିଁ। ହେଲେ ଆଲିୟା ଛାଡ଼ପତ୍ର ନୋଟିସ ପ୍ରତ୍ୟାହାର କରି ନେଇଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ପଛର ଉଦ୍ଦେଶ୍ୟ ନୱାଜୁଦ୍ଦିନଙ୍କୁ ଆଉ ଏକ ସୁଯୋଗ ଦେବା।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





ବୀରକିଶୋର ପରିଡା

"ସଙ୍କର ଜାତୀୟ ଗୋରୁ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ। ଦେହରୁ ଜଳୀୟଅଂଶ କମିଯାଏ। କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ। ତେଣୁ ପ୍ରତ୍ୟେକ ଦିନ ଗୋରୁଙ୍କୁ ଗାଧୋଇ ଦେବା ଉଚିତ। ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ ଗାଧୋଇ ଦିଆଯାଏ। ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଉଚିତ। ଗୋଟିଏ ଗୋରୁ ପାଇଁ ଦିନକୁ ୩୫ଲିଟର ପାଣି ଭରଣ ପୋଷଣ ଏବଂ ଦୁଇ ଲିଟର ପାଣି ପ୍ରତି ଏକ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥାନ୍ତି।"

# ଖରାଦିନେ ଗୋରୁଙ୍କ ସୁରକ୍ଷା

ଖରାଦିନେ ଗୋରୁଙ୍କଠାରେ ପ୍ରଜନନ ଶକ୍ତିହୀନତା ସୃଷ୍ଟି ହୋଇଥାଏ। ଉତ୍ତାପର ପ୍ରଜନନ ଶକ୍ତି ଉପରେ ପରୋକ୍ଷ ପ୍ରଭାବ ପଡିଥାଏ। ଖରାଦିନେ ସୂର୍ଯ୍ୟତାପର ପ୍ରଭାବରେ ସମସ୍ତ ସବୁଜ ଘାସ ବା ପତ୍ର ତନ୍ତୁଯୁକ୍ତ ଓ ଟାଣୁଆ ହୋଇଥାଏ ଏବଂ ଖାଦ୍ୟସାର ବା ଧାତବଲବଣ କମ୍ ପରିମାଣରେ ଥାଏ। ତେଣୁ ଖାଦ୍ୟସାର ଅଭାବ ଯୋଗୁ ଗାଈ ବା ଛଡ଼ାର ଋତୁଚକ୍ର ବନ୍ଦ ହୋଇ ଅସ୍ଥାୟୀ ବନ୍ଧ୍ୟାଦୋଷ ସୃଷ୍ଟି କରାଇଥାଏ।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପ୍ରତ୍ୟକ୍ଷ ପ୍ରଭାବ :** ଉତ୍ତାପ ଥାଇରଏଡ୍ ହରମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ। ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟ୍ୟୁଟାରୀ ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ। ଗ୍ରୀଷ୍ମଋତୁରେ ଏଫ୍.ଏସ୍.ଏଚ୍. ଓ ଏଲ୍.ଏଚ୍. ହରମୋନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ। ଗରମଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହରମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହରମୋନ୍ ଝରଣରେ ବାଧା ସୃଷ୍ଟି କରେ। ଫଳରେ ଗାଈ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି।

**ରୌଦ୍ରତାପରୁ ସୁରକ୍ଷା ପ୍ରଦାନ :** ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା – ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ।

**ଉପଯୁକ୍ତ ବାସସ୍ଥାନ ଏବଂ ରଖିବା ପ୍ରଣାଳୀ :** ଗୁହାଳେ ମୁକ୍ତବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବାଶ୍ୟକ। ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ। ଖରାଦିନେ ଦେଶୀ ଗୋରୁଙ୍କୁ ନ ବାନ୍ଧି ଖୋଲା ହିସାବରେ ଗୁହାଳେ ଛାଡ଼ି ଦିଆଯାଇଥାଏ। ସଙ୍କର ଜାତୀୟ ଗୋରୁ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ। ଦେହରୁ ଜଳୀୟଅଂଶ କମିଯାଏ। କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ। ତେଣୁ ପ୍ରତ୍ୟେକ ଦିନ ଗୋରୁଙ୍କୁ ଗାଧୋଇ ଦେବା ଉଚିତ। ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ ଗାଧୋଇ ଦିଆଯାଏ। ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଉଚିତ। ଗୋଟିଏ ଗୋରୁ ପାଇଁ ଦିନକୁ ୩୫ଲିଟର ପାଣି ଭରଣ ପୋଷଣ ଏବଂ ଦୁଇ ଲିଟର ପାଣି ପ୍ରତି ଏକ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥାନ୍ତି। ମୋଟ ଉପରେ ଦିନକୁ ୧୦୦ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ। ବାହାରେ ମଇଳା, ନାଳ, ନର୍ଦ୍ଦମା ପାଣି ପିଇଲେ ନାଳରକ୍ତ ଝାଡ଼ା ସମ୍ଭାବନା ଥାଏ। ଗୁହାଳକୁ ଥଣ୍ଡା ବା ଉତ୍ତାପ ହ୍ରାସ କରିବାର ଅନ୍ୟାନ୍ୟ କୌଶଳ– ବେଣାମୁଠା ଚେରର ପରଦା, ଛଣର ପରଦା, ବାଉଁଶ ପାତ ପରଦା କିମ୍ବା ଅଖା ଓଦାକରି ସମସ୍ତ ଝରକା ବା ଦ୍ୱାରମାନଙ୍କରେ ଟାଙ୍ଗିବା ଆବଶ୍ୟକ। ଆଜିକାଲି ଏୟାରକୁଲର, ପଙ୍ଖାର ବ୍ୟବହାର ସହରମାନଙ୍କରେ ହେଲାଣି। ଗୁହାଳର ଛପର ଉପରେ ଛଣ, ଜାମୁଡାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ। ପଶୁପକ୍ଷୀ ରହୁଥିବା ଘରର ଛାତ ଉପରେ ସ୍ପ୍ରିଙ୍କଲର ବ୍ୟବହାର କରିବା ସହିତ ଘର ଭିତରେ ଫଗର ମେସିନ ଦ୍ୱାରା ଘର ଭିତରକୁ ଥଣ୍ଡା ରଖିବା ପାଇଁ ପରିବେଶ ସୃଷ୍ଟି କରନ୍ତୁ। ଖରାଦିନେ ପ୍ରାଣୀଙ୍କୁ ସୁରକ୍ଷା ଦେବା ନିମନ୍ତେ ଶୀତତାପ ନିୟନ୍ତ୍ରିତ ବା କୁକୁଡ଼ା ଘର ଗୁହାଳର ଥଣ୍ଡା ପରିବେଶ ନିୟନ୍ତ୍ରଣ ବ୍ୟବସ୍ଥା (ପରିବେଶ ନିୟନ୍ତ୍ରଣ) ନିମନ୍ତେ ପଦକ୍ଷେପ ଗ୍ରହଣ କରନ୍ତୁ।

**ଉତ୍ତମ ପୁଷ୍ଟିକର ଖାଦ୍ୟ:** ଯଦି ସବୁଜ ଗୋଚର ବା ଘାସର ସୁବିଧା ଥାଏ, ତାହେଲେ ପ୍ରାତଃସକାଳେ ଚରାଇବା ଦରକାର। ଦିନବେଳା ଗୋରୁଙ୍କ ଖାଦ୍ୟ କମାଇ ରାତ୍ରର ଥଣ୍ଡା ସମୟରେ ସୁଷମ ଦାନାଯୁକ୍ତ ଖାଦ୍ୟ ଖୁଆଇବା ଆବଶ୍ୟକ। ଖରାଦିନେ ଗୋରୁମାନେ ସବୁଜଘାସ ପାଇବାରୁ ବଞ୍ଚିତ ହୋଇଥାନ୍ତି। ଫଳରେ ଶରୀରରେ ଧାତବଲବଣ ବା ଭିଟାମିନର ଅଭାବ ପରିଲକ୍ଷିତ ହୁଏ। ତେଣୁ ଧାତବ ଲବଣ ବା ମିନେରାଲ ମିକ୍ସର ୪ରୁ ୬ ଚାମଚ ଗୋରୁଙ୍କୁ ଖୁଆଇବା ଆବଶ୍ୟକ। ଖାଇବା ଲୁଣ ଦିନକୁ ୫୦ ଗ୍ରାମ ଦେଲେ ଭଲ। ସବୁଜ ଘାସ ୬–୮କେ.ଜି. ଏବଂ ନଡ଼ା ବା କୁଟା ୨କେ.ଜି. ପ୍ରତି ୧୦୦କେ.ଜି. ଶରୀରର ଓଜନ ହିସାବରେ ଖୁଆଯିବା ଉଚିତ। ଫାର୍ମମାନଙ୍କରେ ଖଣିରେ ସାଇତା ହୋଇଥିବା ସାଇଲେଜ୍ ମଧ ଖାଇବାକୁ ଦିଆଯାଇଥାଏ।

**ପ୍ରଜନନ ଶକ୍ତିହୀନତା ଏବଂ ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ବ୍ୟବସ୍ଥା :** ରୌଦ୍ରତାପ ପ୍ରଭାବରୁ ରକ୍ଷାପାଇବା ପାଇଁ ଛଡ଼ା, ଦୁଗ୍ଧ ଦେଉଥିବା ଗାଈ, ପଡ଼ିଆ ଗାଈ ପ୍ରଜନନକ୍ଷମ ଷଣ୍ଢମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଉଚିତ। ନିକଟରୁ ପର୍ଯ୍ୟବେକ୍ଷଣ କରି ଗରମ ଗାଈର ଲକ୍ଷଣ ଜାଣି ଚିହ୍ନଟ କରିବା ସହିତ ଏହାର ନିର୍ଗତ ଲାଳ ପରୀକ୍ଷା ଏବଂ ଆବଶ୍ୟକ କୃତ୍ରିମ ପ୍ରଜନନ ବ୍ୟବସ୍ଥା। ନିୟମିତ ଗରମ ଚିହ୍ନଟର ପଦ୍ଧତି ଏବଂ କୃତ୍ରିମ ପ୍ରଜନନ ଦିନ ଓ ରାତ୍ରର ଥଣ୍ଡା ପ୍ରହରରେ କିମ୍ବା ପ୍ରାତଃକାଳ ବା ବିଳମ୍ବ ଅପରାହ୍ନରେ ଅଭ୍ୟାସ କରିବା ଉଚିତ।

ଗରମ ହେବାର ଠିକ୍ ସମୟରେ କୃତ୍ରିମ ପ୍ରଜନନ ବା ଗରମ ଲକ୍ଷଣ ଆରମ୍ଭ ହେବାର ୧୨ ରୁ ୧୮ଘଣ୍ଟା ମଧ୍ୟରେ ଭଲଗୁଣ ଶୁକ୍ରାଣୁଦ୍ୱାରା କୃତ୍ରିମ ପ୍ରଜନନ କରାଇ ନେବା ଆବଶ୍ୟକ। ପ୍ରଜନନ ପରେ ଗାଈକୁ ଧୀରେ ସୁସ୍ଥେ ଘରକୁ ନେବା ଏବଂ ଗାଈକୁ ଥଣ୍ଡା ପାଣିରେ ଗାଧୋଇ ଦେବା ଆବଶ୍ୟକ। ବୁଲା ଷଣ୍ଢଠାରୁ ସର୍ବଦା ଦୂରେଇ ରଖିବା ଆବଶ୍ୟକ। (କ୍ରମଶଃ..)

*–ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଭୁବନେଶ୍ୱର*
*ମୋ : ୯୪୩୭୬୦୭୩୧୨*



## ଗେଣ୍ଡୁଫୁଲରେ ଅଷ୍ଟପଦୀ ପୋକ ଦମନ ଉପାୟ



ଲାଲ ବୁଢ଼ିଆଣୀ ଓ ଅଷ୍ଟପଦୀର ଦମନ ପାଇଁ ପ୍ରତି ଲିଟର ପାଣିରେ ଶତକଡା ୪ ଗ୍ରାମ୍ ହିସାବରେ ସଲଫର ସେଚିତ ଗୁଣ୍ଡ କିମ୍ବା ୨.୫ମିଲି ଡାଇକୋଫଲ ମିଶାଇ ସିଞ୍ଚନ କରନ୍ତୁ। ଲଗାଇବାର ୩୦ଦିନରେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୪୦କି.ଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

## ମହୁ ବାକ୍ସର ଯତ୍ନ

ମହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭–୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



## ଆଖୁରେ ପିଲ ବାହାରୁଥିଲେ...



ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩ କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀଗୁଡ଼ିକୁ ଆଚ୍ଛାଦିତ କରନ୍ତୁ। ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡ଼ା ୪ ଭାଗ (ଏକ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ।

## ସବୁଜ ଗୋଖାଦ୍ୟ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ ଅଟେ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ, ୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭାବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ।

## ରଜନୀଗନ୍ଧାରେ ସାର ପ୍ରୟୋଗ

ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ, ୮୦କି.ଗ୍ରା. ଫସଫରସ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଶୀତଳ ଭଣ୍ଡାରରେ ୪–୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।



## ଡାଲିଜାତୀୟ ଫସଲ ଅମଳ ସମୟରେ...



ଛୁଇଁ ୮୦–୮୫ଭାଗ ପାକଳ ହୋଇ ଗଲେ ଅମଳ କରି ଦିଅନ୍ତୁ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର। ବିହନ କିଗ୍ରା ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ପ୍ର. ସୁବୋଧ କୁମାର ସାହୁ

# ଅମ୍ଳମାଟିରେ ଉନ୍ନତ ଫସଲ

(ଶେଷ ଭାଗ)

ଅମ୍ଳମାଟିକୁ ଉତ୍ପାଦନକ୍ଷମ କରିବା ପାଇଁ ନିମ୍ନଲିଖିତ ଉପାୟନମାନ ଅବଲମ୍ବନ କରାଯାଇ ପାରେ।

–ମାଟିର ଜୈବ ଅଂଶ ବଢାଇବା ପାଇଁ ପ୍ରତ୍ୟେକ ଫସଲରେ ଏକର ପ୍ରତି ୨୦ କୁଇଣ୍ଟାଲ ଗୋବର ଖତ ପ୍ରୟୋଗ କରିବା ଆବଶ୍ୟକ।

–ମାଟିର ଜୈବ ଭାଗ ସହ ଯବକ୍ଷାରଜାନ ଓ ଫସଫେଟ୍ ଖାଦ୍ୟ ଉପାଦାନ ବଢାଇବା ପାଇଁ ଉଚ୍ଚ ଜମିରେ ଛଣି, ମଧ୍ୟମ କିସମ ଜମିରେ ଧନିଚା କିମ୍ବା ବରଗୁଡି ଏବଂ ଖାଲ ଜମିରେ ଧନିଚାକୁ ସବୁଜ ସାର ଭାବେ ଚାଷ କରାଯାଇପାରେ। ସବୁଜ ସାର ଚାଷ ପୂର୍ବରୁ ଏକର ପ୍ରତି ୧୬ କିଲୋ ଫସଫେଟ୍ ସାର ପ୍ରୟୋଗ କରି ୧୨ କିଲୋ ଛଣି ବା ଧନିଚା ମଞ୍ଜି ବୁଣି ୪୦ ରୁ ୪୨ ଦିନର ଗଛକୁ ହଳ କରି ମାଟିରେ ମିଶାଇବା ଭଲ।

–ଅମ୍ଳ ମାଟିକୁ ମଧୁର କରିବା ପାଇଁ ଉକ୍ତ ମାଟିରେ ଚୂନ ପ୍ରୟୋଗ କରାଯାଏ। ଚୂନ ପ୍ରୟୋଗ ଦ୍ୱାରା ମାଟିର ପି.ଏଚ୍. ବଢି ମଧ୍ୟମ ଅର୍ଥାତ୍ ୬.୮ରୁ କିମ୍ବା ୭.୦ ମଧ୍ୟରେ ରହେ। ଉକ୍ତ ପି.ଏଚ୍.ରେ ଉଦ୍ଭିଦର ସମସ୍ତ ଖାଦ୍ୟ ଉପାଦାନ ସୁଲଭ ସ୍ତରକୁ ଆସେ। ବଜାରରେ ମିଳୁଥିବା ଚୂନ ଖଣିର ଚୂନ ପଥର, କାଗଜକଳ ମଇଳା, ଲୁହା କାରଖାନାର ବେସିକସ୍ଲାଗ, ଆଖୁ କଳର ମଇଳା ଆଦି ଚୂନ ଜାତୀୟ ପଦାର୍ଥ। ଏହି ସମସ୍ତ ଚୂନ ଜାତୀୟ ପଦାର୍ଥ ମଧ୍ୟରେ କାଗଜକଳ ମଇଳା ବିନା ମୂଲ୍ୟରେ ମିଳେ। କେବଳ କ୍ଷେତପାଖକୁ ବୋହିନେବାରେ କିଛି ଖର୍ଚ୍ଚ କରିବାକୁ ପଡ଼େ। ଏହାର ପ୍ରୟୋଗ ପ୍ରଣାଳୀ ମଧ ସହଜ।

ଆମ ରାଜ୍ୟରେ ରାୟଗଡା, ଜୟପୁର, ବାଲେଶ୍ୱର ଏବଂ ବ୍ରଜରାଜନଗରଠାରେ କାଗଜକଳ ପ୍ରତିଷ୍ଠା ହୋଇଛି। ରାଜ୍ୟର ଏହି ସମସ୍ତ କାଗଜକଳରୁ ବର୍ଷକୁ ପ୍ରାୟ ୭୦ରୁ ୮୦ ଲକ୍ଷ ଟନ୍ ମଇଳା ବାହାରେ। ଅମ୍ଳ ମାଟିରେ ଉକ୍ତ କାଗଜକଳ ମଇଳାକୁ ବ୍ୟବହାର କରାଯାଇ ପାରିବ। ଚୂନ ପଥର ପ୍ରୟୋଗ ହେଉଥିଲେ ବୁଣା ଅବା ଚାରା ରୁଆର ୭ ଦିନ ପୂର୍ବରୁ ଅନୁମୋଦିତ ଚୂନ ପଥର ସହ ସମପରିମାଣର ଗୋବର ଖତ ମିଶାଇ ଲଙ୍ଗଳ ସିଆରରେ ଢିପ ଓ ମଧ୍ୟମ କିସମ ଜମିରେ ପ୍ରୟୋଗ କରାଯାଏ। ଖାଲ ଜମିରେ ଖତ ମିଶା ଚୂନ ପଥରକୁ ବିଞ୍ଚିକରି ପ୍ରୟୋଗ କରାଯାଏ। କାଗଜକଳ ମଇଳା ପ୍ରୟୋଗ ହେଉଥିଲେ ଏହା ସହ ସମପରିମାଣ ଖତ ମିଶାଇ ଧାଡି ବା ଲଙ୍ଗଳ ସିଆରରେ ପ୍ରୟୋଗ କରାଯାଇ ସଙ୍ଗେ ସଙ୍ଗେ ମଞ୍ଜି ବୁଣା ଯାଇପାରିବ। ଏହାଦ୍ୱାରା ମାଟିର ଅମ୍ଳତ୍ୱ ଶୀଘ୍ର ଦୂର ହୋଇ ମଞ୍ଜି ଶତପ୍ରତିଶତ ଗଜା ହୁଏ ଏବଂ ଚାରା ଶୀଘ୍ର ଚେର ଧରି ବଢେ। ଉକ୍ତ ପ୍ରଣାଳୀରେ ଚୂନ ଜାତୀୟ ପଦାର୍ଥ ପ୍ରୟୋଗ ହେଉଥିଲେ ପ୍ରତି ବର୍ଷ ଚୂନକୁ ଖତ ସହ ମିଶାଇ ପ୍ରୟୋଗ କରିବାକୁ ପଡ଼ିବ। କିନ୍ତୁ ଉପରୋକ୍ତ ଚୂନ ଜାତୀୟ ପଦାର୍ଥର ଦୁଇଗୁଣ କିମ୍ବା ତତୋଧିକ ପ୍ରୟୋଗ କଲେ ଏହାକୁ ମିଶାଇ ବୁଣା ଏବଂ ଚାରା ରୁଆରେ ୭ରୁ ୧୦ ଦିନ ପୂର୍ବରୁ ବିଞ୍ଚି କରି ପ୍ରୟୋଗ କରିବା ଉଚିତ। ଏଥିପାଇଁ ପ୍ରତିବର୍ଷ ଚୂନ ପ୍ରୟୋଗ ନ କରି ଦୁଇ ବା ତିନି ବର୍ଷରେ ଥରେ ପ୍ରୟୋଗ କରିପାରିବେ। ଏହି ସମୟରେ ମାଟିର ପିଏଚ୍ ପରୀକ୍ଷା କରିବା ଉଚିତ।



ଚୂନ ଜାତୀୟ ପଦାର୍ଥ ନ ମିଳିଲେ ଅମ୍ଳ ମାଟିରେ ଏକର ପ୍ରତି ୧୬ କିଲୋ ଫସଫେଟକୁ ଗୁଣ୍ଡ ରକ୍‌ଫସଫେଟ୍ ସହିତ ମିଶାଇ ବୁଣାର ୨୧ ଦିନ ପୂର୍ବରୁ ପ୍ରୟୋଗ କଲେ ଫସଲ ପାଇଁ ମାଟିରେ ଫସଫେଟ୍‌ର ଅଭାବ ଦୂର ହୁଏ। ଏହାଦ୍ୱାରା ଚାରା ପ୍ରଥମ ଅବସ୍ଥାରେ ସିଙ୍ଗଲ ସୁପରଫସଫେଟ୍‌ରୁ ସୁଲଭ ଫସଫେଟ୍ ପାଇ ବଢ଼େ ଏବଂ ପରବର୍ତ୍ତୀ ସମୟରେ ରକ୍‌ଫସଫେଟ୍‌ରୁ ଧୀରେ ଧୀରେ ଫସଫେଟ୍ ପାଇ ଭଲ ଅମଳ ମିଳେ। ଉକ୍ତ ଫସଫେଟ୍‌ରେ ଶତକଡ଼ା ୧୮ରୁ ୨୧ ଭାଗ ଫସପେଟ୍ ସହ ୩୫ରୁ ୪୦ ଭାଗ କ୍ୟାଲସିୟମ, ୧.୨ ଭାଗ ମ୍ୟାଗ୍ନେସିୟମ ଏବଂ ଅନ୍ୟାନ୍ୟ ଅଣୁ ଖାଦ୍ୟ ଉପାଦାନ ଯଥା ଲୁହା, ଦସ୍ତା, ତମ୍ବା, ଟାଙ୍ଗଣା ଏବଂ ମଲିବଡେନମ୍ ଫସଲ ପାଇଁ ଆବଶ୍ୟକ ପରିମାଣରେ ଥାଏ।

ଚାଷୀ ଚୂନ ଜାତୀୟ ପଦାର୍ଥ ଏବଂ ରକ୍‌ଫସଫେଟ୍ ନ ପାଇଲେ ଯେକୌଣସି ଅମ୍ଳ ମାଟିରେ ମାଟି ପରୀକ୍ଷା କରି ଅନୁମୋଦିତ ପରିମାଣର ଖତ ଓ ରାସାୟନିକ ସାର ପ୍ରୟୋଗ କରି ପାରିବେ।

*–ଶୈଳଶ୍ରୀବିହାର, ଭୁବନେଶ୍ୱର*
*ମୋ : ୯୫୫୬୨୬୬୦୮୫*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ମାର୍ଚ୍ଚ ୧୦/୨୦୨୧ Dhenkanal, Wednesday, March 10/ 2021

# ମୁମ୍ବାଇ-ଏଟିକେ ଫାଇନାଲ



ନର୍ଥଇଷ୍ଟ ୟୁନାଇଟେଡ୍ ଓ ଏଟିକେ ମୋହନ ବାଗାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ମାର୍ଗାଓ,୯।୩**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଚଳିତ ସପ୍ତମ ସଂସ୍କରଣ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି ଓ ଏଟିକେ ମୋହନ ବାଗାନ (ଏଟିକେଏମ୍‌ବି) ୧୩ ତାରିଖ ଶନିବାର ପାଟୋର୍ଡା ଷ୍ଟାଡିୟମରେ ପରସ୍ପରକୁ ଭେଟିବେ। ମଙ୍ଗଳବାର ସେମିଫାଇନାଲ ଲେଗ୍‌ରେ ଏଟିକେ ୩-୨ ଏଗ୍ରିଗେଟ୍‌ରେ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସିକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ମୁମ୍ବାଇ ସିଟି ଏଫ୍‌ସି ଗୋଆକୁ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା।

ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ଲେଗ୍‌ର ଦ୍ୱିତୀୟ ମୁକାବିଲାରେ ଏଟିକେଏମ୍‌ବି ୨-୧ ଗୋଲ୍‌ରେ ନର୍ଥଇଷ୍ଟକୁ ହରାଇ ଏହି ସଫଳତା ପାଇଛି। ଏଟିକେ ପ୍ରଥମ ଦୁଇଟି ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ଦଳ ତରଫରୁ ଡେଭିଡ୍ ୱିଲିୟମ୍ସ ୩୮ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ମନବୀର ସିଂ ୬୮ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ୭୪ତମ ମିନିଟ୍‌ରେ ନର୍ଥଇଷ୍ଟ ଫରୱାର୍ଡ ଭି.ପି. ସୁହେର ଦଳ ତରଫରୁ ଏକମାତ୍ର ଗୋଲ ଦେଇଥିଲେ। ନର୍ଥଇଷ୍ଟ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଆଉ ଗୋଲ ଦେଇପାରି ନ ଥିଲା। ଫଳରେ ନର୍ଥଇଷ୍ଟ ପରାସ୍ତ ହୋଇ ଫାଇନାଲକୁ ଉଠିବାରେ ବିଫଳ ହୋଇଥିଲା। ଏହାପୂର୍ବରୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ଲେଗ୍ ମୁକାବିଲା ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ ମଧ୍ୟ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ମନବୀର ସିଂଙ୍କୁ ହିରୋ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଟିକେର ରଏ କ୍ରିଷ୍ଣା ୱିନିଂ ପାସ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ସେହିପରି ଏଟିକେକୁ କ୍ଲବ ପୁରସ୍କାର ଦିଆଯାଇଥିଲା।

**ଇଣ୍ଡିଆନ ସୁପର ଲିଗ୍**

ପୂର୍ବରୁ ସୋମବାର ବାମ୍ବୋଲିମ୍‌ର ଜିଏମ୍‌ସି ଷ୍ଟାଡିୟମରେ ମୁମ୍ବାଇ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଏଫ୍‌ସି ଗୋଆକୁ ୬-୫ରେ ପରାସ୍ତ କରି ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା। ମୁମ୍ବାଇ ଓ ଗୋଆ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ଲେଗ୍‌ରେ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ତେବେ କଡ଼ା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ଲେଗ୍ ନିର୍ଦ୍ଧାରିତ ସମୟ ଶେଷ ବେଳକୁ ବିନା ଗୋଲରେ ଅମୀମାଂସିତ ରହିଥିଲା। ଏଗ୍ରିଗେଟ୍ ସ୍କୋର ୨-୨ ରହିବା ଫଳରେ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ଏଥିରେ ମୁମ୍ବାଇ ବାଜି ମାରିଥିଲା।

ପୂର୍ବରୁ ଲିଗ୍ ପର୍ଯ୍ୟାୟ ଶେଷରେ ମୁମ୍ବାଇ ୨୦ ମ୍ୟାଚ୍ ଖେଳି ୧୨ ବିଜୟ ୪ଟି ଲେଖାଏ ଡ୍ର ଓ ପରାଜୟ ସହ ୪୦ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହି ଲିଗ୍ ୱିନର୍ସ ଟ୍ରଫି ହାସଲ କରିଥିଲା। ଏଟିକେ ୪୦ ପଏଣ୍ଟ ପାଇ ଦ୍ୱିତୀୟ, ନର୍ଥଇଷ୍ଟ ୩୩ ପଏଣ୍ଟ ପାଇ ତୃତୀୟ ଓ ଗୋଆ ୩୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲା।



ଏଟିକେ ମୋହନ ବାଗାନର ବିଜୟରେ ଉଲ୍ଲସିତ ଖେଳାଳିମାନେ।

# ପ୍ଲେ-ଅଫ୍‌ରୁ ଓଡ଼ିଶାର ଅଭିଯାନ ଶେଷ

**ଭୁବନେଶ୍ୱର,୯।୩ (କ୍ରୀଡ଼ା ପ୍ରତିନିଧି)**

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୯ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍‌ର ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ଅପରାଜେୟ ରହିଥିବା ଓଡ଼ିଶା ପୁରୁଷ ଦଳର ଅଭିଯାନ ପ୍ଲେ-ଅଫ୍‌ରୁ ଶେଷ ହୋଇଯାଇଛି। ନିଜର ପ୍ରଥମ ୫ ମ୍ୟାଚରେ ଛତିଶଗଡ଼, ଲଦାଖ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶକୁ ହରାଇ ଦୀର୍ଘ ୨୬ ବର୍ଷ ବ୍ୟବଧାନରେ ନକ୍‌ଆଉଟରେ ପ୍ରବେଶ କରିଥିବା ଓଡ଼ିଶା ମଙ୍ଗଳବାର ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଗୁଜରାଟଠାରୁ ୦-୩ ସେଟ୍‌ରେ ପରାଜିତ ହୋଇଛି। ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଦଳ ୨୩-୨୫, ୨୩-୨୫ ଓ ୨୩ -୨୫ ପଏଣ୍ଟରେ ହାରିଯାଇଛି। ଅନ୍ୟ ପ୍ଲେ-ଅଫ୍ ମ୍ୟାଚରେ ଆନ୍ଧ୍ରପ୍ରଦେଶ ୩-୨(୧୯-୨୫, ୨୫-୨୩, ୨୫-୨୨, ୨୦-୨୫, ୧୬-୧୪) ସେଟ୍‌ରେ ମହାରାଷ୍ଟ୍ରକୁ ହରାଇ କ୍ୱାଲିଫାୟରରେ ପ୍ରବେଶ କରିଥିଲା। ତେବେ କ୍ୱାଲିଫାୟରରେ ଏହି ଦୁଇ ଦଳ ପରାଜିତ ହୋଇ ବିଦାୟ ନେଇଛନ୍ତି। ଏହି ପର୍ଯ୍ୟାୟରେ ରାଜସ୍ଥାନ ୩-୦(୨୫-୧୭, ୨୫-୨୧, ୨୫-୨୦)ରେ ଆନ୍ଧ୍ରପ୍ରଦେଶ ଏବଂ ରେଲୱେ ୩-୦(୨୫-୨୦, ୨୫-୧୯, ୨୫-୧୮) ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ମହିଳା ବିଭାଗ ପ୍ଲେ-ଅଫ୍‌ରେ କର୍ଣ୍ଣାଟକ ୩-୦(୨୫-୧୯, ୨୫-୧୧, ୨୫-୨୧) ସେଟ୍‌ରେ ରାଜସ୍ଥାନ ଏବଂ ଚଣ୍ଡିଗଡ଼ ୩-୦(୨୫-୨୪, ୨୫-୨୩, ୨୫-୧୮) ସେଟ୍‌ରେ ଗୁଜରାଟକୁ ପରାସ୍ତ କରି କ୍ୱାଲିଫାୟରରେ ପ୍ରବେଶ କରିଥିଲା। ପରେ କ୍ୱାଲିଫାୟର ପର୍ଯ୍ୟାୟରେ କର୍ଣ୍ଣାଟକ ୩-୦ରେ ତାମିଲନାଡୁ ଏବଂ ଚଣ୍ଡିଗଡ଼ ୩-୦ରେ ହରିୟାଣାକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳଗୁଡ଼ିକୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫଆଇ)ର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।



ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୯।୩ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୧୧ରୁ ୧୪ ପର୍ଯ୍ୟନ୍ତ ୫ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍ କୋଲକାତାର ଆସନସୋଲଠାରେ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ୩୦ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏଥିମଧ୍ୟରୁ ୧୧ ଜଣ ପିସ୍ତଲ ଏବଂ ୧୮ ଜଣ ରାଇଫଲ ଇଭେଣ୍ଟରେ ଭାଗନେବେ। ଏଥିରେ ସଫଳ ପ୍ରତିଯୋଗୀ ଜାତୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହେବେ। ରାଜ୍ୟ ଦଳର ପ୍ରତିଯୋଗୀମାନେ ଓଡ଼ିଶା ରାଇଫଲ ଆସୋସିଏଶନ ଟିମ୍ ମ୍ୟାନେଜର ଆଶିଷ ନାୟକଙ୍କ ନେତୃତ୍ୱରେ ବୁଧବାର ଆସନସୋଲ ଯାତ୍ରା କରିବେ। ମନୋନୀତ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଇଫଲ ଆସୋସିଏଶନର ସଭାପତି ଅନଙ୍ଗ ଉଦୟ ସିଂଦେଓ, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ ପୃଷ୍ଠପୋଷକ କଳିକେଶ ନାରାୟଣ ସିଂଦେଓ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ଦିବ୍ୟାଶା ପ୍ରିୟଦର୍ଶିନୀ ଚୋପଦାର, ବିନିତା ପଟ୍ଟନାୟକ, ପୀୟୂଷ କୁମାର ଷଡ଼ଙ୍ଗୀ, ରାଜେନ୍ଦ୍ରନାଥ ମାଝି, ଶହସ୍ରାଂଶୁ ମିଶ୍ର, ଜ୍ୟୋତିରଞ୍ଜନ ପ୍ରଧାନ, ରାମାଶିଷ ମଙ୍ଗଲ, ସିଦ୍ଧାର୍ଥ ଶଙ୍କର ମହାରଣା, ଶୁଭକାନ୍ତ ଦାସ, ଅମିତ କୁମାର ହୋତା, ଅର୍ଦ୍ଧେନ୍ଦୁ ପାଢ଼ୀ, ସୂର୍ଯ୍ୟନାରାୟଣ ମହାନ୍ତି, ରଞ୍ଜିତ ମୁଦୁଲି, ସର୍ବାଂଶ ମିଶ୍ର, ତନିଷ୍କ ସାମନ୍ତ, ଶ୍ରେୟାସ ଦିବ୍ୟଦର୍ଶନ ମିଶ୍ର, ସିଦ୍ଧାର୍ଥ ଗଣେଶନ, ଗୁଲଶନ କୁମାର ମିଶ୍ର, ଆଚାର୍ଯ୍ୟ ସ୍ୱୟମ ସମ୍ବିତ, ପୀତବାସ ବେହେରା, ଦିଲୀପ କୁମାର ପାଢ଼ୀ, ଆତିଶ କୁମାର ନାୟକ, ଅନନ୍ୟା ବକ୍ସି, ଅବନିଶ ପଟ୍ଟନାୟକ, ସୁଜଳ କୁମାର, ଅଭିଲିପ୍ସା ପ୍ରିୟଦର୍ଶିନୀ, ରମେଶ ପିଲ୍ଲା, ଆକାଶ କୁମାର ଲୋହାର।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ